ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୪/୨୦୧୮ (୨୦ ପୃଷ୍ଠା) Bhubaneswar, Friday, December 14/ 2018 ★★★★

୪୫ଶ ଭାଗ ୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-

'ମଣିକର୍ଣ୍ଣିକା'ର ଟ୍ରେଲର ରିଲିଜ୍ ପାଇଁ ପ୍ରସ୍ତୁତି

ଡିସେମ୍ବର ୧୮ରେ 'ମଣିକର୍ଣ୍ଣିକା'ର ଟ୍ରେଲର ରିଲିଜ ହେଉଥିବାବେଳେ ଏଥିପାଇଁ ମହାପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଅଭିନେତ୍ରୀ କଙ୍ଗନା ରାଣାୱତ୍ ପ୍ରକାଶ କରିଛନ୍ତି।

୦୭

୧୭

ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ରର ମତଭେଦ ରହିଛି

ଭାରତୀୟ ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ର ସରକାରଙ୍କର ୨/୩ ଟି ପ୍ରସଙ୍ଗରେ ମତଭେଦ ରହିଛି ବୋଲି ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି।

ହକି ବିଶ୍ୱକପ୍

ODISHA HOCKEY MEN'S WORLD CUP BHUBANESWAR 2018

ଗୁରୁବାର

ପ୍ରଥମ ମ୍ୟାଚ

ବେଲଜିୟମ-୨
ଜର୍ମାନୀ-୧

ଦ୍ୱିତୀୟ ମ୍ୟାଚ

ନେଦରଲାଣ୍ଡ-୨
ଭାରତ-୧

ଫଳାଫଳ

ଆଜିର ସମ୍ପାଦକୀୟ

ବୋଲକରା ହୁଅନା

ଆଜିର ମନ୍ତବ୍ୟ

"୩ ହିନ୍ଦୀଭାଷୀ ରାଜ୍ୟର ବିଧାନସଭା ଫଳ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବ ନାହିଁ।

– ଅରୁଣ ଜେଟ୍‌ଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

କିଛି ତଥ୍ୟ

୨୦୧୭-୧୮ରେ ୭.୪୧ କୋଟି ଆଧାର ନମ୍ବର ଜେନେରେଟ୍ ହୋଇଥିବା ବେଳେ ୯.୧୧ କୋଟି ନମ୍ବରର ଅପ୍‌ଡେଟ କରାଯାଇଛି।

–ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ

CBSE Exam Mate

ପୃଷ୍ଠା -୧୫

NATIONAL EGG CO-ORDINATION COMMITTEE 13.12.2018 Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	70	119	129
CTC	72	122	132
DKL	72	122	132
BDK	73	123	133
BLS	73	123	133
ANG	74	124	134

*Conditions Apply

Eggs Retail Price- 52/-Dozen
Issued in the Interest of Consumers

କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଭାରତ ଓ ନେଦରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଏଥିରେ ନେଦରଲାଣ୍ଡ ୨-୧ ଗୋଲରେ ବିଜୟ ଲାଭ କରିଛି।

ସେମିଫାଇନାଲରେ ବେଲଜିୟମ, ନେଦରଲାଣ୍ଡ

ଭୁବନେଶ୍ୱର, ୧୩।୧୨ (କ୍ରୀଡ଼ା ପ୍ରତିନିଧି)

ଘରୋଇ ପରିବେଶ, ଭରପୂର ଦର୍ଶକ ସମର୍ଥନ, କଳିଙ୍ଗ ଷ୍ଟାଡିୟମର ନୂଆ ସର୍ଫେସରେ ଦୀର୍ଘ ୨ ମାସର ଅଭ୍ୟାସ କାମ ଦେଲାନି। ପର୍ଯ୍ୟାପ୍ତ ସୁଯୋଗ ସତ୍ତ୍ୱେ ଏହାର ସଦୁପଯୋଗ କରି ନ ପାରି ଭାରତୀୟ ଦଳ ଶେଷରେ ହାର ମାନିଲା। ଗୁରୁବାର ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ୧-୨ ଗୋଲରେ ନେଦରଲାଣ୍ଡଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଲା ମନପ୍ରୀତ ସିଂଙ୍କ ଟିମ୍ ଇଣ୍ଡିଆ। ଅନ୍ୟପକ୍ଷରେ ପୂର୍ବତନ

ହକି ବିଶ୍ୱକପ୍

ଚାମ୍ପିୟନ ଜର୍ମାନୀକୁ ୨-୧ ଗୋଲରେ ହରାଇ ବାଜି ମାରିଛି ବେଲଜିୟମ। ବିଶ୍ୱକପ ଇତିହାସରେ ପ୍ରଥମଥର ପାଇଁ ବେଲଜିୟମ ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲ ପରେ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଛି। ଆସନ୍ତା ଶନିବାର ଇଂଲଣ୍ଡ-ବେଲଜିୟମ ଓ ଅଷ୍ଟ୍ରେଲିଆ-ନେଦରଲାଣ୍ଡ ସେମିଫାଇନାଲ ଅନୁଷ୍ଠିତ ହେବ। **(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)**

ମାର୍ଚ୍ଚ ୭ରୁ ଯୁକ୍ତ ଦୁଇ ପରୀକ୍ଷା

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ଆସନ୍ତା ମାର୍ଚ୍ଚ ୭ ତାରିଖରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ । ଏହା ୩୦ ତାରିଖ ଯାଏ ଚାଲିବ। ଜାନୁୟାରୀ ୨୮ରୁ ଫେବୃୟାରୀ ୨ ତାରିଖ ଯାଏ ବିଭିନ୍ନ ବିଷୟର ପ୍ରାକ୍ଟିକାଲ ଓ ପ୍ରୋଜେକ୍ଟ ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୭ରୁ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ୮ ତାରିଖରୁ କଳା ବିଭାଗ ପରୀକ୍ଷା ଆରମ୍ଭ ହେବ । ମାର୍ଚ୍ଚ ୭ ଓ ୮ ତାରିଖରେ ଓଡ଼ିଆ ଥିବାବେଳେ ୯ ଓ ୧୧ ତାରିଖରେ ଇଂଲିଶ ବିଷୟ ରହିଛି। ସେହିପରି ୧୨ ତାରିଖରେ ପଦାର୍ଥ ବିଜ୍ଞାନ, ଆକାଉଣ୍ଟାନ୍ସି, ୧୩ରେ ରାଜନୀତି ବିଜ୍ଞାନ, ୧୪ରେ ଇନଫରମେଶନ ☞ପୃଷ୍ଠା-୪

୩ ରାଜ୍ୟର ମୁଖ୍ୟମନ୍ତ୍ରୀ ଦୌଡ଼

ଛିଣ୍ଡିଲାନି ହିସାବ

ନୂଆଦିଲ୍ଲୀ,୧୩।୧୨

ତୁହାକୁ ତୁହା ବୈଠକ ଥରକୁ ଥର ବିଚାରବିମର୍ଶ। ୨ ଦିନର ମନ୍ଥନ ପରେ ମଧ୍ୟ ନିଷ୍ପତ୍ତି ନେଇପାରିଲେ ନାହିଁ କଂଗ୍ରେସ ହାଇକମାଣ୍ଡ। ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ତୁଗ୍‌ଲକ୍ ଲେନ୍ ବାସଭବନରେ ଚାଲିଥିବା ମନ୍ତ୍ରଣା ଶେଷ ହୋଇପାରି ନାହିଁ। ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ମଧ୍ୟରୁ ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନାମ ମଧ୍ୟ ଘୋଷଣା କରାଯାଇ ପାରିନାହିଁ।

ହାତୀ କାହା ମୁଣ୍ଡରେ ସୁନାକଳସ ଢାଳିବ ତାହା ଜାଣିବା ପାଇଁ ଉତ୍କଣ୍ଠା ଲାଗିରହିଥିଲା। ରାହୁଲଙ୍କ ନିଷ୍ପତ୍ତି ଉପରେ ରହିଥିଲା ସମସ୍ତଙ୍କ ନଜର। ଅପେକ୍ଷା ଥିଲା କେତେବେଳେ ହାଇକମାଣ୍ଡଙ୍କ ଫଇସଲା ଆସିବ। ରାହୁଲଙ୍କ ତୁଗ୍‌ଲକ୍ ଲେନ୍ ବାସଭବନରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ତାଙ୍କ ଝିଅ ପ୍ରିୟଙ୍କା ଭଦ୍ରା ପହଞ୍ଚିଥିଲେ। ସେପଟେ ରାଜସ୍ଥାନର ଏଆଇସିସି ପର୍ଯ୍ୟବେକ୍ଷକ କେ.ସି. ବେଣୁଗୋପାଳ, ମଧ୍ୟପ୍ରଦେଶର ଏ.କେ. ଆଣ୍ଟୋନି ଓ ଛତିଶଗଡ଼ ପର୍ଯ୍ୟବେକ୍ଷକ ମଲ୍ଲିକାର୍ଜୁନ ଖାର୍ଗେ ବିଧାୟକ ଦଳ ବୈଠକର ନିଷ୍ପତ୍ତି ସମ୍ପର୍କରେ ରାହୁଲଙ୍କୁ ଅବଗତ କରାଇଥିଲେ। ଇତିମଧ୍ୟରେ ପାଇଲଟ୍, ଗେହଲଟ୍, ସିନ୍ଧିଆ ଓ କମଲନାଥଙ୍କ ସହ ରାହୁଲ ପୃଥକ୍ ଭାବେ ବୈଠକ କରି ଆଲୋଚନା କରିଥିଲେ। ୩ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦ ପାଇଁ ଜୋରଦାର ଲବି ଓ ସୁପାରିସ ମଧ୍ୟରେ ରାହୁଲ ସବୁ ପକ୍ଷଙ୍କ ମତାମତ ନେଇଥିଲେ। ସେପଟେ ରାହୁଲଙ୍କ ବାସଭବନ ସାମ୍ନାରେ ମୁଖ୍ୟମନ୍ତ୍ରୀ



ଜ୍ୟୋତିରାଦିତ୍ୟ ସିନ୍ଧିଆ, ରାହୁଲ ଗାନ୍ଧୀ ଓ କମଲନାଥ ।

- କମଲନାଥ ହୋଇପାରନ୍ତି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ
- ଗେହଲଟ୍-ପାଇଲଟ୍‌ଙ୍କ ମଧ୍ୟରେ ଟଶାଓଟରା ଜାରି
- ରାହୁଲଙ୍କ ବାସଭବନରେ ମାରାଥନ ବୈଠକ
- ସୋନିଆ, ପ୍ରିୟଙ୍କା ଓ ବରିଷ୍ଠ ନେତା ଉପସ୍ଥିତ

ପଦ ପାଇଁ ଆଶାୟୀ ସମର୍ଥକଙ୍କ ଭିଡ଼ ଜମିବାରେ ଲାଗିଥାଏ। ଘୋଷଣା ଯେତିକି ବିଳମ୍ବ ହେଉଥାଏ ସ୍ଲୋଗାନ ଓ ନାରାବାଜି ସେତିକି ବଢ଼ିବାରେ ଲାଗିଥାଏ। ମାରାଥନ ବୈଠକ ପରେ ମଧ୍ୟପ୍ରଦେଶର ଆଶାୟୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ☞ପୃଷ୍ଠା-୪

କେସିଆର୍‌ଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ

ହାଇଦ୍ରାବାଦ,୧୩।୧୨(ପି.ଟି.)

ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ ତଥା ବିଧାୟକ ଦଳ ନେତା କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଗୁରୁବାର ମୁଖ୍ୟମନ୍ତ୍ରୀ ଭାବେ ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି। ରାଜଧାନୀ

ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଉଛନ୍ତି କେ. ଚନ୍ଦ୍ରଶେଖର ରାଓ।

ହାଇଦ୍ରାବାଦସ୍ଥିତ ରାଜଭବନରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହା ଅପରାହ୍ନ ୧ଟା ୨୫ରେ କେସିଆର୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ମହମ୍ମଦ ମେହମୁଦ୍ ଅଲି ମଧ୍ୟ ଶପଥ ନେଇଛନ୍ତି। କେସିଆର୍ ତେଲୁଗୁରେ ଶପଥ ନେଇଥିବାବେଳେ ଅଲି ଉର୍ଦ୍ଦୁରେ ଶପଥପାଠ କରିଛନ୍ତି। ଶପଥଗ୍ରହଣ ଉତ୍ସବରେ କେସିଆର୍‌ଙ୍କ ସ୍ତ୍ରୀ ଶୋଭା ରାଓ, ପୁଅ କେ.ଟି. ରାମା ରାଓ, ଝିଅ କେ. କବିତା, ପୁତୁରା ହରିଶ ରାଓ, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସିଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୫ରୁ ୬ ଦିନ ମଧ୍ୟରେ ନୂଆ କ୍ୟାବିନେଟ ସଦସ୍ୟଙ୍କ ନାମ ଘୋଷଣା କରାଯିବ ବୋଲି ୬୪ ବର୍ଷୀୟ କେସିଆର୍ କହିଛନ୍ତି। ପ୍ରକାଶ ଯେ, ୧୧୯ ସଦସ୍ୟ ବିଶିଷ୍ଟ ତେଲେଙ୍ଗାନା ବିଧାନସଭାର ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଟିଆର୍‌ଏସ୍‌କୁ ୮୮ ଆସନରେ ସଫଳତା ମିଳିଛି। ୨୦୧୪ ଜୁନ୍ ୨ରେ ତେଲେଙ୍ଗାନାକୁ ଭାରତର ୨୯ତମ ରାଜ୍ୟ ଭାବେ ମାନ୍ୟତା ମିଳିଥିଲା। ସେହିଦିନ କେସିଆର୍ ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ। ଦ୍ୱିତୀୟ ଇନିଂସ ଆରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେସିଆର୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

■ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ

ମହିଳା ପ୍ରାର୍ଥୀ କାହାନ୍ତି

ସୁନିତ୍ ମିଶ୍ର
ଭୁବନେଶ୍ୱର, ୧୩।୧୨

ମହିଳାମାନଙ୍କ ପାଇଁ ପାର୍ଲାମେଣ୍ଟ ଏବଂ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏ ସମ୍ପର୍କିତ ସଂକଳ୍ପ ପ୍ରସ୍ତାବ ନିକଟରେ ଓଡିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଏହାପରେ ପ୍ରସ୍ତାବକୁ ଖୁବ୍‌ଶୀଘ୍ର ଆଇନରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ନବୀନଙ୍କ ଚିଠି ରାଜ୍ୟ ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଛି। ଠିକ୍ ଏହି ସମୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କଂଗ୍ରେସ ଶାସିତ ରାଜ୍ୟଗୁଡିକୁ ମହିଳା ସଂରକ୍ଷଣ ଆଇନ ବିଧାନସଭାରେ ଗୃହୀତ କରିବା ପାଇଁ ଚିଠି ଲେଖିଛନ୍ତି। ନବୀନଙ୍କ ପରେ ରାହୁଲଙ୍କ ଏହି ପଦକ୍ଷେପ ଯୋଗୁ ଉଭୟଙ୍କୁ ଜାତୀୟ ରାଜନୀତିରେ ଚର୍ଚ୍ଚିତ କରିଛି। ବିଜେଡି କିନ୍ତୁ ଚିଠି ଲେଖାରେ ସମୀତ ନ ରଖି ଗୋଟିଏ ପାଦ ଆଗକୁ ଯାଇଛି। ଦଳ ପକ୍ଷରୁ ୭ ଜାତୀୟ ଏବଂ ୧୫ ଆଞ୍ଚଳିକ ଦଳ ସହ ଭେଟିବାକୁ ନିଷ୍ପତ୍ତି ହୋଇଛି। ଦଳୀୟ ନେତାମାନଙ୍କ ମଧ୍ୟରେ ଏନେଇ ଦାୟିତ୍ୱ ବାଣ୍ଟି ଦିଆଯାଇଛି। ମାତ୍ର ରାଜ୍ୟର ଏକ ଦାୟିତ୍ୱସମ୍ପନ୍ନ ଦଳ ଭାବେ ବିଜେଡି ୨୦୧୯ ନିର୍ବାଚନରେ ଏହି ପ୍ରସ୍ତାବକୁ ନିଜେ ପାଳନ କରିପାରିବ ନା ନାହିଁ ତାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠିଛି। ଏହି ବିଲ୍ ଲୋକ ସଭାରେ ଗୃହୀତ ନ ହେଲେ ମଧ୍ୟ ସାଧାରଣ ନିର୍ବାଚନରେ ବିଧାନସଭା ଓ ଲୋକ ସଭା ଆସନରେ ବିଜେଡି ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖିବା ଜରୁରୀ ହୋଇପଡିଛି ବୋଲି ଚର୍ଚ୍ଚା ହେଉଛି।

ମହିଳାମାନଙ୍କୁ ଗୁରୁତ୍ୱ ଦେଇ ଶାସକ ବିଜେଡି ଆଣିଥିବା ପ୍ରସ୍ତାବ ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ବିରୋଧୀ ଅଭିଯୋଗ କରୁଛନ୍ତି। ବିଜେଡି ଆଣିଥିବା ପ୍ରସ୍ତାବକୁ ଆସନ୍ତା ନିର୍ବାଚନରେ ଯଦି ନିଜେ ପାଳନ ନ କରେ ତେବେ ବିରୋଧୀଙ୍କୁ ସମାଲୋଚନା କରିବାକୁ ଏକ ସୁଯୋଗ ମିଳିଯିବ। ୨୦୧୪ ସାଧାରଣ ନିର୍ବାଚନକୁ ଦେଖିଲେ ବିଜେଡି ୧୪୭ ବିଧାନସଭା ଆସନରୁ ୧୩ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ପରବର୍ତ୍ତୀ ସମୟରେ ବିଜେପୁର ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ବିଜେଡି ଟିକେଟ ଦେଇଛି। ଅର୍ଥାତ୍ ବିଧାନସଭା ପାଇଁ ବିଜେଡି ୧୪ଜଣ ମହିଳାଙ୍କୁ ଟିକେଟ ଦେଇଛି। ଅନ୍ୟପଟେ ୨୧ ଲୋକ ସଭା ଆସନରୁ ୩ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ବର୍ତ୍ତମାନ ଯଦି ୩୩ ପ୍ରତିଶତ ନିୟମ ☞ପୃଷ୍ଠା-୪



"ଦେଶରେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଥିବାବେଳେ ଭାଜପା ରାମମନ୍ଦିର ପ୍ରସଙ୍ଗ ଉଠାଉଛି । ଧ୍ରୁବୀକରଣ ରାଜନୀତି ଆଉ ଚାଲିବ ନାହିଁ ବୋଲି ସଦ୍ୟ ଜନାଦେଶ ପ୍ରମାଣିତ କରିଛି ।

- ଯଶୱନ୍ତ ସିହ୍ନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ

ସଂକ୍ଷେପରେ

୨ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୩।୧୨(ପି.ଟି.)-ଅସ୍ଥିର ଜମ୍ମୁ କଶ୍ମୀରରେ ଆତଙ୍କବାଦୀ ନିରୋଧୀ ଅଭିଯାନ ଚଳାଇଥିବା ସୁରକ୍ଷା ବାହିନୀଙ୍କ ସହ ଗୁଳି ବିନିମୟରେ ଆଉ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀଦ୍ୱୟଙ୍କ ମଧ୍ୟରୁ ଜଣେ ଓୱେସ ଅହମ୍ମଦ ଭଟ୍ଟ ଓରଫ ଅବୁ ବକର ଓ ଅନ୍ୟଜଣେ ଅହମ୍ମଦ ଦର୍ ଓରଫ ଅବୁ ଅବ୍ଦୁଲ୍ଲା ଚିହ୍ନଟ ହୋଇଛନ୍ତି। ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସେମାନେ ସକ୍ରିୟ ସଦସ୍ୟ ଥିଲେ ବୋଲି କୁହାଯାଉଛି। ପୋଲିସ ଗାର୍ଡ ପୋଷ୍ଟ ଓ ସୁରକ୍ଷା ଶିବିର ଉପରେ ଆକ୍ରମଣ ସହ ଏକାଧିକ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ନେଇ ସେମାନଙ୍କୁ ୱାଣ୍ଟେଡ୍ ତାଲିକାଭୁକ୍ତ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ବାରମୁଲ୍ଲା ଜିଲାର ସୋପୋର ଅଞ୍ଚଳରେ କେତେକ ଆତଙ୍କବାଦୀ ଆକ୍ରମଣ କରିବାକୁ ଯୋଜନା ଚଳାଇଥିବା ଗୋଇନ୍ଦା ସୂତ୍ରରୁ ସୂଚନା କ୍ରମେ ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ଆତଙ୍କବାଦୀମାନେ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳିମାଡ଼ କରିଥିଲେ।

ତୁଳସୀ ଗାବାର୍ଡ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲଢ଼ିପାରନ୍ତି

ୱାଶିଂଟନ, ୧୩।୧୨(ପି.ଟି.)-ଆମେରିକା କଂଗ୍ରେସର ପ୍ରଥମ ହିନ୍ଦୁ ସଦସ୍ୟା ତୁଳସୀ ଗାବାର୍ଡ ୨୦୨୦ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ନେଇ ଗୁରୁତ୍ୱର ସହ ଚିନ୍ତା କରୁଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ହାୱାଇରୁ ସେ ଡେମୋକ୍ରାଟିକ୍ ପାର୍ଟିରୁ ୪ ଥର ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍‌କୁ ନିର୍ବାଚିତ ହୋଇଛନ୍ତି। ଯଦି ସେ ନିଜକୁ ପ୍ରାର୍ଥୀ ଘୋଷଣା କରନ୍ତି ତେବେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଦୌଡରେ ସେ ପ୍ରଥମ ହିନ୍ଦୁ ହେବେ ଏବଂ ନିର୍ବାଚନ ଜିତିଲେ ସର୍ବକନିଷ୍ଠ ଏବଂ ପ୍ରଥମ ମହିଳା ରାଷ୍ଟ୍ରପତି ହେବେ।

ଟ୍ରେନ ଦୁର୍ଘଟଣା: ୯ ମୃତ

ଆଙ୍କାରା, ୧୩।୧୨(ପି.ଟି.)-ତୁର୍କୀ ରାଜଧାନୀ ଆଙ୍କାରାରେ ଗୁରୁବାର ଏକ ଦ୍ରୁତଗାମୀ ପାସେଞ୍ଜର ଟ୍ରେନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୯ଜଣଙ୍କ ମୃତ ହୋଇଛି। ପ୍ରାୟ ୫୦ ଯାତ୍ରୀ ଆହତ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି। ମୃତକଙ୍କ ମଧ୍ୟରେ ଟ୍ରେନର ୩ ଚାଳକ ରହିଥିବା ପରିବହନ ମନ୍ତ୍ରୀ କାହିତ୍ ତୁରହାନ୍ କହିଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଆଙ୍କାରା ମୁଖ୍ୟ ଷ୍ଟେଶନରୁ ତୁର୍କୀର କେନ୍ଦ୍ରାଞ୍ଚଳ କୋନିଆ ଅଭିମୁଖେ ବାହାରିଥିବା ଟ୍ରେନରେ ୨୦୬ ଯାତ୍ରୀ ରହିଥିଲେ। ମର୍ଶାନ୍ଦିଜ୍ ଷ୍ଟେଶନ ଦେଇ ଟ୍ରେନ ଦ୍ରୁତଗତିରେ ଯାଉଥିବା ବେଳେ ରେଳପଥରେ ରହିଥିବା ଏକ ଇଞ୍ଜିନକୁ ଏହା ଧକ୍କା ଦେଇଥିଲା। ଏହି ମର୍ମନ୍ତୁଦ ଘଟଣାର ତଦନ୍ତ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

କୋଇଲା ଖଣିରେ ଚାପି ହୋଇଗଲେ ୧୩ ଶ୍ରମିକ

ଶିଲଂ, ୧୩।୧୨(ପି.ଟି.)-ମେଘାଳୟର ପୂର୍ବ ଜୟନ୍ତିଆସ୍ଥିତ ପାହାଡ଼ିଆ ଇଲାକାରେ ରହିଥିବା କୋଇଲା ଖଣିରେ ଗୁରୁବାର ଦୁର୍ଘଟଣା ଘଟିଛି। ୧୩ ଶ୍ରମିକ କୋଇଲା ତଳେ ଚାପି ହୋଇ ମୃତ ହୋଇଥିବା ଜଣାଯାଇଛି। କୋଇଲା ଖାଦାନରେ ଫସି ରହିଥିବା ଅନ୍ୟମାନଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଛି। ୩ ରୁ ୪ ଦିନ ଧରି ଶ୍ରମିକମାନେ କୋଇଲା ଖନନ କାର୍ଯ୍ୟରେ ନିୟୋଜିତ ରହିଥିଲେ। କୋଇଲା ଖାଦାନରେ ପାଣି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ଦେଖାଦେଇଛି। ଜେନେରେଟର ଦ୍ୱାରା ପାଣି ନିଷ୍କାସନ ପ୍ରକ୍ରିୟା ବଳବତ୍ତର ରହିଛି।

ଇତିହାସର ଆଇନାରେ
ଡିସେମ୍ବର ୧୪ର ପ୍ରମୁଖ ଘଟଣା

୧୭୯୯ ଡିସେମ୍ବର ୧୪ରେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନଙ୍କର ପରଲୋକ ହୋଇଥିଲା। ସେ ଆମେରିକା ବୈପ୍ଳବିକ ସଂଗ୍ରାମରେ ପାଟ୍ରିଅଟ ବାହିନୀର ନେତୃତ୍ୱ ନେଇ, ବ୍ରିଟିଶ ବିରୋଧରେ ବିଜୟ ହାସଲ କରିଥିଲେ। ନୂତନ ସଂଘୀୟ ସରକାର ପ୍ରତିଷ୍ଠା ଲାଗି ୧୭୮୭ରେ ଅନୁଷ୍ଠିତ ସାମ୍ବିଧାନିକ ସମ୍ମିଳନୀରେ ସେ ଅଧକ୍ଷତା କରିଥିଲେ।

୧୯୪୭ ଡିସେମ୍ବର ୧୪ରେ ବ୍ରାଜିଲ୍‌ର ପୂର୍ବତନ ରାଷ୍ଟ୍ରପତି ଡିଲ୍‌ମା ଭାନା ରୌସେଫଙ୍କ ଜନ୍ମ। ସେ ବ୍ରାଜିଲର ୩୬ତମ ରାଷ୍ଟ୍ରପତି ଭାବେ ୨୦୧୧ରୁ ୨୦୧୬ ଅଗଷ୍ଟ ୩୧ ପର୍ଯ୍ୟନ୍ତ ରହିଥିଲେ। ସେ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ବିଶ୍ୱରେ ପ୍ରଥମ ମହିଳା ରାଷ୍ଟ୍ରପତି ଯାହାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇ ତାଙ୍କୁ ବହିଷ୍କାର କରାଯାଇଥିଲା।

■ ସିରିସେନାଙ୍କୁ ସୁପ୍ରିମକୋର୍ଟ ଝଟକା
ପାର୍ଲାମେଣ୍ଟ ଭଙ୍ଗ ବେଆଇନ

କଲମ୍ବୋ, ୧୩।୧୨(ପି.ଟି.)



ରାନିଲ ୱିକ୍ରମସିଂଘେ

ମୈତ୍ରୀପାଳ ସିରିସେନା

ମହିନ୍ଦ୍ରା ରାଜପାକ୍ସେ

ରାଷ୍ଟ୍ରପତି ମୈତ୍ରୀପାଳ ସିରିସେନା ପାର୍ଲାମେଣ୍ଟ ଭଙ୍ଗ କରିବା ଅସାମ୍ବିଧାନିକ ବୋଲି ଗୁରୁବାର ଶ୍ରୀଲଙ୍କା ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏଥିସହିତ ସର୍ବୋଚ୍ଚ ଅଦାଲତ ରାନିଲ ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱକୁ କାଏମ ରଖିଛନ୍ତି। କୋର୍ଟଙ୍କ ଏହି ରାୟ ସିରିସେନାଙ୍କ ପ୍ରତି ଶକ୍ତ ଝଟକା ସଦୃଶ ହୋଇଛି। ରାଷ୍ଟ୍ରପତିଙ୍କ ବିବାଦୀୟ ନିଷ୍ପତ୍ତି ଯୋଗୁ ଶ୍ରୀଲଙ୍କାରେ ଅଭୂତପୂର୍ବ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ଫଳରେ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ନେଇ ସୃଷ୍ଟ ଏକାଧିକ ସଙ୍କଟର ଅବସାନ ଘଟିଛି।

ପାର୍ଲାମେଣ୍ଟ ଏହାର ସାଢ଼େ ୪ ବର୍ଷ କାର୍ଯ୍ୟକାଳ ଶେଷ ନ କରିବା ପର୍ଯ୍ୟନ୍ତ ଏହାକୁ ରାଷ୍ଟ୍ରପତି ଭଙ୍ଗ କରିପାରିବେ ନାହିଁ ବୋଲି ୭ ସଦସ୍ୟ ବିଶିଷ୍ଟ ସୁପ୍ରିମକୋର୍ଟ ଖଣ୍ଡପୀଠ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ରାୟ ପ୍ରକାଶ ବେଳେ କୋର୍ଟ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଷ୍ଟ୍ରପତି ସିରିସେନା ଗତ ଅକ୍ଟୋବର ୨୬ ତାରିଖରେ ରାନିଲ ୱିକ୍ରମସିଂଘେଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବରଖାସ୍ତ କରି ତାଙ୍କ ସ୍ଥାନରେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦ୍ରା ରାଜପାକ୍ସେଙ୍କୁ ନିଯୁକ୍ତି ଦେଇଥିଲେ। ରାଜପାକ୍ସେ ଗୃହରେ ସଂଖ୍ୟାଗରିଷ୍ଠତା ଦେଖାଇବାରେ ବିଫଳ ହେବା ପରେ ରାଷ୍ଟ୍ରପତି ୨୨୫ ସଦସ୍ୟ ବିଶିଷ୍ଟ ପାର୍ଲାମେଣ୍ଟ ଭଙ୍ଗ କରି ଜାନୁୟାରୀ ୫ରେ ସାନି ନିର୍ବାଚନ ଲାଗି ନିର୍ଦ୍ଦେଶନାମା ଜାରି କରିଥିଲେ। ଅନ୍ୟ ପକ୍ଷରେ ୱିକ୍ରମସିଂଘେଙ୍କ ସପକ୍ଷରେ ସଂଖ୍ୟାଗରିଷ୍ଠତା ଥିବା ସେ ବୁଧବାର ଗୃହରେ ପ୍ରମାଣ ଦେଇଛନ୍ତି। ତାଙ୍କ ନେତୃତ୍ୱକୁ ନେଇ ଆସିଥିବା ଆସ୍ଥା ପ୍ରସ୍ତାବ ସପକ୍ଷରେ ୧୧୭ ଏମ୍‌ପି ଭୋଟ ଦେଇଥିଲେ।

ଅନ୍ୟପକ୍ଷରେ ସିରିସେନା କହିଛନ୍ତି, ସେ ସର୍ବଦା ଶ୍ରୀଲଙ୍କା ଏବଂ ଦେଶବାସୀଙ୍କ ହିତକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥାନ୍ତି। ତେବେ ସେ କୋର୍ଟଙ୍କ ରାୟକୁ ସମ୍ମାନ ଦେବେ ବୋଲି କହିଛନ୍ତି। ପାର୍ଲାମେଣ୍ଟ କାର୍ଯ୍ୟକାଳ ପୂରିବାକୁ ଆଉ ୨୦ ମାସ ବାକି ଥିଲାବେଳେ ଗତ ନଭେମ୍ବର ୯ ତାରିଖରେ ସିରିସେନା ଏହାକୁ ଭଙ୍ଗ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସିରିସେନାଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ୧୩ଟି ପିଟିସନ ଦାଏର ହୋଇଥିଲା। ଅନ୍ତତଃ ପକ୍ଷେ ୨୦୨୦ ଫେବୃୟାରୀ ପୂର୍ବରୁ ଆଗୁଆ ପାର୍ଲାମେଣ୍ଟ ନିର୍ବାଚନ କରାଯାଇପାରିବ ନାହିଁ ବୋଲି କୋର୍ଟ ରାୟରୁ ସ୍ପଷ୍ଟ ହୋଇଯାଇଛି। ତେବେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତାରେ ଯଦି ପ୍ରସ୍ତାବ ଗୃହୀତ ହୁଏ ତେବେ ଆଗୁଆ ନିର୍ବାଚନ କରାଯାଇପାରିବ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ନଭେମ୍ବର ୧୩ରେ ସୁପ୍ରିମକୋର୍ଟ ସିରିସେନାଙ୍କ ଗେଜେଟ ବିଜ୍ଞପ୍ତି ଉପରେ ଅନ୍ତରୀଣ ରାୟ ଦେଇ ଏହାକୁ ସାମୟିକ ଭାବେ ବେଆଇନ କହିବା ସହ ଆଗୁଆ ନିର୍ବାଚନ ପ୍ରସ୍ତୁତି ଉପରେ ରୋକ ଲଗାଇଥିଲେ। ସେତେବେଳେ ଖଣ୍ଡପୀଠରେ ୩ ବିଚାରପତି ଥିଲାବେଳେ ଏହାକୁ ୭କୁ ବୃଦ୍ଧି କରାଯାଇଥିଲା। ଗତ ସପ୍ତାହରେ ୪ ଦିନ ଧରି ଦୀର୍ଘ ଶୁଣାଣି ପରେ କୋର୍ଟ ରାୟକୁ ସଂରକ୍ଷିତ ରଖିଥିଲେ।

ୱିକ୍ରମସିଂଘେଙ୍କୁ ରାଷ୍ଟ୍ରପତି ବରଖାସ୍ତ କରିଥିଲେ ମଧ୍ୟ ସେ ସରକାରୀ ବାସଭବନ ଛାଡି ନ ଥିଲେ। ସମ୍ବିଧାନର ୧୯ତମ ସଂଶୋଧନ ଅନୁଯାୟୀ କ୍ଷମତାସୀନ ପ୍ରଧାନମନ୍ତ୍ରୀଙ୍କୁ ବିତାଡିତ କରିବା କ୍ଷମତା ରାଷ୍ଟ୍ରପତିଙ୍କର ନାହିଁ। ସଙ୍କଟ ପୂର୍ବରୁ ପାର୍ଲାମେଣ୍ଟରେ ୱିକ୍ରମସିଂଘେଙ୍କ ୟୁଏନପି ପଛରେ ୧୦୬ ଏମ୍‌ପିଙ୍କ ସମର୍ଥନ ଥିଲା ବେଳେ ରାଜପାକ୍ସେ ଏବଂ ସିରିସେନାଙ୍କ ପଛରେ ମିଳିତ ଭାବେ ୯୫ ଏମ୍‌ପିଙ୍କ ସମର୍ଥନ ଥିଲା। ବ୍ୟକ୍ତିଗତ ମତପାର୍ଥକ୍ୟ ଯୋଗୁ ୱିକ୍ରମସିଂଘେଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେବା ଲାଗି ସିରିସେନା ରାଜି ହୋଇ ନ ଥିଲେ।

ଶ୍ରୀଲଙ୍କା ସଙ୍କଟ

- ୱିକ୍ରମସିଂଘେଙ୍କୁ ହଟାଇ ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ କରିଥିଲେ ରାଷ୍ଟ୍ରପତି
- ପାର୍ଲାମେଣ୍ଟ ଭଙ୍ଗ କରି ନିର୍ବାଚନ ପାଇଁ ଦେଇଥିଲେ ନିର୍ଦ୍ଦେଶ
- ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱ ବଜାୟ ରଖିଲେ ସର୍ବୋଚ୍ଚ ଅଦାଲତ

ଆସ୍ଥା ଜିଣିଲେ ଥେରେସା

ଲଣ୍ଡନ, ୧୩।୧୨(ପି.ଟି.)

ଜାନୁୟାରୀ ୨୧ରେ ବ୍ରେକ୍‌ଜିଟ୍ ଭୋଟ

ଶାସକ କଞ୍ଜରଭେଟିଭ ପାର୍ଟିରେ ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କ ନେତୃତ୍ୱକୁ ନେଇ ହୋଇଥିବା ଆସ୍ଥାଭୋଟରେ ସେ ବିଜୟୀ ହୋଇଛନ୍ତି। ଆଗାମୀ ୨୦୨୨ ସାଧାରଣ ନିର୍ବାଚନରେ ସେ ଦଳର ନେତୃତ୍ୱ ନେବେନି ବୋଲି ପ୍ରତିଶ୍ରୁତି ଦେଇ ବିଦ୍ରୋହୀ ଏମ୍‌ପିମାନଙ୍କୁ ମନାଇବାରେ ସଫଳ ହୋଇଥିଲେ। ପ୍ରଧାନମନ୍ତ୍ରୀ ଭାବେ ରହିବା ଲାଗି ଦଳର ସମର୍ଥନ ମିଳିଥିବାବେଳେ ଏକତୃତୀୟାଂଶ ଦଳୀୟ ଏମ୍‌ପି ତାଙ୍କ ବିରୋଧରେ ଭୋଟ ଦେଇଥିଲେ। ଫଳରେ ବ୍ରେକ୍‌ଜିଟ ଚୁକ୍ତିନାମାକୁ ନେଇ ତାଙ୍କୁ କଡା ଟକ୍କରର ସମ୍ମୁଖୀନ ହେବାକୁ ପଡିପାରେ। ବୁଧବାର ହୋଇଥିବା ଗୁପ୍ତ ଭୋଟରେ ଥେରେସାଙ୍କୁ ୬୩ ପ୍ରତିଶତ ଭୋଟ ମିଳିଥିଲା। ୩୧୭ କଞ୍ଜରଭେଟିଭ ପାର୍ଟି ଏମ୍‌ପିଙ୍କ ମଧ୍ୟରୁ ୨୦୦ ଜଣ ତାଙ୍କ ସପକ୍ଷରେ ଭୋଟ ଦେଇଥିଲା ବେଳେ ୧୧୭ ଭୋଟ ତାଙ୍କ ବିପକ୍ଷରେ ଯାଇଥିଲା। ୨୦୧୬ ଜୁନ୍‌ରେ ବ୍ରିଟେନ ୟୁରୋପୀୟ ସଂଘରୁ ଓହରିଯିବା ଲାଗି ନିଷ୍ପତ୍ତି ନେବା ପରେ ଥେରେସା ପ୍ରଧାନମନ୍ତ୍ରୀ ହୋଇଥିଲେ। ତେବେ ବର୍ଷେ ହେଲା ସେ ଦଳ ଭିତରେ ନେତୃତ୍ୱ ଚାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ବ୍ରେକ୍‌ଜିଟ ନୀତିକୁ ବିରୋଧ କରି ୪୮ କଞ୍ଜରଭେଟିଭ ପାର୍ଟି ଏମ୍‌ପି ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

ଆଗାମୀ ଜାନୁୟାରୀରେ ବ୍ରିଟିଶ୍ ଏମ୍‌ପିମାନେ ଥେରେସାଙ୍କ ବ୍ରେକ୍‌ଜିଟ ଚୁକ୍ତିନାମା ଉପରେ ଭୋଟ ଦେବେ। ଆସନ୍ତା ସପ୍ତାହରେ ଅନ୍ୟ ଚିଠା ବିଧେୟକ ସହିତ ବ୍ରେକ୍‌ଜିଟ ଚୁକ୍ତିନାମା ଉପସ୍ଥାପନ କରାଯିବ। ଏହା ପରେ ପାର୍ଲାମେଣ୍ଟ ଜାନୁୟାରୀ ୭ ପର୍ଯ୍ୟନ୍ତ ଛୁଟି ରହିବ। ଜାନୁୟାରୀ ୨୧ରେ ବ୍ରେକ୍‌ଜିଟ ଭୋଟ ହେବ ବୋଲି ଥେରେସା ପ୍ରତିଶ୍ରୁତି ଦେଇଛନ୍ତି।

ଅଚଳାବସ୍ଥା ଜାରି

ଉଭୟ ଗୃହ ମୁଲତବୀ

ନୂଆଦିଲ୍ଲୀ, ୧୩।୧୨(ପି.ଟି.)

ରାଫାଲ ଚୁକ୍ତିନାମା, ରାମମନ୍ଦିର ନିର୍ମାଣ ଏବଂ କାବେରୀ ଜଳ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡିକ ହଟ୍ଟଗୋଳ କରିବା ଫଳରେ ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି ରହିଛି। ଗୁରୁବାର କ୍ରମାଗତ ଦ୍ୱିତୀୟ ଦିନ ଲାଗି ଉଭୟ ଗୃହକୁ ମୁଲତବୀ ରଖାଯାଇଛି। ଶୀତ ଅଧିବେଶନର ପ୍ରଥମ ଦିନ ପରଲୋକଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, କେନ୍ଦ୍ରମନ୍ତ୍ରୀ ଅନନ୍ତକୁମାର ଏବଂ କେତେକ ଏମ୍‌ପିଙ୍କୁ ଶ୍ରଦ୍ଧାଞ୍ଜଳି ପରେ ଗୃହ ମୁଲତବୀ କରାଯାଇଥିଲା ବେଳେ ବୁଧବାର ଦ୍ୱିତୀୟ ଦିନରେ ବିରୋଧୀ ଦଳଗୁଡ଼ିକର ହଟ୍ଟଗୋଳ ଯୋଗୁ ଲୋକ ସଭାରେ କୌଣସି କାର୍ଯ୍ୟ ଚାଲିପାରି ନ ଥିଲା। ରାଜ୍ୟ ସଭାରେ ହଟ୍ଟଗୋଳ ମଧ୍ୟରେ ଗୋଟିଏ ବିଲ୍ ଗୃହୀତ ହେବା ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଗୁରୁବାର ତାମିଲନାଡୁ ଏମ୍‌ପିମାନେ କାବେରୀ ଜଳ ପ୍ରସଙ୍ଗ ଉଠାଇ ଗୃହର ମଧ୍ୟଭାଗରେ ହୋହଲ୍ଲା କରିଥିଲେ। ସେହିପରି ଆନ୍ଧ୍ରପ୍ରଦେଶର ଦୁଇ ସାଂସଦ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି କରିଥିଲେ। ଅଚଳାବସ୍ଥା ଜାରି ରହିବାରୁ ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ସେହିପରି ଲୋକ ସଭାରେ ବିରୋଧୀ ଦଳ ସହ ଏନଡିଏ ସହଯୋଗୀ ଶିବସେନା ମଧ୍ୟ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ଅଧ୍ୟାଦେଶ ଦାବିରେ ହଟ୍ଟଗୋଳ କରିଥିଲା। ଫଳରେ ପ୍ରଶ୍ନୋତ୍ତର କାଳରେ ଦୁଇଥର ଗୃହକୁ ମୁଲତବୀ କରାଯିବା ପରେ ଶୂନ୍ୟକାଳରେ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

ସୁପ୍ରିମକୋର୍ଟଙ୍କ ରାଫାଲ ରାୟ ଆଜି

ନୂଆଦିଲ୍ଲୀ, ୧୩।୧୨(ପି.ଟି.)

ବିବାଦୀୟ ରାଫାଲ ଚୁକ୍ତିନାମାକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କ ରାୟ ଶୁଣାଇବେ। ଫ୍ରାନ୍ସରୁ ୫୯ ହଜାର କୋଟି ଟଙ୍କାରେ ୩୬ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିନାମାରେ ଅନିୟମିତତା ଅଭିଯୋଗର ତଦନ୍ତ କୋର୍ଟଙ୍କ ତତ୍ତ୍ୱାବଧାନରେ କରିବା ଲାଗି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଏହା ବ୍ୟତୀତ ଉକ୍ତ ରାଜିନାମାରେ ଠିକ୍ ପଦ୍ଧତି ଅବଲମ୍ବନ କରାଯାଇଛି କି ନାହିଁ ତାହା ଉପରେ ମଧ୍ୟ ସର୍ବୋଚ୍ଚ ଅଦାଲତ ତାଙ୍କ ନିଷ୍ପତ୍ତି ଶୁଣାଇବେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ତିନିଜଣିଆ ଖଣ୍ଡପୀଠ ଶୁକ୍ରବାର ସକାଳ ୧୦ଟା ୩୦ ମିନିଟରେ ରାୟ ଶୁଣାଇବେ। ଗତ ନଭେମ୍ବର ୧୪ରେ ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଥିଲା। ରାଫାଲ ଚୁକ୍ତିନାମାରେ ଦୁର୍ନୀତି ହୋଇଥିବା କଂଗ୍ରେସ ଅଭିଯୋଗ କରିଆସୁଛି। ଅନିଲ ଅମ୍ବାନୀଙ୍କ ଋଣଗ୍ରସ୍ତ କମ୍ପାନୀକୁ ସହାୟତା କରିବା ଲାଗି ଭାରତରେ ରାଫାଲ ଜେଟ୍ ନିର୍ମାଣରେ ତାକୁ ଡାସଲ୍ଟ କମ୍ପାନୀର ସହଯୋଗୀ ରଖାଯାଇଥିବା କଂଗ୍ରେସ କହୁଛି।

ନିର୍ଭୟା ମାମଲାରେ ତୁରନ୍ତ ଫାଶୀ ଆବେଦନ ଖାରଜ

ନୂଆଦିଲ୍ଲୀ, ୧୩।୧୨(ପି.ଟି.)–ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କ ତୁରନ୍ତ ଫାଶୀ ଆବେଦନକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀର ପାରାମେଡିକ ଛାତ୍ରୀ ନିର୍ଭୟାଙ୍କୁ ଚଳନ୍ତା ବସ୍‌ରେ ୬ ଜଣ ଗଣବଳାତ୍କାର କରି ରାସ୍ତାରେ ଫିଙ୍ଗି ଚାଲିଯାଇଥିଲେ। ସିଙ୍ଗାପୁରର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

ଫୁର୍‌ସତ

୧୮୧ ପାଇଲଟ୍‌ଙ୍କଠାରେ ଆଲକହଲ୍ ପଜିଟିଭ୍

ନୂଆଦିଲ୍ଲୀ: ବିମାନ ଯାତ୍ରା ସମୟରେ ପାଇଲଟ୍‌ଙ୍କ ଆଲକହଲ୍ ସେବନ ଉପରେ ଲଗାମ୍ ଲଗାଯାଇଛି। ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇଛି। ୨୦୧୫ରୁ ୨୦୧୮ ମଧ୍ୟରେ ୧୮୧ (ସ୍ଥାୟୀ ଏବଂ ଅସ୍ଥାୟୀ) ପାଇଲଟ୍ ଆଲକ୍‌ହଲ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗୁରୁବାର ଲୋକ ସଭାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜୟନ୍ତ ସିହ୍ନା ଏହା ଜଣାଇଛନ୍ତି। ସେ କହିଛନ୍ତି ଯେ, ୨୦୧୫ରେ ୪୩, ୨୦୧୬ରେ ୪୪, ୨୦୧୭ରେ ୪୫ ଏବଂ ୨୦୧୮ ନଭେମ୍ବର ସୁଦ୍ଧା ୪୯ ପାଇଲଟଙ୍କଠାରେ ଆଲକହଲ୍ ପଜିଟିଭ୍ ଚିହ୍ନଟ କରାଯାଇଛି। ନଭେମ୍ବରରେ ଏୟାର ଇଣ୍ଡିଆ କ୍ୟାପ୍‌ଟେନ ଅରବିନ୍ଦ କାଠପାଲିଆଙ୍କ 'ବ୍ରେଥ୍ ଆନାଲାଇଜର ଟେଷ୍ଟ'ରୁ ଆଲକହଲ୍ ନମୁନା ମିଳିଥିଲା। ଏ ନେଇ ଡାଇରେକ୍ଟର ଜେନେରାଲ୍ ଅଫ୍ ସିଭିଲ ଆଭିଏଶନ ପକ୍ଷରୁ ତାଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିଲା ବୋଲି ସେ ତାଙ୍କୁ କରାଯାଇଥିବା ପ୍ରଶ୍ନର ଉତ୍ତରରେ ଜଣାଇଛନ୍ତି।

ସାଟେଲାଇଟ୍ କ୍ୟାମେରାରେ ଆଣ୍ଟାର୍କଟିକା

ୱାଶିଂଟନ୍:

ନାସା ସାଟେଲାଇଟ୍ ପ୍ରଥମଥର ପାଇଁ ଆଣ୍ଟାର୍କଟିକା ବରଫର ସ୍ପଷ୍ଟ ଫଟୋଚିତ୍ର ପ୍ରେରଣ କରିଛି। ଏହା ଆଣ୍ଟାର୍କଟିକାର ବରଫ ପାହାଡର ଉଚ୍ଚତା ମାପ କରିପାରିବ ବୋଲି ଆମେରିକାର ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି। ଉକ୍ତ ସାଟେଲାଇଟ୍ ମହାକାଶକୁ ଲଞ୍ଚ ହେବାର ପାଖାପାଖି ୩ ମାସ ହେଲାଣି। ଏହାକୁ 'ଆଇସ୍, କ୍ଲାଉଡ ଆଣ୍ଡ ଲ୍ୟାଣ୍ଡ ଏଲିଭେଶନ୍‌ସାଟେଲାଇଟ୍-୨' ବା ସଂକ୍ଷେପରେ 'ଆଇସ୍‌ସାଟ୍-୨' ନାମକରଣ କରାଯାଇଛି। ସାମାନ୍ୟ ଇଞ୍ଚେ ବହଳର ବରଫ ଉଚ୍ଚତା ମାପ କରିବାକୁ ଏହା ସମର୍ଥ। ଏହା ସମୁଦ୍ରରେ ଭାସମାନ ବରଫ, ଜଙ୍ଗଲର ଘନତା ଏବଂ ଉପକୂଳ ସମୁଦ୍ରର ଗଭୀରତା ମାପ କରିପାରିବ।

ପୃଥିବୀର ବରଫ ଆସ୍ତରଣ, ହିମସ୍ରୋତ, ସମୁଦ୍ରରେ ଭାସମାନ ବରଫ ଏବଂ ଜଙ୍ଗଲର ସ୍ଥିତି ଅନୁଧ୍ୟାନ ପାଇଁ ଆଇସ୍‌ସାଟ୍-୨କୁ ସେପ୍ଟେମ୍ବର ୧୫ରେ ଲଞ୍ଚ୍ କରାଯାଇଥିଲା। ଗବେଷଣା ଓ ଆବିଷ୍କାର କ୍ଷେତ୍ରରେ ଆଇସ୍‌ସାଟ୍-୨ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବ ବୋଲି ମେରୀଲାଣ୍ଡସ୍ଥିତ ନାସାର ଗଡ୍ଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରର ପ୍ରକଳ୍ପ ବୈଜ୍ଞାନିକ ଟମ୍ ନ୍ୟୁମ୍ୟାନ୍ ପ୍ରକାଶ କରିଛନ୍ତି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କଥିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୨୮.୬	୧୫.୧
ଚାନ୍ଦବାଲି	୨୭.୩	୧୭.୦
କଟକ	୨୮.୦	୧୫.୨
ପାରାଦ୍ୱୀପ	୨୮.୬	୧୮.୦
ଭୁବନେଶ୍ୱର	୩୦.୨	୧୬.୫
ଗୋପାଳପୁର	୩୧.୦	୧୯.୧
ପୁରୀ	୨୯.୨	୧୮.୬
ଅନୁଗୋଳ	୨୫.୭	୧୩.୦
ବାରିପଦା	୨୬.୬	୧୫.୬
ଝାରସୁଗୁଡ଼ା	୨୪.୭	୧୫.୦
କେନ୍ଦୁଝର	୨୬.୧	୧୩.୫
ସମ୍ବଲପୁର	୨୪.୫	୧୬.୦
ସୁନ୍ଦରଗଡ଼	୨୮.୦	୧୧.୦
ହୀରାକୁଦ	୨୩.୯	୧୬.୬
ତାଲଚେର	୨୮.୫	୧୪.୮
ଭବାନୀପାଟଣା	୨୩.୮	୧୭.୫
ବଲାଙ୍ଗୀର	୨୬.୦	୧୬.୨
କୋରାପୁଟ	୨୪.୦	୧୪.୦
ଫୁଲବାଣୀ	୨୩.୬	୧୩.୦
ଟିଟିଲାଗଡ଼	---	---
ମାଲକାନଗିରି	୩୦.୨	୧୯.୮
ସୋନପୁର	୨୬.୬	୧୭.୯
ଦାରିଙ୍ଗିବାଡ଼ି	୨୩.୦	୧୧.୫
ଢେଙ୍କାନାଳ	---	---

ଡିଗ୍ରୀ ସେଲ୍‌ସିୟସ୍

ସଙ୍କୁଚିତ ହୋଇପାରୁଥିବା ଡ୍ରୋନ୍

ଜେନେଭା:

ବୈଜ୍ଞାନିକମାନେ ଏକ ଡ୍ରୋନ୍ ବିକାଶ କରିଛନ୍ତି। ଏହା ଆବଶ୍ୟକସ୍ଥଳେ ଡେଣାକୁ ଜାକିଜୁକି ସଂକୁଚିତ ହୋଇପାରିବ ଏବଂ ସଂକୀର୍ଣ୍ଣ ସ୍ଥାନରେ ପ୍ରବେଶ କରିବାକୁ ସମର୍ଥ ହେବ। ଏହି ଉଡନ୍ତା ରୋବୋ ଅନୁସନ୍ଧାନ ଓ ଉଦ୍ଧାରକାରୀ ଟିମ୍‌କୁ ସହାୟକ ହୋଇପାରିବ। ଏଥିସହିତ ଭୂକମ୍ପ, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ବିପର୍ଯ୍ୟୟ ପରେ ବିଧ୍ୱସ୍ତ ଅଟ୍ଟାଳିକା ତଳେ ଫସି ରହିଥିବା ଲୋକଙ୍କୁ ଅନୁସନ୍ଧାନ କରିପାରିବ। ସୁଇଜରଲାଣ୍ଡସ୍ଥିତ ଇକୋଲ ପଲିଟେକନିକ୍ ଫେଡେରାଲେ ଡି ଲାଉସାନେ ଏବଂ ଜ୍ୟୁରିକ୍ ୟୁନିଭର୍ସିଟିର ଗବେଷକମାନେ ଏଭଳି ଏକ ଡ୍ରୋନ୍ ବିକାଶ କରିଛନ୍ତି। ସଂକୀର୍ଣ୍ଣ ସ୍ଥାନରେ ପ୍ରବେଶ କରିବାକୁ ପକ୍ଷୀ ଏହାର ଡେଣା ଜାକିଦିଏ। ଏହାଠୁ ପ୍ରେରଣା ପାଇ ଏଭଳି ଡ୍ରୋନ୍ ବିକାଶ କରାଯାଇଥିବା ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ନୂତନ ଭାବରେ ବିକଶିତ ଡ୍ରୋନ୍ ଆବଶ୍ୟକ ସ୍ଥଳେ ସଂକୁଚିତ ହୋଇ କୌଣସି ଗଳି ବା କନ୍ଦିରେ ପ୍ରବେଶ କରିବା ସହିତ ଏହାର ପୂର୍ବାବସ୍ଥାକୁ ମଧ୍ୟ ଫେରିପାରିବ। ଏହାକୁ ବହୁମୁଖୀ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଏହା ସ୍ୱୟଂକ୍ରିୟ ଭାବରେ ପରିଚାଳିତ ହେଉଥିଲେ ହେଁ ଏହାକୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ରହିଛି ବୋଲି ଜ୍ୟୁରିକ୍ ୟୁନିଭର୍ସିଟିର ଗବେଷକ ଡ୍ୟାଭିଡେ ଫାଲାଙ୍ଗା ପ୍ରକାଶ କରିଛନ୍ତି। ଅନ୍ୟ ଡ୍ରୋନ୍ ତୁଳନାରେ ଏହା ସ୍ୱତନ୍ତ୍ର କାରଣ ଏହା ନିରନ୍ତର ଉଡାଣ ପ୍ରକ୍ରିୟା ଜାରି ରଖେ।



କୃଷ୍ଣପ୍ରସାଦରେ ବାର୍ଡ ଫ୍ଲୁ

ପୁରୀ ଅଫିସ/କୃଷ୍ଣପ୍ରସାଦ(ଡି.ଏନ.ଏ.) ୧୩।୧୨

ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକରେ ଚଳିତ ବର୍ଷର ପ୍ରଥମ ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି। ୧୦ ତାରିଖରେ ଭୋପାଳକୁ ପରୀକ୍ଷା ପଠାଯାଇଥିବ ନମୁନା ପଜିଟିଭ ଥିବା ଗୁରୁବାର ରିପୋର୍ଟ ପହଞ୍ଚିଛି। କୃଷ୍ଣପ୍ରସାଦର ବିଭିନ୍ନ ଅଞ୍ଚଳରେ ମରିଥିବା କାଉଙ୍କ ଦେହରେ ଏଚ୍‌ଫାଇଭଏନ୍‌ୱାନ୍ ଭୂତାଣୁ ଚିହ୍ନଟ ହେବା ପରେ ଏହାକୁ ନେଇ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ତ୍ୱରିତ ବୈଠକ ଡାକି ପରିସ୍ଥିତିର ସମୀକ୍ଷା କରିଥିବାବେଳେ ଏହା କିପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପିବ ସେଥିପ୍ରତି ସତର୍କତା ଅବଲମ୍ବନ କରିବାକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚିହ୍ନଟ ହୋଇଥିବା ଗାଁରେ ଶୁକ୍ରବାରଠାରୁ ୧୦ଦିନ ପର୍ଯ୍ୟନ୍ତ କୁକୁଡ଼ାମରା ଅଭିଯାନ ଆରମ୍ଭ କରାଯିବ। ଏଥିପାଇଁ ୧୦ଟି ରାପିଡ୍ ରେସପନ୍ସ ଟିମ୍(ଆରଆରଟି)କୁ ସମ୍ପୃକ୍ତ ଅଞ୍ଚଳକୁ ପଠାଯାଇଛି। ଏତଦ୍‌ବ୍ୟତୀତ କୁକୁଡା ମାଂସ, ଅଣ୍ଡା ଖାଇବା ଏବଂ ବିକ୍ରି ଉପରେ ୧୦ ଦିନ ପର୍ଯ୍ୟନ୍ତ କଟକଣା ଲଗାଯାଇଛି। ଜିଲାବ୍ୟାପୀ ମଧ୍ୟାହ୍ନ ଭୋଜନରେ ଅଣ୍ଡା ମଧ୍ୟ ବନ୍ଦ କରାଯାଇଛି।

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରୁ ମିଳିଥିବା ସୂଚନା ମୁତାବକ, ପ୍ରାୟ ସପ୍ତାହେରୁ ଊର୍ଦ୍ଧ୍ୱ ହେବ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମରେ ଶତାଧିକ କାଉ ଓ ହଜାର ହଜାର କୁକୁଡ଼ାଙ୍କ ମୃତ୍ୟୁ ହେଉଥିଲା। ଭୁବନେଶ୍ୱରସ୍ଥିତ ପ୍ରାଣୀ ଗବେଷଣା କେନ୍ଦ୍ରର ଗବେଷକମାନେ ମୃତ କାଉ ଓ କୁକୁଡ଼ାଙ୍କ ରକ୍ତ, ମଳ ଆଦି ନମୁନା ସଂଗ୍ରହ କରିଥିଲେ। ଗତ ୧୦ ତାରିଖରେ ପ୍ରାୟ ୨୫୦ଟି ନମୁନା ଭୋପାଳସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇ ସିକ୍ୟୁରିଟି ଆନିମଲ ଡିଜିଜ୍ (ଏନ୍‌ଆଇଏଚ୍‌ଏସ୍‌ଏଡି)କୁ ପରୀକ୍ଷା ପାଇଁ ପଠାଯାଇଥିଲା। କୃଷ୍ଣପ୍ରସାଦ ବ୍ଲକର ବୁଦ୍ଧିବର, ସାନସାହି, ପଥରଗଞ୍ଜା, ଅଳନ୍ଦା ଗ୍ରାମରୁ ଯାଇଥିବା ନମୁନାରୁ ଏହି ଭୂତାଣୁ ଚିହ୍ନଟ ହୋଇଥିବା ଜଣାପଡ଼ିବା ପରେ ଜିଲା ପ୍ରଶାସନ ସଜାଗ ହୋଇପଡ଼ିଛି।

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଗିରିଜା ପ୍ରସାଦ ପଟ୍ଟନାୟକ କହିଛନ୍ତି, କୃଷ୍ଣପ୍ରସାଦର ୪ଟି ଗାଁରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି। ଉପରୋକ୍ତ ୪ଟି ଗାଁର ୧ କିମି ପରିମିତ ଅଞ୍ଚଳରେ ଥିବା ସମସ୍ତ କୁକୁଡ଼ା ମରାଯାଇ ଜନବସତିଠାରୁ ଦୂରରେ ପୋତାଯିବ। ଏଥିସହ ଅଣ୍ଡା, କୁକୁଡ଼ା ଦାନା ଏବଂ କୁକୁଡ଼ା ଫାର୍ମରେ ବ୍ୟବହାର କରାଯାଉଥିବା ସମସ୍ତ ସରଞ୍ଜାମ ପୋତି ଦିଆଯିବ। ଏହି ଗାଁଗୁଡ଼ିକର ୧୦ କିମି ପରିମିତ ଅଞ୍ଚଳରେ ମଧ୍ୟ ସତର୍କତା ଅବଲମ୍ବନ କରାଯାଇଛି। ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିବା ଗାଁରୁ ଯେପରି କୁକୁଡ଼ା କିମ୍ବା ଅଣ୍ଡା ବାହାରକୁ ଚାଲାଣ ନ ହେବ ସେଥିପାଇଁ ସମ୍ପୃକ୍ତ ଗାଁଗୁଡ଼ିକୁ ରାତିରେ ସିଲ୍ କରାଯାଇଛି। ସେହି ଅଞ୍ଚଳରେ କୁକୁଡ଼ା ମାଂସ, ଅଣ୍ଡା ବିକ୍ରି ଖର୍ଦ୍ଦ ନିଷେଧ କରାଯାଇଥିବା ବେଳେ କୌଣସି ଫାଷ୍ଟଫୁଡ୍ ଦୋକାନରେ ଏହା ଉପଲବ୍ଧ ହେବ ନାହିଁ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ଯେଉଁ ଚାଷୀଙ୍କ କୁକୁଡ଼ା ମରାଯିବ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ଏଥିପାଇଁ ୧୦ଟି ରାପିଡ୍ ରେସପନ୍ସ ଟିମ୍ ଆବଶ୍ୟକ ସରଞ୍ଜାମ ସହ ସମ୍ପୃକ୍ତ ଅଞ୍ଚଳକୁ ଯାଇଛନ୍ତି। ଏହି ୧୦ ଟିମ୍ ମଧ୍ୟରୁ ୫ଟି ଟିମ୍ ସଂକ୍ରମିତ ଅଞ୍ଚଳରେ କାମ କରିବେ। ବାର୍ଡ ଫ୍ଲୁ ସନ୍ଦେହ ହେଉଥିବା ଅଞ୍ଚଳରେ ୩ଟି ଟିମ୍ ଏବଂ ୨ଟି ଟିମ୍ ରିଜର୍ଭ ରହିବେ। ପ୍ରତି ଟିମ୍‌ରେ ୪ ଜଣ ସଦସ୍ୟ ରହିଥିବା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କହିଛନ୍ତି। ଏହାବ୍ୟତୀତ ବ୍ରହ୍ମଗିରି, ଡେଲାଙ୍ଗ, କଣାସ, ଗୋପ ବ୍ଲକର ବିଭିନ୍ନ ଅଞ୍ଚଳରୁ କୁକୁଡ଼ା, ବତକ ଆଦି ପକ୍ଷୀଙ୍କ ନାଳ, ରକ୍ତ, ମଳ ଆଦି ନମୁନା ଗୁରୁବାର ସଂଗ୍ରହ କରାଯାଇଛି। ସଂଗୃହୀତ ହୋଇଥିବା ୩୫୦ଟି ନମୁନା ଶୁକ୍ରବାର ଭୋପାଳ ପଠାଯିବ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କୃଷ୍ଣପ୍ରସାଦ ବ୍ଲକର ବଡ଼ଅଁଳ, କୃଷ୍ଣପ୍ରସାଦ, ମାଲୁଦ, ବଜ୍ରକୋଟ, ଚାରିଛକ, ସିଆଣ୍ଡି, ସାନସୀମା, ଡିଡିପ, ବଡ଼ଝର, ଅଁଳାକୁଦା, ଚିଲିକା ନୂଆପଡ଼ା, ଜହ୍ନିକୁଦା ଆଦି ଗାଁରେ ଥିବା କୁକୁଡ଼ା ଫାର୍ମରେ କୁକୁଡ଼ା ମରୁଥିବା ଜଣାପଡ଼ିଛି।

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:....................................
ଜନ୍ମ ତାରିଖ: ....

ସାଇକ୍ରିଷ୍ଟା
ପରିବାରବର୍ଗ

ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

SALE

Chevrolet spark LT number OR02AP6848 in perfect condition for sale. 9437257582. D-9853

SALE

Immediate sale 3000 corner plot Kalpna. Genuine buyers only. 7437905412. D-48717

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65235

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

ଭୁବନେଶ୍ୱର ସୁନ୍ଦରପଦା Xavier University backsideରେ investment ପ୍ଲଟ ମିଳୁଅଛି। 8338932027. D-64386

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65228

Immediate sale 1815 sqft 30" road gharabari boundary residential plot at mouza bhaula near dhauli temple contact: 9861995518. D-63210

Building sale 1.30 cr Meria Bazar Makarbag Sahi, Cuttack. Owner: 7008533986. D-9968

1575 sqft. single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877. D-64397

ଭୁବନେଶ୍ୱର ହଂସପାଳ ସୁଧାନନ୍ଦ କଲେଜ ଏବଂ Puri by-pass sideରେ ପ୍ଲଟ ମିଳୁଛି। 9437003399, 9668194157. D-65401

Ready to construct 2 nos. 2000 sqft. plot back site Utkal Heights. 9938424085, 9040096679. D-9967

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

ଭୁବନେଶ୍ୱର Sum Hospital, କାଟେଣୀ MITM, ZEE School ନିକଟରେ gharabari boundary 30' road patta plot 520/-. 9853144622. D-64757

1 duplex @ Hanspal Saiphon Chhak @ 49 lakh. 9040096679. D-9972

ଭୁବନେଶ୍ୱର AIIMS Hospital, DOON International School ନିକଟରେ gharabari boundary patta plot. 7978274744. D-64758

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-64395

Bhubaneswar Sundarpada back side of Hi-tech apartment, 3 No. 1200 sqft. for sale Contact: 9040005368. D-9974

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 620/-ରେ ଦିଆଯାଉଅଛି। 7008045582, 9078967488. D-9988

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

Bhubaneswar ପଟିଆ KIIT ପାଖରେ 40/30" Road, boundary ସମସ୍ତ ସୁବିଧା ସହିତ ଗୃହୋପଯୋଗୀ plot sqft. 1100/- ବିକ୍ରିହେବ: 8018611122. D-64663

2000sqft. plot (10 nos) at Sankarpur, Vipulgarden backside Ghatikia Bhubaneswar Electricity, supply water, 30' Road- 7381564227. D-65404

Plot for sale gharabari boundary wall electricity near MITM College 6km. from Sum Hospital. Price, 899/- sqft. 9853191761, 8908370254. D-64926

GENERAL

SALE

Xerox machine in working condition for sale. Bhubaneswar: 2531315, 9861033004. D-63884

2300 sqft. office space available at Metro House, Vanivihar. Mob: 7789837712. D-9977

Baramunda 18000 sft. first floor for office cum residence, transit house. Rent 20,000/- monthly- 9861119281. D-64552

3BHK available for rent at Damayanti Apartment at Nayapalli. Mob: 7789837712. D-9978

1000, 750, 700, 650, 450 sqft. available for office purpose at Centrally located Unit-9. Mob: 7789837712. D-9976

Shivam logistic packers movers. Household/ car relocation countrywide. 9777044177, 9338461133. D-9832

Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

Herbal full body massage with refreshment by well trained therapist. 7381239385. D-65240

Experience full body massage with us by expert Enquiry: 06742597822, 7377048581. D-65246

All type of full body massage by expert therapist. 7609005923. D-65230

Herbal full body massage by smart/ expert therapist. Contact: 8338067247. D-65231

Newly opening ayurvedic massage smart therapist, Shree herbal. 7750020754. D-65232

Pamper yourself this Mansoon professional massage. Contact Purple Orchid. 9776598888. D-65233

Improving your health, skin care through expert therapist, excellent offer. 9668374480. D-65234

Ayurvedic full body massage smart boy therapist. Home service available here. 9937929638. D-9838

Roshni ayurvedic massage club fully relaxed by smart lady, home service facility available. 9937637219. D-9991

ପଣ୍ଡିତ ରାଜକିଶୋର ଷଡ଼ଙ୍ଗୀ ଲୀଳାବତୀସୂତ୍ର, ପ୍ରତ୍ୟଙ୍ଗିରାତନ୍ତ୍ର ବିଭିନ୍ନ ସମସ୍ୟାର ପ୍ରତିକାର। 9937924141, 9437405379. D-60934

AFFIDAVIT

By virtue of an affidavit before Executive Magistrate. I Sakuntala Behera w/o late Madhab Behera, At/ Po-Kantapada, Ps-Olatpur Dist-Cuttack declare that in LIC Policy No. 583027632 my name is Kuntala Behera and Sakuntala Behera is same person. D-10002

ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା

ଶୁଭମ୍ ନନ୍ଦ

ବଲାଙ୍ଗୀର, ପାଟଣାଗଡ, କୁରିଆ

ଆଜି ତୋର ଜନ୍ମଦିନରେ ଦେବଦେବ ମହାଦେବଙ୍କ ନିକଟରେ ବିନମ୍ର ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରନ୍ତୁ ଓ ନୀରୋଗ ରଖନ୍ତୁ। **ଶୁଭେଚ୍ଛା ସହ:** କେକେବାପା, କେକେମାଆ, ଅଜା, ଆଈ, ବଡ ଅପା, ବଡମାମୁ, ସାନ ଅପା, କୁଆର ଆଈ, ଆମ ବାପା, ଆମମମି, ବାପା, ମାମା, ରାମ, ମାମୁ, ମାନସୀ, ରେଖା, ରିମା, ପାପୁନି, ଲକ୍ଷ୍ମୀ, ଦିପା, ରାଜା, ରୋଜି, ଶକ୍ତି, ମୁନା, ରୀନା, ଟିନା, ମୁକେଶ, ବସୁମତି। ଧ-୯୮୩୭

ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା

ରବୀନ୍ଦ୍ର କୁମାର ସାହୁ

ଗ୍ରାମ: ବଡସରାଇପାଲି, ପୋ-ରୁଚିଦା
ଅମ୍ବାଭୋନା, ଜି-ବରଗଡ

ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ। ସେ ତୋର ଚଲାପଥ କୁସୁମିତ କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ସେ ତୋତେ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ। **ଶୁଭେଚ୍ଛା ସହ: ବାପା-ଲକ୍ଷ୍ମଣ ସାହୁ, ମାଆ-ଉଲୁପି ପ୍ରଧାନ, ବଡବାପା, ବଡମାଆ, ମଉସା, ମାଉସୀ, କାକା, ଖୁଡୀ, ମାମୁଁ, ମାଈଁ, ଭଉଣୀ, ଭାଇ ଓ ଅନ୍ୟମାନେ।** ଧ-୧୦୦୦୩

Birthday Wish

Gulfaam Husain Khan

Tum hamesa khush raho
yehi dua hai Allha se

Wishes from
Khan Family

D-9999

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରଥମ ପୃଷ୍ଠାରୁ...

ମାର୍ଚ୍ଚ ୭ରୁ ଯୁକ୍ତ...

ଟେକ୍ନୋଲୋଜି, କମ୍ପ୍ୟୁଟର ସାଇନ୍ସ, ବାୟୋଟେକ୍ନୋଲୋଜି, ଇଲେକ୍ଟ୍ରୋନିକ୍ସ, ୧୫ରେ ଇଣ୍ଟିଗ୍ରେଟେଡ ଧନ୍ଦାମୂଳକ ଶିକ୍ଷା, ୧୬ରେ ଇତିହାସ, ୧୮ରେ ସମସ୍ତ ଇଚ୍ଛାଧୀନ ବିଷୟ ରହିଛି। ସେହିପରି ୧୯ ତାରିଖରେ ରସାୟନ ବିଜ୍ଞାନ , ବିଜ୍ନେସ ମାଥମେଟିକ୍ସ ଆଣ୍ଡ ଷ୍ଟାଟିଷ୍ଟିକ୍ସ, ୨୦ରେ ଏଜୁକେଶନ, ଇଣ୍ଡିଆନ ମ୍ୟୁଜିକ, ମନସ୍ତତ୍ତ୍ୱବିଜ୍ଞାନ, ଭୂବିଜ୍ଞାନ , ୨୩ରେ ଗଣିତ, ଗୃହ ବିଜ୍ଞାନ, ବିଜ୍ନେସ ଷ୍ଟଡିଜ୍ ଆଣ୍ଡ ମ୍ୟାନେଜମେଣ୍ଟ, ୨୫ରେ ଭୂଗୋଳ ଏବଂ ତର୍କ ବିଜ୍ଞାନ, ୨୬ରେ ବାୟୋଲୋଜି-୧(ଉଦ୍ଭିଦ ବିଜ୍ଞାନ), ୨୭ରେ ଅର୍ଥଶାସ୍ତ୍ର, ଆଇଆରପିଏମ-II, ୨୮ରେ ବାୟୋଲୋଜି ସେକ୍ସନ-ଏ, ସେକ୍ସନ-ବି, ବାୟୋଲୋଜି-II, ଇନସ୍ୟୁରାନ୍ସ, ଫଣ୍ଡାମେଣ୍ଟାଲସ ଅଫ ମାନେଜମେଣ୍ଟ ଆକାଉଣ୍ଟିଂ, ବିଜ୍ନେସ ଇକୋନୋମିକ୍ସ, ରୁରାଲ ଡେଭେଲପମେଣ୍ଟ, କଷ୍ଟ ଆକାଉଣ୍ଟିଂ, କମ୍ପ୍ୟୁଟର ଆପ୍ଲିକେଶନ, ୨୯ରେ ପରିସଂଖ୍ୟାନ, ନୃତତ୍ତ୍ୱ ବିଜ୍ଞାନ, ସମାଜ ବିଜ୍ଞାନ ଏବଂ ୩୦ ତାରିଖରେ ଅନ୍ୟାନ୍ୟ ଭାଷାର ଏମଆଇଏଲ ବିଷୟ ରହିଛି। ରାଜ୍ୟରେ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଏବଂ ବ୍ଲକ ଗ୍ରାଣ୍ଟ ୨୦୧୧ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରାୟ ୩ ଲକ୍ଷ ୫୦ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେବେ।

ମହିଳା ପ୍ରାର୍ଥୀ ...

ପାଳନ କରାଯାଏ ତେବେ ବିଧାନସଭା ପାଇଁ ବିଜେଡିକୁ ୪୯ ମହିଳାଙ୍କୁ ଟିକେଟ ଦେବାକୁ ପଡିବ। ଲୋକ ସଭା ଆସନ ପାଇଁ ୭ଜଣ ମହିଳା ପ୍ରାର୍ଥୀଙ୍କୁ ବାଛିବାକୁ ପଡିବ। ରାଜ୍ୟରେ ବିଜେଡିର ଏକ ସକ୍ରିୟ ମହିଳା ସଂଗଠନ ରହିଛି। ମାତ୍ର ଏହି ସଂଗଠନ ମଧ୍ୟରୁ ବିଧାନସଭା ଓ ଲୋକ ସଭା ଆସନ ମିଶାଇ ୫୬ଜଣ ମହିଳାଙ୍କୁ ଟିକେଟ ଦେବା ଏତେଟା ସହଜ ନୁହେଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ରଖିଛନ୍ତି। ୧୪୭ ବିଧାନସଭା ଆସନରୁ ଆଉ ୩୫ଜଣ ପ୍ରାର୍ଥୀଙ୍କୁ ବାଦ୍ ଦେଇ ସେହି ସ୍ଥାନରେ ମହିଳାଙ୍କୁ ପ୍ରାର୍ଥୀ କରିବାକୁ ପଡିବ। ତେବେ ଏହି ସବୁ ସ୍ଥାନରୁ ବାଦ୍ ପଡିବା ନେତାମାନେ ଯେ ଏହାକୁ ସହଜରେ ଗ୍ରହଣ କରିନେବେ ତାହା ସାଧାରଣତଃ ମନେ ହେଉନାହିଁ। ଦଳୀୟ ସୂତ୍ରରୁ ଶୁଣିବାକୁ ମିଳିଛି, ଦଳର ଭାବମୂର୍ତ୍ତିକୁ ସୁରକ୍ଷିତ ରଖିବା ପାଇଁ ଆସନ୍ତା ନିର୍ବାଚନରେ ପ୍ରାୟ ୩୦ରୁ ୪୦ ପ୍ରାର୍ଥୀଙ୍କ ଟିକେଟ କଟାଯିବ। ତେଣୁ ଏପରି ସ୍ଥିତିରେ ବାଦ୍ ପଡିବା ନେତାଙ୍କ ଆଗରେ ଏହି ମହିଳା ସଂରକ୍ଷଣ ପ୍ରସ୍ତାବ ରଖି ସେମାନଙ୍କୁ ବୁଝାଯିବ ବୋଲି ଚର୍ଚ୍ଚା ହେଉଛି। ଆଗକୁ ଦଳ ଆଗରେ ଏହା ଏକ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିବ।

ଏନେଇ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ଅନ୍ୟ ଦଳଗୁଡିକ କ'ଣ କରୁଛନ୍ତି ବିଜେଡି ଦେଖିବ। ନିର୍ବାଚନ ବେଳେ ଯାହା କରାଯିବା କଥା କରାଯିବ। ବିଗତ ଦିନର ସବୁ ନିର୍ବାଚନରେ ଅନ୍ୟ ଦଳଗୁଡିକ ଅପେକ୍ଷା ବିଜେଡି ଅଧିକ ମହିଳାଙ୍କୁ ଟିକେଟ ଦେଇଛି। ତେଣୁ ନିର୍ବାଚନ ଆସିଲେ ଦଳ ଏନେଇ ନିଷ୍ପତ୍ତି ନେବ ବୋଲି ପ୍ରମିଳା କହିଛନ୍ତି।

ସେହିପରି କେନ୍ଦ୍ରରେ ଦେବେ ଗୌଡାଙ୍କ ସରକାର ଥିବାବେଳେ ୧୯୯୬ ମସିହାରେ ପ୍ରଥମେ ଏ ସମ୍ପର୍କିତ ପ୍ରସ୍ତାବ ପାର୍ଲାମେଣ୍ଟରେ ଆଗତ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୧୦ରେ କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ ରାଜ୍ୟ ସଭାରେ ଏହି ବିଲ୍ ଗୃହୀତ ହୋଇଥିଲା। ମାତ୍ର ଏହି ନିୟମକୁ ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁଷ୍ଠିତ କୌଣସି ନିର୍ବାଚନରେ ପ୍ରଦେଶ କଂଗ୍ରେସ ପାଳନ କରିନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାସ୍ତାକୁ ରାହୁଲ ଗାନ୍ଧୀ ଆପଣାଇଛନ୍ତି। ଅର୍ଥାତ୍ ପାର୍ଲାମେଣ୍ଟର ଚଳିତ ଶୀତ ଅଧିବେଶନରେ ବିଜେଡି ଏହି ପ୍ରସଙ୍ଗ ଉଠାଇଲେ କଂଗ୍ରେସ ଏହାକୁ ସମର୍ଥନ ଜଣାଇବ ବୋଲି ଜାତୀୟସ୍ତରରେ ଆଲୋଚନା ହେଉଛି। କଂଗ୍ରେସ କେନ୍ଦ୍ରୀୟ ନେତାଙ୍କ ଏଭଳି ଆଭିମୁଖ୍ୟ ପରେ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ଦଳ ପାଇଁ କାଠିକରପାଠ। ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ବିଧାନସଭା ଆସନ ପାଇଁ ୬ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ସେହିପରି ଲୋକ ସଭା ଆସନ ପାଇଁ ୨ଜଣଙ୍କୁ ଦଳ ଟିକେଟ ଦେଇଛି। ବର୍ତ୍ତମାନ ସ୍ଥିତିରେ ଆସନ୍ତା ନିର୍ବାଚନ ପାଇଁ ଦଳ ୩୩ପ୍ରତିଶତ ମହିଳାଙ୍କୁ ଟିକେଟ ଦେବାରେ ସକ୍ଷମ ହେବ ନା ନାହିଁ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି।

ଏନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ମହିଳା ସଂରକ୍ଷଣ ବିଲ୍ ସମ୍ପର୍କିତ ପ୍ରସ୍ତାବ ୨୦ବର୍ଷ ତଳେ କଂଗ୍ରେସ ସରକାର ପାର୍ଲାମେଣ୍ଟରେ ଆଣିଥିଲା। ଉପା ସରକାର ସମୟରେ ଏହି ବିଲ୍ ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଜେଡିର ଏକଥା ମନେପଡିଲା। ପ୍ରଚାର ପାଇଁ ବିଜେଡିର ଏହା ଏକ ବାହାନା। କେନ୍ଦ୍ରରେ କଂଗ୍ରେସ ଏ ସମ୍ପର୍କିତ ବିଲ୍ ଆଗୁଆ ଆଣିଥିଲେ ମଧ୍ୟ ଯେହେତୁ ଆଜି ପର୍ଯ୍ୟନ୍ତ ଲୋକ ସଭାରେ ଗୃହୀତ ହୋଇନାହିଁ ସେଥିପାଇଁ ଆମେ ରାଜ୍ୟ ନିର୍ବାଚନରେ ଏବେଯାଏ ୩୩ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରିନାହୁଁ। ଆସନ୍ତା ନିର୍ବାଚନରେ ସେତିକି ମହିଳାଙ୍କୁ ଆମେ ଟିକେଟ ଦେଇପାରିବୁ। କଂଗ୍ରେସରେ ସେତିକି ମହିଳା ପ୍ରାର୍ଥୀ ଅଛନ୍ତି ବୋଲି ସେ କହିଛନ୍ତି।

ନାରୀ ନିର୍ଯାତନା ପ୍ରସଙ୍ଗକୁ ଭାଜପା ସର୍ବାଧିକ ପ୍ରାଥମିକତା ଦେଇଛି। ମାତ୍ର ଦଳ ମଧ୍ୟରେ ମହିଳାଙ୍କୁ ଟିକେଟ ବଣ୍ଟନ ବେଳେ ତାହାର ଆଶାନୁରୂପ ପ୍ରତିଫଳନ ହେବ କି ନାହିଁ ତାହା ଏବେ ସନ୍ଦେହ ଘେରରେ। ଭାଜପାରୁ ବିଧାନସଭାରେ ରାଧାରାଣୀ ପଣ୍ଡା ଜଣେ ମାତ୍ର ମହିଳା ବିଧାୟିକା। ତାଙ୍କୁ ଛାଡିଦେଲେ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡା, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ପୂର୍ବତନ ଏମ୍‌ପି ସଙ୍ଗୀତା ସିଂଦେଓ ପ୍ରମୁଖଙ୍କ ନାମ ଆଗାମୀ ନିର୍ବାଚନରେ ଟିକେଟ ପାଇବା ନେଇ ଶୁଣିବାକୁ ମିଳୁଛି। ଏମାନଙ୍କୁ ବାଦ୍‌ଦେଇ ଖୋର୍ଦ୍ଧା ଜିଲାରୁ ଅପରାଜିତା ଷଡଙ୍ଗୀ, ଯାଜପୁର ଜିଲାର ସିମନ୍ତିନୀ ଜେନା, ବବିତା ମଲ୍ଲିକଙ୍କ ନାମ ଶୁଣାଯାଉଛି। ତେଣୁ ଶାସକ ବିଜେଡିକୁ ପ୍ରତି କଥାରେ ଅଙ୍ଗୁଳି ଉଠାଉଥିବା ଭାଜପା ମଧ୍ୟ ଅନୁରୂପଭାବେ ଚାପରେ ରହିବ। ୨୦୧୪ ନିର୍ବାଚନରେ ଭାଜପା ୧୪୭ ବିଧାନସଭା ଆସନ ମଧ୍ୟରୁ ମାତ୍ର ୧୦ଜଣ ମହିଳାଙ୍କୁ ଟିକେଟ ଦେଇଥିବାବେଳେ ଲୋକ ସଭା ପାଇଁ ଜଣଙ୍କୁ ମାତ୍ର ଟିକେଟ ଦେଇଥିଲା। ରାଜ୍ୟ ସରକାରଙ୍କ ପ୍ରତିଟି କଥାକୁ ସମାଲୋଚନା କରୁଥିବା ଭାଜପା ଅନୁରୂପ ଭାବେ ୩୩ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରିବା ନେଇ ଚାପରେ ରହିବ।

ଏନେଇ ପ୍ରଭାତୀ ପରିଡା କହିଛନ୍ତି, ଭାଜପା ସବୁବେଳେ ମହିଳାଙ୍କୁ ଗୁରୁତ୍ୱ ଦେଇଆସିଛି। ଦଳର ସଂଗଠନରେ ଏବେ ମଧ୍ୟ ୩୩ ପ୍ରତିଶତ ମହିଳାଙ୍କୁ ସ୍ଥାନ ଦିଆଯାଇଛି। ଆସନ୍ତା ନିର୍ବାଚନରେ ଭାଜପା ୩୩ ପ୍ରତିଶତ ମହିଳାଙ୍କୁ ସ୍ଥାନ ଦେବ, ହେଲେ ଏହା ପୂର୍ବରୁ ଏକ ଦାୟିତ୍ୱସମ୍ପନ୍ନ ଦଳ ଭାବେ ବିଜେଡି ଯେଉଁ ବିଲ୍ ଆଣିଛି ତାକୁ ଆଗେ କାର୍ଯ୍ୟକାରୀ କରୁ। ନିର୍ବାଚନ ପୂର୍ବରୁ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ନ ହୋଇଥିଲେ ବି ବିଜେଡି ୩୩ ପ୍ରତିଶତ ମହିଳାଙ୍କୁ ସ୍ଥାନ ଦେବ ବୋଲି ଏବେଠାରୁ ଘୋଷଣା କରିବା ଦରକାର ବୋଲି ପ୍ରଭାତୀ କହିଛନ୍ତି।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଜୀବନ ବଲ୍ଲଭ ଦାଶ

ଘାଟିକିଆ, ଭୁବନେଶ୍ୱର
ଆବିର୍ଭାବ: ୧୭।୦୯।୧୯୪୫
ତିରୋଧାନ: ୧୮।୧୨।୨୦୧୫

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ-ବୋହୂ, ନାତି-ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୪୯୨୫

ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ

୰ବୈଦ୍ୟନାଥ ସାହୁ

ଜିଲ୍ଲା : ନୟାଗଡ଼, ବ୍ଲକ : ଭାପୁର
ପଦ୍ମାବତୀ

ଆବିର୍ଭାବ : ୧୯୪୭
ତିରୋଧାନ : ୦୬.୧୨.୨୦୧୬

ଆଜିର ଏ ପବିତ୍ର ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

-: ଶୋକସନ୍ତପ୍ତ:-
ପରିବାର,ବନ୍ଧୁବର୍ଗ ଏବଂ ଆତ୍ମୀୟସ୍ୱଜନ

ଧ-୧୦୦୦୮

ଛିଣ୍ଡିଲାନି ...

କମଲନାଥଙ୍କୁ ଭୋପାଳ ଫେରିଯିବାକୁ କୁହାଗଲା। ଉଭୟେ ଭୋପାଳ ଫେରିବା ପରେ ରାତି ୧୦ଟାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ କମଲନାଥଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ସିନ୍ଧିଆ ଓ କମଲନାଥଙ୍କ ମଧ୍ୟରେ କିଛି ମତଭେଦ ନାହିଁ ବୋଲି ଦର୍ଶାଇବାକୁ ଯାଇ ରାହୁଲ ଉଭୟଙ୍କୁ ସାଙ୍ଗରେ ନେଇ ଏକ ଫଟୋ ଟୁଇଟ୍ କରିଛନ୍ତି। ହେଲେ ଖବର ଲେଖାଯିବା ଯାଏ ରାଜସ୍ଥାନ ଓ ଛତିଶଗଡ଼କୁ ନେଇ ହିସାବ ଛିଣ୍ଡିପାରିଲା ନାହିଁ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା କଂଗ୍ରେସ ସାଧାରଣ ସମ୍ପାଦକ ଅଶୋକ ଗେହଲଟ ଓ ପିସିସି ସଭାପତି ସଚିନ ପାଇଲଟ ନିଜ ନିଜ ପାଇଁ ଜୋରଦାର ଲବି କରିଛନ୍ତି। ଉଭୟଙ୍କ ମଧ୍ୟରୁ କେହି ପଛଘୁଞ୍ଚା ଦେବାକୁ ନାରାଜ। ତେଣୁ ରାହୁଲ ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ଆଉ ଗୋଟିଏ ପର୍ଯ୍ୟାୟ ଆଲୋଚନା କରି ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି। ସେହିପରି ଛତିଶଗଡ଼ରେ କିଏ ମୁଖ୍ୟମନ୍ତ୍ରୀ ହେବେ ସେନେଇ ଶୁକ୍ରବାର ନିଷ୍ପତ୍ତି ନିଆଯିବ। ସେପଟେ ନିଷ୍ପତ୍ତି ନେବାରେ ବିଳମ୍ବ ହେଉଥିବାରୁ ମୁଖ୍ୟମନ୍ତ୍ରୀ ଆଶାୟୀଙ୍କ ସମର୍ଥକମାନେ ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିବା ଜଣାପଡ଼ିଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ରାହୁଙ୍କ ପ୍ରଭାବରେ ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ଯେଉଁଥିପାଇଁ ଚିନ୍ତିତ ଥିଲେ ଆଜି ତାହା ପାଇପାରିବେ। ପ୍ରଶାସନ, ପରିବହନ ଓ ବିବାଦୀୟ କ୍ଷେତ୍ରରେ ସମାଧାନ ପାଇଁ ଚେଷ୍ଟାକଲେ ଉପକୃତ ହେବେ। ଲକ୍ଷ୍ୟସ୍ଥଳକୁ ଯିବା ରାସ୍ତାରେ ମିତ୍ରତା ସ୍ଥାପନ କରିବାର ସୁଯୋଗ ପାଇବେ।

ବୃଷ

କର୍ମକ୍ଷେତ୍ରରେ ଚନ୍ଦ୍ରଙ୍କ ସହ ମଙ୍ଗଳଙ୍କ ସଂଯୋଗ ଆପଣଙ୍କୁ ଅର୍ଥଲାଭ ସହ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ଆପଣଙ୍କ ବ୍ୟସ୍ତତାକୁ ହୃଦୟଙ୍ଗମ କରି କୌଣସି ବନ୍ଧୁ ଅଥବା ପାଖ ପଡୋଶୀମାନେ ସହଯୋଗର ହାତ ବଢାଇପାରନ୍ତି। ଅଫିସରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରି ପାରିବେ ନାହିଁ।

ମିଥୁନ

ଧନାଧିପ ନବମସ୍ଥ ହେତୁ ଆଶା ପୂରଣ ହେବାରେ କେତେକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିବ। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଅପ୍ରିୟସତ୍ୟ କହି ତିକ୍ତତା ସୃଷ୍ଟି କରିପାରନ୍ତି। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ । ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

କର୍କଟ

ଅଷ୍ଟମସ୍ଥ ଗ୍ରହମାନେ ମାନସିକ ଅସ୍ଥିରତା ସୃଷ୍ଟି କରିବା ସହ ବ୍ୟସ୍ତତା ମଧ୍ୟରେ ସମୟ ଅତିବାହିତ କରାଇବେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଳିମକଦ୍ଦମା ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଉପୁଜିପାରେ। କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

ସିଂହ

ବିଭିନ୍ନ ପ୍ରକାରର ଯୋଜନା କରିବା ସକାଶେ ଚିନ୍ତାକଲେ ମଧ୍ୟ ପ୍ରତିକୂଳ ପାରିପାର୍ଶ୍ୱିକ ସ୍ଥିତି ତାହା କରାଇଦେଇ ନ ପାରେ। ପୂର୍ବରୁ ରହିଥିବା ଋଣ ଭାରରେ ଅତିଷ୍ଠ ହେବେ ମାତ୍ର ପରିଶୋଧ କରିବାର ରାସ୍ତା ଖୋଜି ପାଇ ପାରିବେ ନାହିଁ। କ୍ରୀଡା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଓ ସମସ୍ୟା ସରଳ ସମାଧାନ କରିବାରେ ସଫଳ ହେବେ।

କନ୍ୟା

ମଙ୍ଗଳ ଷଷ୍ଠସ୍ଥ ହେତୁ ଭ୍ରାତୃବିବାଦ କିମ୍ବା ଜମିଜମା ବିବାଦର ଆଶଙ୍କା ଦେଖାଦେଇପାରେ। ଆଜିଦିନଟିରେ ଯାହା କିଛିପାଇବାର ଆଶା କରିବେ ତାହା ପୂରଣ ହୋଇପାରିବ। ଜମା ପଡୁନ ଥିବା ବନ୍ଧୁକିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ।

ତୁଳା

ସାମାନ୍ୟ ପ୍ରତିବନ୍ଧକ ମଧ୍ୟରେ ଈପ୍ସିତ ବସ୍ତୁ କିମ୍ବା ବନ୍ଧୁଙ୍କ ନିକଟରୁ ଅର୍ଥପ୍ରାପ୍ତି ହେବ। ଚିତ୍ରା ନକ୍ଷତ୍ର ବିଭିନ୍ନ ପ୍ରକାରର ଚିନ୍ତା ଓ କଳ୍ପନା କରି କେବଳ ଭାବି ଭାବି ସମୟ କଟାଇବେ। ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରି ପାରିବେନି। ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବେ।

ବିଛା

ଆଜି ଜଣେ ବନ୍ଧୁଙ୍କ ସାହାଯ୍ୟରୁ ଆଶା କରିଥିବା ଜିନିଷଟି ପାଇପାରିବେ। ଆକସ୍ମିକ ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ। ନିଜ ପରିବାରର ସଦସ୍ୟମାନଙ୍କ ଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ପଡୋଶୀଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

ଧନୁ

ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପରେ ମାତିରହିବେ ଓ ସମୟ ଅବଶ୍ୟ ଖୁସିରେ କଟିଯିବ। ପିଲାମାନଙ୍କ ଶିକ୍ଷା ଓ ଅନ୍ୟାନ୍ୟ କୃତିତ୍ୱର ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ମୂଳା ନକ୍ଷତ୍ରର କୌଣସି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

ମକର

ପ୍ରିୟବନ୍ଧୁଟିର ସାନ୍ନିଧ୍ୟ ଲାଭ କରି ଏକପ୍ରକାର ଅହେତୁକ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ କାମହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ଓ ଧନ ହାନି ଘଟିପାରେ।

କୁମ୍ଭ

ରାଶିରେ ଚନ୍ଦ୍ରଙ୍କ ଅବସ୍ଥିତି ଜନିତ ନିଜଲୋକମାନଙ୍କ ପରୋକ୍ଷ ବିରୁଦ୍ଧାଚରଣ ମନକୁ ବେଶି ବାଧିବ। ଧନହାନି, ପରିବହନରେ ତର୍କବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ବିତର୍କର ସୂତ୍ରପାତ ଘଟିପାରେ। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

ମୀନ

ନିଜପାଇଁ କୌଣସି ଅସୁବିଧା ନ ଥିଲେ ମଧ୍ୟ ପରିବାରରେ ପିଲାମାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିସ୍ଥିତି ବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ଅନ୍ୟମନସ୍କ ହେତୁ କୌଣସି ଭୁଲ୍ କାମ କରିବେ।

ଆଜି ମାର୍ଗଶିର ଶୁକ୍ଳ ସପ୍ତମୀ ଶୁକ୍ରବାର, ଡିସେମ୍ବର ୧୪ ତାରିଖ, ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୩୭ମି. ମଧ୍ୟେ ଘ୩।୪୨ମି. ଗତେ, ଘ୫।୦୫ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୩୬ମି. ଗତେ ଘ୮।୫୮ମି ମଧ୍ୟେ, ଘ୧୧।୪୦ମି. ଗତେ ଘ୧।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୨୦ମି. ଗତେ ଘ୧୧।୪୧ମି. ମଧ୍ୟେ ରାହୁ କାଳ।

ତିତ୍‌ଲି ସହାୟତା ରାଶି ତୁରନ୍ତ ପ୍ରଦାନ କର

ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ଗତ ଅକ୍ଟୋବରରେ ସାମୁଦ୍ରିକ ଝଡ଼ ତିତ୍‌ଲି ଦ୍ୱାରା ଓଡ଼ିଶାର ବହୁ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଏହାର ପୁନରୁଦ୍ଧାର କାର୍ଯ୍ୟ ରାଜ୍ୟ ସରକାର ଜାରି ରଖିଛନ୍ତି। କେନ୍ଦ୍ରୀୟ ଟିମ୍ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ହେଲେ ଏଯାବତ୍ ରାଜ୍ୟ କୌଣସି କେନ୍ଦ୍ରୀୟ ସହାୟତା ପାଇ ନାହିଁ। ତେଣୁ ତୁରନ୍ତ ତିତ୍‌ଲି ସହାୟତା ରାଶି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଚିଠି ଲେଖିଛନ୍ତି।

ନବୀନ ପଟ୍ଟନାୟକ କହିଛନ୍ତି ଯେ, ତିତ୍‌ଲି ଦ୍ୱାରା ରାଜ୍ୟର ୧୭ଟି ଜିଲାର ୧୨୮ ବ୍ଲକର ପ୍ରାୟ ୬୦.୩୧ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟ ସରକାର ନିଜ ତରଫରୁ ସହାୟତା ପ୍ରଦାନ କରିବା ସହ ଉଦ୍ଧାର ଓ ପୁନର୍ଗଠନ କାର୍ଯ୍ୟ ଜାରି ରଖିଛନ୍ତି। ପ୍ରାୟ ୨୭୭୯.୩୨ କୋଟି ଟଙ୍କା କ୍ଷୟକ୍ଷତିର ଆକଳନ କରାଯାଇଥିଲା। ଏଥିସହିତ ଗତ ୧୮ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ୨୦୨୩.୧୩ କୋଟି ଟଙ୍କାର ସହାୟତା ରାଶି ମଗାଯାଇଥିଲା। ପ୍ରାଥମିକ ଭାବେ ୧୦୦୦ କୋଟି ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରିବାକୁ କୁହାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ନଭେମ୍ବର ପ୍ରଥମ ସପ୍ତାହରେ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ପ୍ରତିନିଧି ଦଳ ପ୍ରଭାବିତ ଅଞ୍ଚଳ ଗସ୍ତ କରିସାରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୧୬୮୯.୧୩ କୋଟି ଟଙ୍କାର ସହାୟତା ରାଜ୍ୟ ପକ୍ଷରୁ ଦିଆଯାଇ ସାରିଛି। ହେଲେ ବାକି ରହିଥିବା ପୁନରୁଦ୍ଧାର କାର୍ଯ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ସହାୟତାର ଆବଶ୍ୟକତା ରହିଛି। ତେଣୁ ତିତ୍‌ଲି କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରି କେନ୍ଦ୍ର ସରକାର ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

▪ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସହଯୋଗ ଲୋଡ଼ିଲେ

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ପ୍ରସ୍ତାବିତ ପେଟ୍ରୋଲିୟମ ମନ୍ତ୍ରଣାଳୟର ବିଭିନ୍ନ ପ୍ରକଳ୍ପ ଓଡ଼ିଶାର ସ୍ୱାର୍ଥ ବିଶେଷକରି ଯୁବପିଢିଙ୍କ ପାଇଁ ଚାକିରି ଓ ରୋଜଗାର ସମ୍ଭାବନା ଆଣିଛି। ମାତ୍ର ରାଜ୍ୟ ସରକାର ଏଥିପାଇଁ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷୋଭ ପ୍ରକାଶ କରିଛନ୍ତି। ଦେଶର ଇସ୍ପାତ ପେଣ୍ଠସ୍ଥଳୀ ଭାବେ ଓଡିଶା ପରିଚିତ। ମାତ୍ର ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡିଶା ଗ୍ୟାସ ଓ ପେଟ୍ରୋକେମିକାଲ୍ସ ଶିଳ୍ପର ପେଣ୍ଠସ୍ଥଳୀ ଭାବେ ଦେଶରେ ପରିଚିତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଥିବା ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ପାରାଦୀପ ପୂର୍ବ ଭାରତର ପେଟ୍ରୋଲିୟମ ଶିଳ୍ପର ପ୍ରବେଶ ପଥ ଭାବେ ବିକଶିତ ହେଉଛି। ୨୦୧୩-୧୪ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦରରେ ପେଟ୍ରୋଲିୟମ ପଦାର୍ଥର ପରିବହନର ମାତ୍ରା ୧୭.୭୦ ଏମ୍‌ଏମ୍‌ଟି ଥିଲା। ୨୦୧୭-୧୮ ସୁଦ୍ଧା ଏହା ପାଖାପାଖି ଦୁଇଗୁଣା ହୋଇ ୩୩.୭୮ ଏମ୍‌ଏମ୍‌ଟିରେ ପହଞ୍ଚିଛି। ୪୦ ହଜାର କୋଟି ଟଙ୍କାର ୧୫ ଏମ୍‌ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ପାରାଦୀପ ତୈଳ ରିଫାଇନେରି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ସହ ତୈଳ ଓ ଗ୍ୟାସ କ୍ଷେତ୍ରର ନୂଆ ନୂଆ ପ୍ରକଳ୍ପରେ ପୁଞ୍ଜି ନିବେଶ ହୋଇଛି । ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ଜମି ଯୋଗାଇଦେବା ମାମଲାରେ ୫ଟି ବୃହତ୍ ପ୍ରକଳ୍ପ ଲାଗି ଦୀର୍ଘଦିନର ଆବେଦନ ପଡି ରହିଛି । ଏହି ପ୍ରକଳ୍ପଗୁଡିକ ମଧ୍ୟରେ ୧୫ରୁ ୨୫ଏମଏମ୍‌ଟିପିଏକୁ ପାରାଦୀପ ତୈଳ ବିଶୋଧନାଗାରର କ୍ଷମତା ବୃଦ୍ଧି, ପେଟ୍‌କୋକ୍‌ଗ୍ୟାସିଫିକେଶନ ପ୍ରକଳ୍ପ, ପିଏକ୍ସ/ପିଟିଏ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଜାଗା, ଭଦ୍ରକରେ ଟେକ୍ସଟାଇଲ ପ୍ରକଳ୍ପ ପାଇଁ ଜମି ଯୋଗାଇ ଦେବା ପାଇଁ ଦରଖାସ୍ତ ଦିଆଯାଇଥିଲା। ଏହାସତ୍ତ୍ୱେ ରାଜ୍ୟ ସରକାର ଏହା ଉପରେ କୌଣସି ପଦକ୍ଷେପ ନେଉନାହାନ୍ତି । ଓଡିଶାରେ ପେଟ୍ରୋକେମିକାଲ ପ୍ରକଳ୍ପ ପାଇଁ ବିଦେଶରେ ରୋଡ ଶୋ' କରିଥିଲେ ମଧ୍ୟ ଇଣ୍ଡିଆନ୍ ଅଏଲ ସହଯୋଗରେ ଆସୁଥିବା ବିଭିନ୍ନ ପୁଞ୍ଜିନିବେଶକାରୀଙ୍କୁ ରାଜ୍ୟ ସରକାର ସହଯୋଗ କରୁନାହାନ୍ତି। ତାଙ୍କ ଅନୁରୋଧ କ୍ରମେ ତାଇୱାନ ସରକାରଙ୍କ ପେଟ୍ରୋଲିୟମ ଫାର୍ମ ସିପିସି କର୍ପୋରେଶନ ୪୩ହଜାର କୋଟି ଟଙ୍କା ବିନିଯୋଗ କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଜମି, ଜଳ, ବିଜୁଳି ଓ ପରିବହନ ଆବଶ୍ୟକତାକୁ ପୂରଣ କରିବାକୁ ରାଜ୍ୟ ସରକାର ଆଗ୍ରହ ଦେଖାଉନାହାନ୍ତି। ତାଇୱାନ ସରକାରଙ୍କ କମ୍ପାନୀ ସହ ଇଣ୍ଡିଆନ୍ ଅଏଲର ମୋଟ ୮୩ ହଜାର କୋଟି ଟଙ୍କା ପୁଞ୍ଜିନିବେଶ ହେଲେ ଓଡିଶାର ଅର୍ଥନୀତିକୁ ସୁଦୃଢ କରିବା ସହ ଯୁବପିଢିମାନଙ୍କ ପାଇଁ ସହାୟକ ହେବ। ଉପଯୁକ୍ତ ସାହାଯ୍ୟ ଓ ସହଯୋଗ ଦେବା ପାଇଁ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଧର୍ମେନ୍ଦ୍ର ଚିଠିରେ ଅନୁରୋଧ କରିଛନ୍ତି।

କାର୍ଯ୍ୟ ନୁହେଁ କଥାରେ ବିଶ୍ୱାସ କରନ୍ତି ଧର୍ମେନ୍ଦ୍ର: ବିଜେଡି

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁ ଚିଠି ଲେଖିଛନ୍ତି, ତାହା ପ୍ରଚାର ସର୍ବସ୍ୱ। ଅନେକ ସମୟରେ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟଗୁଡିକରୁ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ପ୍ରଦାନ କରିବାକୁ ଆବେଦନ କରାଯାଇଥାଏ। ରାଜ୍ୟ ସରକାର ମଧ୍ୟ କେନ୍ଦ୍ରୀୟ ପ୍ରକଳ୍ପଗୁଡିକ ପାଇଁ ଗତ ୧୮ବର୍ଷ ମଧ୍ୟରେ ଅନେକ ଜମି ପ୍ରଦାନ କରିଛନ୍ତି। ଦକ୍ଷତାବିକାଶ ଅନୁଷ୍ଠାନ ପାଇଁ ମଧ୍ୟ ସରକାର ଜମି ଦେଇଛନ୍ତି ବର୍ତ୍ତମାନ ପର୍ଯ୍ୟନ୍ତ ତା'ଉପରେ ଗୋଟିଏ ଇଟା ମଧ୍ୟ ଦକ୍ଷତା ବିକାଶ କେନ୍ଦ୍ରମନ୍ତ୍ରୀ ରଖିପାରି ନାହାନ୍ତି। କାହିଁକି ଏ ପର୍ଯ୍ୟନ୍ତ ଜମି ଯୋଗାଇଦେବା ସତ୍ତ୍ୱେ ତାଙ୍କ ମନ୍ତ୍ରଣାଳୟ ଏହି କେନ୍ଦ୍ରୀୟ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାରେ ବିଫଳ ହୋଇଛନ୍ତି, ତା'ର ଉତ୍ତର ରଖନ୍ତୁ ବୋଲି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ପ୍ରଶ୍ନ କରିଛନ୍ତି। ବାକ୍ୟ ଓ ପ୍ରଚାର ସର୍ବସ୍ୱ ନ ହୋଇ ଯଦି ଭାଜପା ଓ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟରତ ରୁହନ୍ତେ, ତେବେ ତାଙ୍କର ସ୍ଥାଣୁତା ଏ ପ୍ରକାର ଭାବେ ଲୋକଲୋଚନକୁ ଆସନ୍ତା ନାହିଁ। କେନ୍ଦ୍ରମନ୍ତ୍ରୀ କାର୍ଯ୍ୟ ନୁହେଁ, କେବଳ କଥାରେ ବିଶ୍ୱାସ କରନ୍ତି। ମାତ୍ର ରାଜ୍ୟ ସରକାର କଥାରେ ନୁହେଁ, କାର୍ଯ୍ୟରେ ବିଶ୍ୱାସ କରନ୍ତି ବୋଲି ସସ୍ମିତ କହିଛନ୍ତି।

DSPL - 289

DSPL-290

ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ- ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି- ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ।

-ଶ୍ରୀଅରବିନ୍ଦ

ବୋଲକରା ହୁଅନା

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ନର ପଦରୁ ଉର୍ଜିତ ପଟେଲଙ୍କ ଆକସ୍ମିକ ବିଦାୟ ଏବଂ ଅବିଳମ୍ବେ ତାଙ୍କ ସ୍ଥାନରେ ଭୁବନେଶ୍ୱର-ଜନ୍ମିତ ତାମିଲନାଡୁ କ୍ୟାଡର ଆଇଏଏସ୍ ଅଫିସର ଶକ୍ତିକାନ୍ତ ଦାସଙ୍କୁ ନିଯୁକ୍ତି ଦିଆଯିବା ଘଟଣା ପଛରେ କିଛି ରହସ୍ୟ ରହିଛି। କାରଣ ଶକ୍ତିକାନ୍ତ ଅତୀତରେ ମୋଦି ସରକାରଙ୍କ ବହୁ ଆସ୍ଫାଳନଭରା ବିମୁଦ୍ରୀକରଣ କାର୍ଯ୍ୟର ତଦାରଖ କରିଥିଲେ। ତୁଙ୍ଗ ଅଧିକାରୀମାନଙ୍କୁ ଆକସ୍ମିକ ଭାବେ ଅଦଳବଦଳ କରିବା ଏ ସରକାରଙ୍କ ପାଇଁ କିଛି ନୂଆ କଥା ନୁହେଁ। ପଟେଲଙ୍କ ପୂର୍ବରୁ ସରକାରଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମତଭେଦ ଘଟିବାରୁ ରଘୁରାମ ରାଜନ୍‌ଙ୍କୁ ସରକାରଙ୍କ କ୍ରୋଧର ଶରବ୍ୟ ହେବାକୁ ପଡ଼ିଥିଲା। ତାଙ୍କ ପୂର୍ବରୁ ନୀତି ଆୟୋଗର ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ ଏବଂ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ୍ ଇସ୍ତଫା ଦେଇଥିଲେ। ପଟେଲଙ୍କ ବିଦାୟ ବେଳକୁ ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାକୁ ନେଇ ସରକାରଙ୍କ ସହ ଏହାର ବିବାଦ ଚରମରେ ପହଞ୍ଚିଥିଲା। କେନ୍ଦ୍ର ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ବିବାଦ ଏକ ବ୍ୟତିକ୍ରମ ବଦଳରେ ଏକ ସାଧାରଣ କଥାରେ ପରିଣତ ହୋଇଯାଇଛି। ଗତ ଦେଢ଼ ଦଶନ୍ଧି ଭିତରେ ଏହା ଚରମରେ ପହଞ୍ଚିଛି।

ପଟେଲ ଇସ୍ତଫା ଦେବାର ୨୪ ଘଣ୍ଟା ଭିତରେ ଦାସଙ୍କ ନାମ ଘୋଷଣା କରାଯିବା ଏକ ଅପ୍ରତ୍ୟାଶିତ ଘଟଣା ନୁହେଁ, ବରଂ ଏହା ସୁଚିନ୍ତିତ ଭାବେ କରାଯାଇଛି। ସରକାରଙ୍କ ପାଖରେ ସର୍ବଦା 'ହାଁ ଜୀ' କରିବା ପାଇଁ ଜଣାଶୁଣା ବାବୁ ଶକ୍ତିକାନ୍ତ ଦାସ ମଧ୍ୟ ଏହା ଜଣାଇ ଦେଇଛନ୍ତି ଯେ, ସରକାର ନଇଁବାକୁ କହିଲେ ସେ ଗୁରୁଣ୍ଡିବାକୁ ପ୍ରସ୍ତୁତ। ତାଙ୍କ ନାମ ଘୋଷଣା ହେବାର ଇତିମଧ୍ୟରେ ୨୪ ଘଣ୍ଟା ବି ଅତିକ୍ରାନ୍ତ ହୋଇନାହିଁ, ସେ ସର୍ବସାଧାରଣରେ ପ୍ରକାଶ କରିଛନ୍ତି ଯେ, ସେ ସରକାରଙ୍କ ସହ ଶାନ୍ତିପୂର୍ଣ୍ଣ ସମ୍ପର୍କ ରକ୍ଷା କରିବେ। ଏଥିରୁ ଜଣାପଡ଼ୁଛି ଯେ, ସେ କେବେହେଲେ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସରକାରଙ୍କ ସହ ମୁହାଁମୁହିଁ ହେବେ ନାହିଁ। ମାତ୍ର ତାହା ସ୍ପୃହଣୀୟ ନୁହେଁ। ରିଜର୍ଭ ବ୍ୟାଙ୍କର ସର୍ବୋଚ୍ଚ ପଦରେ ଜଣେ 'ହାଁ ଜୀ' ମଣିଷ କେବେହେଲେ ବ୍ୟାଙ୍କର ଉତ୍ତମ ଭାବମୂର୍ତ୍ତି ରକ୍ଷାରେ ସହାୟକ ହୋଇପାରିବେ ନାହିଁ। ବିଶ୍ୱ ବଜାର ତଥା ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ଏହାକୁ ଭଲ ଦୃଷ୍ଟିରେ ଦେଖିବ ନାହିଁ। ୨୦୦୮ରେ ଦେଖାଦେଇଥିବା ବିଶ୍ୱ ମାନ୍ଦାବସ୍ଥା ଏବଂ ପୂର୍ବ ଏସୀୟ ଅଚଳାବସ୍ଥା ସମୟରେ ଆମ ରିଜର୍ଭ ବ୍ୟାଙ୍କ ଭଲ ପ୍ରଦର୍ଶନ କରିଥିଲା। ସାରା ବିଶ୍ୱରେ ଆମ ରିଜର୍ଭ ବ୍ୟାଙ୍କର ସମ୍ମାନ ବଢ଼ିଥିଲା। କାରଣ ବିଶ୍ୱ ମାନ୍ଦାବସ୍ଥା ସମୟରେ ଏହା ଭାରତୀୟ ଅର୍ଥନୀତିକୁ ତା'ର ପ୍ରଭାବରୁ ମୁକ୍ତ ରଖିବାରେ ଅନେକାଂଶରେ ସଫଳ ହୋଇଥିଲା। ଏଥିପାଇଁ ଆମ ସରକାର କିଛି ପରିମାଣରେ ସମ୍ମାନର ଅଧିକାରୀ ହୋଇଥିଲେ। ତେବେ ସରକାରଙ୍କ ସହ ବ୍ୟାଙ୍କ ବୁଝାମଣା କରିବା ଫଳରେ ଚଳିତ ବର୍ଷ ସେହି ସମ୍ମାନ କିଛି ପରିମାଣରେ ହ୍ରାସ ପାଇଛି। ଗତ କିଛି ମାସ ଭିତରେ ଘଟିଥିବା ଘଟଣା ଏକ ପ୍ରକାର ଆନୁଷ୍ଠାନିକ ସଙ୍କଟକୁ ଡାକି ଆଣିଛି। ଏବେ ଯେଉଁ ପରିସ୍ଥିତିରେ ଦାସ ବ୍ୟାଙ୍କର ମୁଖ୍ୟ ପଦରେ ନିଯୁକ୍ତ ହେଲେ, ସେ କେବେହେଲେ ସମୀକ୍ଷାକୁ ଏଡ଼ାଇଯାଇ ପାରିବେ ନାହିଁ। ତାଙ୍କର ଅଧିକାଂଶ ପୂର୍ବସୂରିଙ୍କ ଭଳି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବିଶେଷ ଅନୁଭୂତିକୁ ନେଇ ସେ ଏହି ପଦରେ ନିଯୁକ୍ତ ହୋଇନାହାନ୍ତି। ତେବେ ନର୍ଥ ବ୍ଲକ୍‌ରେ ତାଙ୍କର ପୂର୍ବ ଭୂମିକାକୁ ନେଇ ଓ ଅର୍ଥନୀତି କ୍ଷେତ୍ରରେ ବିଶେଷ ଅଭିଜ୍ଞତା ନ ଥିବା ଯୋଗୁ ସେ ରିଜର୍ଭ ବ୍ୟାଙ୍କର ନୂତନ ଗଭର୍ନର ଭାବେ କ'ଣ କରିପାରିବେ ବା ନ ପାରିବେ ତାହା ଆମେ ବିଚାର କରିବା ଠିକ୍ ହେବ ନାହିଁ। ଆର୍‌ବିଆଇର ପଞ୍ଚବିଂଶ ଗଭର୍ନର ଭାବେ ସେ କ'ଣ କରୁଛନ୍ତି, ତାହା ଦେଖିବା ପରେ ସେଥିରୁ ହିଁ ତାଙ୍କର ଦକ୍ଷତା ବିଚାର କରିବା ଯୁକ୍ତିଯୁକ୍ତ ହେବ।

ମୋଦି ସରକାର ଏବେ ତାଙ୍କ ଅବଧିର ଶେଷ ପର୍ଯ୍ୟାୟରେ ଉପନୀତ ହୋଇଥିବା ବେଳେ ନିକଟରେ ପାଞ୍ଚଟି ରାଜ୍ୟରେ ହୋଇଥିବା ନିର୍ବାଚନ ଫଳାଫଳକୁ ନେଇ ଯେପରି ଭାବେ ଦୋହଲିଯାଇଛନ୍ତି, ତାହା ଆଗରୁ କେବେ ଘଟି ନ ଥିଲା। ଦେଶର ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଶାସକ ଦଳର ଗୈରିକ ରଙ୍ଗ ଧଳା ହୋଇଯାଇଛି। ତେଲେଙ୍ଗାନା ଓ ମିଜୋରାମରେ ବି ଦଳ ଭଲ ପ୍ରଦର୍ଶନ କରିପାରି ନାହିଁ। ଦଳ ଯାହା ଦାବି କରୁଥିଲା, ତାହା ସମ୍ପୂର୍ଣ୍ଣ ଓଲଟା ଘଟିଲା। ଏପରି କି ପ୍ରଥମ ଭୋଟ ଗଣତି ଆରମ୍ଭ ହେବା ପୂର୍ବରୁ ହିଁ ଦଳ ନିଜ ବିପର୍ଯ୍ୟୟର ଗନ୍ଧ ବାରିପାରିଥିଲା। ଜନମତ ସର୍ଭେରୁ ଏହି ପୂର୍ବାନୁମାନ ପ୍ରକାଶ ପାଇଥିଲା। ଦେଶ ସାରା କୃଷକମାନଙ୍କ ଦୁର୍ଦ୍ଦଶା ଓ ଅସନ୍ତୋଷକୁ ଭାଜପାର ନିର୍ବାଚନୀ ପତନର କାରଣ ଭାବେ ଦର୍ଶାଯାଉଛି। ତେଣୁ ସରକାର ଦେଶର ଅର୍ଥନୀତିକୁ ସୁଧାରିବା ଦରକାର ଏବଂ ଆର୍‌ବିଆଇ ଯଦି ଉଚିତ ପଦକ୍ଷେପ ନ ନିଏ, ତେବେ ତାହା ସମ୍ଭବ ହୋଇପାରିବ ନାହିଁ। ୧୧ଟି ଦୁର୍ବଳ ବ୍ୟାଙ୍କ ପାଇଁ ଋଣ ପ୍ରଦାନର ନିୟମକୁ ଆର୍‌ବିଆଇ କୋହଳ କରୁ ବୋଲି ସରକାର ଚାହାନ୍ତି। ସରକାର ଚାହାନ୍ତି ଆର୍‌ବିଆଇ ତା'ର 'ଫେବୃୟାରୀ ସର୍କୁଲାର'କୁ ପ୍ରତ୍ୟାହାର କରିନେଉ, ଯାହାଦ୍ୱାରା ବ୍ୟାଙ୍କଗୁଡ଼ିକ ସମସ୍ତ ଅସମାହିତ ଋଣ ମାମଲାକୁ ଆଇବିସି ଅଧୀନକୁ ଆଣିବାକୁ ବାଧ୍ୟ ହେଉଛନ୍ତି। ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ପାଇଁ ମଧ୍ୟ ସରକାର ଚାହାନ୍ତି ରିଜର୍ଭ ବ୍ୟାଙ୍କ ତାଙ୍କର ମାତ୍ରାଧିକ ରିଜର୍ଭ (ଟଙ୍କା) ପ୍ରଦାନରେ ସହଯୋଗ କରୁ। ଆମେ ଆଶା କରୁଛୁ ନୂଆ ଗଭର୍ନର ସରକାରଙ୍କ ବୋଲକରା ତଥା ସୁବିଧାବାଦୀ ନ ହୋଇ ନିଜର ପଦମର୍ଯ୍ୟାଦା ତଥା ସର୍ବୋଚ୍ଚ ବ୍ୟାଙ୍କର ଉଚ୍ଚ ପରମ୍ପରାକୁ ବଜାୟ ରଖିବେ। ସେ ନିଜର ତଥା ବ୍ୟାଙ୍କର ସ୍ୱତନ୍ତ୍ରତାକୁ କିପରି ଗୁରୁତ୍ୱ ଦେଉଛନ୍ତି, ସେଥିରୁ ହିଁ ତାଙ୍କର ଦକ୍ଷତା ବିଚାର କରାଯିବ। ସେଥିରେ ହାନି ଘଟିଲେ ବିତ୍ତ ବଜାର ତଥା ନିବେଶକମାନେ ତାକୁ ଭଲ ଦୃଷ୍ଟିରେ ନେବେ ନାହିଁ।

ଆଜିର ଅର୍ଥନୀତି

ବିରଳ ଗଙ୍ଗାଜଳ

ଡ. ଗୌରୀଶଙ୍କର ସାହୁ

ଗଙ୍ଗାନଦୀ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ହିନ୍ଦୁ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା ପାପନାଶିନୀ ଓ ମୋକ୍ଷଦାୟିନୀ ବୋଲି ବିଶ୍ୱାସ ରହିଛି। ଲୋକେ ଗଙ୍ଗାନଦୀ ନୁହେଁ ବରଂ ଗଙ୍ଗାମାତା ବୋଲି କହିଥାନ୍ତି। ଏସବୁ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଯେ ଗଙ୍ଗାଜଳ ବିରଳ ଏ ସମ୍ବନ୍ଧରେ ଆଲୋଚନା ଖୁବ୍ କମ୍ ହୁଏ। ଗଙ୍ଗାଜଳର ରୋଗପ୍ରତିରୋଧକ କ୍ଷମତା ସମ୍ବନ୍ଧୀୟ ଗବେଷଣାତ୍ମକ ନିଷ୍କର୍ଷ ମଧ୍ୟ ବହୁତ କମ୍ ଲୋକ ଜାଣନ୍ତି, ଯଦିଓ ଆମେ ସମସ୍ତେ ଅନୁଭବ କରୁଛେ ଯେ, ଗଙ୍ଗାଜଳ ବାକି ନଦୀର ଜଳଠାରୁ ଭିନ୍ନ। ସାଧାରଣ ନଦୀ, କୂଅ, ପୋଖରୀର ଜଳକୁ ବୋତଲରେ ବନ୍ଦ କରି ରଖିଲେ କିଛିଦିନ ପରେ ସେଥିରୁ ଦୁର୍ଗନ୍ଧ ବାହାରିବ କିନ୍ତୁ ଗଙ୍ଗାଜଳ ବର୍ଷ ବର୍ଷ ଧରି ସତେଜ ରହିଥାଏ। ତେଣୁ ଘରେ ଗଙ୍ଗାଜଳ ରଖି ଆବଶ୍ୟକ ଅନୁସାରେ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରାଯାଏ, ଦୀର୍ଘଦିନ ଧରି।

ପ୍ରତିଦିନ ହଜାର ହଜାର ଲୋକ ଗଙ୍ଗାନଦୀ କୂଳରେ ଅବସ୍ଥିତ ଧାର୍ମିକ ସ୍ଥଳୀଗୁଡ଼ିକୁ ତୀର୍ଥ କରିବାକୁ ଯାଆନ୍ତି। ଦର୍ଶନ ପୂର୍ବରୁ କେହି ଗଙ୍ଗାନଦୀରେ ସ୍ନାନ କରିବାକୁ ଭୁଲନ୍ତି ନାହିଁ। ଉତ୍ତରପ୍ରଦେଶର ପ୍ରୟାଗରାଜ ସହର ନିକଟବର୍ତ୍ତୀ ଗଙ୍ଗାନଦୀ କୂଳରେ ତ ପ୍ରତି ବାରବର୍ଷରେ ଥରେ ଯେଉଁ କୁମ୍ଭମେଳା ଅନୁଷ୍ଠିତ ହୁଏ ସେଠାରେ ବିଶ୍ୱର ସବୁଠାରୁ ଅଧିକ ଜନସମାଗମ ହୁଏ। ତଥାପି କୁମ୍ଭମେଳା ସମୟରେ ମହାମାରୀ ନ ବ୍ୟାପିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା। ଏହା ବିଶିଷ୍ଟ ବ୍ରିଟିଶ ଗବେଷକ ପ୍ରଫେସର ଅର୍ଣ୍ଣେଷ୍ଟ ହାନ୍‌ବରୀ ହାନ୍‌କିନ୍‌ଙ୍କୁ ଗବେଷଣା ପାଇଁ ଆକୃଷ୍ଟ କରିଥିଲା। ସେ ଭାରତ ଆସି ଗଙ୍ଗାନଦୀ କୂଳରେ ଡେରା ପକାଇଲେ। ଦୀର୍ଘଦିନର ଗବେଷଣା ପରେ ସେ ଯେଉଁ ନିଷ୍କର୍ଷର ଉନ୍ମୋଚନ କରିଥିଲେ ତାହା ଯୁଗାନ୍ତକାରୀ ଥିଲା। ସେ ପ୍ରମାଣିତ କରି ଦେଖାଇଲେ ଯେ ହଇଜା ରୋଗର କାରକ 'ଭାଇବ୍ରିଓ କଲେରୀ' ନାମକ ଅଣୁଜୀବ ଗଙ୍ଗାଜଳ ସଂସ୍ପର୍ଶରେ ଆସି ମାତ୍ର ୩ ଘଣ୍ଟାରେ ମୃତ୍ୟୁବରଣ କରୁଛନ୍ତି। ଏହା ପୂର୍ବରୁ ପ୍ରଫେସର କ୍ରିଲୋଭ୍ ରୁଷର ପ୍ରସିଦ୍ଧ ନଦୀ ଭଲ୍‌ଗାର ଜଳ ଉପରେ ଗବେଷଣା କରି ଦେଖିଥିଲେ ଯେ, ଏହି ନଦୀର ଜଳରେ 'ଭାଇବ୍ରିଓ କଲେରୀ' ଅଣୁଜୀବ ପ୍ରାୟ ୫୬୮ ଦିନ ଧରି ବଞ୍ଚିରହୁଛି। ଜାପାନୀ ବୈଜ୍ଞାନିକ ୟାନୋ ଗବେଷଣା କରି ଦେଖାଇଥିଲେ ଯେ, ବିଶୁଦ୍ଧ ଜଳରେ ପ୍ରାୟ ୨୪୫ ଦିନ ପର୍ଯ୍ୟନ୍ତ ବଞ୍ଚିରହେ ଭାଇବ୍ରିଓ କଲେରୀ ଅଣୁଜୀବ। ଅର୍ଥାତ୍ ଖାଲି ଅନ୍ୟାନ୍ୟ ସାଧାରଣ ନଦୀ ନୁହେଁ ବରଂ ବିଶୁଦ୍ଧ ଜଳଠାରୁ ଉତ୍ତମମାନର ଅଟେ ଗଙ୍ଗାଜଳ। ଏହା ବିଶ୍ୱରେ ବିରଳ। ହାନ୍‌କିନ୍‌ଙ୍କ ଗବେଷଣାରୁ ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଲା। ଉତ୍ତପ୍ତ କଲା ପରେ ଗଙ୍ଗାଜଳର ଅଣୁଜୀବମାରକ ଗୁଣ ହ୍ରାସ ପାଇଥାଏ। ପ୍ରଫେସର ହାନ୍‌କିନ୍‌ଙ୍କ ଗବେଷଣାତ୍ମକ ନିଷ୍କର୍ଷ ବିଶ୍ୱର ଏକ ସମ୍ଭ୍ରାନ୍ତ ଜର୍ନାଲ 'ଆନାଲେସ୍ ଡି ଇନ୍‌ଷ୍ଟିଚ୍ୟୁଟ୍ ପାଷ୍ଟର'ର ସଂଖ୍ୟା ୧୦, ପୃଷ୍ଠା ୫୧୧-୫୨୩ରେ ୧୮୯୬ ସାଲରେ ପ୍ରକାଶିତ ହେଲା। ଏହା ସେତେବେଳେ ସମଗ୍ର ବିଶ୍ୱର ଜନମାନସକୁ ଆନ୍ଦୋଳିତ କରିଥିଲା।

୧୯୨୭ ସାଲରେ ହଇଜା ଉପରେ ବ୍ୟାପକ ଗବେଷଣା ପାଇଁ ଭାରତ ଆସିଲେ ବିଶିଷ୍ଟ ଗବେଷକ ପ୍ରଫେସର ଫେଲିକ୍ସ ଡି' ହେରେଲ୍। ତାଙ୍କ ସହଯୋଗୀ ହିସାବରେ କାମ କରିବା ପାଇଁ ରହିଲେ ମାକ୍ ଗିଲ୍ ବିଶ୍ୱବିଦ୍ୟାଳୟର ଡାକ୍ତର ମାଲୋନ୍ ଓ ଭାରତୀୟ ଡାକ୍ତର ଲାହିଡ଼ି। ସେମାନେ ଗବେଷଣା କରି ଦେଖିଲେ ଯେ ଖାଲି 'ଭାଇବ୍ରିଓ କଲେରୀ' ନୁହେଁ ବରଂ ଝାଡ଼ା ରୋଗର ଜୀବାଣୁ 'ବାଲାଣ୍ଟିଡିଅମ୍ କୋଲି' ଗଙ୍ଗାଜଳ ସଂସ୍ପର୍ଶରେ ଆସି ମାତ୍ର ୪ ଘଣ୍ଟାରେ ମୃତ୍ୟୁମୁଖରେ ପଡୁଛି।

ପ୍ରଫେସର ଡି' ହେରେଲ୍ ମତବ୍ୟକ୍ତ କରିଥିଲେ ଯେ, ଗଙ୍ଗାଜଳରେ ଦେବଦୂତ ପରି ଗୋଟିଏ ଅଣୁଜୀବ ରହିଛି, ସେ ଯାହାର ନାଁ ଦେଇଥିଲେ 'ବ୍ୟାକ୍ଟେରିଓଫେଜ୍'। ଏହି 'ବ୍ୟାକ୍ଟେରିଓଫେଜ୍' ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ହାନିକାରକ ନୁହେଁ, ମାତ୍ର ମଣିଷ ଓ ଜୀବଜନ୍ତୁଙ୍କ ପାଇଁ କ୍ଷତିକାରକ ଅଣୁଜୀବମାନଙ୍କୁ ନଷ୍ଟ କରିଦେଇଥାଏ। ଫଳରେ ଗଙ୍ଗାଜଳ ବର୍ଷ ବର୍ଷ ଧରି ପାନୀୟ ଉପଯୋଗୀ ଓ ମଣିଷ ପାଇଁ ହିତକାରକ ହୋଇ ରହିଥାଏ। ଏହି 'ବ୍ୟାକ୍ଟେରିଓଫେଜ୍'ର ଉପସ୍ଥିତି ଗଙ୍ଗାଜଳକୁ ବର୍ଷ ବର୍ଷ ଧରି ସତେଜ ରଖିଥାଏ। ମଣିଷ ସମାଜକୁ ମହାମାରୀ ଦାଉରୁ ରକ୍ଷା କରିଥାଏ। ବର୍ତ୍ତମାନ ସୁଦ୍ଧା ବିଶ୍ୱର ଆଉ କୌଣସି ନଦୀ ଜଳରେ ଏପରି ଔଷଧୀୟ ଗୁଣ ରହିଥିବାର ପ୍ରମାଣ ମିଳିନାହିଁ। ଏଥିପାଇଁ ବିଶ୍ୱରେ ବିରଳ ଗଙ୍ଗାଜଳ। ପ୍ରଫେସର ଡି'ହେରେଲ୍‌ଙ୍କ ଗବେଷଣାତ୍ମକ ନିବନ୍ଧ 'ୟାଲେ ଜର୍ନାଲ୍ ଅଫ୍ ବାୟୋଲୋଜି ଓ ମେଡିସିନ୍'ର ସଂଖ୍ୟା ୧ (୪), ପୃଷ୍ଠା ୧୯୫-୨୧୯ରେ ୧୯୨୯ ସାଲ୍‌ରେ ପ୍ରକାଶିତ ହୋଇଥିଲା। ତତ୍କାଳୀନ ବ୍ରିଟିଶ୍ ସରକାର ଡି'ହେରେଲଙ୍କ ଗବେଷଣାକୁ ପ୍ରୋତ୍ସାହନ ପ୍ରଦାନ କରିଥିଲେ।

ଭାରତ ସ୍ୱାଧୀନ ହେବା ପରେ ଗଙ୍ଗାନଦୀର ଜଳ ସମ୍ବନ୍ଧରେ ଯେଉଁଭଳି ଗବେଷଣା ହେବାକଥା ହୋଇନାହିଁ। ବହୁବର୍ଷ ବ୍ୟବଧାନରେ ୨୩ ସେପ୍ଟେମ୍ବର ୨୦୦୮ରେ ପ୍ରଫେସର ଚନ୍ଦ୍ରଶେଖର ନୌଟିଆଲଙ୍କ ଏକ ନିବନ୍ଧ 'କରେଣ୍ଟ ମାଇକ୍ରୋବାୟୋଲୋଜି' ନାମକ ବିଶ୍ୱର ଏକ ସମ୍ଭ୍ରାନ୍ତ ଜର୍ନାଲର ସଂଖ୍ୟା ୫୮, ପୃଷ୍ଠା୨୫-୨୯ରେ ପ୍ରକାଶିତ ହୋଇଛି। ସେ ପ୍ରମାଣ କରି ଦେଖାଇଛନ୍ତି ଯେ, ଝାଡ଼ା ରୋଗର କାରକ 'ଇଶ୍ଚେରିଆ କୋଲି' ଜୀବାଣୁ ସଜ ଗଙ୍ଗାଜଳ ସଂସ୍ପର୍ଶରେ ଆସି ୩ ଦିନରେ ମୃତ୍ୟୁବରଣ କରୁଥିବା ବେଳେ ୮ ବର୍ଷର ପୁରୁଣା ଗଙ୍ଗାଜଳରେ ୭ ଦିନରେ ଓ ୧୬ ବର୍ଷ ପୁରୁଣା ଗଙ୍ଗାଜଳରେ ୧୫ ଦିନରେ ମୃତ୍ୟୁବରଣ କରେ। ଅର୍ଥାତ୍ ଗଙ୍ଗାଜଳ ବିଭିନ୍ନ ପ୍ରକାରର ଜୀବାଣୁ, ଭୂତାଣୁ, କୀଟାଣୁ ପ୍ରଭୃତି ଅଣୁଜୀବମାନଙ୍କୁ ନଷ୍ଟକରି ମାନବ କଲ୍ୟାଣକାରୀ ଦେବୀ ରୂପେ ଉଭା ହୋଇଛି। ସଜ ଗଙ୍ଗାଜଳ ସବୁଠାରୁ ଉତ୍ତମ ଓ ସମୟକ୍ରମେ ଏହାର ଗୁଣବତ୍ତା ହ୍ରାସ ପାଇଥାଏ।

'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ।' ଆମେ ପ୍ରକୃତିର ଏ ସ୍ୱର୍ଗୀୟ ଦାନକୁ ନଷ୍ଟ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିଚାଲିଛେ। ଗଙ୍ଗାକୂଳରେ ଗଢ଼ିଉଠିଛି କାନପୁର ପରି ଶିଳ୍ପାଞ୍ଚଳ। ଏହି ଶିଳ୍ପାଞ୍ଚଳରୁ ନିର୍ଗତ ବର୍ଜ୍ୟବସ୍ତୁ ଯଥା- ଦସ୍ତା, ଷ୍ଟ୍ରୋନ୍ସିଅମ୍ ଓ କ୍ରୋମିଅମ୍ ପ୍ରଭୃତିକୁ ଗଙ୍ଗା ନଦୀକୁ ଛଡାଯାଉଛି। ଏହି ବିଷ ଖାଲି ଜଳକୁ ପ୍ରଦୂଷିତ କରୁନାହିଁ ବରଂ ଖାଦ୍ୟପଦାର୍ଥକୁ ବିଷାକ୍ତ କରୁଛି। ଏ ପୃଷ୍ଠଭୂମିରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ଗବେଷକ ପ୍ରଫେସର ଅଓ୍ୱଧେଶ କୁମାର ରାଏଙ୍କ ଗବେଷଣା ପ୍ରଣିଧାନଯୋଗ୍ୟ। ସେ କାନପୁର ନିକଟବର୍ତ୍ତୀ ଗଙ୍ଗାନଦୀର ଜଳ ମାଡୁଥିବା ଶସ୍ୟକ୍ଷେତ୍ର ଓ ବାଡିବଗିଚାରୁ ମିଳୁଥିବା ଧାନ, ସୋରିଷ, ଟମାଟୋ ଉପରେ ଗବେଷଣା କରି ଦେଖିଲେ ଏହି ଶସ୍ୟ ଓ ପନିପରିବାରେ ବିଷାକ୍ତ ଦସ୍ତା, ଷ୍ଟ୍ରୋନ୍ସିଅମ୍ ଓ କ୍ରୋମିଅମ୍ ପ୍ରଭୃତି ଧାତୁ ଭରିରହିଛି। ଏ ବିଷୟକ ଏକାଧିକ ନିବନ୍ଧ ସେ ବିଶ୍ୱର ବିଭିନ୍ନ ସମ୍ଭ୍ରାନ୍ତ ଜର୍ନାଲରେ ପ୍ରକାଶ କରିଛନ୍ତି।

ଇଂରେଜମାନେ ଯେତେବେଳେ ରାମନାଳ ନାମକ ଗୋଟିଏ ବର୍ଜ୍ୟବସ୍ତୁ ନିଷ୍କାସନ ନାଳକୁ ଗଙ୍ଗାନଦୀରେ ମିଶାଇବା ପାଇଁ ଆଦେଶ ଦେଇଥିଲେ ମହାମନା ମଦନମୋହନ ମାଲବ୍ୟଙ୍କ ନେତୃତ୍ୱରେ ଏହାକୁ ଦୃଢ଼ ବିରୋଧ କରାଯାଇଥିଲା। କିନ୍ତୁ ଆଜି ସ୍ୱାଧୀନ ଭାରତରେ ଖାଲି ନାଳ ନୁହେଁ ବରଂ କଳକାରଖାନାର ବର୍ଜ୍ୟବସ୍ତୁ ଗଙ୍ଗାନଦୀକୁ ଛାଡି ଦିଆଯାଉଛି। ଏ ପୃଷ୍ଠଭୂମିରେ ଦୁଇଜଣ ପ୍ରସିଦ୍ଧ ବ୍ୟକ୍ତିଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ। ବିଶିଷ୍ଟ ପରିବେଶବିତ୍ ରାଜେନ୍ଦ୍ର ସିଂ କହନ୍ତି, ଝାଡ଼ା ବସିସାରିବା ପରେ ଗଙ୍ଗାକୁ ଗାଧୋଇବା ପାଇଁ ଯିବାକୁ ତାଙ୍କ ଘରେ ଛୋଟବେଳୁ ତାଗିଦ କରାଯାଇଛି। ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଗିରିଧର ମାଲବ୍ୟ କହନ୍ତି, ଛୋଟବେଳେ ସେ ଯେତେବେଳେ ପ୍ରାତଃସ୍ନାନ କରିବା ପାଇଁ ଗଙ୍ଗାନଦୀକୁ ଯାଆନ୍ତି ତାଙ୍କ ଘରେ ତାଗିଦ କରାଯାଏ ପ୍ରଥମେ ଘରେ ଗାଧୋଇ ତା' ପରେ ଗଙ୍ଗାନଦୀରେ ଗାଧୋଇବା ପାଇଁ। ଝାଳନାଳ ହୋଇ ଗଙ୍ଗାସ୍ନାନ କରିବା ମନା। ଏପରି ମାନସିକତା ରଖୁଥିବା ଭାରତୀୟ ସମାଜ ତୀର୍ଥଯାତ୍ରା ସମୟରେ ଗଙ୍ଗାଜଳକୁ ଏତେ ବ୍ୟାପକ ମାତ୍ରାରେ ପ୍ରଦୂଷିତ କରୁଛନ୍ତି ଦେଖିଲେ ଯେ କେହିବି ବିସ୍ମିତ ହେବ।

ଦୀର୍ଘ ଓ ନୀରୋଗ ଜୀବନଦାୟକ ଗଙ୍ଗାଜଳ ଖାଲି ଗଙ୍ଗାକୂଳରେ ବସବାସ କରୁଥିବା ୪୦ କୋଟି ଲୋକଙ୍କ ପାଇଁ ନୁହେଁ, ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ବସବାସ କରୁଥିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ମହତ୍ତ୍ୱପୂର୍ଣ୍ଣ। ୨୦୦୯ରେ ଜାତୀୟ ନଦୀର ମାନ୍ୟତା ପାଇଥିବା ଗଙ୍ଗାନଦୀ ଆମର ଜାତୀୟ ଆବଶ୍ୟକତା। ଆସନ୍ତୁ ସମସ୍ତେ 'ନିର୍ମଳ ଗଙ୍ଗା, ଅବିରଳ ଗଙ୍ଗା' ସ୍ଲୋଗାନକୁ ଏକ ଆନ୍ଦୋଳନରେ ପରିଣତ କରିବା।

ଖନ୍ଦାଡ଼ିପ, ରେଢ଼ାଖୋଲ, gourishankar
sahoo@gmail.com

ପିଲାଙ୍କ ଖେଳ: କାଲି ଓ ଆଜି

ରୁଦ୍ର ପ୍ରସନ୍ନ ରଥ

ଖେଳ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଖେଳକୁ ନେଇ ପିଲାମାନେ ସବୁବେଳେ ଉତ୍ସାହିତ ଥାଆନ୍ତି। ସୁଯୋଗ ପାଇଲା ମାନେ ଖେଳିବାକୁ ପଳାଇଯାଆନ୍ତି। କେତେବେଳେ ବାଗୁଡ଼ି ତ ଆଉ କେତେବେଳେ ବୋହୂଚୋରି, ପୁଣି କେତେବେଳେ ଡାଳମାଙ୍କୁଡ଼ି। କିଛି ନ ହେଲେ ଡାବଲପୁଆ ଆଉ କାଚବାଟି ମିଳିଗଲେ ପିଲାଙ୍କୁ ରୋକେ କିଏ? ଗାଁ ସଂସ୍କୃତିରେ କ୍ରିକେଟ ପଶିବାର ବହୁ ପୂର୍ବରୁ ଏ ଖେଳ ସବୁ ଆମ ସଭ୍ୟତା ଏବଂ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହୋଇ ରହିଥିଲା। ସ୍କୁଲ ଯିବା ପୂର୍ବରୁ ଖେଳ, ସ୍କୁଲରେ ଭୋଜନ ବିରତିରେ ଖେଳ, ସ୍କୁଲରୁ ଫେରିଲା ପରେ ବହିବସ୍ତାନି ଫୋପାଡି ଦେଇ ସାଙ୍ଗମାନଙ୍କ ସହ ମାତିଯାଇ ଖେଳ। ଏମିତି ହିଁ ପିଲାମାନଙ୍କର ପିଲାଦିନ କଟିଯାଉଥିଲା ତୋଟା ଆଉ ନଦୀପଠାରେ। ପୁଣି ରଜ ଆଦି ପର୍ବପର୍ବାଣି ବେଳେ ଡୁ ଡୁ ଖେଳରେ ଗାଁଟାଯାକର ପିଲା ଏକାଠି ହେଉଥିଲେ ପଡ଼ିଆରେ। କୁମାରପୂର୍ଣ୍ଣିମା ରାତିରେ ଝିଅଙ୍କ ପୁଚିରେ ଗାଁର ରାତିଟା ଜୀବନ୍ତ ମନେହୁଏ। ଏମିତି ଖେଳରୁ ହିଁ ପିଲା ଶିଖୁଥିଲେ ସମ୍ପର୍କ। ବଢୁଥିଲା ପିଲା ପିଲାଙ୍କ ମଧ୍ୟରେ ଆତ୍ମୀୟତା। ଜାତିପ୍ରଥା ଉପରେ ତୀକ୍ଷ୍ଣ ନଜର ରଖୁଥିବା ବଡ଼ମାନଙ୍କ ଆଖିକୁ ଖୁବ୍ ସହଜରେ ଫାଙ୍କିଦେଇ ପିଲାମାନେ ଖେଳରେ ମଜ୍ଜି ଯାଉଥିଲେ। ଏହି ଖେଳରୁ ହିଁ ପିଲାମାନେ ଭବିଷ୍ୟତର ଜୀବନ ବଞ୍ଚିବା ପାଇଁ ଇନ୍ଧନ ଗୋଟାଇ ପାରୁଥିଲେ।

ଗାଁରେ ଟେଲିଭିଜନ ପଶିଲା ପରେ ସବୁ ପିଲା ଧୀରେ ଧୀରେ କ୍ରିକେଟମୁହାଁ ହେଲେ। କ୍ରିକେଟ ଓ ଟିଭି ହିଁ ପିଲାଦିନର ଏ ପୁରୁଣା କ୍ରୀଡ଼ାସବୁକୁ ଆମଠାରୁ ଛଡ଼ାଇନେଇଗଲା। ନିଜେ ଖେଳିବା ଅପେକ୍ଷା ପିଲାମାନେ ଟିଭିରେ ଖେଳ ଦେଖିବାକୁ ବେଶି ଗୁରୁତ୍ୱ ଦେବାକୁ ଆରମ୍ଭ କଲେ। ଖେଳପଡ଼ିଆ ଖାଲି ପଡ଼ିବା ଆରମ୍ଭ କଲା। ପିଲା ପିଲା ଭିତରେ ସମ୍ପର୍କ ପାଣିଚିଆ ହେବାରୁ ଆଉ କେହି ଖେଳ ଖେଳିବାକୁ ଗଲେ ନାହିଁ। ଖେଳପଡ଼ିଆରେ ଆଉ ହୋ ହଲ୍ଲା ଶୁଣିବାକୁ ମିଳିଲା ନାହିଁ। ବାଗୁଡ଼ି, ବୋହୂଚୋରି, ଖୋଖୋ ପରି ସାଂସ୍କୃତିକ ଐତିହ୍ୟ ସବୁ ଧୀରେ ଧୀରେ କବର ନେବାକୁ ଲାଗିଲେ। ଆମ ପାରମ୍ପରିକ କ୍ରୀଡ଼ା ସବୁ କବର ନେଲେ ଆଉ ସେ ଜାଗାରେ ଧୀରେ ଧୀରେ ଟୁର୍ନାମେଣ୍ଟ ସବୁ ମୁଣ୍ଡ ଟେକିବା ଆରମ୍ଭ କଲେ। ଖାସ୍‌କରି ଶୀତଦିନେ ଫୁଟବଲ କିମ୍ବା କ୍ରିକେଟ ଟୁର୍ନାମେଣ୍ଟ ସବୁ ଧୀରେ ଧୀରେ ଗାଁରେ ମୁଣ୍ଡ ଟେକିବାକୁ ଲାଗିଲା। ଜିତିଲେ ନଗଦ ଟଙ୍କା ପୁରସ୍କାର। ପୁଣି ଏହି ଖେଳରୁ ହିଁ ଆରମ୍ଭ ଗଣ୍ଡଗୋଳ, ମୁଣ୍ଡ ଫଟାଫଟି। ଯେଉଁ ଖେଳ ପିଲାଙ୍କୁ ଏକାଠି କରୁଥିଲା ସେହି ଖେଳ ହିଁ ଶିଖାଇଦେଲା ଭେଦଭାବ, ଘୃଣା ଆଉ ହିଂସା।

ଆମ କ୍ରୀଡ଼ା ସଂସ୍କୃତିକୁ ଭୂଲୁଣ୍ଠିତ କରିବାକୁ ସତେଯେମିତି ଏତିକି ଯଥେଷ୍ଟ ନ ଥିଲା। ଏହା ପରେ ପରେ ଆସିଲା ଆଉ ଦୁଇଟି ବଡ଼ ଦୁର୍ଯୋଗ। ଆମ ଶିକ୍ଷା ବ୍ୟବସ୍ଥା ବଦଳିଗଲା। ସବୁ ପିଲାଙ୍କୁ ବଡ଼ ଅଫିସର କରିବା ପାଇଁ ମାତାପିତାଙ୍କ ଭିତରେ ଭରିଦିଆଗଲା ଅହେତୁକ ଆତୁରତା। ବସ୍ତାନିର ବୋଝ ବଢ଼ି ବଢ଼ି ଗଲା। ୬ ଘଣ୍ଟାର ସ୍କୁଲ ସମୟ ଭିତରେ ପିଇଟି କ୍ଲାସର ସମୟ କମି କମି କେବଳ ଶନିବାର ସକାଳ ମଧ୍ୟରେ ସୀମାବଦ୍ଧ ହୋଇଗଲା। ପୁଣି ଡାକ୍ତର, ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖୁଥିବା ମାତାପିତା ଖେଳକୁ ଗୌଣ ଏବଂ ଖେଳାଳିକୁ ତାମ୍‌ସା କରୁଥିବା ଶସ୍ତା ଘରର ପିଲା ବୋଲି ଭାବିଲେ। ବଡ଼ଘର ପିଲା କେବଳ ଗଣିତ ଓ ଇଂଲିଶ ପଢ଼ିବ ବୋଲି ଯେମିତି ଏକ ଅଲିଖିତ ନିୟମ ଲାଗୁ ହୋଇଗଲା। ଖେଳୁଥିବା ପିଲାର ଯେ ଭଲ ପାଠ ହେବ ନାହିଁ ସେମିତି ଏକ ବଦ୍ଧମୂଳ ଧାରଣା ନେଇ ମାତାପିତା ବଢ଼ି ଚାଲିଲେ। ଆଉ ପିଲାଟି କ୍ଲାସରୁମ୍‌ରେ ବସି ଖାଲିପଡ଼ିଆକୁ ଦେଖି ଦେଖି ନିଜ ମନର ଓରିମାନା ମେଣ୍ଟାଇଲା ସତ ହେଲେ ଖେଳପଡ଼ିଆକୁ ଓହ୍ଲାଇ ଧୂଳିଧୂସରିତ ହେବାକୁ ସୁଯୋଗ ପାଇଲା ନାହିଁ। ନା ସିଏ ଖେଳି ଶିଖିଲା ନା ଧୂଳିକାଦୁଅରେ ସରସର ହୋଇ ଘରକୁ ଫେରିଲା। ବରଂ ନିଜ ଅଜାଣତରେ ହିଁ ସେ ଖେଳକୁ ପାଠର ବଡ଼ ଶତ୍ରୁ ବୋଲି ଧରିନେଲା।

ପିଲା ଉପରେ ପାଠର ଚାପ ଦିନକୁ ଦିନ ବଢ଼ି ଚାଲିଥିଲା ବେଳେ ହିଁ ଏହି ପୃଥିବୀରେ ମୋବାଇଲ ବିପ୍ଳବ ବେଶ୍ ଦ୍ରୁତ ଗତିରେ ଆଗକୁ ବଢୁଥିଲା। ମୋବାଇଲ ଆମ ଦୁନିଆକୁ ବେଶ୍ ବ୍ୟାପକ ଭାବେ ପ୍ରଭାବିତ କରିବାକୁ ଆରମ୍ଭ କରିଦେଇଥିଲା। ଗାଁରୁ ସହରକୁ ଆସିଥିବା ପିଲା ସହରର ଛୋଟ ପଡ଼ିଆରେ ହେଉ କିମ୍ବା ଆପାର୍ଟମେଣ୍ଟର ଭିଡ଼ ଭିତରେ ଥିବା ଗଳି ରାସ୍ତାରେ ତଥାପି ଖେଳ ଜାରି ରଖିଥିଲାବେଳେ ଏହି ମୋବାଇଲ ସେଥିରେ ବି ବ୍ୟାଘାତ ଆଣିଦେଲା। ପିଲା ଖେଳ ଛାଡ଼ିଦେଇ ମୋବାଇଲ ଭିତରେ ମୁଣ୍ଡଗୁଞ୍ଜିବା ଆରମ୍ଭ କଲେ। ସହରର ଛୋଟ ପଡ଼ିଆରେ ଗୁଗୁଚିଆ ଗଛ ବଢ଼ିଚାଲିଲା। ଆଉ ଏପଟେ ଆମେ ପ୍ରତି ଅଲିମ୍ପିକ୍ସ ଆଉ ଏସୀୟ କ୍ରୀଡ଼ା ପରେ ମୁଣ୍ଡରେ ହାତ ଦେଇ ଆମ କ୍ରୀଡାବିତ୍‌ମାନେ କେଉଁ କାମକୁ ନୁହଁ ବୋଲି କହି ଚାଲିଲେ।

ପିଲାଏ ଏବେ ଖେଳିବେ କେମିତି? କାଇଜର ଫାମିଲି ଫାଉଣ୍ଡେଶନ ଦ୍ୱାରା ୨୦୧୦ରେ କରାଯାଇଥିବା ଏକ ସର୍ଭେ ଅନୁଯାୟୀ ୮ରୁ ୧୮ ବର୍ଷ ବୟସ୍କ ଶିଶୁମାନେ ଦୈନିକ ୭ ଘଣ୍ଟା ୩୮ ମିନିଟ୍ ଯାଏ ମୋବାଇଲ କିମ୍ବା ଟିଭି ସ୍କ୍ରିନ୍ ଦେଖିବାରେ ବ୍ୟସ୍ତ ରହୁଛନ୍ତି। ଆଉ ମାୟୋ କ୍ଲିନିକ୍ କିମ୍ବା ଆମେରିକାର ସ୍କୁଲ ଅଧିକାରୀଙ୍କ ମତରେ ପିଲାମାନେ ଦୈନିକ ୩୦ ମିନିଟ୍‌ରୁ ଏକ ଘଣ୍ଟାଯାଏ ଖେଳିବା ଉଚିତ। ଏହା ଏବେ ସମ୍ଭବ ହେଉନାହିଁ। ଫଳରେ ପିଲାର ବ୍ୟକ୍ତିତ୍ୱ ବିକାଶରେ ବାଧା ଉପୁଜୁଛି। ଏଣୁ ମାତାପିତା ଏବଂ ଶିକ୍ଷକମାନେ ଏ ଦିଗରେ ଧ୍ୟାନ ଦେଇ ପିଲାର ମନକୁ ବହିରୁ ହଟେଇ ପଡ଼ିଆ ଯାଏ ଅନ୍ତତଃ ଦିନକୁ ଥରେ ଘଣ୍ଟାଏ ପାଇଁ ନେବା ଲାଗି ଚେଷ୍ଟା କରିବା ଉଚିତ।

ଧବଳଗିରି, ଯାଜପୁର ରୋଡ,
ମୋ-୭୯୭୮୬୭୧୭୭୬

ଏଇ ଭାରତରେ

ଦୂରରେ ଥାଇ ଠକେଇ କରିବା ସହଜ। ଏବେ ଅନଲାଇନ୍ ଶପିଂ ଦୂରଠକେଇର ଏକ ପ୍ଲାଟଫର୍ମରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଭଳି ଠକେଇ ବିଷୟରେ ପ୍ରାୟତଃ କିଛି ଲୋକ ଅବଗତ ଅଛନ୍ତି। ଏହାଦ୍ୱାରା ଜଣେ ଠକାମିର ଶିକାର ହେଲେ ଆଉଥରେ କୌଣସି ଜିନିଷ ମଗାଇବାକୁ ମନ ବଳାଏ ନାହିଁ ଏ କଥା ନିଶ୍ଚିତ। ତେବେ ଏହି ଠକାମିର ଶିକାର ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା। ସୋନାକ୍ଷୀ ଏହି ଠକେଇର ଶିକାର ହେବା ଅନୁଭୂତି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେ ଅନଲାଇନ୍ ଯୋଗେ ଏକ ଇଅର ଫୋନ୍ ମଗାଇଥିଲେ। କିନ୍ତୁ ତାଙ୍କ ଠିକଣାରେ ଆସିଲା ଏକ କଳଙ୍କିଲଗା ଲୁହା। ଏହାର ଫଟୋ ସେ ଟୁଇଟର ଯୋଗେ ଶେୟାର କରିଛନ୍ତି। ଏହାକୁ ଦେଖିବା ପରେ ସୋସିଆଲ ମିଡିଆର ବ୍ୟବହାରକାରୀମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଉକ୍ତ ଲୁହାଖଣ୍ଡଟି ଭଲ ଭାବରେ ପ୍ୟାକ୍ ହୋଇଥିଲା। ଆଦୌ ଖୋଲା ନ ହୋଇ ବିଧିସଙ୍ଗତ ଭାବରେ ଜଉମୁଦ ଦିଆଯାଇଥିଲା। କିନ୍ତୁ ଏହା ଉପରେ ଲେଖାଯାଇଥିଲା, 'ଆପଣଙ୍କ ଗ୍ରାହକ ସେବାକେନ୍ଦ୍ର ଆପଣଙ୍କୁ ସାହାଯ୍ୟ କରିବାକୁ ଚାହୁଁନାହିଁ।' ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ଏହା ଟୁଇଟ୍ କରିବା ପରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ଚିରନ୍ତନୀ

ସକଳ ମମତା ତେଜି ନ ଖୋଜଇଁ ମୁକତି ମାରଗ,
ହୁଅଇ ନାସ୍ତିକ ପଛେ, ନ ଲୋଡ଼ଇ ଅପର ସ୍ୱରଗ,
କି ଆନନ୍ଦ ନିହିତ ସେ ସ୍ୱର୍ଗ ପରବାସେ,
ହୁଏ କି ତା' ସୁଷମିତ ଶିଶୁର ସୁହାସେ!
ସେ ସଙ୍ଗୀତ ପ୍ରିୟାର ନୂପୁରେ,
ଅଛି କେଉଁ ବଇକୁଣ୍ଠ ପୁରେ ?
ପ୍ରିୟା ରୂପ-ଶଶୀ
ସେ କେଉଁ ଉର୍ବଶୀ
ପାରେ ଜିଣି
ଗରବିଣୀ!

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

୨୫ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୯୩

- ପୂର୍ବତନ ଯୁଗୋସ୍ଲାଭିଆରେ ଜାତିସଂଘ ସେନା ରହିଥିବା ପର୍ଯ୍ୟନ୍ତ କାନାଡାର ସୈନ୍ୟମାନେ ଉକ୍ତ ସେନାବାହିନୀ ସହିତ ସେଠାରେ ରହିବେ ବୋଲି କାନାଡାର ପ୍ରତିରକ୍ଷା ମନ୍ତ୍ରୀ ପ୍ରକାଶ କରିଛନ୍ତି।
- ଟାଟା କମ୍ପାନୀ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟୋଗରେ ଚିଲିକା ହ୍ରଦରେ ଚିଙ୍ଗୁଡ଼ି ଚାଷ ପାଇଁ ଯେଉଁ ନିଷ୍ପତ୍ତି କରାଯାଇଥିଲା ତାକୁ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।

su | do | ku ସୁ-ଡୋ-କୁ

E		0		7			6			3		1	A	
	A	9		3				C						7
						1					8	9	B	
				1	5		2			E				
		4				A	D	E	C			6		
				2		6		4			9			
D		2	3		B		8	7			0		9	C
				5				A			2			
	B						1		8	C			0	
1			6	C						A	4	3	5	
		3				5					B		6	0
2		A				0	B	3	E		6			
	C				7	D			1	0		8		
	E					4							7	
		7	B	9	D					2	C			

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

E	8	6	D	3	1	0	A	C	9	7	2	4	5	B
7	5	4	0	8	A	6	B	E	1	C	3	D	9	2
3	9	C	6	2	B	7	D	1	E	5	4	0	A	8
B	A	2	4	7	5	8	3	9	0	6	D	E	1	C
1	D	0	9	E	C	5	4	2	A	8	B	7	3	6
C	1	7	3	9	2	A	E	6	8	D	0	5	B	4
0	2	3	5	B	D	1	C	8	4	A	9	6	E	7
5	6	A	7	0	E	4	2	3	C	B	1	8	D	9
D	E	9	A	4	8	B	7	0	6	2	5	1	C	3
4	B	8	1	C	6	D	9	5	3	E	7	2	0	A
2	0	5	E	1	7	3	8	4	B	9	A	C	6	D
8	4	E	B	D	3	C	1	A	7	0	6	9	2	5
6	7	D	8	A	9	2	0	B	5	1	C	3	4	E
9	3	B	C	6	0	E	5	D	2	4	8	A	7	1
A	C	1	2	5	4	9	6	7	D	3	E	B	8	0

ଗତକାଲିର ଉତ୍ତର

ପାଠକ ଶ୍ରେଷ୍ଠ ବିଚାରକ

ବି.ଏଡ୍. ଡିଗ୍ରୀଧାରୀ ହତାଶ

ମହାଶୟ,

ରାଜ୍ୟରେ ବି.ଏଡ୍. କଲେଜ ଓ ସିଟ୍ ସଂଖ୍ୟା ପର୍ଯ୍ୟାପ୍ତ ନ ଥିବାରୁ ଏହାର ସୁଯୋଗ ସମସ୍ତଙ୍କୁ ମିଳୁନାହିଁ। ଚଳିତ ବର୍ଷ ବି.ଏଡ୍. ନିମନ୍ତେ ପାଖାପାଖି ଏକ ଲକ୍ଷ ଦରଖାସ୍ତ ପଡ଼ିଥିବାବେଳେ ରାଜ୍ୟ ସରକାରଙ୍କ ସ୍ୱୀକୃତ ମୋଟ ୧୬୫୦ଟି ସିଟ୍ ରହିଛି। ଯଥେଷ୍ଟ ମାର୍କ ଥାଇ ମଧ୍ୟ ସରକାରଙ୍କ ସଂରକ୍ଷଣ ନୀତି ପାଇଁ ଅର୍ଦ୍ଧେକ ଅସଫଳ ହେଉଛନ୍ତି। ଏଣୁ ସେମାନେ ବାହାର ରାଜ୍ୟର କଲେଜ ଓ ବେସରକାରୀ କଲେଜରେ ନାମ ଲେଖାଉଛନ୍ତି। କିନ୍ତୁ ଛଅମାସ ପୂର୍ବେ ହଠାତ୍ ଏକ ବିଜ୍ଞାପନ ପ୍ରକାଶ ପାଇଲା ଯେ, ବାହାର ରାଜ୍ୟର ବି.ଏଡ୍. ଡିଗ୍ରୀକୁ ସ୍ୱୀକୃତି ଦିଆଯିବ ନାହିଁ। ସରକାରଙ୍କ ଅବହେଳା ଏବଂ ସଂରକ୍ଷଣ ନୀତି ଏବେ ମେଧାବୀ ଛାତ୍ରୀଛାତ୍ରଙ୍କୁ ନିରାଶ କରୁଛି। ଏଣୁ ସରକାର ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରନ୍ତୁ।

ଯାଜ୍ଞସେନୀ ସାହୁ, ସେମିଳିଗୁଡା, କୋରାପୁଟ

ଶାକାହାର ସପକ୍ଷରେ ମୁସ୍‌ଲିମ ସନ୍ଥ

ଖାଦ୍ୟ ପ୍ରତି ରୁଚି କାହାର କେମିତି, ସେଥିରେ ଆମର କିଛି କହିବାର ନାହିଁ। କିନ୍ତୁ କେଉଁ ଖାଦ୍ୟ ଭଲ ବା ଖରାପ ସେ ନେଇ ମତ ଦେବାର ଅଧିକାର ଅଛି। ମାନେକା ଗାନ୍ଧୀଙ୍କ ମତରେ ନିରାମିଷ ଖାଦ୍ୟ ଶରୀର ପାଇଁ ଉପକାରୀ। ଆମିଷ ଖାଦ୍ୟ ମନକୁ ଉତ୍ତେଜିତ କରେ। ମହମ୍ମଦ, ଯିଶୁ, ଗାନ୍ଧୀ, ବୁଦ୍ଧଦେବ ଏବଂ ରୁମି ହେଉଛନ୍ତି ଶାକାହାରୀ। ରୁମି ଜଣେ ମୁସଲିମ ସନ୍ଥ। ସେ ହେଉଛନ୍ତି ରସୁଲ ମହମ୍ମଦଙ୍କ ପ୍ରକୃତ ଅନୁଗାମୀ। ଅନ୍ୟମାନେ ତାଙ୍କର ପଦାଙ୍କ ଅନୁସରଣ କରିବା ଉଚିତ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

■ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ସିନିୟର ସିଟିଜେନ୍‌ଙ୍କ ପେନ୍‌ସନ ବଢ଼ାଅ

ପ୍ରତି ଜିଲାରେ ନିର୍ମାଣ କର ଓଲ୍ଡଏଜ୍ ହୋମ୍

ନୂଆଦିଲ୍ଲୀ,୧୩।୧୨: ବିପିଏଲ୍ ଶ୍ରେଣୀରେ ଥିବା ସିନିୟର ସିଟିଜେନଙ୍କ ପେନସନ ପରିମାଣ ବଢ଼ାଇବାକୁ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ସେମାନଙ୍କ ଲାଗି ପ୍ରତି ଜିଲାରେ ଅତିକମ୍‌ରେ ଗୋଟିଏ ଲେଖାଏ ଓଲ୍ଡଏଜ୍ ହୋମ୍ ନିର୍ମାଣ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି।

ବୃଦ୍ଧ ମାତାପିତାଙ୍କୁ ସେମାନଙ୍କ ସନ୍ତାନମାନେ ବାର୍ଦ୍ଧକ୍ୟ ବେଳେ ଅଣଦେଖା କରୁଥିବା ନେଇ ଆଗତ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ବିଚାରପତି ମଦନ ବି.ଲୋକୁର ଓ ବିଚାରପତି ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏମାନଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ନିଆଯିବାର ଆବଶ୍ୟକତା ରହିଛି, କାରଣ ଆଜିର ସମାଜରେ ସେମାନଙ୍କୁ ଅଣଦେଖା କରାଯାଉଛି। ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆଗେଇ ଆସିବାକୁ ଖଣ୍ଡପୀଠ କହିଛନ୍ତି। ସୂଚନାଥାଉ କି, ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଓଲ୍ଡ ଏଜ୍ ପେନସନ ସ୍କିମ୍ ଅନୁଯାୟୀ, ୬୦ରୁ ୭୯ ବର୍ଷ ବୟସ ମଧ୍ୟରେ ସିନିୟର ସିଟିଜେନଙ୍କୁ ସରକାରଙ୍କ ପକ୍ଷରୁ ମାସକୁ ମାତ୍ର ୨୦୦ ଟଙ୍କା ପେନ୍‌ସନ ଦିଆଯିବାର ବ୍ୟବସ୍ଥା ରହିଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ହେଲେ ମାସକ ୫୦୦ ଟଙ୍କା ମିଳୁଛି। ରାଜ୍ୟ ସରକାରମାନେ ମଧ୍ୟ ଏହି ଯୋଜନାରେ କେନ୍ଦ୍ର ସରକାରଙ୍କ ବ୍ୟତିରେକ ନିଜସ୍ୱ ଯୋଗଦାନ ଦେଉଛନ୍ତି। ଏଣୁ ଏହି କାରଣରୁ ଉକ୍ତ ଯୋଜନାରେ ବିଭିନ୍ନ ରାଜ୍ୟରେ ପେନସନ ପରିମାଣ ଭିନ୍ନ ରହିଛି। ଖଣ୍ଡପୀଠ କହିଛନ୍ତି ଯେ, ୨୦୦୭ରେ ଶେଷ ଥର ପାଇଁ ପେନ୍‌ସନ ସ୍କିମ୍‌ରେ ଅର୍ଥ ପରିମାଣ ସଂଶୋଧିତ ହୋଇଥିଲା। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ। ପୂର୍ବତନ କେନ୍ଦ୍ର ଆଇନ ମନ୍ତ୍ରୀ ଅଶ୍ୱିନୀ କୁମାରଙ୍କ ପକ୍ଷରୁ ଆଗତ ମାମଲାକୁ ବିଚାର କରି ପ୍ରତି ଜିଲାରେ ରହିଥିବା ଓଲ୍ଡ ଏଜ୍ ହୋମ୍, ଜେରିଆଟିକ୍ କେୟାର ସୁବିଧା ଓ ହସ୍ପିଟାଲର ତଥ୍ୟ ଆସନ୍ତାବର୍ଷ ଜାନୁୟାରୀ ୩୧ ତାରିଖ ସୁଦ୍ଧା ଅଦାଲତରେ ଦାଖଲ କରିବାକୁ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ମେଣ୍ଟେନାନ୍ସ ଆଣ୍ଡ ୱେଲଫେୟାର ଅଫ୍ ପ୍ୟାରେଣ୍ଟସ ଆଣ୍ଡ ସିନିୟର ସିଟିଜେନ୍ସ ଆଇନ ଅନୁଯାୟୀ ପ୍ରତିଜିଲାରେ ଓଲ୍ଡଏଜ୍ ହୋମ୍ ପ୍ରତିଷ୍ଠା କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ରହିଛି।

■ ଶେଲ୍‌ଟର ହୋମ ସୁରକ୍ଷା ଚିନ୍ତା

ଗାଇଡ୍‌ଲାଇନ ମାନୁନାହାନ୍ତି ସରକାର:ଏନ୍‌ସିପିସିଆର

ଭୁବନେଶ୍ୱର,୧୩।୧୨ (ବ୍ୟୁରୋ)- ଶିଶୁମାନଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଗମ୍ଭୀର ନୁହଁନ୍ତି। ରାଜ୍ୟ ସରକାର ଜାତୀୟ ଶିଶୁ ସୁରକ୍ଷା ଅଧିକାର(ଏନସିପିସିଆର)ଗାଇଡ୍ ଲାଇନକୁ ମାନୁ ନାହାନ୍ତି। ବିଭିନ୍ନ ଛାତ୍ରାବାସରେ ରହୁଥିବା ୧ରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ବର୍ଷେ ପୂର୍ବରୁ ଦିଆଯାଇଥିବା ଗାଇଡଲାଇନକୁ ରାଜ୍ୟ ସରକାର ଅଣଦେଖା କରିଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ଏନସିପିସିଆର ସଦସ୍ୟ ଯଶବନ୍ତ ଜୈନ କହିଛନ୍ତି। ଗୁରୁବାର ରାଜ୍ୟ ଅତିଥି ଭବନରେ ଶିଶୁମାନଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ପିଲାମାନଙ୍କ ଉପରେ ହେଉଥିବା ନିର୍ଯାତନାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଓଡ଼ିଶାରେ କେତେକ ବେଆଇନ ଶେଲଟର ହୋମ ଚାଲୁଛି ତାହାର ହିସାବ ସରକାରଙ୍କ ପାଖରେ ନାହିଁ। ଢେଙ୍କାନାଳ ଜିଲାରେ ଚାଲୁଥିବା ବେଆଇନ ଶେଲଟର ହୋମ ଛାତ୍ରମାନଙ୍କୁ ଯୌନ ଶୋଷଣ କରୁଥିଲେ ମଧ୍ୟ ସେ ବିଷୟରେ ସରକାର ଅବଗତ ନ ଥିଲେ। ଏନସିପିସିଆର ପକ୍ଷରୁ ଯେଉଁ ଗାଇଡ ଲାଇନ ଜାରି କରାଯାଇଛି ତାହାକୁ ଆଦୌ ପାଳନ କରାଯାଉ ନାହିଁ। ରାଜ୍ୟ ସରକାର ନିଜେ ମଧ୍ୟ ଏଥିପାଇଁ ଗାଇଡ ଲାଇନ ପ୍ରସ୍ତୁତ କରି ନାହାନ୍ତି। ଶେଲଟର ହୋମ ଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବା ସହ କର୍ମଚାରୀମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେବାକୁ ଗାଇଡ ଲାଇନରେ ନିର୍ଦ୍ଦେଶ ରହିଛି। ଏଥିସହିତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ନିୟମିତ ବ୍ୟବଧାନରେ ରାଜ୍ୟରେ ଥିବା ସମସ୍ତ ଛାତ୍ରାବାସଗୁଡ଼ିକୁ ପରିଦର୍ଶନ କରିବା ସହ ଏନସିପିସିଆରକୁ ରିପୋର୍ଟ ଦେବା କଥା । ତାହା କରାଯାଉ ନ ଥିବାରୁ ଜୈନ କ୍ଷୋଭ ପ୍ରକାଶ କରିଛନ୍ତି।

ଏନସିପିସିଆରର ୯ଟି ଟିମ୍ ରାଜ୍ୟର ୧୯ଟି ଜିଲାରେ ଥିବା ଶେଲଟର ହୋମଗୁଡ଼ିକୁ ବୁଲି ଯାଞ୍ଚ କରିବେ। ତେବେ ଟିମ କେତେବେଳେ କେଉଁ ଶେଲଟର ହୋମକୁ ଯିବେ ସେ ବିଷୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ । ଢେଙ୍କାନାଳ ଶେଲଟର ହୋମଗୁଡ଼ିକର ରାଜ୍ୟରେ ଥିବା ଅନ୍ୟ ଶାଖା ଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯିବ। ଏପରିକି ଝାଡ଼ଖଣ୍ଡ ଓ କଲିକତାରେ ଉକ୍ତ ବେଆଇନ ସଂସ୍ଥାର କାର୍ଯ୍ୟାଳୟ ଥିବା ଜଣାପଡ଼ିଛି। ସେଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯିବ। ଏହି ସଂସ୍ଥାକୁ ଅର୍ଥ କେଉଁ ଉତ୍ସରୁ ଆସୁଥିଲା, କେତେଦିନ ଧରି ଏଭଳି ବେଆଇନ କାର୍ଯ୍ୟ ଚାଲିଥିଲା, ଧର୍ମାନ୍ତରୀକରଣ ହେଉଥିଲା କି ନାହିଁ, ବାଲ୍ୟ ଅଧିକାର ଆଇନ ଅନୁଯାୟୀ ପିଲାମାନଙ୍କୁ ସୁବିଧା ମିଳୁଥିଲା କି ନାହିଁ। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା କିପରି ରହିଛି ସେ ସବୁର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜୈନ କହିଛନ୍ତି। ତଦନ୍ତ ଟିମ୍‌ରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ସଦସ୍ୟମାନେ ମଧ୍ୟ ରହିବେ। ଢେଙ୍କାନାଳ ଶେଲଟର ହୋମ କେଲେଙ୍କାରୀ ଉପରେ କି ପଦକ୍ଷେପ ନିଆଯାଇଛି ସେ ନେଇ ଏନସିପିଆରସି ଅଧ୍ୟକ୍ଷ ରିପୋର୍ଟ ଦେବେ। ଜୈନ କହିଛନ୍ତି ଯେ ବର୍ଷକ ପୂର୍ବରୁ ମୁଁ ଆସି ଏଠାରେ ଶିଶୁମାନଙ୍କ ସୁରକ୍ଷା ନେଇ ସମୀକ୍ଷା କରିବା ସହ ଏନସିପିସିଆର ଗାଇଡ ଲାଇନକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲି। ଏ ନେଇ ୩ ଥର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା ହୋଇଛି। ହେଲେ ପୋଲିସ କିମ୍ବା ରାଜ୍ୟ ପ୍ରଶାସନ ଏହା ଉପରେ ସେତେଟା ଗୁରୁତ୍ୱ ଦେଇ ନାହାନ୍ତି। ଏ ନେଇ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ ପଠାଯିବ ବୋଲି ଜୈନ କହିଛନ୍ତି। ଆଲୋଚନା ବେଳେ ରାଜ୍ୟ ସରକାର ରାଜ୍ୟରେ ୨୧୭ଟି ପଞ୍ଜୀକୃତ ଛାତ୍ରାବାସ ଚାଲିଥିବା ସୂଚନା ଦେଇଥିବାବେଳେ କେତେ ବେଆଇନ ଚାଲିଛି ତାହାର କୌଣସି ସୂଚନା ଦେଇନାହାନ୍ତି। ପ୍ରତ୍ୟେକ ଛାତ୍ରାବାସ ପାଇଁ ଗାଇଡ ଲାଇନ ହେବା ଦରକାର। କୌଣସି ଗାଇଡ ଲାଇନ ନ ଥିବାରୁ କେତେକ ସଂସ୍ଥା ଏହାର ଫାଇଦା ଉଠାଉଛନ୍ତି ବୋଲି ଜୈନ କହିଛନ୍ତି। ଜୈନ କଟକ ଓ ଢେଙ୍କାନାଳ ଜିଲା ଗସ୍ତ କରି ଶେଲଟର ହୋମଗୁଡ଼ିକୁ ଯାଞ୍ଚ ଆରମ୍ଭ କରିଛନ୍ତି। ଦୁଇଦିନ ଧରି ଏହି କାର୍ଯ୍ୟ ଚାଲୁ ରହିବ। ଯିବା ପୂର୍ବରୁ ଟିମ ଶେଲଟର ହୋମଗୁଡ଼ିକର ପରିସ୍ଥିତି ସମ୍ପର୍କରେ ଖବରଦାତା ସମ୍ମିଳନୀରେ ଉପସ୍ଥାପନ କରିବେ ବୋଲି ସେ ସୂଚନା ଦେଇଛନ୍ତି।

ଢେଙ୍କାନାଳ ଜିଲାର ବେଲଟିକିରିଠାରେ ଥିବା ଗୁଡ୍‌ନିୟୁଜ ଇଣ୍ଡିଆ ଶେଲଟର ହୋମରେ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଘଟଣା ପ୍ରଘଟ ହେବା ପରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ରାଜ୍ୟରେ ଥିବା ସମସ୍ତ ଛାତ୍ରାବାସର ଯାଞ୍ଚ କରିବାକୁ ଏନସିପିସିଆରକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାରଠାରୁ ଏନେଇ ଯାଞ୍ଚ ଆରମ୍ଭ କରାଯାଇଛି। ଟିମଗୁଡ଼ିକ ଦୁଇଦିନ ଧରି ଛାତ୍ରାବାସ ଓ ଛାତ୍ରୀ ନିବାସଗୁଡ଼ିକୁ ଯାଞ୍ଚ କରି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ।

'ମଣିକର୍ଣ୍ଣିକା'ର ଟ୍ରେଲର ରିଲିଜ୍ ପାଇଁ ପ୍ରସ୍ତୁତି

ମୁମ୍ବାଇ: ଡିସେମ୍ବର ୧୮ରେ 'ମଣିକର୍ଣ୍ଣିକା'ର ଟ୍ରେଲର ରିଲିଜ ହେଉଥିବା ବେଳେ ଏଥିପାଇଁ ମହାପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ପ୍ରକାଶ କରିଛନ୍ତି। କଙ୍ଗନା ଏଥିରେ ରାଣୀ ଲକ୍ଷ୍ମୀବାଈ ଭୂମିକାରେ ଅଭିନୟ କରିଛନ୍ତି। କଙ୍ଗନାଙ୍କ ସମେତ ପୂରା ଟିମ୍ ଫିଲ୍ମର ଟ୍ରେଲର ରିଲିଜ୍ ବେଳେ ଉପସ୍ଥିତ ରହିବେ। କମଲ ଜୈନଙ୍କ ସହାୟତାରେ ଜି ଷ୍ଟୁଡିଓରେ ଏହା ରିଲିଜ ହେବାକୁ ଯାଉଛି। ଜୈନ ଏକ ବିବୃତିରେ କହନ୍ତି, ଉକ୍ତ ଫିଲ୍ମର ଟିଜରକୁ ପ୍ରାୟତଃ ସମସ୍ତେ ପସନ୍ଦ କରିଛନ୍ତି। ଫିଲ୍ମର କାହାଣୀ ଦର୍ଶକଙ୍କୁ ଅଧିକ ଉତ୍ସାହିତ କରିବା ଆଶା ଅଛି। ପ୍ରଥମେ ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ କ୍ରିଶ୍। ତେବେ କଙ୍ଗନା ନିର୍ଦ୍ଦେଶନା ଦାୟିତ୍ୱ ନେବା ପରେ ଫିଲ୍ମ ନିର୍ମାଣରେ କିଛିଟା ଅଦଳବଦଳ ହୋଇଥିଲା। ଉକ୍ତ ଫିଲ୍ମରେ ଐତିହାସିକ ବୀରା ରମଣୀ ରାଣୀ ଲକ୍ଷ୍ମୀବାଈଙ୍କ ଯୋଦ୍ଧାପଣିଆ ଓ ଦେଶାତ୍ମବୋଧ ବିଷୟରେ ବର୍ଣ୍ଣନା କରାଯାଇଛି। ଉଭୟ ତାମିଲ ଓ ତେଲୁଗୁ ଭାଷାରେ ଏହା ରିଲିଜ୍ ହେବ। ପ୍ରଯୋଜକ ଏଥିପାଇଁ ଏକ ବୃହତ୍ ଯୋଜନା ପ୍ରସ୍ତୁତ କରିଛନ୍ତି।

୨୦୧୯ ଜାନୁୟାରୀ ୨୫ରେ ବିଶ୍ୱବ୍ୟାପୀ ୫୦ଟି ଦେଶରେ ଏହା ମୁକ୍ତିଲାଭ କରିବାକୁ ଯାଉଛି ବୋଲି ଜି ଷ୍ଟୁଡିଓର ସିଇଓ ଶାରିକ୍ ପଟେଲ୍ ପ୍ରକାଶ କରିଛନ୍ତି।

Government of India/ भारत सरकार
Ministry of Environment, Forest & Climate Change/ पर्यावरण, वन और जलवायु परिवर्तन मंत्रालय
Eastern Regional Office/ पूर्वी क्षेत्रीय कार्यालय
A/3, Chandrasekharpur/ ए/३, चन्द्रशेखरपुर
Bhubaneswar - 751 023/ भुवनेश्वर - ७५१ ०२३
Telephone: 0674-2301213, 2301248, 2302452, 2302453. Fax: 0674-2302432. E-mail: roez.bsr-mef@nic.in

HIRING OF LEGAL ASSISTANT/ CONSULTANT ON CONTRACT BASIS

Ministry of Environment, Forest & Climate Change, Eastern Regional Office, Bhubaneswar invites applications from the reputed Service Provider(s) for the Hiring/Engagement of Legal Assistant/ Consultant (One No.) on contractual basis for a period of one year.

Sl. No.	Name of post	Essential Qualifications	Desirable Qualifications	Remuneration
1.	Legal Assistant/ Consultant	Bachelor of Law/ Master of Law from recognized University	Candidates possessing valid licence to practice Legal Matters with one/two years experience shall be given preference	Rs. 30,000/- p.m. plus Service Tax

The interested Service Provider (s) may submit their quotations with detailed bio-data of the proposed candidate to this office latest by 16.00 hours of 16.01.2019.

The Contract document and Terms of Reference can be obtained from this office on any working day.

Sd./- (SUMAN MOHAPATRA)
CF (Central) & HOO
Ph no. 0674-2302432

ସ୍ୱାଧୀନତା ସଂଗ୍ରାମୀ ବାଇଧର ସ୍ୱାଇଁଙ୍କ ପରଲୋକ

ଢେଙ୍କାନାଳ ଅଫିସ, ୧୩।୧୨- ଢେଙ୍କାନାଳ ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବାଇଧର ସ୍ୱାଇଁଙ୍କ କାମାକ୍ଷାନଗର ବ୍ଲକ ବାଲିଗୋରଡ଼ସ୍ଥିତ ବାସଭବନରେ



ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ଅନ୍ତିମ ସମୟରେ ତାଙ୍କ ନିକଟରେ ବଡ଼ପୁଅ ବିଜୟ କୁମାର ସ୍ୱାଇଁ, ପୁତ୍ରବଧୂଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

୧୯୨୭ ଏପ୍ରିଲ ୧୫ରେ ବାଲିଗୋରଡ଼ ଗ୍ରାମରେ ଭୂମିଷ୍ଠ ହୋଇଥିଲ ବାଇଧର। ସେ ୧୯୩୮ରେ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦେଇଥିଲେ। ସେହି ସମୟରେ ସ୍ୱାଧୀନତା ସଂଗ୍ରାମୀ ମୃଷା ମଲ୍ଲିକଙ୍କ ସହିତ ମିଶି ଥାନା, କଚେରି ପୋଡ଼ି ସହ ପରଜଙ୍ଗ ଥାନା ଘେରାଉ କରିଥିଲେ। ୧୯୪୨ରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ଗିରଫ ହୋଇଥିଲେ ବାଇଧର। ତାଙ୍କୁ ୪ବର୍ଷ ୧୦ମାସ ୬ ଦିନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଦେଶ ସ୍ୱାଧୀନ ହେବାପରେ ସେ ଜିଲାର ବିକାଶ ଦିଗରେ କାମ କରିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜିଲା ପୋଲିସ ପ୍ରଶାସନ ପକ୍ଷରୁ ତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇଥିଲା।

ସଂଗ୍ରାମୀ ବାଇଧରଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି। ଦେଶପ୍ରେମୀ ବାଇଧର ଥିଲେ ଜଣେ ସମର୍ପିତ ବ୍ୟକ୍ତିତ୍ୱ। ତାଙ୍କ ବିୟୋଗରେ ରାଜ୍ୟ ଜଣେ ମହାନ ବ୍ୟକ୍ତିଙ୍କୁ ହରାଇଲା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

CLASSIFIED DISPLAY



ଭାରତୀୟ ରେଳ INDIAN RAILWAYS

ପୂର୍ବ ତଟ ରେଳପଥ

'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/19 ତା.11.12.2018 ରିଖ

"ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।"

"ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପେଁଠ ନିମନ୍ତେ ପାରିତ କରାଯାଇପାରିବ ।"

PR - 406/J/18-19 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

सत्यमेव जयते

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No. C-71, C.D.A, Sector-7, Cuttack-753014
FORM NO. ITCP-1
NOTICE OF DEMAND TO THE CERTIFICATE DEBTORS
(See Rule 2 of the Second Schedule as referred to in section 29 of the Recovery of Debts due to Banks and Financial Institutions Act, 1993)
R. P. No. 10/2017/CTC
(Arising out of OA No. 259 of 2013)

Next Date: 10.01.2019

Allahabad Bank, Maitri Vihar Branch, Plot No. S-3, Phase-II, Maitri Vihar, Bhubaneswar, Dist.: Khurda **...Certificate Holder Bank**

Vs.

M/s. Suresh Painting Works & Ors **...Certificate Debtors**

To

1. **M/s Suresh Painting Works,** Plot No.: 368, Infocity Road, Patia, Bhubaneswar, Dist.: Khurda, PIN - 751016 **(Represented throught its Proprietor : Shri Suresh Mohanty)**
2. **Shri Suresh Mohanty,** S/o: Muralidhar Mohanty, Vill: Pitamberpur, PO: Rahidinga, Via: Nalibar, Dist.: Jagatsinghpur, PIN - 754104.

Take notice that Certificate arising out of **OA No. 259 of 2013** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 30,75,257.65** (Rupees Thirty Lac Seventy Five Thousand Two Hundred Fifty Seven and Paise Sixty Five only) together with interest till realisation of the dues, cost, charges as per the certificate, the details of which are given below:

1. Decretal Dues	: Rs.	30,75,257.65
2. Interest @ 11.50% p.a. with quarterly rests from 11.06.2013 to 09.03.2017	: Rs.	8,34,479.00
3. Cost of the suit as allowed (+)	: Rs.	33,000.00
4. Amount payable	**: Rs.**	**39,42,736.65**

(Rupees Thirty Nine Lacs Forty Two Thousand Seven Hundred Thirty Six and Paise Sixty Five only) plus interest **@ 11.50% p.a.** from **10.03.2017** till realization of the entire dues.

2. You are hereby directed to pay the above stated sum within **15 (Fifteen)** days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.

3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc, and of all the other proceedings taken for realising of arrears.

4. You are hereby directed to appear in person or through legal representative before the undersigned on **10.01.2019** and report the details of payment made by you.

Given under my hand & seal at Cuttack on this **27th day of November 2018.**

Sd/- (R.P. Patnaik)
Recovery Officer



ହକି ମ୍ୟାଚ୍ ଦେଖିଲେ ମୁଖ୍ୟସ୍ରୋତକୁ ଫେରିଥିବା ମାଓବାଦୀ

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ମାଲକାନଗିରି ପୋଲିସ ନିକଟରେ ଆତ୍ମସର୍ମପଣ କରି ମୁଖ୍ୟସ୍ରୋତକୁ ଫେରିଥିବା ୩୦ ମାଓବାଦୀ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ହକି ମ୍ୟାଚ୍ ଦେଖିଛନ୍ତି। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ବସି ସେମାନେ ଭାରତ ଏବଂ ନେଦରଲାଣ୍ଡସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌କୁ ଉପଭୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କ ସହିତ ମଝିରେ ମଝିରେ କଥା ହେଉଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ୧୬ ମହିଳା ଏବଂ ୧୪ ପୁରୁଷ ଥିଲେ। ଖେଳ ଦେଖିବା ପୂର୍ବରୁ ଅପରାହ୍ଣ ପ୍ରାୟ ୫ଟାରେ ସେମାନେ ପୋଲିସ ଫ୍ୟାନ୍ ଭିଲେଜ ବୁଲିବା ସହିତ ଶରୀରରେ ରଙ୍ଗିନ ଟାଟୁ କରିଥିଲେ।

ପୂର୍ବାହ୍ଣରେ ସେମାନେ ନନ୍ଦନକାନନ ସମେତ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ବୁଲିଥିଲେ। ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ମାଲକାନାଗିରିର ୨୦ ଏବଂ କୋରାପୁଟର ୧୦ ଜଣ ରହିଛନ୍ତି। ଶୁକ୍ରବାର ସେମାନେ ପୁରୀ ଓ କୋଣାର୍କ ବୁଲିବାକୁ ଯିବାର କାର୍ଯ୍ୟକ୍ରମ ରହିଛି। ୨୦୦୯ରେ ଆତ୍ମସମର୍ପଣ କରିଥିବା କୋରାପୁଟ ଜିଲା ନାରାୟଣପାଟଣା ଅଞ୍ଚଳର କାଳିଆ ଦୁଲୁକା କହିଛନ୍ତି, ପ୍ରଥମ ଥର କରି ଭୁବନେଶ୍ୱର ବୁଲିବାକୁ ଆସିଥିବାରୁ ଖୁସି ଲାଗୁଛି। ଆମେ ମାଓବାଦୀ ଥିବାବେଳେ ଜଙ୍ଗଲରେ ମୃତ୍ୟୁ ସହ ପ୍ରତିଦିନ ସଂଗ୍ରାମ କରୁଥିଲୁ। କିନ୍ତୁ ଆତ୍ମସର୍ମପଣ କରି ବହୁତ ଖୁସି ଅନୁଭବ କରୁଛି। ହକି ମ୍ୟାଚ୍ ଦେଖିବା ପାଇଁ ପ୍ରବଳ ଉତ୍ସାହ ଥିଲା। ପୋଲିସ ଆମକୁ ବହୁତ ସହଯୋଗ କରୁଛି। ଆତ୍ମସର୍ମପଣ ପରେ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ପୋଲିସ ଯୋଗାଇ ଦେଉଛି। ଯେଉଁ ମାଓବାଦୀମାନେ ଜଙ୍ଗଲରେ ସଂଘର୍ଷ କରୁଛନ୍ତି ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଆମ ଭଳି ସାଧାରଣ ଜୀବନଯାପନ କରିବାକୁ କାଳିଆ ଆହ୍ୱାନ କରିଛନ୍ତି। ମାଲକାନାଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି, ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଛି। ସେମାନେ ହକି ମ୍ୟାଚ୍ ଦେଖିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେଥିପାଇଁ ସେମାନଙ୍କୁ ହକି ମ୍ୟାଚ୍ ଦେଖାଇବା ପାଇଁ ଭୁବନେଶ୍ୱରକୁ ଅଣାଯାଇଛି। ଏହାସହ ସେମାନେ ନନ୍ଦନକାନନ ବୁଲିଛନ୍ତି। ଶୁକ୍ରବାର କୋଣାର୍କ ଓ ପୁରୀ ବୁଲିବାକୁ ଯିବେ। ଗଣମାଧ୍ୟମ ଜରିଆରେ ଏସ୍‌ପି କହିଛନ୍ତି ଯେ, ଯେଉଁମାନେ ଭୁଲ ବାଟରେ ଯାଇ ମାଓବାଦୀ ହୋଇଛନ୍ତି, ସେମାନେ ଅତ୍ମସମପର୍ଣ କରନ୍ତୁ। ସରକାରଙ୍କ ପକ୍ଷରୁ ଯାହା କିଛି ସୁବିଧା ରହିଛି ସେସବୁ ଯୋଗାଇ ଦିଆଯିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ହକି ଖେଳର ମଜା ନେଉଛନ୍ତି ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ୍ ହୋଇଥିବା ମାଓବାଦୀ।

- ନନ୍ଦନକାନନ ବୁଲିଲେ
- ଆଜି କୋଣାର୍କ ଓ ପୁରୀ ବୁଲିବେ

ସଂକ୍ଷେପରେ

ଚିଟ୍‌ଫଣ୍ଡ ସ୍ୱତନ୍ତ୍ର କୋର୍ଟଙ୍କ ବଡ଼ ଆଦେଶ
୨ ଲକ୍ଷ ୩୮ ହଜାର ୪୭୭ କ୍ଷୁଦ୍ର ଜମାକାରୀ ଫେରିପାଇବେ ଟଙ୍କା

କଟକ ଅଫିସ, ୧୩।୧୨: ରୋଜ୍‌ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନିଜ୍‌ରେ ଟଙ୍କା ଜମା କରିଥିବା କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀମାନେ ଟଙ୍କା ଫେରସ୍ତ ପାଇବେ। ଓଡ଼ିଶା ପ୍ରୋଟେକ୍ସନ ଅଫ୍ ଇଣ୍ଟେରେଷ୍ଟ ଅଫ୍ ଡିପୋଜିଟର୍ସ ଆଇନ ଅନୁଯାୟୀ ସ୍ୱତନ୍ତ୍ର କୋର୍ଟ ରାଜ୍ୟ ସରକାରଙ୍କୁ ଏହି ଆଦେଶ ଦେଇଛନ୍ତି। ଏହି ଅନୁଯାୟୀ ରୋଜଭ୍ୟାଲି ସଂସ୍ଥାରେ ଟଙ୍କା ଜମା ରଖିଥିବା ୨ ଲକ୍ଷ ୩୮ ହଜାର ୪୭୭ ଜଣ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀ ୯୨ କୋଟି ୮ ଲକ୍ଷ ୯୬ହଜାର ୯୮୨ ଟଙ୍କା ଫେରସ୍ତ ପାଇବେ। କ୍ଷେତ୍ର ଅନୁଧାନକାରୀ ଦଳ ୧୦ହଜାର କିମ୍ବା ଏହା ତଳକୁ ଜମା ରଖିଥିବା ଜମାକାରୀମାନଙ୍କୁ ଚିହ୍ନଟ କରିବା ପରେ କୋର୍ଟରେ ତାଲିକା ଦାଖଲ କରାଯାଇଥିଲା। ଏହି ଜମାକାରୀମାନେ ୯୫ କୋଟି ୮୪ ଲକ୍ଷ ୧୨ ହଜାର ୮୯୩ ଟଙ୍କା ଜମା କରିଥିଲେ। ଯେଉଁମାନଙ୍କର ୭ ହଜାର କିମ୍ବା ଏହା ତଳକୁ ଟଙ୍କା ଜମା ରହିଛି, ସେମାନଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ। ସେହିପରି ୭ ହଜାରରୁ ୧୦ ହଜାର ମଧ୍ୟରେ ଜମା ରଖିଥିବା ଜମାକାରୀମାନେ ୭ ହଜାର ଟଙ୍କା ସହିତ ଅବଶିଷ୍ଟ ଟଙ୍କାର ୫୨ ପ୍ରତିଶତ ଟଙ୍କା ଫେରସ୍ତ ପାଇବେ ବୋଲି ସ୍ୱତନ୍ତ୍ର କୋର୍ଟର ସ୍ୱତନ୍ତ୍ର ପିପି ସୁବ୍ରତ ମହାନ୍ତି ସୂଚନା ଦେଇଛନ୍ତି। ଏହି ଜମାକାରୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଟ୍ରାନ୍ସଫର କରାଯିବ ବୋଲି ମହାନ୍ତି କହିଛନ୍ତି।

ଲାଞ୍ଚ: ବନ ଉନ୍ନୟନ ନିଗମ କ୍ଷେତ୍ର ସହକାରୀ ଗିରଫ

କଟକ ଅଫିସ, ୧୩।୧୨: ୨ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନୟାଗଡ଼ ଜିଲା ବନ ଉନ୍ନୟନ ନିଗମର କ୍ଷେତ୍ର ସହକାରୀ ବ୍ରଜକିଶୋର ବେଉରା। ଗୁରୁବାର ବେଉରା ଏହି ଲାଞ୍ଚ ଇଟାମାଟି ଥାନା ଅଧୀନ ନଛିପୁର ଗ୍ରାମର ଭଗବାନ ନାହାକଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଦୁଇଟି କାଠଗଣ୍ଡି ଦେବା ପାଇଁ କ୍ଷେତ୍ର ସହକାରୀ ବେଉରା ଖଇରପଟି ଗ୍ରାମରେ ଭଗବାନଙ୍କଠାରୁ ଏହି ଗ୍ରହଣ କରୁଥିବା ସମୟରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ବେଉରାଙ୍କ ଶାର୍ଟ ପକେଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହା ପରେ ବେଉରାଙ୍କ ଦଶପଲ୍ଲାସ୍ଥିତ ବାସଭବନକୁ ଭିଜିଲାନ୍ସ ଯାଞ୍ଚ କରିଛି। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୫୪/୨୦୧୮ରେ ଏକ ମାମଲା ରୁଜୁ କରାଯାଇ ବେଉରାଙ୍କୁ ଗିରଫ କରାଯାଇଛି।

■ ମହିଳା ସଂରକ୍ଷଣ ପ୍ରସଙ୍ଗ

ଅକାଳୀ ଦଳକୁ ଭେଟିଲା ବିଜେଡି

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି)ର ଏକ ପ୍ରତିନିଧି ଦଳ ଗୁରୁବାର ଶିରୋମଣୀ ଅକାଳୀ ଦଳକୁ ନୂଆଦିଲ୍ଲୀଠାରେ ଭେଟିଛନ୍ତି। ବିଜେଡି ତରଫରୁ ଦଳର ଉପସଭାପତି ତଥା ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ ଅକାଳୀ ଦଳର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲଙ୍କୁ ଭେଟିଛନ୍ତି। ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରିବା ଲାଗି ବିଜେଡି ପ୍ରତିନିଧି ଅକାଳୀ ଦଳର ସମର୍ଥନ ଲୋଡ଼ିଛନ୍ତି। କେନ୍ଦ୍ରମନ୍ତ୍ରୀ ବାଦଲ ମହିଳା ସଂରକ୍ଷଣ ପ୍ରସଙ୍ଗରେ ବିଜେଡି ସଭାପତି ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କିତ ଏକ ସଂକଳ୍ପ ପ୍ରସ୍ତାବକୁ ଓଡ଼ିଶା ବିଧାନସଭାରେ ଆଗତ କରାଇଥିଲେ। ଏହା ପରବର୍ତ୍ତୀ ସମୟରେ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା।

କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲଙ୍କ ସହ ବିଜେଡି ଏମ୍‌ପି ତଥାଗତ ସତପଥୀ ଏବଂ ରାଜ୍ୟ ସମବାୟ ଓ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର।

ବିଦ୍ୟୁତ୍ ତାର ନେଲା ହାତୀ ଜୀବନ

ଦେବଗଡ଼, ୧୩।୧୨(ସ୍ୱ.ପ୍ର.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଲାଇମୁରା ଅଞ୍ଚଳ ମୟୂରଡିମା ଗ୍ରାମରେ ବିଦ୍ୟୁତ୍ ତାର ଲାଗି ଗୁରୁବାର ଏକ ମାଈ ହାତୀର ମୃତ୍ୟୁ ଘଟିଛି। ହାତୀ ୧୨ ମାସର ଗର୍ଭିଣୀ ଥିଲା। ବ୍ୟବଚ୍ଛେଦବେଳେ ପେଟରୁ ଏକ ଅଣ୍ଡିରା ଶାବକ ବାହାରିଛି। ମୃତହାତୀର ବୟସ ୩୫ବର୍ଷ ହେବ ବୋଲି ବ୍ୟବଚ୍ଛେଦ କରିଥିବା ଭିଏସ୍ ଡ଼ା. ସତ୍ୟବ୍ରତ ମିଶ୍ର କହିଛନ୍ତି। ହାତୀ ଧାନ ଖାଇବାକୁ ବିଲକୁ ଯାଇଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ତଳକୁ ଓହଳିଥିବା ୧୧ କେଭି ତାର ସଂସ୍ପର୍ଶରେ ଆସିଥିଲା। ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଲୋକେ ବିଲକୁ ଯାଇଥିବାବେଳେ ହାତୀ ମରି ପଡିଥିବା ଦେଖିଥିଲେ। ପରେ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ପକ୍ଷରୁ ଦେବଗଡ଼ ରେଞ୍ଜ ଅଫିସର, ଲଇମୁରା ଫରେଷ୍ଟର ଓ ଫରେଷ୍ଟଗାର୍ଡଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀକୁ ଉଦ୍ଧାର କରିଥିଲେ। ମାର୍ଗଶିର ମାସ ଗୁରୁବାରରେ ହାତୀ ମୃତ୍ୟୁ ଘଟିଥିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଗୁଧୁ କପିଳା,
ତାକୁ ଡରନ୍ତି ନିଜେ ଭୋଳା ।

ହୁଣ୍ଡା ପ୍ରକୃତି ବ୍ୟକ୍ତିଙ୍କର ବିଚାର ଜ୍ଞାନ ନ ଥାଏ। କେଉଁଟା ଠିକ୍ କେଉଁଟା ଭୁଲ୍ ତା'ର ବାଛ ବିଚାର କରିବାର ଶକ୍ତି ରହି ନ ଥାଏ। ଏହି ଧରଣର ବ୍ୟକ୍ତି ଯେକୌଣସି ସ୍ତରକୁ ମଧ୍ୟ ଖସିଯାଇପାରନ୍ତି। ତେଣୁ ତାଙ୍କଠାରୁ ଯଥାସମ୍ଭବ ଦୂରତ୍ୱ ବଜାୟ ରଖିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଶାଠ ନ ଥାଇ ପାଠ,
ମଞ୍ଜ ନ ଥାଇ କାଠ,
ନାହା ନ ଥାଇ ଘାଟ,
ହେତୁ ନ ଥାଇ ପାଠ,
ଲୋକ ନ ଥାଇ ନାଟ ।

ବ୍ୟବହାରିକ ଜ୍ଞାନ ବିନା ପାଠ ମୂଲ୍ୟହୀନ ହୋଇଥାଏ। ମଞ୍ଜ ନ ଥିବା କାଠରେ ପୋକ ଲାଗିଯାଇଥାଏ। ନାଆ ନ ଥିଲେ ଘାଟ ପରିତ୍ୟକ୍ତ ହୋଇ ପଡ଼ି ରହିବା ଭଳି ବିଚାର ବୁଦ୍ଧି ହୋଇ ନ ଥିବା ପିଲାକୁ ପାଠ ପଢ଼ାଇବାରେ କୌଣସି ମୂଲ୍ୟ ମିଳି ନ ଥାଏ। ସେହିପରି ଦର୍ଶକ ବିନା ନାଟକର କୌଣସି ଗୁରୁତ୍ୱ ବା ଅସ୍ତିତ୍ୱ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ସଡ଼କ ଦୁର୍ଘଟଣାରେ ୨ ମୃତ

ପାରାଦୀପ,୧୩।୧୨(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଇଣ୍ଡିଆନ ଅଏଲ ଟର୍ମିନାଲ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଲମ୍ବା ତର୍ଜମା ହୋଇଥିବାବେଳେ ଏହାର ଘଣ୍ଟାଏ ପରେ ଏକ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ଏକ ସ୍କୁଟିରେ ଯାଉଥିବା ୨ ଯୁବକଙ୍କୁ ଏକ ତେଲ ଟାଙ୍ଗି ଗାଡ଼ି ମାଡ଼ିଯାଇଛି। ସେମାନେ ହେଲେ ଇଫ୍‌କୋ ସାର କାରଖାନାର କର୍ମଚାରୀ ଦଶରଥ ସିଂହ ଓ ସୋନୁ ଯାଦବ। ବଡ଼ପଡିଆ ବଜାରରୁ କାମ ସାରି ସେମାନେ ଇଫ୍‌କୋ ଅଭିମୁଖେ ଯାଉଥିବାବେଳେ ଏକ ତେଲ ଟାଙ୍କି ଗାଡି ସେମାନଙ୍କ ଉପରେ ମାଡିଯାଇଥିଲା। ଏଥିରେ ଦଶରଥଙ୍କ ମୁଣ୍ଡ ବିଭତ୍ସ ଭାବେ ଶରୀରରୁ ଅଲଗା ହୋଇଯାଇଛି। ସେହିପରି ସୋନୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍‌ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡି ଜବତ କରିଛି। ସୂଚନାଯୋଗ୍ୟ, ଅଠରବାଙ୍କୀରୁ ଦୋଛକି ରାସ୍ତା ମଧ୍ୟରେ ଏହାକୁ ମିଶାଇ ୭ ଜଣଙ୍କ ଜୀବନ ଗଲାଣି। ୨୦୧୭ରେ ଏହି ଅଞ୍ଚଳରେ ୧୭ ଦୁର୍ଘଟଣା ଘଟିଥିଲା। ପ୍ରଦୂଷଣ ଓ ଭାରିଯାନ ପାର୍କିଂ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିବା କୁହାଯାଉଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286, 7750921101

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551, 9068296909

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603, 7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261, 7991052595
405 D, Gandhi Marg, Mumbai-02

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ଣ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୭, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମାମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜକମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ନବବର୍ଷ ଧମାକା!!!
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401, 8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110, 7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ, ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟରେ ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର, ଟେକ୍‌ଓଭର ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442, 7606062768
nationalcoop98@gmail.com

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370, 7840058835
H.No.-258, VPO Duhai, Ghaziabad, (U.P.) 201203

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର–9690243041
ସମ୍ବଲପୁର– 9690367183
ବ୍ରହ୍ମପୁର– 7900240146
ଢେଙ୍କାନାଳ– 7900982000
ନୟାଗଡ଼– 7900365000

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469, 8395030162

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
(ସହଜ ଋଣ ବ୍ୟବସ୍ଥା ଉପଲବ୍ଧ)
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ।
SAMEEPTA INDUSTRIES PVT. LTD B-157, Baramunda, BBSR
9777196285, 9861088447

ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

For Single Day		For 7 Days		For 15 Days		For 30Days	
6×4	12×4	6×4	12×4	6×4	12×4	6×4	12×4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ବାଲିସୁଆଁରେ ନବବଧୂଙ୍କୁ ପୋଡ଼ି ମାରିବା ଘଟଣା

ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ବିକ୍ଷୋଭ ।

କେନ୍ଦ୍ରାପଡା ଅଫିସ, ୧୩।୧୨

ମାର୍ଶାଘାଇ ଥାନା ବାଲିସୁଆଁ ଗ୍ରାମର ନବବଧୂ ଭାରତୀ ଓରଫ କଣ୍ଟେଇ ଦାସଙ୍କ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ ଓ ଅନ୍ୟ ଦାବି ଉପସ୍ଥାପନ କରି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସଦସ୍ୟାମାନେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏହି ଅବସରରେ ହୀରାମଣି ରାଉତଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହାପରେ ବିଭିନ୍ନ ଦାବି ସମ୍ପର୍କିତ ଏକ ଦାବିପତ୍ର ଏଡିଏମ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଥିଲା । ଏ ସମ୍ପର୍କରେ ଏଲିନା ସାମନ୍ତରାୟ ସୂଚନା ଦେଇଛନ୍ତି ଯେ, ମାର୍ଶାଘାଇ ଥାନା ବଡପାଳ ଗ୍ରାମର ଗଗନ ବିହାରୀ ଦାସଙ୍କ ଝିଅ କଣ୍ଟେଇଙ୍କ ପାଟିରେ ଶାଶୁ ଓ ତିନି ନଣନ୍ଦ ମିଶି କପଡା ପୂରାଇବା ସହ ଖଟରେ ବାନ୍ଧି କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ । ଗ୍ରାମବାସୀ କଣ୍ଟେଇଙ୍କୁ ଉଦ୍ଧାର କରି ଚିକିତ୍ସା କରାଇ ଥିଲେ ମଧ୍ୟ ପରଦିନ ତାଙ୍କର ମୃତ୍ୟୁ ହୋଇଥିଲା । ମୁମୂର୍ଷୁ ଅବସ୍ଥାରେ ମେଡିକାଲରେ ପଡ଼ିଥିବା ବେଳେ ୫୦ ହଜାର ଟଙ୍କା ଯୌତୁକ ଦାବିରେ ଏପରି କରାଯାଇଥିବା କଣ୍ଟେଇ ଗଣମାଧ୍ୟକୁ ବୟାନ ଦେଇଥିଲେ । କିନ୍ତୁ ଏ ନେଇ ପୋଲିସ ପକ୍ଷରୁ ଉପଯୁକ୍ତ ତଦନ୍ତ ହେଉ ନଥିବା ଏଲିନା ଦର୍ଶାଇଛନ୍ତି । ଏଥିସହ ସଂଗଠନ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ, ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, କଣ୍ଟେଇଙ୍କ ୭ ମାସର ଝିଅର ଥଇଥାନ ବ୍ୟବସ୍ଥା, କଣ୍ଟେଇଙ୍କ ବାପଘରକୁ ଉପଯୁକ୍ତ କ୍ଷତିପୂରଣ ଆଦି ଦାବି କରାଯାଇଥିବା ଏଲିନା କହିଛନ୍ତି । ପ୍ରତିବାଦ ସଭାରେ ତୁଳସୀ ଦାସ, ଉଷାରାଣୀ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

ପଞ୍ଚାୟତସ୍ତରୀୟ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର

ଆଳି, ୧୩।୧୨ (ଡି.ଏନ୍.ଏ.)

ସାଧାରଣ ଲୋକଙ୍କ ନିମନ୍ତେ ହୋଇଥିବା ସରକାରୀ ଯୋଜନାଗୁଡ଼ିକର ସୁଫଳ କିଭଳି ହିତାଧିକାରୀମାନେ ପାଇପାରିବେ, ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ପଞ୍ଚାୟତିରାଜ ବିଭାଗର ସମସ୍ତ ଲୋକ ପ୍ରତିନିଧିମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଏ ନେଇ ଗୁରୁବାର ଆଳି ପଞ୍ଚାୟତ ସମିତି ସଭାଗୃହରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରାପଡା ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର ଓ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ ଶିବିରକୁ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ଶିବିରରେ ଆଳି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେବା ସହ ସୂଚନା ଅଧିକାର ଆଇନ ସମ୍ପର୍କରେ ଆଲୋଚନା କରିଥିଲେ । ଆଳି ବିଡିଓ ଜୟନ୍ତ କୁମାର ପୃଷ୍ଟି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ । ଆଳି ବିଇଓ ଧ୍ରୁବଚରଣ ମହାନ୍ତି ସର୍ବଶିକ୍ଷା ଓ ଶିକ୍ଷା ଅଧିକାର ଆଇନ ବିଷୟରେ ପ୍ରଶିକ୍ଷଣ ଦେଇଥିବା ବେଳେ ମେଡିକାଲ ଅଫିସର ଡା. ମନୋଜ କୁମାର ସେନାପତି ସ୍ୱାସ୍ଥ୍ୟ, ଆଳି ବ୍ଲକ ଯୋଗାଣ ଅଧିକାରୀ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ସମ୍ପର୍କରେ କହିଥିଲେ । ସେହିପରି ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ସତ୍ୟଭାମା ଜେନା, ସହକାରୀ କୃଷି ସମ୍ପ୍ରସାରଣ ଅଧିକାରୀ ସତ୍ୟପ୍ରକାଶ ଦାସ, ସହକାରୀ ପ୍ରାଣୀ ଚିକିତ୍ସକ ଅଭିମନ୍ୟୁ ରାଉତ, ଆଳି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୁପାଲି ପ୍ରିୟଦର୍ଶିନୀ ଓ ଆଳି ଥାନା ଆଇଆଇସି ମହେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନା ସମ୍ପର୍କରେ ମତ ରଖିଥିଲେ । ଏଥିରେ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଦସ୍ୟ ଯୋଗଦେଇଥିଲେ ।

ମାଟ୍ରିକ ପରୀକ୍ଷା ଫର୍ମପୂରଣ ଅବଧି ବଢ଼ିଲା

କଟକ ଅଫିସ,୧୩।୧୨

ଆସନ୍ତା ମାଟ୍ରିକ ପରୀକ୍ଷା-୨୦୧୯ ପାଇଁ ଫର୍ମ ପୂରଣ ଅବଧିକୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆଉ ଦୁଇଦିନ ବଢ଼ାଇ ଦେଇଛନ୍ତି । ବିନା ଜରିମାନାରେ ଫର୍ମପୂରଣ ନିମନ୍ତେ ଦେୟ ପୈଠ କରିବାର ଅନ୍ତିମ ସମୟ ଡିସେମ୍ବର ୧୩ ତାରିଖ ରାତି ୧୧ଟା ୪୫ ଧାର୍ଯ୍ୟ କରାଯାଇଥିଲା । ଏହାକୁ ୧୫ ତାରିଖ ରାତି ୧୧ ଟା ୪୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏତଦ୍‌ବ୍ୟତୀତ ୧୬ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଫର୍ମ ଦାଖଲର ବ୍ୟବସ୍ଥା ମଧ୍ୟ କରାଯାଇଛି । ତେବେ ଜରିମାନା ସହ ଫର୍ମପୂରଣ ସମୟ ସୀମା ଅପରିବର୍ତ୍ତିତ ରହିଛି । ଜରିମାନା ଦେଇ ଫର୍ମପୂରଣ କରିବାକୁ ଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ଦେୟ ଦାଖଲର ଅନ୍ତିମ ସମୟ ୧୮ ତାରିଖ ରାତି ୧୧ଟା ୪୫ ଧାର୍ଯ୍ୟ ହୋଇଛି । ଛାତ୍ରୀଛାତ୍ରମାନେ ୧୯ ତାରିଖ ମଧ୍ୟରାତି ପର୍ଯ୍ୟନ୍ତ ଫର୍ମଦାଖଲ କରିପାରିବେ । ବ୍ୟାଙ୍କିଙ୍ଗ୍ ଜରିଆରେ ଦେୟ ପୈଠରେ ସମସ୍ୟା ଯୋଗୁ ସମୟସୀମାକୁ ବୃଦ୍ଧି କରାଯାଇଛି ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । ସୂଚନାଥାଉକି ବୋର୍ଡର ନିଜସ୍ୱ ୱେବ୍‌ସାଇଟ୍. www.bseodisha.ac.in-ରେ ଫର୍ମପୂରଣ ପ୍ରକ୍ରିୟା ଜାରି ରହିଛି ।

DADLS-219

ରାଜ୍ୟସ୍ତରୀୟ
ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ
ଜୟନ୍ତୀ ସମାରୋହ
୧୪ ଡ଼ିସେମ୍ବର, ୨୦୧୮

ସମୟ – ସକାଳ ଘ.୮ .୩୦ମି.
ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ସାଧାରଣ ସଭା
ସମୟ – ସନ୍ଧ୍ୟା ୬ ଘଟିକା ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା,
ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର,
ମାନ୍ୟବର ବିଧାୟକ
– ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ,
ମାନ୍ୟବର ବିଧାୟକ ତଥା ସ୍ମୃତି ସଂସଦର ସଭାପତି
ମୁଖ୍ୟ ବକ୍ତା – ପ୍ରାଧ୍ୟାପକ ଡକ୍ଟର ମଣୀନ୍ଦ୍ର କୁମାର ମେହେର,
ବିଶିଷ୍ଟ ସ୍ତମ୍ଭକାର ଓ ପ୍ରାବନ୍ଧିକ
ଧନ୍ୟବାଦ ଅର୍ପଣ – ଡ଼ାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ,
ସ୍ମୃତି ସଂସଦର ସମ୍ପାଦକ

ମୁଖ୍ୟ ଅତିଥିଙ୍କ ଦ୍ୱାରା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯାଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ଭଜନ ଏକାମ୍ର ଜ୍ୟୋତି ଅନୁଷ୍ଠାନର ସଙ୍ଗୀତ ନିର୍ଦ୍ଦେଶକ ଦୀନବନ୍ଧୁ ମଲିଆ, ବିଶିଷ୍ଟ ଗାୟିକା ସୋହିନୀ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ଅଭୟ ମଲିଆ, ମଳୟ ରଞ୍ଜନ ମହନ୍ତ, ନିର୍ମଳା ସୁବୁଦ୍ଧି, ଶକୁନ୍ତଳା ବିଶ୍ୱାଳ, ଅଜୟ, ଶିଶୁ ପ୍ରତିଭା ଶ୍ରୀବାଲି ଦାସ ଓ ରିତୁପର୍ଣ୍ଣା ନନ୍ଦଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0494/1819

DSPL-291

ଶକ୍ତି ବିଭାଗ
ଓଡ଼ିଶା ସରକାର

ଘରେ ଘରେ ଆଜି ବିଜୁଳି
ଓଡ଼ିଶା ଗଲାଣି ବଦଳି



ଆମ ମୁଖ୍ୟମନ୍ତ୍ରୀ ଦେଇଥିବା କଥା ଆଜି କାର୍ଯ୍ୟରେ ପରିଣତ ହୋଇଛି । ଓଡ଼ିଶାର ସବୁ ଘରକୁ ବିଜୁଳି ଶକ୍ତି ଯୋଗାଇବା କଥା ଆଜି ସତ ହୋଇଛି । ୯୫ ଲକ୍ଷରୁ ଅଧିକ ଘରକୁ ଆମେ ବିଦ୍ୟୁତ୍ ସଂଯୋଗ ପହଞ୍ଚାଇ ସାରିଛୁ । ଯଦି କୌଣସି ପରିବାର ବିଦ୍ୟୁତ୍ ସଂଯୋଗ ଏଯାଏଁ ପାଇ ପାରି ନାହାନ୍ତି, ସେମାନେ ଏହି ଡିସେମ୍ବର ମାସର ୧୫ ରୁ ୨୦ ତାରିଖ ମଧ୍ୟରେ ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା 'ପିଠା' (PEETHA) ଶିବିରରେ ପହଞ୍ଚି ବିନା ଜମାରେ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରନ୍ତୁ ।

WESCO
WESCO UTILITY
SOUTHCO UTILITY
CESU
NESCO UTILITY

ଶକ୍ତି ବିଭାଗ, ଓଡ଼ିଶା ସରକାର

04001/13/0007/1819

ସଂକ୍ଷେପରେ

ଭାଗବତ କଥାମୃତ ପ୍ରବଚନ

ବିରିଡ଼ି,୧୩।୧୨(ଡି.ଏନ.ଏ): ବିରିଡ଼ି ବ୍ଲକ ହଳଦିଆପଡ଼ା-ନୂଆଗାଁ ଭାଗବତ ପୀଠ ନିକଟରେ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ ଅନୁଷ୍ଠିତ ହୋଇଛି। ପ୍ରବକ୍ତା ଗୌଡ଼ୀୟ ମଠ ପୁରୀର ବାବାଜୀ ଭକ୍ତ ଗୌରବ ସୋମନାଥ ମହାରାଜ ଯୋଗଦେଇ କହିଲେ ଯେ ଭାଗବତ ହେଉଛି ମୁକ୍ତିଶାସ୍ତ୍ର। ଯେପରି ନିଜ ବାଛୁରୀ ପଛରେ ଗାଈଟିଏ ଧାଇଁଥାଏ, ଠିକ୍ ସେହିଭଳି ଭାଗବତକୁ ନିଜର ସର୍ବସ୍ୱ ମନେ କରୁଥିବା ଭକ୍ତ ପଛରେ ପ୍ରଭୁ ଧାବମାନ କରନ୍ତି। ଯାହା ଘରେ ଶ୍ରୀମଦ୍ ଭାଗବତ ନାହିଁ, ତାହା ଏକ ଶ୍ମଶାନ ସଦୃଶ ବୋଲି ବୈଷ୍ଣବମାନେ କହିଛନ୍ତି। ସନ୍ଥ ମହାପୁରୁଷମାନେ ଉତ୍କଳ ମାଟିରେ ପ୍ରକଟିତ ହୋଇ ଏହି ଦ୍ୱାଦଶ ଖଣ୍ଡ ଭାଗବତକୁ ନିଜ ଶରୀର ଭିତରେ ଦ୍ୱାଦଶ ବାୟୁ ବୋଲି ପ୍ରମାଣ କରିଛନ୍ତି। ତେଣୁ ଏହା ଶୁକ - ପରୀକ୍ଷିତ ସମ୍ବାଦ ନ ହୋଇ ଜୀବ ପରମର ସମ୍ବାଦ ବା ମୁକ୍ତିର ବାଟ ବୋଲି ସେ ପ୍ରକାଶ କରିଛନ୍ତି।

ପୋଖରୀରେ ବୁଡ଼ି ଜଣେ ମୃତ

ବଡ଼ମ୍ବା,୧୩।୧୨(ଡିଏନଏ): ପୋଖରୀରେ ବୁଡି ବଡ଼ମ୍ବା ଥାନା ଅନ୍ତର୍ଗତ ମାଣିଆବନ୍ଧର କାହ୍ନୁ ପାତ୍ରଙ୍କ ପୁତ୍ର ଅଭୟ ପାତ୍ର(୫୬)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଅଭୟ ଭୋରରେ ନିଜ ଘର ନିକଟ ବାଉଁଶ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ପୋଖରୀରେ ତାଙ୍କ ପାଦ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। କିଛି ସମୟ ପରେ ତାଙ୍କ ମୃତଦେହ ପାଣିରେ ଭାସୁଥିବା ଗ୍ରାମବାସୀ ଦେଖିଥିଲେ।

ଉଜ୍ଜ୍ୱଳା ହିତାଧିକାରୀଙ୍କ ସୁରକ୍ଷା ଶିବିର

ତିର୍ତ୍ତୋଲ,୧୩।୧୨(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ନାଉସୀରା ଆଖଣ୍ଡଳମଣୀ ମନ୍ଦିର ପରିସରରେ ସାଇ ଗ୍ୟାସ ଗ୍ରାମୀଣ ବିତରକ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଗ୍ୟାସ ଯୋଜନା ହିତାଧିକାରୀଙ୍କୁ ନେଇ ଏକ ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସାଇ ଗ୍ୟାସ ବିତରକ ସ୍ମିତିରଞ୍ଜନ ପୃଷ୍ଟି ଅଧକ୍ଷତା କରିଥିଲେ। କମ୍ପାନୀର ସାମାଜିକ ଉନ୍ନତିକରଣ ଅଧିକାରିଣୀ ସୁଜାତା ଭୂୟାଁ ଯୋଗଦେଇ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଗ୍ୟାସ ଯୋଜନା କିପରି ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ସହାୟକ ହୋଇଛି, ସେ ସମ୍ପର୍କରେ କହିଥିଲେ। ଏଥିସହିତ ରୋଷେଇ ଗ୍ୟାସର ନିରାପଦ ବ୍ୟବହାର ସମ୍ପର୍କରେ ହିତାଧିକାରୀଙ୍କୁ ବୁଝାଇଥିଲେ। ତିର୍ତ୍ତୋଲ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଗ୍ରନ୍ଥାଗାରିକ ପରମାନନ୍ଦ ମିଶ୍ର, ଅଙ୍ଗନୱାଡି କର୍ମୀ ସୁଜାତା ନାୟକ, ଆଶାକର୍ମୀ କାଞ୍ଚନ ହାଲଦାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଇ ଗ୍ୟାସ ଏଜେନ୍ସୀର ଚିନ୍ମୟ ମହାପାତ୍ର, ରାମଦାସ ଭୋଇ, କୁମାରେଶ ସାହୁ, ନରେନ୍ଦ୍ର ସାମଲ ପ୍ରମୁଖ ପରିଚାଳନା କରିଥିଲେ।

ନବନିର୍ମାଣ କୃଷକ ସଙ୍ଗଠନ ସମାବେଶ

କୁଜଙ୍ଗ,୧୩।୧୨(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ କୋଚିଲା ମଠ ପରିସରରେ ଏକ ସମାବେଶ ହୋଇଛି। ଏଥିରେ ବ୍ଲକ ସଂଯୋଜକ ବିଷ୍ଣୁଚରଣ ସ୍ୱାଇଁ ଅଧକ୍ଷତା କରିଥିଲେ। ଚାଷୀମାନଙ୍କର ସ୍ୱାର୍ଥ ପାଇଁ କୃଷକ ନେତା ଅକ୍ଷୟ କୁମାର ଚଳାଇଥିବା ଅନଶନକୁ ଏଥିରେ ସମର୍ଥନ କରାଯାଇଥିଲା। ଧୀରେନ୍ଦ୍ର ସ୍ୱାଇଁ, ଶ୍ରୀଧର ସାମଲ, ସୁଦର୍ଶନ ଖଣ୍ଡୁଆଳ, ମମତା ମଲ୍ଲିକ, ସୌଦାମିନୀ ସ୍ୱାଇଁ, ଜାନକୀ ମହାରଥା, ମିନର୍ଭା ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଦାସ, ଗୋବିନ୍ଦ ନାୟକ, ସାନନ୍ଦ ସାହୁ ପ୍ରମୋଦ କୁମାର ସ୍ୱାଇ ପ୍ରମୁଖ ବୈଠକରେ ବକ୍ତବ୍ୟ ପ୍ରଦାନ କରିଥିଲେ।

କଂଗ୍ରେସର କର୍ମୀ ସମ୍ମିଳନୀ

କୁଜଙ୍ଗ,୧୩।୧୨(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ ଗୋପିଆକୁଦ ପଞ୍ଚାୟତ ବରିହା ଗ୍ରାମରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପାରାଦୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ପ୍ରମୋଦ କିଶୋର ଜେନା ଯୋଗଦେଇ ସଙ୍ଗଠନକୁ ଅଧିକରୁ ଅଧିକ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। କ୍ଷୀରୋଦ ଚନ୍ଦ୍ର ଦଳାଇ, ଉମାକାନ୍ତ ଯତି, ଅଲେଖ ଦଳାଇ, ପ୍ରଫୁଲ୍ଲ ମାଝୀ, ସନ୍ତୋଷ ପରିଡ଼ା, ଦୁର୍ଗା ଚରଣ ରାଉତ, ଗଙ୍ଗାଧର ବେହେରା, ରବୀନ୍ଦ୍ର ଦଳାଇ, କୁଳମଣୀ ବେହେରା, ପ୍ରମୋଦ ମାଝୀ, ରସାକର ମାଝୀ, ଅମୀୟ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

■ ମକ୍‌ଡ୍ରିଲ ହେଉଛି, ବାହ୍ୟ ବିପଦକୁ ନଜର ନାହିଁ

ଦୁର୍ଘଟଣା ଘଟିଲେ ଭଗବାନ ଭରସା

ପାରାଦୀପ,୧୩।୧୨(ସ୍ୱ.ପ୍ର.)

ପାରାଦୀପରେ ଶିଳ୍ପ ସଂସ୍ଥା ପକ୍ଷରୁ କରାଯାଉଥିବା ମକଡ୍ରିଲ୍।

- ■୧୯୯୯ ପରି ସମସ୍ୟା ସୃଷ୍ଟି ହେଲେ ବିପଦ
- ■ବିପଦପୂର୍ଣ୍ଣ କାରଖାନା ଅଞ୍ଚଳକୁ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ
- ■୪ ବର୍ଷ ହେଲା ଘୋଷଣାରେ ସୀମିତ ବିକଳ୍ପ ରାସ୍ତା

ପାରାଦୀପରେ ଶିଳ୍ପ ସଂସ୍ଥାଗୁଡିକ ଦୁର୍ଘଟଣା ଏଡାଇବା ଓ ଏହାର ପ୍ରତିକାର କରିବା ପାଇଁ ମକଡ୍ରିଲ କରୁଛନ୍ତି। ବୁଧବାର କାରଖାନା ଓ ବାସ୍ଲିତ ବିଭାଗ ନିର୍ଦ୍ଦେଶରେ ବାଉରିଆ ପାଳନ୍ଦାଠାରେ ଏଲ୍‌ପିଜି ଗ୍ୟାସ୍ ବିସ୍ଫୋରଣ ଉପରେ ଏକ ମେଗା ମକଡ୍ରିଲ ହୋଇଛି। ଗତ ସପ୍ତାହରେ ପାରାଦୀପ ବନ୍ଦର ପୋତାଶ୍ରୟରେ ଡକ୍ ସେଫ୍ଟି (କେନ୍ଦ୍ରୀୟ) ତତ୍ତ୍ୱାବଧାନରେ ମଧ୍ୟ ମକଡ୍ରିଲ ହୋଇଥିଲା। ଏଭଳି ଭାବେ ଗତ ୧୧ ଜାନୁୟାରୀ ୨୦୧୮ରୁ ଅଦ୍ୟାବଧି ପିପିଏଲ, ଇଫ୍‌କୋ, ତୈଳ ବିଶୋଧନାଗାର ଆଦି ବିଭିନ୍ନ ଶିଳ୍ପ ସଂସ୍ଥା ପକ୍ଷରୁ ୯ ଥର ମକଡ୍ରିଲ କରାଗଲାଣି। ପ୍ରାୟ ସମସ୍ତ ୧୫ ବୃହତ ଶିଳ୍ପ ନିଜ କାରଖାନାରେ ରାସାୟନିକ ସାମଗ୍ରୀ, ତେଲ, ଗ୍ୟାସ୍ ଆଦି ଦୁର୍ଘଟଣାରୁ ବର୍ତ୍ତିବାକୁ କୌଶଳ ପ୍ରଦର୍ଶନ କରୁଛନ୍ତି। କିନ୍ତୁ ବାହ୍ୟ ବିପଦକୁ ସେମାନେ ନଜର ଦେଉନାହାନ୍ତି। ସାମୂହିକ ଭାବେ ଶିଳ୍ପ ସଂସ୍ଥାଗୁଡିକ କେବେ ହେଲେ ମକଡ୍ରିଲ କରିନାହାନ୍ତି। ଗୋଟିଏ କାରଖାନାରେ ଅଘଟଣ ଘଟିଲେ, ନିକଟସ୍ଥ ଅନ୍ୟ କାରଖାନା ପ୍ରତି ହେବାକୁ ଥିବା ବିପଦ ପ୍ରତି ସତର୍କତା ଅବଲମ୍ବନ କରାଯାଉନି।

ପାରାଦୀପ ଶିଳ୍ପଭିତ୍ତିକ ବନ୍ଦର ସହରର ଭୌଗୋଳିକ ସ୍ଥିତି ଏପରି ରହିଛି ଯେ, ସହରକୁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଗୋଟିଏ ମାତ୍ର ରାସ୍ତା ଅଛି। ଦୋଛକିଠାରୁ ଅଠରବାଙ୍କୀ ଦେଇ ଶେଷରେ ପୋର୍ଟ ଟାଉନ୍‌ସିପ୍। ଏହି ଅଞ୍ଚଳ ମଧ୍ୟରେ ସବୁ ଶିଳ୍ପ ଓ ଜନବସତି ଥିବାରୁ ସମସ୍ତେ ଅଠରବାଙ୍କୀ ବାଟେ ଯାତାୟାତ କରନ୍ତି। କୌଣସି କାରଣରୁ ଦୁର୍ଘଟଣା ଘଟିଲେ ସମସ୍ତେ ସେହି ରାସ୍ତା ଦେଇ ବାହାରକୁ ଯିବେ। କିନ୍ତୁ ଅଠରବାଙ୍କୀଠାରୁ ଦୋଛକି ଭିତରେ ଥିବା ଅଞ୍ଚଳରେ କାରଖାନାର ଦୁର୍ଘଟଣା ଘଟିଲେ, ସବୁ ଲୋକ ଟାଉନ୍‌ସିପ୍ ଭିତରେ ରହିଯିବେ। ଏଭଳି ଘଟଣା ପୂର୍ବରୁ ଥରେ ଘଟିଥିଲା। ୧୯୯୯ ଅକ୍ଟୋବର ୨୯ ମହାବାତ୍ୟା ସମୟରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଥିଲା। ସେତେବେଳେ ପିପିଏଲ ଆମୋନିଆ ଟାଙ୍କିରୁ ୮ଦିନ ଜେନେରେଟର ଦ୍ୱାରା ବିଦ୍ୟୁତ୍ ଯୋଗାଇ ଦିଆଯାଇଥିଲା। ପରେ ବିଦ୍ୟୁତ୍ ସେବା ବନ୍ଦ ହେବାରୁ ଆମୋନିଆ ଟାଙ୍କି ପ୍ରତି ବିପଦ ସୃଷ୍ଟି ହୋଇଥିଲା। ନଭେମ୍ବର ୮ରେ ପିପିଏଲ କର୍ତ୍ତୃପକ୍ଷ ବାଧହୋଇ ରାତିରେ ଆମୋନିଆ ବାହାରକୁ ଛାଡ଼ିଥିଲେ। ଉକ୍ତ ଗ୍ୟାସ୍ ପ୍ରଭାବରେ ପାରାଦୀପଠାରୁ କୁଜଙ୍ଗ ପର୍ଯ୍ୟନ୍ତ ଅଞ୍ଚଳର ଲୋକେ ଘରଦ୍ୱାର ଛାଡ଼ି ଭୟରେ ପଳାଇଥିଲେ।

ସୂଚନାଯୋଗ୍ୟ, ୨ ସାର କାରଖାନାରେ ୪ରୁ ଅଧିକ ଆମୋନିଆ ଟାଙ୍କି ରହିଛି। ଏଥିରେ ଲକ୍ଷାଧିକ ଟନ୍ ଆମୋନିଆ ଗଚ୍ଛିତ ଅଛି। କୌଣସି କାରଣବଶତଃ ଯଦି ଗୋଟିଏ ଆମୋନିଆ ଟାଙ୍କିରେ ଦୁର୍ଘଟଣା ଘଟେ, ତେବେ ୪୦ କିମି ମଧ୍ୟରେ କୌଣସି ଜୀବ ସତ୍ତା ରହିବ ନାହିଁ। ଭୋପାଳରେ ହୋଇଥିବା ଗ୍ୟାସ୍ ଦୁର୍ଘଟଣା ଏହାର ଉଦାହରଣ। ଆମୋନିଆକୁ ସଂରକ୍ଷିତ ରଖିବା ପାଇଁ ବିୟୁକ୍ତ ୩୩ ଡିଗ୍ରୀ ଥଣ୍ଡା ଦରକାର। ଦୁଇଟି ସାର କମ୍ପାନୀ ସେଥିପାଇଁ ୪ ଥାକିଆ ବିଦ୍ୟୁତ୍ ବ୍ୟବସ୍ଥା କରିଛନ୍ତି। କିନ୍ତୁ ବାହ୍ୟ ବିପଦ ପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ପ୍ରତି ୧୦ ବର୍ଷରେ ଥରେ ଆମୋନିଆ ଟାଙ୍କି ଖାଲି କରି ଆମୂଳ ଚୂଳ ଯାଞ୍ଚ କରିବା କଥା। ସେହିପରି ପାରାଦୀପର ୩ ତେଲ କମ୍ପାନୀର ୧୦୦ରୁ ଅଧିକ ବିଶାଳ ଟାଙ୍କି ରହିଛି। ଇଣ୍ଡିଆନ ଅଏଲର ଟର୍ମିନାଲରେ ୧.୨୦ ଲକ୍ଷ ଲିଟର ବିଶିଷ୍ଟ ୫୦ରୁ ଅଧିକ ଟାଙ୍କି ଅଛି। ଗୋଟିଏ ଟାଙ୍କିରେ ଆଗ୍ନିକ ବିପଦ ସୃଷ୍ଟି ହେଲେ ୫୦ କିମି ପର୍ଯ୍ୟନ୍ତ ଉତ୍ତାପ ଅନୁଭୂତ ହେବ। ଏମିତିରେ ଇଫ୍‌କୋ କାରଖାନାକୁ ଲାଗି ଏସାର ଷ୍ଟିଲ ରହିଛି। ଇଫ୍‌କୋର ଆମୋନିଆ ସଂରକ୍ଷଣ ପାଇଁ ବିୟୁକ୍ତ ୩୩ ଡିଗ୍ରୀ ଥଣ୍ଡା ଦରକାର ହେଉଥିବାବେଳେ ଏସାର ଷ୍ଟିଲରେ ଲୁହାକୁ ଗରମ କରିବାକୁ ୧୬ଶହ ଫାରେନହିଟ୍ ଉତ୍ତାପ ଦରକାର। ଏମିତି ଦୁଇ ବିପରିତ ପରିବେଶ ଆବଶ୍ୟକ କରୁଥିବା ଦୁଇ ଶିଳ୍ପ ସଂସ୍ଥା ମଧ୍ୟରେ ଦୂରତା ରହିଛି ମାତ୍ର ୧୦୦ ମିଟର। ସମସ୍ତ ବିପଦଯୁକ୍ତ କାରଖାନା ଅଞ୍ଚଳକୁ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ। ଏ ସମ୍ପର୍କରେ ୨୦୧୪ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସେହି ଖବର ଆଧାରରେ ଏମ୍‌ପି କୁଳମଣି ସାମଲ ଲୋକସଭାରେ ପ୍ରଶ୍ନ ଉଠାଇଥିଲେ। ପରେ ବନ୍ଦର କର୍ତ୍ତୃପକ୍ଷ ଏକାଧିକ ବୈଠକରେ ଘୋଷଣା କରିଥିଲେ ଯେ ବିକଳ୍ପ ରାସ୍ତା ସବ୍‌ଷ୍ଟେଶନ ଛକରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ କରାଯିବ। କିନ୍ତୁ ୪ବର୍ଷ ହେଲା ତାହା ଘୋଷଣାରେ ସୀମିତ ଅଛି। ପାରାଦୀପର ଏହି ରାସ୍ତା ଓ ଦୁର୍ଘଟଣା(ରସାୟନ) ପ୍ରସଙ୍ଗରେ କାରଖାନା ଓ ବାସ୍ଲିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇଙ୍କୁ ପଚାରିବାରେ ସେ କହିଲେ ଯେ କମ୍ପାନୀମାନେ ସେଫ୍ଟି ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ ସଚେତନ କରିବା ପାଇଁ କୁହାଯାଇଛି। କିନ୍ତୁ ୧୯୯୯ ମହାବାତ୍ୟା ପରି ଅଘଟଣ ହେଲେ କ’ଣ ହେବ ବୋଲି ପଚାରିବାରେ ଭଗବାନ ଭରସା ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପ୍ରାକୃତିକ ବିପର୍ଯ୍ୟୟକୁ ଯେତିକି ଡର ନାହିଁ, ତା’ଠାରୁ କାରଖାନା ଦୁର୍ଘଟଣାକୁ ନେଇ ଅଧିକ ଡର ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା ଅରବିନ୍ଦ ସ୍ୱାଇଁ।

୨ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ଜଗତ୍‌ସିଂହପୁର ଅଫିସ,୧୩।୧୨

- ■ଜଣେ ୯ ମାସର ଗର୍ଭବତୀ, ସମ୍ପର୍କୀୟଙ୍କ ନାମରେ ମାମଲା
- ■ଅନ୍ୟ ଜଣଙ୍କୁ ପ୍ରତାରଣା, ଅଭିଯୁକ୍ତ ଅଟକ

ଗୁରୁବାର ଜଗତ୍‌ସିଂହପୁର ଥାନାରେ ୨ଟି ନାବାଳିକା ଅସଦାଚରଣ ମାମଲା ରୁଜୁ ହୋଇଛି। ପୁନଙ୍ଗ ଅଞ୍ଚଳର ଜଣେ ନାବାଳିକାଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଭୟ ଓ ହତ୍ୟା ଧମକ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଏବେ ସେ ୯ ମାସର ଗର୍ଭବତୀ ଅଛନ୍ତି। ନାବାଳିକାଙ୍କ ଏଭଳି ଗୁରୁତର ଅଭିଯୋଗ ଉପରେ ତଦନ୍ତ ଚାଲିଥିବା କହିଛନ୍ତି ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର। ଅଭିଯୋଗ ଗ୍ରହଣ କରି ପୋଲିସ ମାମଲା ସଂଖ୍ୟା ୩୨୭/୧୮ ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଛି। ତେବେ ନାବାଳିକାଙ୍କ ଡାକ୍ତରୀ ମାଇନା ସମେତ ଅନ୍ୟାନ୍ୟ ପ୍ରକ୍ରିୟା ଶୁକ୍ରବାର କରାଯିବ ବୋଲି ଆଇଆଇସି କହିଛନ୍ତି। ସେହିପରି ତରିକୁନ୍ଦ ଅଞ୍ଚଳର ଜଣେ ନାବାଳିକାଙ୍କ ସହ ଏହି ଥାନା ଅନ୍ତର୍ଗତ ଲହଙ୍ଗାର ବଳିଆ ଭୋଇ ଶାରୀରିକ ସମ୍ପର୍କ ରଖି ପ୍ରତାରିତ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବୁଧବାର ସକାଳ ୧୦ଟାରେ ପୀଡିତାଙ୍କ ଏକ ଘର ଭିତରେ ନାବାଳିକାଙ୍କ ସହ ବଳିଆ ଅସଜ୍ଜିତ ଅବସ୍ଥାରେ ଥିବାବେଳେ ନାବାଳିକାଙ୍କ ବାପା ଦେଖିଥିଲେ। ସମାଧାନ ପାଇଁ ସେ ଅଭିଯୁକ୍ତଙ୍କ ଘରକୁ ଯାଇ ଆଲୋଚନା କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଅଭିଯୁକ୍ତଙ୍କ ପରିବାର ସମାଧାନ ପାଇଁ ରାଜି ହୋଇ ନ ଥିଲେ। ଏହାପରେ ପୀଡିତାଙ୍କ ପିତା ଥାନାର ଆଶ୍ରୟ ନେଇଥିଲେ। ତାଙ୍କ ଅଭିଯୋଗକୁ ଗ୍ରହଣ କରି ପୋଲିସ ମାମଲା ସଂଖ୍ୟା ୩୨୬/୧୮ ରୁଜୁ କରିବା ସହ ପୀଡିତାଙ୍କ ଡାକ୍ତରୀ ମାଇନା କରିଛି। ଦଫା ୧୬୧ ଓ ଦଫା ୧୬୪ ସିଆର୍‌ପିସିରେ ପୃଥକ ଭାବେ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତଙ୍କୁ ଅଟକ ରଖାଯିବା ସହ ଅଧିକ ପଚରାଉଚୁରା ଚାଲିଥିବା ଆଇଆଇସି ମିଶ୍ର ସୂଚନା ଦେଇଛନ୍ତି।

ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

ବାଲିକୁଦା,୧୩।୧୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅନନ୍ତପୁର ଫାଣ୍ଡି ଅଞ୍ଚଳର ଜଣେ ୮ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ମାମଲା ନଂ. ୧୬୩/୧୮ ରୁଜୁ କରିବା ସହ ପୀଡିତାଙ୍କ ଡାକ୍ତରୀ ମାଇନା କରିଛି। ଅଭିଯୋଗ ଅନୁଯାୟୀ, ଗତ ୯ ତାରିଖ ଦିନ ମନ୍ଦିରରେ ଜଣେ ବ୍ୟକ୍ତି ରୋଷେଇ ଭୋଗ ଲାଗି କରୁଥିଲେ। ଗ୍ରାମର ଅଧିକାଂଶ ଲୋକ ସେଠାରେ ଉପସ୍ଥିତ ଥିଲେ। ଏହି ସମୟରେ ଗ୍ରାମର ହାଡୁ ପ୍ରଧାନ(୧୯) ନାବାଳିକାଙ୍କ ଘରକୁ ଯାଇ ପାଣି ପିଇବାକୁ ମାଗିଥିଲେ। ଘରେ ନାବାଳିକା ଏକାକି ଥିବା ଦେଖି ଅଭିଯୁକ୍ତ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ତେବେ ସେ ଚିତ୍କାର କରିବାରୁ ଅଭିଯୁକ୍ତ ପଳାଇଥିଲେ।

ସୂଚନାଯୋଗ୍ୟ, ନାବାଳିକା ଜଣଙ୍କ ନିଜ ମାମୁ ଘରେ ରୁହନ୍ତି। ଅଜା ଆଈ ଘରକୁ ଫେରିବା ପରେ ପୀଡିତା ସେମାନଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଏ ସମ୍ପର୍କରେ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ କହିବାରୁ ସେମାନେ କିଛି ଶୁଣି ନ ଥିଲେ। ତେଣୁ ବୁଧବାର ସନ୍ଧ୍ୟାରେ ପୀଡିତାଙ୍କ ପକ୍ଷରୁ ଫାଣ୍ଡିରେ ଅଭିଯୋଗ କରାଯାଇଥିଲା। ଫାଣ୍ଡି ଅଧିକାରୀ ଦୀପ୍ତିରଞ୍ଜନ ମହାପାତ୍ର ମାମଲାକୁ ବାଲିକୁଦା ଥାନାକୁ ପଠାଇଛନ୍ତି। ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇ ନ ଥିବା ପୋଲିସ କହିଛି।

ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ଉଦ୍‌ଯାପନ ଉତ୍ସବରେ ଉପସ୍ଥିତ ଅତିଥି।

ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ଉଦ୍‌ଯାପିତ

ପାରାଦୀପ,୧୩।୧୨(ସ୍ୱ.ପ୍ର.)

ପାରାଦୀପ କଲେଜ ପରିସରରେ ଗତ ୧୨ ଦିନ ଧରି ଚାଲିଥିବା ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନ ଉତ୍ସବରେ ପାରାଦୀପ ଲେଡିଜ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳ୍ପନା ସାହୁ, ଡା. ରଞ୍ଜିତ ପଟ୍ଟନାୟକ, କଲେଜର କାର୍ଯ୍ୟକାରୀ ଅଧକ୍ଷା ସୁପ୍ରିମୋ କାନୁନ୍‌ଗୋ, ପ୍ରଭାତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆତ୍ମରକ୍ଷା କୌଶଳରେ ଭାଗନେଇଥିବା ଛାତ୍ରୀ ଓ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ଦିଆଯାଇଥିଲା।

ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା

ପାରାଦୀପ,୧୩।୧୨(ସ୍ୱ.ପ୍ର.)

କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

ପାରାଦୀପ ଉପକଣ୍ଠ ନୂଆଗଡ଼ରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଆରମ୍ଭ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ଉତ୍ସବ ପାଇଁ ଶିକ୍ଷାନୁଷ୍ଠାନ ପକ୍ଷରୁ କ୍ରୀଡ଼ା ଜ୍ୟୋତି ପରିକ୍ରମା କରିଥିଲା। ପରେ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ବାବୁରାମ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ବିଦ୍ୟାମନ୍ଦିର ସଭାପତି ଗୌରହରି ରାଉତ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ କେତନ ତ୍ରିପାଠୀ, ପ୍ରସନ୍ନଜିତ ସାହୁ ପ୍ରମୁଖ କ୍ରୀଡ଼ା ସମ୍ପର୍କରେ ମତ ରଖିଥିଲେ। କ୍ରୀଡ଼ାରେ ଭ୍ରାତୃତ୍ୱର ମନ୍ତ୍ର ଥାଏ ଓ ଏହା ପାଠ ସହ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି ବକ୍ତାମାନେ କହିଥିଲେ।

ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକ୍ଷମ ହେଲା ଡାଏଲିସିସ୍ କେନ୍ଦ୍ର

ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାଏଲିସିସ୍ ସେବା ଉଦ୍‌ଘାଟନ କରୁଛନ୍ତି।

ଜଗତ୍‌ସିଂହପୁର ଅଫିସ,୧୩।୧୨

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ନିଶୁଳ୍କ ଡାଏଲିସିସ୍ ସେବା କାର୍ଯ୍ୟକ୍ଷମ ହୋଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ପଟ୍ଟନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ ଜଗତ୍‌ସିଂହପୁର ଜିଲାର କିଡ୍‌ନୀ ରୋଗୀଙ୍କୁ ଡାଏଲିସିସ୍ ପାଇଁ କଟକ ଯିବାକୁ ପଡୁଛି। ଏଥିପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ବହୁ ହଇରାଣ ହେଉଛନ୍ତି। ଏଣିକି ଏହି ରୋଗୀ ଆଉ ଅସୁବିଧାରେ ପଡିବେ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟ ଡାଏଲିସିସ୍ କେନ୍ଦ୍ରରେ ୩ଟି ମେଶିନ୍ ଓ ୩ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି। ସହକାରୀ ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା.ବସନ୍ତ କୁମାର ବାରିକ, ଏନ୍‌ଆର୍‌ଏଚ୍‌ଏମ୍ ଜିଲା କାର୍ଯ୍ୟକ୍ରମ ପରିଚାଳକ ଚକ୍ରଧର ଜେନା, ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

୭ ପ୍ରକଳ୍ପର ଶିଳାନ୍ୟାସ, ୨ ଉଦ୍‌ଘାଟିତ

ବାଲିଆ/ବିରିଡ଼ି,୧୩/୧୨(ଡି.ଏନ୍.ଏ.)

ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ଗୁରୁବାର ବିରିଡ଼ି ବ୍ଲକରେ ୭ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ୨ଟି ଆରଡି ରାସ୍ତା ଉଦ୍‌ଘାଟନ କରିଛନ୍ତି। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ରାଉଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମେ ବିଧାୟିକା ହାଜିପୁର ଛକରେ ପହଞ୍ଚି ସନ୍ତୋଷ କୁମାର ନାୟକଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଯାଇଥିଲେ। ଏହି ପଞ୍ଚାୟତର ଅଷ୍ଟଶମ୍ଭୁ ମନ୍ଦିର ପାଖରେ କଦମ୍ବେଶ୍ୱର ସିଆରସି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସରପଞ୍ଚ ରୀତା ବେହେରା, ସମିତି ସଭ୍ୟା ଅନୁସୟା ରାଉତରାୟ, ପଞ୍ଚାୟତ ସଭାପତି ସହଦେବ ସେଠୀ, ରଶ୍ମିରଞ୍ଜନ ରାଉତରାୟ, ବିଜୁ ଯୁବ ବାହିନୀ ସଭାପତି ଶାରଦା ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅଲାଣ୍ଡୋ ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାରେ ସାହାବାଦସ୍ଥିତ କନକଚମ୍ପା ଠାକୁରାଣୀଙ୍କ ଗୋଷ୍ଠୀ କେନ୍ଦ୍ର, ଅନନ୍ତ ବାସୁଦେବ ପୀଠ ନିକଟ ଗୋଷ୍ଠୀ କେନ୍ଦ୍ର, ଉତ୍ତରାସାହିସ୍ଥିତ ନିମିଦେଇ ଠାକୁରାଣୀଙ୍କ ନିକଟ ଗୋଷ୍ଠୀ କେନ୍ଦ୍ର, ହରପାର୍ବତୀ ଗୋଷ୍ଠୀ କେନ୍ଦ୍ର ପାଇଁ ଶିଳାନ୍ୟାସ କରିଥିଲେ। ସେହିପରି ଆରଡି ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନଗୋବିନ୍ଦ ବିଶ୍ୱାଳ, ଯନ୍ତ୍ରୀ ସୁଶୀଲ କୁମାର ରାଉତରାୟଙ୍କ ପରିଚାଳନାରେ ଦରଡା ଗ୍ରାମଠାରୁ କଳନ୍ତିରା ପର୍ଯ୍ୟନ୍ତ ୫୦ଲକ୍ଷ ଟଙ୍କା ଅଟକଳରେ ନିର୍ମାଣ ହେବାକୁ ଥିବା ରାସ୍ତା, ଅଲାଣ୍ଡୋରୁ ହଳଦିଆପଡ଼ା ପର୍ଯ୍ୟନ୍ତ ୧ କୋଟି ୧୦ ଲକ୍ଷ ଟଙ୍କା ଅଟକଳରେ ନିର୍ମାଣ ହେବାକୁ ଥିବା ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅରବିନ୍ଦ ରାୟ, ପ୍ରତିମା ରାୟ, କାହ୍ନୁ ଚରଣ ବେହେରା, ଆଶାଲତା ମିଶ୍ର, ପରୱେଜ ଅହମ୍ମଦ, ଚିନ୍ମୟ ରାୟ, ଦେବେନ୍ଦ୍ର କୁମାର ରାୟଙ୍କ ପରିଚାଳନାରେ ଅଡଙ୍ଗ ଚକଠାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟନ କରିଥିଲେ। ପରେ ଅଡଙ୍ଗଗଡ ତଳପାଟକ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଓ ଏସ.ଏଚ-୪୩ ଠାରୁ ସଡେଇଶାସନ ରାସ୍ତା ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ବିଧାନ ଚନ୍ଦ୍ର ଜେନା, ଜିଲା ସମ୍ପାଦକ ପବିତ୍ର ପଶାୟତ, ବ୍ଲକ ଯୁବ ସଭାପତି ପୁଷ୍ପ ପ୍ରକାଶ ପ୍ରଧାନ, ଆମ୍ମା ଅଧକ୍ଷା ସବିତା ଦାସ, କାଳନ୍ଦୀ ବସ୍ତିଆ, ପୂର୍ବତନ ଉପାଧକ୍ଷ ଶିବ ପ୍ରସାଦ ଜେନା, ବିଷ୍ଣୁ ଚରଣ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକଳ୍ପ ଶିଳାନ୍ୟାସ ଅବସରରେ ବିଧାୟିକାଙ୍କ ସହ ଉପସ୍ଥିତ ଲୋକମାନେ।

ସଂକ୍ଷେପରେ

୩ ଟ୍ରଲର ଜବତ

ଡାକ୍ତରଖାନା ଯିବାବେଳେ ଜଣେ ମତ୍ସ୍ୟଜୀବୀ ଫେରାର

ରାଜନଗର/ମହାକାଳପଡା, ୧୩।୧୨ (ଡିଏନଏ): ରାଜନଗର ବ୍ଲକର ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ୩ଟି ଟ୍ରଲର ଜବତ ହୋଇଥିବା ବେଳେ ଏଥିରେ ଥିବା ୧୪ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ରଙ୍ଗଣୀ, ତାଳଚୁଆ ଓ ରାମନଗର ଅଞ୍ଚଳର ବୋଲି ଜଣାପଡିଛି। ଗିରଫ ମତ୍ସ୍ୟଜୀବୀ ହେଲେ ଆନନ୍ଦ ଦାସ, ରବି ଦାସ, ଅନୁକୂଳ ଦାସ, ଶ୍ରୀମନ୍ତ ଗାଉଣିଆ, ଦୁଲାଲ ମାଇତି, ଅଚିନ୍ତ ବାଛତ, ରମନ ମିସ୍ତ୍ରୀ, ରିତ ଦେବତା, ମୋହନ ବିଶ୍ୱାସ, ବିଜୟ ଗାଇନି, ସୁଶାନ୍ତ ମଣ୍ଡଳ, ରତନ ରାୟ, ପ୍ରକାଶ ମଣ୍ଡଳ, ସୁଶାନ୍ତ ମିସ୍ତ୍ରୀ। ଗୁରୁବାର ସନ୍ଧ୍ୟା ବେଳେ ଏହି ମତ୍ସ୍ୟଜୀବୀମାନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମେଡିକାଲ ଟେଷ୍ଟ କରିବାକୁ ନେବା ସମୟରେ ସେମାନଙ୍କ ମଧ୍ୟରୁ ଜଣେ ଫେରାର ହୋଇଯାଇଛନ୍ତି। ୧୯୭୨ ବନ୍ୟପ୍ରାଣୀ ଆଇନ ୨୭, ୨୯, ୩୧ ଧାରା ଅନୁଯାୟୀ ମତ୍ସ୍ୟଜୀବୀମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ରାଜନଗର ବନ୍ୟପ୍ରାଣୀ ଡିଭିଜନର ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ଏକ ପଇଁତରା ଟିମ୍ ଗହୀରମଥା ନିଷିଦ୍ଧାଞ୍ଚଳରେ ଅଲିଭରିଡଲେ କଇଁଛମାନଙ୍କୁ ସୁରକ୍ଷା ଦେବା ସମୟରେ ଏହି ଟ୍ରଲରଗୁଡ଼ିକୁ ଜବତ କରିଥିଲେ। ଗତ ନଭେମ୍ବର ୧ ତାରିଖରୁ ଆଜି ସୁଦ୍ଧା ୫୦ଟି ଟ୍ରଲର ଜବତ ହୋଇଥିବା ବେଳେ ୩୪୨ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି।

ନବବଧୂ ହତ୍ୟା ମାମଲା, ସ୍ୱାମୀ କୋର୍ଟ ଚାଲାଣ

ଡେରାବିଶ, ୧୩।୧୨ (ସ୍ୱ.ପ୍ର.): ଡେରାବିଶ ଥାନା ଅଧୀନ ନରସିଂହପୁର ପଞ୍ଚାୟତ ବେଲରପା ଗ୍ରାମର ଗୌରାଙ୍ଗ ସିଂଙ୍କ ବୋହୂ ଭାଗ୍ୟଶ୍ରୀ ପରିଡ଼ାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ତାଙ୍କ ବାପା ମହେନ୍ଦ୍ର ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ୍ ଭାଗ୍ୟଶ୍ରୀଙ୍କ ସ୍ୱାମୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଭାଗ୍ୟଶ୍ରୀ ପ୍ରେମ ବିବାହ କରିଥିବା ବେଳେ ଯୌତୁକ ଦାବିରେ ଶାଶୁଘର ଲୋକେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ମହେନ୍ଦ୍ର ଏତଲାରେ ଦର୍ଶାଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ୍ ୧୬୭/୧୮ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

ନିର୍ମାଣ ଶ୍ରମିକ ନେତାଙ୍କ ବିୟୋଗ

ମାର୍ଶାଘାଇ, ୧୩।୧୨(ଡିଏନ୍ଏ): ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ମାର୍ଶାଘାଇ ବ୍ଲକ ଶାସନିପଡା ଗ୍ରାମର ନିର୍ମାଣ ଶ୍ରମିକ ନେତା ଅରକ୍ଷିତ ଜେନା(୫୯)ଙ୍କ କଟକ ବଡ ଡାକ୍ତରଖାନାରେ ବୁଧବାର ପରଲୋକ ଘଟିଛି। ଗତ ସୋମବାର ଜାତୀୟ ରାଜପଥର ଗୋପଛକ ନିକଟରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ତାଳସଙ୍ଗା ସରପଞ୍ଚ କବିନ୍ଦ୍ରନାଥ ଜେନା,ପୂର୍ବତନ ସରପଞ୍ଚ ସୁରେନ୍ଦ୍ରନାଥ ବେହେରା,ରଞ୍ଜିତ ପରିଡା, ତପନ କୁମାର ଦାସଙ୍କ ସମେତ କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର ଜିଲାର ବହୁ ନିର୍ମାଣ ଶ୍ରମିକ ନେତା ଓ କର୍ମୀ ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି।

■ ଆମ ଘରେ ଏଲ୍ଇଡି ଯୋଜନା

ଟୋକନ୍ ମିଳୁଛି, ବଲ୍ବ ଦେଉନାହାନ୍ତି ଡିଲର

ଯୋଜନା ସମ୍ପର୍କରେ ଜାଣୁନାହାନ୍ତି ବିଭାଗୀୟ କର୍ମଚାରୀ

ଡେରାବିଶ, ୧୩।୧୨ (ସ୍ୱ.ପ୍ର.)

ଲୋକଙ୍କ ସୁବିଧାକୁ ନଜରରେ ରଖି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ଅନେକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚି ପାରୁନି। ଫଳରେ ଅନେକ ହିତାଧିକାରୀ ଯୋଜନାରୁ ବାଦ୍ ପଡୁଥିବା ବେଳେ ବଡ଼ ବଡ଼ିଆମାନେ ଏହାର ଫାଇଦା ଉଠାଉଛନ୍ତି। ଏଭଳି ଅଭିଯୋଗ କିଛି ନୂଆ ନୁହେଁ। କିନ୍ତୁ ଯୋଜନା ବାବଦରେ ପ୍ରଶାସନ ବା ବିଭାଗୀୟ ଅଧିକାରୀଙ୍କ ନିକଟରେ କୌଣସି ତଥ୍ୟ ନ ରହିବା, ସ୍ଥାନୀୟ ଅଞ୍ଚଳରେ ଯୋଜନାର ସଫଳ ରୂପାୟନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡେରାବିଶ ବ୍ଲକ ଅଞ୍ଚଳରେ ଏହାର ଉଦାହରଣ ଦେଖିବାକୁ ମିଳିଛି।

ରାଜ୍ୟ ସରକାର ଆରମ୍ଭ କରିଥିବା 'ଆମ ଘରେ ଏଲ୍ଇଡି ଯୋଜନା'ରେ ରାଶନକାର୍ଡ ଥିବା ପ୍ରତି ପରିବାରକୁ ୨ଟି ଲେଖାଏଁ ବଲ୍ବ ଯୋଗାଇ ଦେବାର ନିୟମ ରହିଛି। ବିଦ୍ୟୁତ୍ ବିଭାଗ ଓ ଯୋଗାଣ ବିଭାଗ ସହଯୋଗରେ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ବଲବ୍ ଯୋଗାଇ ଦେବାର ନିୟମ ଥିଲେ ସୁଦ୍ଧା ଡେରାବିଶ ବ୍ଲକ ଅଞ୍ଚଳରେ ହିତାଧିକାରୀଙ୍କୁ କେବଳ ଟୋକନ୍ ମିଳୁଛି। ଉକ୍ତ ଟୋକନ୍‌ରେ ବଲବ୍ ମାଗଣାରେ ଦିଆଯିବା ନେଇ ଉଲ୍ଲେଖ ରହିଛି। କିନ୍ତୁ ଡିଲର ବଲବ୍ ଦେଉ ନଥିବା ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି। ଡିଲର ବଲବ୍ ହଡପ କରୁଥିବା ସନ୍ଦେହରେ କେତେଜଣ ହିତାଧିକାରୀ ଡିଲର ପଏଣ୍ଟରେ ଗଣ୍ଡଗୋଳ କରୁଥିବା ଜଣାପଡ଼ିଛି। କିନ୍ତୁ ଟୋକନ୍‌ରେ ଏଲ୍ଇଡି ବଲବ୍ ଉଲ୍ଲେଖ ରହିବା ସମ୍ପର୍କରେ ଡିଲର୍ କିଛି ଜାଣିନଥିବା କହୁଛନ୍ତି। ତେବେ ଏ ସମ୍ପର୍କରେ ବ୍ଲକ ପ୍ରଶାସନ, ବିଦ୍ୟୁତ୍ ବିଭାଗ ଓ ଯୋଗାଣ ବିଭାଗର କୌଣସି ଅଧିକାରୀ ବି କିଛି ଜାଣି ନଥିବା କହିଛନ୍ତି।

ଆମ ଘରେ ଏଲ୍ଇଡି ଯୋଜନା ସମ୍ପର୍କରେ ଛତା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟକୁ କୌଣସି ନିର୍ଦ୍ଦେଶ କିମ୍ବା ଏଲ୍ଇଡି ବଲବ୍ ଆସି ନଥିବା ବିଭାଗୀୟ ଯନ୍ତ୍ରୀ ସିତାଂଶୁ ଶେଖର ମହାପାତ୍ର କହିଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟରେ ଲକ୍ଷ୍ମୀନାରାୟଣପୁର ଓ ଚାନ୍ଦୋଳ ପଞ୍ଚାୟତର କାର୍ଯ୍ୟନିର୍ବାହୀଙ୍କ ସହିତ ଏଗ୍ରିମେଣ୍ଟ ହୋଇ ଯଥାକ୍ରମେ ୫୨୭ ଓ ୭୯୬ ଟି ଏଲ୍ଇଡି ବଲବ୍ ବିଦ୍ୟୁତ୍ ବିଭାଗ ଜରିଆରେ ରାଶନକାର୍ଡଧାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ତରଫରୁ ଆଉ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ଏହାସତ୍ତ୍ୱେ ଚଳିତ ମାସରେ ମେଶିନରୁ କିପରି ବଲବ୍ ବଣ୍ଟନ ପାଇଁ ଲେଖାଥିବା ଟୋକନ ବାହାରୁଛି ସେ ସମ୍ପର୍କରେ ଜାଣି ନଥିବା ବ୍ଲକ ଯୋଗାଣ ବିଭାଗ ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ଭଞ୍ଜ କହିଛନ୍ତି। ଏପରିକି ଏ ନେଇ ବହୁ ଡିଲର ଓ ହିତାଧିକାରୀଙ୍କ ଅଭିଯୋଗ ତାଙ୍କ ନିକଟରେ ପହଞ୍ଚୁଥିବା ବେଳେ ଖୁବ୍ ଶୀଘ୍ର ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ଭଞ୍ଜ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଗୋପବନ୍ଧୁ ଭୋସାଗରଙ୍କୁ ପଚାରିବାରେ ୨ମାସ ପୂର୍ବରୁ ୨ଟି ପଞ୍ଚାୟତରେ ଏଲ୍ଇଡି ବଲ ବଣ୍ଟନ ହେଇଥିବା ଜାଣିଥିବା ବେଳେ ଏବେକାର ଘଟଣା ବାବଦରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସି ନଥିବା କହିଛନ୍ତି।

ଫୁଟବଲ ଟୁର୍ନାମେଣ୍ଟ, ସେମିରେ କଟକ

ଖେଳ ଆରମ୍ଭ ପୂର୍ବରୁ ପଡ଼ିଆରେ ଉଭୟ ଟିମ୍‌ର ଖେଳାଳି ଓ ଅନ୍ୟମାନେ।

ଆଳି, ୧୩।୧୨ (ଡି.ଏନ୍.ଏ.)

ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ଶରତ କୁମାର ଦେବ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ରାଧାରମଣ ଫୁଟବଲ କ୍ଲବ ଓ ଆଳି ପଦନପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଆଳିକୁ ହରାଇ କଟକ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଆଳି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଜାଭିୟର ଇଣ୍ଟର ନ୍ୟାଶନାଲ ସ୍କୁଲ ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା, ଆଡଭୋକେଟ ପ୍ରଦୀପ୍ତ ରାୟ ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ସେମିଫାଇନାଲ ମ୍ୟାଚ୍ ନେତାଜୀ କ୍ଲବ ତରାସ ଓ ରାଧାରମଣ କ୍ଲବ କଟକ ମଧ୍ୟରେ ହେବ।

ବ୍ଲକସ୍ତରୀୟ କ୍ରୀଡ଼ା, ସିଙ୍ଗିରି ଚାମ୍ପିୟନ

ଟ୍ରଫି ସହ ବିଜେତା ଦଳ।

ଆଳି, ୧୩।୧୨ (ଡି.ଏନ୍.ଏ.)

ବିଜୁ ଯୁବବାହିନୀ ପକ୍ଷରୁ ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୩୪ ପଞ୍ଚାୟତର ୨୬ଟି ଟିମ ଭାଗ ନେଇଥିଲେ। ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସିଙ୍ଗିରି ପଞ୍ଚାୟତର ବିଜୁ ଯୁବବାହିନୀ ଟିମ୍ ଚାମ୍ପିୟନ ହୋଇଥିବା ବେଳେ ଜିଲାସ୍ତରୀୟ ଟୁର୍ନାମେଣ୍ଟ ଖେଳିବାକୁ ମନୋନୀତ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ ଓ ଆଳି ବିଡିଓ ଜୟନ୍ତ କୁମାର ପୃଷ୍ଟି ଅତିଥି ଭାବେ ଯୋଗଦେଇଥିଲେ। ସିଙ୍ଗିରିକୁ ଚାମ୍ପିୟନ ଟ୍ରଫି ଓ ସାନମଙ୍ଗକୁ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଅଟାଳ ସରପଞ୍ଚ ଅଚ୍ୟୁତାନନ୍ଦ ବଳ, ଯୁବନେତା ସନାତନ ମିଶ୍ର, ସୁବ୍ରତ ବେହୁରା, ପ୍ରଦ୍ୟୁମ୍ନ ଦାଶ, ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ଆଲୋକ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପାୟାର ଭାବେ ରଞ୍ଜିତ ମିଶ୍ର ଓ ଭରତ ମଲିକ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟକୁ ଚଣ୍ଡିଆଗଡି, ବଡାମ୍ବିଲା ଓ ଡିମିରିପାଳ ବିଜୁ ଯୁବବାହିନୀର ସଦସ୍ୟମାନେ ପରିଚାଳନା କରିଥିଲେ।

କଂଗ୍ରେସରେ ମିଶିଲେ ବିଜେଡି କର୍ମୀ

ରାଜନଗର, ୧୩।୧୨(ଡିଏନଏ)

ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର କାନଫୁଲିଆ ଠାରେ କଂଗ୍ରେସ ପକ୍ଷରୁ ବୁଧବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ କଂଗ୍ରେସ ସଭାପତି କେଶବ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ସମ୍ମିଳନୀରେ ୨୦୧୯ ସାଧାରଣ ନିର୍ବାଚନରେ ଦଳ କିପରି ଅଧିକ ସଂଖ୍ୟକ ଭୋଟ ପାଇବ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ଅରୁଣ କୁମାର ରାଉତ, ୩୧ ନଂ ଜୋନ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, କୁରଣ୍ଟି ପଞ୍ଚାୟତ ସମିତି ସଭ୍ୟ ସନ୍ତୋଷ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି , ଡେରା ପଞ୍ଚାୟତ ସମିତି ସଭ୍ୟ ଶୁକଦେବ ଭଦ୍ର ପ୍ରମୁଖ ବ୍ଲକସ୍ତରୀୟ ନେତା ଯୋଗ ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ବିଜେଡି ତ୍ୟାଗ କରି ବିଧାୟକ ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ପଞ୍ଚାୟତର ନିରଞ୍ଜନ ବାରିକ, ଶଙ୍କର୍ଷଣ ବାରିକ, ପ୍ରଭାତ କୁମାର ପ୍ରଧାନ, ବଳରାମ ବେହେରା, କୁଳମଣି ଦାସ, ସୁରେନ୍ଦ୍ର ପ୍ରଧାନ, ନରେନ୍ଦ୍ର ପ୍ରଧାନ, ଗୋବିନ୍ଦ ପ୍ରଧାନ, କୃଷ୍ଣଚନ୍ଦ୍ର ବାହାଲିଆ, ରବିନ୍ଦ୍ର ପରିଡା, ଲୋକନାଥ ସୂତାର ପ୍ରମୁଖ କଂଗ୍ରେସ ଦଳରେ ସାମିଲ ହୋଇଥିଲେ।

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

ବିଧାୟକ ଅଂଶୁମାନ ମହାନ୍ତି ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ।

ପଟ୍ଟାମୁଣ୍ଡାଇ, ୧୩।୧୨(ସ୍ୱ.ପ୍ର)

ଗୁରୁବାର ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଅପରାହ୍ନ ୨ଟାରେ କଂଗ୍ରେସ କର୍ମକର୍ତ୍ତା, କର୍ମୀ ଓ ସମର୍ଥକମାନଙ୍କ ଗହଣରେ ବିଧାୟକ ମହାନ୍ତି ପ୍ରଥମେ ସଂସାରଫଳ ପଞ୍ଚାୟତ ଅଫିସ ଠାରେ ୧୧ଲକ୍ଷ ୫୦ହଜାର ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲେ । ସେହିପରି ଓଉପଦା-ନରଣପୁର ଶାଖା ନାଳି ଉପରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । ଚନ୍ଦନନଗର ପଞ୍ଚାୟତର ଦଳବାଡଠାରେ ଏକ ପୋଲ ଓ ଚନ୍ଦନନଗର ଠାରୁ ଓଉପଦା ପର୍ଯ୍ୟନ୍ତ ପାଟନାଳିର ପୁନରୁଦ୍ଧାର ପ୍ରକଳ୍ପ ଓ ନରଣପୁର ଶାଖା ନାଳର ପୁନରୁଦ୍ଧାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଶେଷରେ ମାଳିବସା ଠାରୁ ବାବର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ଶିଳାନ୍ୟାସ କରିଥିଲେ । ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଲେ ପଟ୍ଟାମୁଣ୍ଡାଇ ବ୍ଲକ ଉତିକଣ ଓ ରାଜନଗର ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରିବେ । ଏହାଛଡା ମାଳିବସା-ବାବର ରାସ୍ତା ଉପରେ ନିର୍ଭରଶୀଳ ରାଜନଗର-ମହାକାଳପଡା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀଙ୍କ ଗମନାଗମନ ସୁଗମ ହେବ ବୋଲି ବିଧାୟକ ମହାନ୍ତି କହିଛନ୍ତି । ଏହି ଶିଳାନ୍ୟାସ ଓ ଉଦ୍‌ଘାଟନ ଉତ୍ସବରେ ବ୍ଲକ କଂଗ୍ରେସ ସଭାପତି ଯଦୁମଣି ଦାସ, ନଗର କଂଗ୍ରେସ ସଭାପତି ପ୍ରଦୀପ ପ୍ରଧାନ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ମଳୟ ଦାସ, ସରପଞ୍ଚ ମୀନତି ପାତ୍ର, ଉମେଶ ଦାଶ, ଅମୂଲ୍ୟ ପ୍ରଧାନ, ଓମକାର ମହାନ୍ତି , ସତ୍ୟଜିତ୍ ଧଳ, ସୁବାଷ ରାଉତ, ଧରଣୀଧର ଭୂୟାଁ, ନରେଶ ଜେନା, ସରପଞ୍ଚ ବିରଞ୍ଚି ନାରାୟଣ ଦାଶ, ସମୀର ପ୍ରଧାନଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ ।

ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ଠାରୁ ୫୦ ହଜାର ଲୁଟ୍

ଲୁଟେରାଙ୍କୁ କାବୁ କଲେ ଲୋକେ

ପଟ୍ଟାମୁଣ୍ଡାଇ, ୧୩।୧୨(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ପୂର୍ତ୍ତ ବିଭାଗର ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାରେ ଗୁରୁବାର ମଧ୍ୟାହ୍ନରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସସ୍ମିତା ମଲ୍ଲିକଙ୍କ ଠାରୁ ୫୦ ହଜାର ଟଙ୍କା ଲୁଟ୍ ହୋଇଛି । ଏହି ଘଟଣାରେ ସସ୍ମିତା ଯାଉଥିବା ଅଟୋ ଚାଳକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି । ଏହି ଲୁଟ୍‌ର ମାଷ୍ଟର ମାଇଣ୍ଡ ଅଟୋ ଚାଳକ ବୋଲି କୁହାଯାଉଛି । ଲୁଟ ଟଙ୍କା ଉଦ୍ଧାର ହୋଇନାହିଁ । ଲୁଟ୍ ଘଟଣାରେ ୪ ଜଣ ସଂପୃକ୍ତ ଥିବା କୁହାଯାଉଛି ।

ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ବ୍ଲକ ଖଣତା ପଞ୍ଚାୟତ ଖଣତା ଗ୍ରାମର ଏକ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ସସ୍ମିତା ମଲ୍ଲିକ ଅନ୍ୟ ଜଣେ ସଦସ୍ୟାଙ୍କ ସହିତ ଏକ ଅଟୋରେ ବସି ଚନ୍ଦନନଗର ଗ୍ରାମ ବ୍ୟାଙ୍କରୁ ମଧ୍ୟାହ୍ନରେ ୫୦ହଜାର ଟଙ୍କା ଉଠାଇଥିଲେ । ମାତ୍ର ଅଟୋ ଚାଳକ ଏହି ଟଙ୍କା ଲୁଟ୍ କରିବା ପାଇଁ ପୂର୍ବରୁ ତାଙ୍କର ସହଯୋଗୀମାନଙ୍କୁ ଜଣାଇ ଦେଇଥିଲେ । ସହଯୋଗୀମାନେ ଗ୍ରାମ ବ୍ୟାଙ୍କରୁ ଫେରିବା ବାଟରେ ଜଗି ରହିଥିଲେ । ଅଟୋ ଫେରିବା ବେଳେ ମୁହଁରେ ରୁମାଲ ବାନ୍ଧିଥିବା ଜଣେ ସହଯୋଗୀ ସଂସାରଫଳ ଗ୍ରାମ ପୂର୍ବରୁ ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାରେ ଏହି ଅଟୋ ଅଟକାଇ ସେଥିରେ ବସିଥିଲେ । ମାତ୍ର ସଂସାରଫଳ କହୁଣିଆ ଛକ ନିକଟରେ ମୁହଁରେ ରୁମାଲ ବାନ୍ଧିଥିବା ବ୍ୟକ୍ତି ଜଣକ ସସ୍ମିତାଙ୍କ ହାତରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ଦୌଡି ପଳାଇଥିଲେ । ପରେ ଅଟୋ ପଛରେ ଏକ ଧଳା ଆପାଚି ବାଇକରେ ପିଛା କରୁଥିବା ଅନ୍ୟ ଜଣେ ଲୁଟେରାଙ୍କ ସହିତ ସେ ପଳାଇଥିଲେ । ଏହାଦେଖି ସସ୍ମିତା ଓ ଅନ୍ୟ ସଦସ୍ୟା ଜଣକ ପାଟି କରିବାରୁ ନିକଟରେ ଥିବା ଲୋକମାନେ ଅଟୋ ଚାଳକଙ୍କୁ ଅଟକାଇଥିଲେ । ଖବର ପାଇ ଆନ୍ତର୍ଜାତିକ ମାନବାଧିକାର କାଉନସିଲ୍‌ର ଜିଲା ମୁଖ୍ୟ ପ୍ରତାପ ପାଢୀ ସେଠାରେ ପହଞ୍ଚି ଅଟୋ ଚାଳକଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ପୋଲିସକୁ ଖବର ଦେଇଥିଲେ । ପଟ୍ଟାମୁଣ୍ଡାଇ ପୋଲିସ ଅଟୋ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ଅଟୋ ଚାଳକ ପୋଲିସ ନିକଟରେ ସତ କଥା ସ୍ୱୀକାର କରିଥିବା ବେଳ ଅନ୍ୟ ଲୁଟେରାମାନଙ୍କ ନାମ କହି ଦେଇଛି । ରାତି ୧୦ଟା ସୁଦ୍ଧା ଏ ନେଇ ଥାନାରେ ଏତଲା ଦିଆଯାଇନାହିଁ।

ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

ରାଜନଗର, ୧୩।୧୨(ଡିଏନଏ)

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ପଞ୍ଚୁପଲ୍ଲୀ ଗାଁରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଗ୍ରାମର ସର୍ବେଶ୍ୱର ରାଉତଙ୍କ ୩ ବଖରା ପୋଡିଯାଇଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର, ଧାନ ଚାଉଳ ପୋଡି ପାଉଁଶ ହୋଇଯାଇଥିବା ବେଳେ ୧୦ଟି କୁକୁଡା ଜୀବନ୍ତ ଦଗ୍ଧ ହୋଇଯାଇଛି।

ପିଠା ଯୋଜନା କାର୍ଯ୍ୟକାରିତା ପ୍ରସ୍ତୁତି ବୈଠକ

ମାର୍ଶାଘାଇ, ୧୩।୧୨ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ସମ୍ମଳନୀ କକ୍ଷରେ ରାଜ୍ୟ ସରକାରଙ୍କ ପିଠା ଯୋଜନାର କାର୍ଯ୍ୟକାରିତା ନିମନ୍ତେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଡିଓ ସୁବାଦାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପିଠା ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପ୍ରତି ମାସର ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

ସିତୁଙ୍କ ପାଇଁ ବାସୁଦେବ ବିଦ୍ୟାପୀଠ ଉତ୍ସବମୁଖର

■ ମା ବାପା ଓ ଗୁରୁଙ୍କ ଆଶୀର୍ବାଦ ହିଁ ମୋତେ ସାହସିକତାର ମନ୍ତ୍ର ଶିଖାଇଛି

ରାଜନଗର, ୧୩।୧୨(ଡିଏନଏ)

ସାଙ୍ଗସାଥୀଙ୍କ ଗହଣରେ ସିତୁ ମଲ୍ଲିକ (ମଝି)।

ଜୀବନକୁ ବାଜି ଲଗାଇ ନିଜ ଦାଦାଙ୍କୁ ବଉଳା କୁମ୍ଭୀର ମୁହଁରୁ ଉଦ୍ଧାର କରି ସାହସିକତାର ପରିଚୟ ଦେଇଥିବା ଦଶମ ଶ୍ରେଣୀର ଛାତ୍ର ସିତୁ ମଲ୍ଲିକ ପାଇଁ ସମଗ୍ର ରାଜନଗର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଆସନ୍ତା ଜାନୁୟାରୀ ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଜାତୀୟ ସମ୍ମାନ ଦେବା ପରେ ୨୬ ତାରିଖରେ ଲାଲକିଲ୍ଲାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସିତୁଙ୍କୁ ସାହସିକତା ପାଇଁ ଜାତୀୟ ପୁରସ୍କାର ପ୍ରଦାନ କରିବେ। ଏହି ଖବର ବୁଧବାର ପ୍ରଚାରିତ ହେବା ପରେ ସିତୁଙ୍କ ଗାଁ କଣ୍ଡିରାରେ ଖୁସିର ଲହରୀ ଖେଳିଯାଇଛି। ବିଶେଷକରି ଗୁରୁବାର କଣ୍ଡିରା ପଞ୍ଚାୟତ ଅନ୍ତର୍ଗତ ବାସୁଦେବ ବିଦ୍ୟାପୀଠରେ ଅଧ୍ୟୟନ କରୁଥିବା ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସି କହିଲେ ନ ସରେ । ସିତୁ ବିଦ୍ୟାଳୟରେ ପହଞ୍ଚିବା ମାତ୍ରେ ସାଙ୍ଗମାନେ ତାଙ୍କୁ କାନ୍ଧରେ ବସାଇ ବୁଲାଇବା ଦେଖିବାକୁ ମିଳିଥିଲା। ସିତୁ ଭାରତ ସରକାରଙ୍କ ଅତିଥି ହେବ। ଦିଲ୍ଲୀ ଦରବାରରେ ସାହସିକତା ସମ୍ମାନ ପାଇବ ଏହି ଖୁସିରେ ସାରାଦିନ ବିଦ୍ୟାଳୟ ଚଳଚଞ୍ଚଳ ହୋଇ ପଡିଥିଲା। ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଚାଲିଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଆନନ୍ଦ ଦେଖିବାକୁ ମିଳିଥିଲା। ଏ ସଂପର୍କରେ ସିତୁ କୁହନ୍ତି, ମାଆ ବାପା ଓ ଗୁରୁଙ୍କ ଆଶୀର୍ବାଦ ହିଁ ମୋତେ ସାହସିକତାର ମନ୍ତ୍ର ଶିଖାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେଶ୍ୱର ରାଉତ କୁହନ୍ତି, ଏବର୍ଷ ସିତୁ ମାଟ୍ରିକ ପରୀକ୍ଷା ଦେବ। ସେ ଜାତୀୟ ସମ୍ମାନ ପାଇବା ଖବର ଆମ ବିଦ୍ୟାଳୟ ପାଇଁ ନିଶ୍ଚିତ ଗର୍ବର କଥା। ସିତୁ ପାଇଁ ଆମେ ସମସ୍ତେ ଗର୍ବିତ ବୋଲି ସେ କହିଥିଲେ। ଗତ ଫେବୃୟାରୀ ୨୦ ତାରିଖରେ ସିତୁଙ୍କ ଦାଦା ବିନୋଦ ଘର ନିକଟସ୍ଥ ପାଟନାଳୀରେ ଗୋଡ ଧୋଉଥିବା ବେଳେ ତାଙ୍କୁ ଏକ କୁମ୍ଭୀର ଆକ୍ରମଣ କରିଥିଲା। ତାଙ୍କ ଚିତ୍କାର ଶୁଣି ସିତୁ ସେଠାରେ ପହଞ୍ଚି ନିଜର ଉପସ୍ଥିତ ବୁଦ୍ଧି ବଳରେ ଦାଦାଙ୍କୁ ଉଦ୍ଧାର କରିଥିଲେ।

ମାର୍ଶାଘାଇରେ କୁରାଳ ପଞ୍ଚମୀ

କୁମ୍ଭାରଶାଳରେ ମାଟିପାତ୍ର ଗଢା ଯାଉଥିବା ଚକ।

ମାର୍ଶାଘାଇ କୁମ୍ଭାରସାହିରେ ପୂଜା ପାଉଥିବା ମୃଣ୍ମୟ ମୂର୍ତ୍ତି।

ମାର୍ଶାଘାଇ, ୧୩।୧୨(ଡିଏନ୍ଏ)

ମାର୍ଶାଘାଇ ବ୍ଲକର ବିଭିନ୍ନ ଗ୍ରାମରେ କୁମ୍ଭକାରମାନଙ୍କ ପାରମ୍ପରିକ କୁରାଳ ପଞ୍ଚମୀ ପର୍ବ ବୁଧବାର ଠାରୁ ପାଳିତ ହେଉଛି। ଏହି ଉପଲକ୍ଷେ ଘରେ ଘରେ ପରିବାରର ମୁଖ୍ୟମାନେ ନୂଆ ବସ୍ତ୍ର ପରିଧାନ କରି ସକାଳୁ ନିଜର କୌଳିକ ବୃତ୍ତି ମାଟି ପାତ୍ର ନିର୍ମାଣର ସରଞ୍ଜାମ ଚକ,ପିଟଣା,ଚକଲା ହାଣ୍ଡି,କାଠି,ଚକସୂତା,କୁଲା,ଗଉଣୀ,ମୁଠା ଦଉଡି,ଭାଟିକୁ ଲିପା ପୋଛା କରି ଚିତା ପକାଇ ଭୋଗ ଲାଗି କରିଥିଲେ। ଏହି ଅବସରରେ ବ୍ଲକର ପରକୁଳା ଗ୍ରାମର ମଧ୍ୟସ୍ଥଳରେ ଲକ୍ଷ୍ମୀ ନାରାୟଣଙ୍କ ଏକ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଇଥିଲା। ସାରଦା ପ୍ରସନ୍ନ ବେହେରା,ସଞ୍ଜୟ ସାହୁ,ରମେଶ ଚନ୍ଦ୍ର ସାହୁ,ନିତ୍ୟାନନ୍ଦ ସାହୁ,ତ୍ରିଲୋଚନ ବେହେରା ପ୍ରମୁଖ ପୂଜା କମିଟି ସଦସ୍ୟଙ୍କ ସହଯୋଗରେ କୁରାଳ ପଞ୍ଚମୀ ପୂଜା ପାଳନ କରାଯାଉଛି। ସେହିପରି ମାର୍ଶାଘାଇ ବଜାର ନିକଟ କୁମ୍ଭାର ସାହିରେ ହରପାର୍ବତୀଙ୍କ ମୂର୍ତ୍ତି ପୂଜା କରାଯାଉଛି। ପୂଜା କମିଟି ସଦସ୍ୟ ଚିତ୍ତରଞ୍ଜନ ବେହେରା,ବଳରାମ ବେହେରା(ଖ),ଭ୍ରମର ବେହେରା,ଉତ୍ତମ ବେହେରାଙ୍କ ସମେତ ଗ୍ରାମ କମିଟି ସଦସ୍ୟ ବରଜୁ ବେହେରା,ଦିବାକର ବେହେରା,ମନୋରଞ୍ଜନ ବେହେରା,ସୁଜଳ ସାହୁ ପ୍ରମୁଖଙ୍କ ସହଯୋଗରେ ୫ ଦିନ ବ୍ୟାପି ଏହି ମୂର୍ତ୍ତି ପୂଜା ପାଇବା ପରେ ସୋମବାର ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ବ୍ଲକର ଯୋକିଆ ,ଗରଜଙ୍ଗା,ଅରଖିଆ,ଚକରପୁର,ବଟିରା ,ରଙ୍କାଳ,ମାହାରକୂଳ,ପିକରାଳି,ନରସିଂହ ପୁର,ପକ୍ଷୋଟ,ବରେଇ ପ୍ରଭୃତି ଗ୍ରାମରେ କୁରାଳ ପଞ୍ଚମୀ ପର୍ବ ପାଳନ କରାଯାଉଛି।

■ଭାଜପା କର୍ମୀଙ୍କ ସହଯୋଗରେ ହେଲା ବିଜୟଙ୍କ ସମ୍ବର୍ଦ୍ଧନା ସଭା

'ଭାଜପା ନୁହେଁ ବିଜୟଙ୍କ ଯୋଗୁ ନିର୍ବାଚନ ଜିତିଛୁ'

କେନ୍ଦ୍ରାପଡା ଅଫିସ, ୧୩।୧୨

ବରିଷ୍ଠ ରାଜନେତା ବିଜୟ ମହାପାତ୍ର ନିକଟରେ ଭାଜପାରୁ ଇସ୍ତଫା ଦେଇଛନ୍ତି। ତାଙ୍କ ପରବର୍ତ୍ତୀ ରାଜନୈତିକ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ଥିବା ବେଳେ ବୁଧବାର କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ମା' ଗୋଜବାୟାଣୀ ପୀଠରେ ଏ ନେଇ ଆୟୋଜିତ ସଭାରେ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ବିଜୟଙ୍କ ଏହି ସମ୍ବର୍ଦ୍ଧନା ସଭାକୁ ନେଇ ଜିଲାବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଛି। ଜିଲାର ବହୁ ଭାଜପା ନେତାଙ୍କ ସହଯୋଗରେ ଉକ୍ତ ସଭାର ଆୟୋଜନ କରାଯାଇଥିବା ବେଳେ ଶତାଧିକ ଭାଜପା କର୍ମୀ ସେଠାରେ ଉପସ୍ଥିତ ଥିଲେ। ମାତ୍ର ଏ ନେଇ ଅଦ୍ୟାବଧି ଦଳ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଜିଲା ଭାଜପା ସଭାପତି ସୁକାନ୍ତ ଦ୍ୱିବେଦୀ, ଭାଜପା ଟିକେଟରେ ଜିତିଥିବା ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ସଭ୍ୟା ଅହଲ୍ୟା ଲେଙ୍କା ଓ ସଭ୍ୟା ସାଗରିକା ମଲ୍ଲିକ ସାମିଲ ହୋଇଥିଲେ। ଏଥିସହ ଭାଜପା ସମର୍ଥିତ ବହୁ ସମିତିସଭ୍ୟ ଓ ସରପଞ୍ଚ ସଭା କାର୍ଯ୍ୟ ସଞ୍ଚାଳନ କରୁଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ରାଜନୈତିକ ବିଶେଷଜ୍ଞମାନେ କୁହନ୍ତି, ୨୦୧୨ ପଞ୍ଚାୟତ ନିର୍ବାଚନ ଓ ୨୦୧୪ ସାଧାରଣ ନିର୍ବାଚନ ବେଳେ ବିଜୟ ଭାଜପାରେ ଥିଲେ ସୁଦ୍ଧା ଜିଲାରେ ତାଙ୍କର ରଣକୌଶଳ ଜିଲାରେ କାର୍ଯ୍ୟ କରି ନଥିଲା। ତେବେ ଗତ ପଞ୍ଚାୟତ ନିର୍ବାଚନରେ ବିଜୟ କେତେଜଣ ଅନୁଗତଙ୍କୁ ଏକାଠି କରି ରଣନୀତି ପ୍ରସ୍ତୁତ କରି ସଫଳ ହୋଇଥିଲେ। ୨୦୧୬ ଠାରୁ ତାଙ୍କୁ ଦଳ ପକ୍ଷରୁ କୋଣଠେସା କରି ରଖାଯାଇଥିଲା। ଏହାପରଠୁ ବିଜୟଙ୍କ ସମର୍ଥକମାନେ ମଧ୍ୟ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହିଥିଲେ। ଏବେ ବିଜୟଙ୍କ ଇସ୍ତଫା ପରେ ତାଙ୍କ ସମର୍ଥକମାନେ ଭାଜପାରୁ ଟିକେଟ ପାଇ ଜିତି ଥିଲେ ସୁଦ୍ଧା ବିଜୟଙ୍କ ପ୍ରତି ସେମାନଙ୍କ ଆନୁଗତ୍ୟ ରହିଛି। ସେମାନଙ୍କ ବିରୋଧରେ ଦଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, ତାହା ବିଜୟଙ୍କ ପରବର୍ତ୍ତୀ କାର୍ଯ୍ୟକ୍ରମକୁ ଶକ୍ତିଶାଳୀ କରିବା ସହ ଜିଲାରେ ଭାଜପାର ସ୍ଥିତି ଦୁର୍ବଳ ହୋଇପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପୋଷଣ କରିଛନ୍ତି। ବିଜୟଙ୍କ ସଭାରେ ଯୋଗଦେବା ସମ୍ପର୍କରେ ଭାଜପା ନେତା ଓ କର୍ମୀଙ୍କୁ ପଚାରିବାରେ, ବିଜୟଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଭାଜପାରେ ଯୋଗଦେଇଥିଲୁ। ଏଥିସହ ନିର୍ବାଚନରେ ପ୍ରାର୍ଥୀ ହୋଇଥ ବିଜୟ ଓ ନିଜର ଲୋକ ସମ୍ପର୍କ ଯୋଗୁ ଜିତିଛୁ। ବିଜୟ ଯୁଆଡେ ଯିବେ ଆମେ ମଧ୍ୟ ତାଙ୍କ ସହ ସେହି ଦଳରେ ସାମିଲ ହେବୁ ବୋଲି ସ୍ପଷ୍ଟ କରିଛନ୍ତି।

ଏ ସମ୍ପର୍କରେ ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ କୁହନ୍ତି ଯେ, ଦଳୀୟ ବିଶୃଙ୍ଖଳାକାରୀଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ। ଜିଲା ବାହାରୁ ବହୁ ଲୋକଙ୍କୁ ଅଣାଯାଇ ଏହି ସଭାରେ ସାମିଲ କରାଯାଇଥିଲା। ଏଥିରେ ଦଳୀୟ ଲୋକ ନଥିଲେ ବୋଲି ଦୁର୍ଯ୍ୟୋଧନ କହିଛନ୍ତି। ସୂଚନାଥାଉ କି, ଜିଲାର ଅନ୍ୟଜଣେ ଭାଜପା ସମର୍ଥିତ ଜିଲାପରିଷଦ ସଭ୍ୟା ବିଜେଡି ଦଳୀୟ କର୍ମକର୍ତ୍ତାଙ୍କ ସହ କାର୍ଯ୍ୟ କରୁଥିବା ଦେଖାଯାଉଛି।

୫୦୦ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ପାଟକୁରା, ୧୩।୧୨ (ଡି.ଏନ୍.ଏ)

ଗରଦପୁର ବ୍ଲକ ଅଧୀନ ସାନଅଢ଼ଙ୍ଗା ପଞ୍ଚାୟତ ଅର୍ଜୁନପୁର ମେଲଣ ପଡ଼ିଆଠାରେ ବ୍ଲକ ପ୍ରଶାସନ ତରଫରୁ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ମେଳା ଆୟୋଜନ କରାଯାଇଥିଲା। ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ରାମଚନ୍ଦ୍ରପୁର, ନଡ଼ିଆବରାଇ, ବଡ଼ବେତରା, ଭଗବାନପୁର, ବଙ୍ଗାଳପୁର, ମଧୁଶାସନ, ତିକନପୁର ଓ ସାନଅଢ଼ଙ୍ଗା ପଞ୍ଚାୟତର ୫୦୦ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଧରଣୀଧର ବେହେରା, ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ, ଭାଇସ୍ ଚେୟାରମ୍ୟାନ ସମୀର ମହାପାତ୍ର, ବିଧାୟକଙ୍କ ବ୍ଲକ ପ୍ରତିନିଧି ରାଜେଶ ଦାଶ, ଜିଲାପରିଷଦ ସଦସ୍ୟା ସୁଜାତା ରାଉତରାୟ, ସନ୍ତୋଷ ଜେନା, ସାମାଜିକ ଶିକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଫେସ୍‌ବୁକ୍‌ରେ ଅଶ୍ଳୀଳ ମନ୍ତବ୍ୟ, ଥାନାରେ ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୧୩।୧୨

କେନ୍ଦ୍ରାପଡା ସହରର ଜନୈକ ଯୁବକ ଫେସ୍‌ବୁକରେ ଅଶ୍ଳୀଳ ମନ୍ତବ୍ୟ ଦେବା ସହ କଲେଜ ଛାତ୍ରୀଙ୍କ ଫଟୋ ପୋଷ୍ଟ କରୁଛନ୍ତି। ଏ ନେଇ ଗୁରୁବାର ସନ୍ଧ୍ୟାରେ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

ବ୍ଲକସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ

■ ଗରଦପୁର ବିଜୁ ଯୁବବାହିନୀ ବିଜୟୀ

ପାଟକୁରା, ୧୩।୧୨ (ଡି.ଏନ୍.ଏ)

ରାଜ୍ୟ ଯୁବ କଲ୍ୟାଣ ଓ କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ ଗରଦପୁର ବ୍ଲକ ବିଜୁ ଯୁବବାହିନୀ ତରଫରୁ କୋରୁଆ ମିନି ଷ୍ଟାଡ଼ିୟମ୍‌ଠାରେ ୩ଦିନ ଧରି ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ୧୮ ଟି ପଞ୍ଚାୟତର ବିଜୁ ଯୁବ ବାହିନୀ ଟିମ୍ ଭାଗ ନେଇଥିଲେ। ଗୁରୁବାର ଉଦ୍‌ଯାପନୀ ଦିବସରେ ଗରଦପୁର ଓ କଳାବୁଦା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗରଦପୁର ଟିମ୍ କଳାବୁଦାକୁ ୯ ରନ୍‌ରେ ହରାଇ ବିଜୟୀ ହୋଇଥିଲା। ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ହେଉଥିବା ହକି ପୁରୁଷ ବିଶ୍ୱକପ୍ ବିଷୟରେ ଉଦ୍‌ବୋଧନ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ବିଜେଡି ବ୍ଲକ ସଭାପତି ଶୈଳେନ୍ଦ୍ର ମହାନ୍ତି, ଜିଲାପରିଷଦ ସଦସ୍ୟା ସୁଜାତା ରାଉତରାୟ, ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ, ବିଧାୟକଙ୍କ ପ୍ରତିନିଧି ରାଜେଶ ଦାସ, ବିଜୁ ଯୁବବାହିନୀ ଜିଲା ସଂଯୋଜକ ଅମିତାଭ ସାହୁ, ବ୍ଲକ ସଂଯୋଜକ ଶ୍ରୀକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା ଓ ଉପବିଜେତା ଟିମ୍‌କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

OFFICE OF THE GENERAL MANAGER
DISTRICT INDUSTRIES CENTRE
At/PO: Bhawanipatna, District: Kalahandi, Pin: 766001,
E-mail: dickal@nic.in, Phone No.: 06670-232637

NOTICE

No.06-P:- Sealed cover tender quotations are invited for hiring of private vehicle (Taxi) i.e. Indica ev2 / Bolero for official use of General manager, D.I.C, Kalahandi, Bhawanipatna within Rs. 16,000/- on monthly basis including driver and his wages. The quotation should reach to this Office of the undersigned within seven days from the date of Publication of Notice.

Sd./- General Manager
D.I.C., Kalahandi
14033/11/0002/1819

ODISHA HYDRO POWER CORPORATION LTD.
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
Balimela Hydro Electric Project, At/Post: Balimela, Dist: Malkangiri, Pin: 764051 (Odisha), Phone Nos: 06861-232581/ 232695, Fax No.: 06861-232541, Email: unit.head_balimela@yahoo.com
No.CAD-1123:- **CIN: U40101OR1995SGC003963**

1st CORRIGENDUM TO TCN No. 22/2018-19 Dated 20.11.2018

Sub: Supply, Installation, Testing and commissioning of Disturbance Recorder cum Event logger with GPS based Time Synchronised System under PSDF scheme on turn key basis at BHEP, Balimela.

The last dates of this Office Tender Call Notice No: 22/2018-19 dated 20.11.2018 for Supply, Installation, Testing and commissioning of Disturbance Recorder cum Event logger with GPS based Time Synchronised System under PSDF scheme on turn key basis at BHEP, Balimela is extended as follows.

Last date of sell of Tender Paper : 13.00 hrs of 28.12.2018
Last date of Receipt of Tender : 16.00 hrs of 28.12.2018
Date of opening of tender paper : 16.30 hrs of 28.12.2018
All other terms and conditions of the above TCN remains unaltered.

Sd./- Sr. General Manager (Ele.),
Balimela HEP, Balimela
04019/11/0083/1819

ODISHA TRIBAL EMPOWERMENT & LIVELIHOODS PROGRAMME Plus (OTELP Plus)
ST & SC DEVELOPMENT DEPARTMENT
2nd Floor, TDCC Building, Rupali Square, Bhubaneswar-751022

EMPANELMENT OF ACCOUNTANT FOR PSU, OTELP PLUS & EXECUTIVE ASSISTANT, PROJECT ASSISTANT (MIS) FOR PMU, OPELIP

No. CAD-1130:- Programme Director, OTELP Plus/ OPELIP invites applications from eligible candidates for empanelment of Accountant to be positioned at PSU OTELP PLUS & Executive Assistant, Project Assistant (MIS) to be positioned at PMU, OPELIP purely on contractual basis. Application form along with the detail ToR for each post can be downloaded from the website i.e. www.otelp.org. Last date of receipt of applications by Speed Post / Registered Post / Courier Service only is dt. 24.12.2018 upto 5.00PM. Only short listed candidates will be called for interview for empanelment.

Programme Director, OTELP Plus / OPELIP reserves the right to accept or reject the applications without assigning any reason thereof.

26019/11/0010/1819 ***Sd./- Programme Director***

TENDER CALL NOTICE
Office of the Director, Vigilance, Odisha, Cuttack

No. 948-D:- Sealed tenders are invited from the OEM or Authorised / Registered Dealers / Suppliers / Resellers for purchase of the items for Cyber Cells of Odisha Vigilance as listed below:

Sl. No.	Name of items to be purchased	Quantities to be purchased
1.	FTK Software (Forensic Analysis Tool alongwith password recovery, Data Encryption Tool & Data Recovery and Analysis of Digital Evidences)	1 set
2.	CDR Analysis Software	6 Nos. (For 6 Vigilance Divisions)

1. Name of item along with detail technical Specifications, probable requirements etc. may be seen from the website of the Odisha Vigilance i.e. http://odishavigilance.gov.in and in Govt. of Odisha website i.e. www.odisha.gov.in.
2. Date of issue of Tender documents from dtd.11.12.2018 at 11AM to dtd.04.01.2019 upto 5.00PM.
3. Last date for receipt of sealed tender on dtd.05.01.2019 upto 5.00PM.
4. Date for opening of sealed Tenders / Technical Bids on dtd.08.01.2019 at 11.00AM at the Office of the A.I.G. of Police, Vigilance, Odisha, Cuttack.

Sd./- A.I.G. of Police, Vigilance
Odisha, Cuttack
(Tender Calling Authority)
09006/11/0006/1819

GOVERNMENT OF ODISHA
OFFICE OF THE EXECUTIVE ENGINEER
GANJAM (R&B) DIVISION NO. II, BERHAMPUR
Phone/Fax: 0680-2233996, e-mail: eernb2_bam@yahoo.co.in
INVITATION FOR BIDS (IFB) [e-Procurement]
No.1001-B:- **TENDER CALL NOTICE**
Bid Identification No. SC (R&B)-GM-II-36/2018-19 No. 9317 Dated 06.12.18

1)	The Executive Engineer, Ganjam (R&B) Division NO. II, Berhampur on behalf of Governor of Odisha invites percentage rate bid in Single cover system to be received in ONLINE MODE only for the work as detailed below.		
2)	Nature of Work	:	Building work
3)	No. of work	:	01 No.
4)	Tender Cost	:	Rs. 6,000/-
5)	Class of Contractor	:	'D' class & 'C' class
6)	Available of bid documents in the website	:	From 14.12.018, 10.00 AM to 26.12.2018, 4.00 PM
7)	Date of opening of Bid	:	27.12.2018 at 11.30 AM
8)	The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.		

Sd./- A.K. Dass
Executive Engineer
Ganjam (R&B) Division No. II
34080/11/0028/1819

See Career Appointment on every Wednesday & Saturday

No.937-A

Government of Odisha
Department of Water Resources
N O T I C E
Simplified Procedure on Water Allocation and Payment for use of water by industrial, commercial & other establishments.

It is hereby brought to the notice of all industrial, commercial & other establishments requiring water allocation that the application for water allocation, henceforth, shall be received on-line only. The applicant has to apply on 'GO SWIFT' (Government of Odisha Single Window for Investor Facilitation and Tracking) portal. The Processing fee and Security Deposit shall have to be paid online. Under no circumstances the application shall be received off-line. The allocation order from the Government when made shall also be intimated on-line.
Besides, it is for the notice of all the industrial, commercial & other establishments using water that they have to get registered in the NIC website "IWCRCM" (Industrial Water Consumption and Revenue Collection Monitoring) portal (www.industrialwaterod.nic.in) and have to make their payment on-line against the on-line generated bills. No off-line payment shall be received henceforth.
Above portals are also available in the website of Department of Water Resources, Govt. of Odisha(www.dowrodisha.gov.in). For further information and clarification if any, the applicant(s) may contact the Executive Engineer of the nearest Water Resources Division or the Chief Engineer, Water Services, Secha Sadan, Kesari Nagar, Bhubaneswar-1.

Chief Engineer, Water Services
Department of Water Resources

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ

ବିଜ୍ଞପ୍ତି

ଶିଳ୍ପ ଓ ବାଣିଜ୍ୟିକ ଉଦ୍ଦେଶ୍ୟରେ ଜଳ ଆବଣ୍ଟନ ତଥା ଦେୟର ସରଳୀକରଣ ପ୍ରକ୍ରିୟା

ଏତଦ୍ୱାରା ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏଣିକି ଜଳ ଆବଣ୍ଟନ ପାଇଁ ଦରଖାସ୍ତ ଅନ୍‌ଲାଇନରେ ଗ୍ରହଣ କରିବା ନିମିତ୍ତ ବ୍ୟବସ୍ଥା କରାଯାଇଛି। ଦରଖାସ୍ତକାରୀ ସଂସ୍ଥାମାନଙ୍କୁ "Go Swift" (Government of Odisha – Single Window for Investor Facilitation and Tracking) ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନରେ ଦରଖାସ୍ତ କରିବାକୁ ହେବ। ଉକ୍ତ ସଂସ୍ଥାମାନେ ଅନ୍‌ଲାଇନ୍‌ରେ ଆବେଦନ ଫି (Processing fee) ଏବଂ ଅମାନତ ଜମା (Security Deposit) ଦାଖଲ କରିବେ। ଅଫ୍‌ଲାଇନରେ କୌଣସି ପରିସ୍ଥିତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଉକ୍ତ ସଂସ୍ଥାମାନଙ୍କୁ ଜଳ ଆବଣ୍ଟନ ପତ୍ର ଅନ୍‌ଲାଇନରେ ଜଣାଇ ଦିଆଯିବ। ଏତଦ୍‌ବ୍ୟତୀତ ସମସ୍ତ ଜଳ ବ୍ୟବହାରକାରୀ ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କୁ ସୂଚାଇ ଦିଆଯାଉଛି ଯେ ଏଣିକି ସେମାନେ NIC ୱେବ୍‌ସାଇଟ୍ IWCRCM (Industrial Water Consumption and Revenue Collection Monitoring) ପୋର୍ଟାଲ (www.industrialwaterod.nic.in) ଜରିଆରେ ପଞ୍ଜୀକୃତ କରିବେ ଏବଂ ଧାର୍ଯ୍ୟ ଦେୟ ଅନ୍‌ଲାଇନ ମାଧ୍ୟମରେ ପୈଠ କରିବେ। ଏଣିକି ଉକ୍ତ ସଂସ୍ଥାମାନଙ୍କ ଠାରୁ ଅଫ୍‌ଲାଇନ ମାଧ୍ୟମରେ ଦେୟ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ପୋର୍ଟାଲ ଜଳସମ୍ପଦ ବିଭାଗର ୱେବ୍‌ସାଇଟ୍‌ରେ (www.dowrodisha.gov.in) ମଧ୍ୟ ଉପଲବ୍ଧ। ସବିଶେଷ ବିବରଣୀ ଏବଂ ସୂଚନା ପାଇଁ ନିକଟସ୍ଥ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ କିମ୍ବା ମୁଖ୍ୟ ଯନ୍ତ୍ରୀ, ଜଳସେବା, ସେଚସଦନ, କେଶରୀନଗର, ଭୁବନେଶ୍ୱର–୧ ସହିତ ଯୋଗାଯୋଗ କରିପାରିବେ।

32031/11/0006/1819 **ମୁଖ୍ୟଯନ୍ତ୍ରୀ, ଜଳସେବା, ଜଳସମ୍ପଦ ବିଭାଗ**

GOVT.OF ODISHA
OFFICE OF THE DIVISIONAL FOREST OFFICER, BALLIGUDA FOREST DIVISION, BALLIGUDA,KANDHAMAL-762103
Tel: - 06846-243249, Fax:-06846-243066, e-mail:- dfo_balliguda@yahoo.co.in

TENDER SALE NOTICE OF CONFISCATED VEHICLES

Notification No. **Dated. 10.12.2018**

No. 116-MM: Sealed tenders are invited for auction sale of the following confiscated vehicles seized in commission of forest offence cases of this division on "as is where is basis" to be held on dated. 26.12.2018 at 5.00 PM in the office of the undersigned. The details of vehicles with its location are mentioned against each vehicle below. The Tender Form along with the terms and conditions for Tender sale of the vehicles will be available in this office on any working day during office hours from 11.00 AM to 4.00 up to 26.12.2018 P.M. from the date of publication of sale notice on payment of Rs.100/-(Rupees one hundred) only which is non-refundable. The intending tenderers are required to deposit the earnest money (EMD) of Rs. 10,000/- (Rupees Ten Thousand) only for heavy vehicle (Tractor with Trolley & Truck) & Rs.5,000/- (Rupees Five Thousand) only for light vehicle (Ambassador Car, Tempo & Motor Cycle) in shape of Bank Draft in favour of Divisional Forest Officer, Balliguda to be drawn at S.B.I, Balliguda and should be enclosed with Sealed Tender. The EMD will be returned in case of unsuccessful tenderers after announcement of result. The undersigned reserves the right to either accept or reject any tender without assigning any reason thereof.

List of Vehicles to be sold on Auction by sealed Tender

Sl. No.	Name of the confiscated vehicle	Registration No.	Location of the vehicle available for inspection	EMD (in Rs.)
01	Mini Truck (UD No 01 of 2006-07)	OSF-1171	Bramhunigaon Range Office Campus	10,000/-
02	Hero Honda Motor Cycle (UD No 01 of 2006-07)	OR-07D-4433		5000/-
03	Ambassador Car (OR No 27 of 2005-06)	OR-07B-8491		5000/-
04	Bajaj Maxima Auto (OR No 06 of 2015-16)	OD-07C-8210		5000/-
05	Tata ACE Pick up (OR No 09 of 2014-15)	OD-07D-8149		10000/-
06	Tata LPT 709 Mini Truck (OR No 09 of 2013-14)	OR-07C-3800	Tumudibandha Range Office Campus	10000/-
07	Hero Honda Passion Pro (OR No 29 of 2015-16)	OR 07U-0873		5000/-
08	Tata Sumo (OR No 42 of 2006-07)	OR-02G-5205	Division Office Campus at Balliguda	5000/-
09	Maruti Omni (UD No 21 of 2002-03)	AP-30-6363		5000/-
10	Tata 407 Pick up (OR No 77 of 2016-17)	OD-07N-5515	Simonbadi Range Office Campus	10000/-
11	Sonalika Tractor (OR No 11 of 2015-16)	OR-12-7244(Tractor) OR-12-7245(Trolly)		10000/-
12	Maruti Car (UD No 01 of 2006-07)	KA-04-N-2408	Balliguda Range Office Campus	5000/-
13	Tractor (OR No 08 of 2012-13)	OR-05-AH-0490		10000/-
14	APE Auto (OR No 16 of 2010-11)	OR- 25A-6474	Balliguda Range Office Campus	5000/-
15	Truck (UD No 04 of 2002-03)	ORG-8045		10000/-
16	Bajaj Discover Motor Cycle (OR No 01 of 2016-17)	OR-07M-9302	Belghar Range Office Campus	5000/-
17	Mini Truck (OR No 24 of 2008-09)	OR- 08-1720		10,000/-
18	Tractor OR No.18 of 2009-10	OR-12A-8561(Tractor) OR-12A-8562(Trolly)	Balliguda Range Office Campus	10,000/-

08047/11/0002/1819 **Sd./- Divisional Forest Officer, Balliguda Forest Division**

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI
No. 653-E

No. 10789/XIV-DBCS-02/2018, Dated Malkangiri the :11.12.2018

Sealed tender are invited from reputed manufactures/ importer/authorized distributors/ DGS&D rate contract for supply of spectacles for DBCS, Malkangiri. The tender papers in details along with term & condition of tender are available THROUGH DISTRICT WEBSITE www.malkangiri.nic.in. Bidders can download the tender papers from the website and such bidders have to enclose a non refundable demand draft of Rs. 1000/- (Rupees One thousand) Only in favour of Chief District Medical & Public Health Officer, Malkangiri payable at SBI, Malkangiri with BID documents and subscribe the BID documents that it has been downloaded from the website. The sealed tender should reach to the undersigned on or before 31.12.2018 up to 5.00PM through Speed Post/ Regd. Post only.
The technical bid of the tender will be opened on 02.01.2019 at 11.00AM by the Chairman of the purchase committee i.e., the CDM&PHO, Malkangiri in the presence of tenderer or their authorized representative.

Sd/- Chief District Medical &
10086/11/0030/1819 **Public Health Officer, Malkangiri**

GOVT.OF ODISHA
OFFICE OF THE DIVISIONAL FOREST OFFICER,BALLIGUDA FOREST DIVISION, BALLIGUDA,KANDHAMAL-762103
Tel: -06846-243249, Fax:-06846-243066, e-mail:- dfo_balliguda@yahoo.co.in
No. 117-MM

TENDER NOTICE FOR PURCHASE OF UNIFORM ARTICLES
Notification Dated.10.12.2018

Sealed tenders are hereby invited by the undersigned from the Registered firms / authorised dealers/DGS&D rate contract holders having GST registration number for supply of the following Uniform Articles so as to reach this office on or before 27.12.2018 by 3.00 P.M. by Registered post/Speed Post only superscribed as "Tender for Uniform Articles" on the top of the Envelope which will be opened on the same day at 5.00 P.M. The price of each article should be specifically mentioned inclusive of GST and the delivery of the articles should be at Division Office, Balliguda at their own cost. The tender must be accompanied by registration certificate and VAT/ST/GST Clearance for the year 2017-18. The undersigned reserves the right to accept or reject any or all tenders without assigning any reason thereof. No sub-letting in the tender will be entertained.
List of Articles(Shoe specifications as follows)
(Shoe of Wild Craft Brand and Wood Land brand)
Specification: ART:GC 2082116 or Similar (Woodland)
Specification Item Code :51582 or Similar (Wild Craft)

Sd./- Divisional Forest Officer
08047/11/0003/1819 **Baliguda Forest Division**

ସଂକ୍ଷେପରେ

ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲିକୁଦା,୧୩।୧୨(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଇଛାପୁର ପଞ୍ଚାୟତସ୍ଥିତ ମାଧୁରୀ ବାବାଙ୍କ ପୀଠରେ ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରତ୍ୟୁଷରୁ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ସୂର୍ଯ୍ୟପୂଜା, କଳସ ସ୍ଥାପନ, ବରୁଣ ପୂଜା, ସଙ୍କଳ୍ପ, ରତ୍ନମୁଦ, ବିଗ୍ରହନ୍ୟାସ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଯଜ୍ଞ କରାଯିବା ସହ ମା'ଙ୍କ ବିଗ୍ରହଙ୍କୁ ମହାସ୍ନାନ କରାଯାଇଥିଲା। କପିଳେନ୍ଦ୍ର ମାହାର ଓ ପୁଷ୍ପଲତା ମାହାର କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ବୃନ୍ଦାବନ ସାହୁ ଓ ଦୈତାରୀ ସାହୁଙ୍କ ପ୍ରଚେଷ୍ଟାରେ ମନ୍ଦିର କାର୍ଯ୍ୟ ହୋଇଥିଲା। ନାଗୁ ଚରଣ ନାୟକ, କୃଷ୍ଣଚନ୍ଦ୍ର ମିଶ୍ର, ହାଡିବନ୍ଧୁ ସାହୁ, ନୃସିଂହ ଚରଣ ସାହୁ, ଆର୍ତ୍ତବନ୍ଧୁ ବିଶ୍ୱାଳ, କଲ୍ୟାଣୀ ବିଶ୍ୱାଳ, ବୁଦ୍ଧ୍ୟଲତା ବିଶ୍ୱାଳ, ନୃସିଂହ ଚରଣ ସାହୁ, ଜଟାଧାରୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ପଣ୍ଡିତ କୃଷ୍ଣମୋହନ ମିଶ୍ର, ରବି ମିଶ୍ର, ବୁଦ୍ଧଦତ୍ତ ମିଶ୍ର, ନୀଳକଣ୍ଠ ଦାଶ, ଶେଷଦେବ କର ପୂଜାର୍ଚ୍ଚନା କରିଥିଲେ।

ଦୁର୍ଗାପୂଜା ପ୍ରତିଷ୍ଠାତାଙ୍କ ପରଲୋକ

ଏରସମା,୧୩।୧୨(ସ୍ୱ.ପ୍ର.): ଏରସମା ସଦରମହକୁମାସ୍ଥିତ ପ୍ରସିଦ୍ଧ ଦେବୀ ପୂଜାର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ଭଗବାନ ନାୟକଙ୍କ ବୁଧବାର ରାତିରେ ୮୫ ବର୍ଷ ବୟସରେ ପରଲୋକ ଘଟିଛି। ଖବରପାଇ ପାରାଦୀପ ବିଧାୟକ ଡା. ଦାମୋଦର ରାଉତଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନାୟକଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ନାୟକ ବିଧାୟକ ରାଉତଙ୍କ ସହ ମିଶି ଦୀର୍ଘବର୍ଷ ଧରି ଏରସମାରେ ଚାଲିଥିବା ପ୍ରସିଦ୍ଧ ଦୁର୍ଗାପୂଜା ଆରମ୍ଭ କରିଥିଲେ। ଏଥିସହିତ ସେ ବହୁ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ।

ଶାରଳା ପୀଠରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର

ତିର୍ତ୍ତୋଲ,୧୩।୧୨(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକର ପ୍ରସିଦ୍ଧ ବାଣୀକ୍ଷେତ୍ର ଝଙ୍କଡ଼ ଶାରଳା ପୀଠରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଅନୁଷ୍ଠିତ ହୋଇଯାଇଛି। ମା' ଶାରଳା ସେବାୟତ ସମାଜ ଓ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ଏହି ଉତ୍ସବ ହୋଇଥିଲା। ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ପ୍ରତିଦିନ ପ୍ରବଚନ ଦେଇଥିଲେ। ସାରଦା ଚରଣ ଦାସ ପ୍ରଦୀପ ପ୍ରଜ୍ୱଳନ ଓ ପଣ୍ଡିତ ବିଷ୍ଣୁଚରଣ ପତି, ଦେବୀଦତ୍ତ ଦାଶ, ଜୟାରାଜ ପାଢୀ ଚାମର ସେବା, ପୂଜାର୍ଚ୍ଚନା, ଆରତୀ ଓ ଯଜ୍ଞ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଅମରେଶ ରାଉତରାୟ ମହାପ୍ରସାଦ ସେବା କରିଥିଲେ। କ୍ଷୀରୋଦ ରାଉଳ, ରମେଶ ରାଉଳ, ଦେବୀପ୍ରସାଦ ତ୍ରିପାଠୀ, କେଶବ ଚନ୍ଦ୍ର ନନ୍ଦ, ବିଶ୍ୱରଞ୍ଜନ ରାଉଳ ଓ ପଣ୍ଡିତ ସୁଦାମ ଚରଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ବିଷ୍ଣୁଚରଣ ସ୍ୱାଇଁ, ବିଳାସ ଚନ୍ଦ୍ର ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ରମାକାନ୍ତ ରାଉଳ ପରିଚାଳନା କରିଥିଲେ।

■ ଦ୍ୱିତୀୟ ଆପାତକାଳୀନ ସଚେତନତା ବୈଠକ

ଦୁର୍ଘଟଣା କଥା ମାନିବାକୁ ଅରାଜି

ପାରାଦୀପ,୧୩।୧୨(ସ୍ୱ.ପ୍ର.):

ପାରାଦୀପର ଇଣ୍ଡିଆନ ଅଏଲ ଟର୍ମିନାଲ ପରିସରରେ ଗୁରୁବାର ଦ୍ୱିତୀୟ ଆପାତକାଳୀନ ସୁରକ୍ଷା ସଚେତନତା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। କାରଖାନା ଓ ବାଷ୍ପିତ ବିଭାଗ ଏବଂ ଜିଲା ପ୍ରଶାସନର ଏହି ବୈଠକରେ ପ୍ରାୟ ସମସ୍ତ ଶିଳ୍ପ ସଂସ୍ଥାର ସୁରକ୍ଷା ଅଧିକାରୀ ଯୋଗ ଦେଇଥିଲେ। ସେମାନେ ନିଜ କାରଖାନାର ସ୍ଥିତି, କେମିକାଲ ବ୍ୟବହାର, ଆଗ୍ନିକ କିମ୍ବା ମନୁଷ୍ୟକୃତ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ବିସ୍ତୃତ ଭାବେ ଦର୍ଶାଇଥିଲେ। ୨୦୧୬ ଅଗଷ୍ଟ ୩୦ରେ ପରେ ଜିଲା ପ୍ରଶାସନର ଏହା ଥିଲା ଦ୍ୱିତୀୟ ବୈଠକ। ସମାନ ଭାବେ ଏଥିରେ ପୂର୍ବ ବୈଠକ ଭଳି ବିଭିନ୍ନ ପ୍ରସଙ୍ଗ ଆଲୋଚନା ହୋଇଥିଲା। କିନ୍ତୁ ଦୁର୍ଘଟଣା କଥା ଉଠିବାରୁ ସମସ୍ତେ ଦୋଷ ଖସାଇଥିଲେ। କୌଣସି କାରଖାନାରେ ଦୁର୍ଘଟଣା ଘଟିଲେ, ସବୁ କମ୍ପାନୀ ଏହା ତାଙ୍କ କାରଖାନାରେ ହୋଇନାହିଁ ବୋଲି କହୁଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ କାହିଁକି ପ୍ରଶାସନ ଓ ଜନସାଧାରଣଙ୍କୁ ଦୁର୍ଘଟଣା ସମ୍ପର୍କରେ ଲୁଚାଇଥାନ୍ତି ବୋଲି ଏଥିରେ ପଚରାଯିବାରୁ କମ୍ପାନୀ ପ୍ରତିନିଧିମାନେ ଥତମତ ହୋଇଥିଲେ। ଗତ ଅଗଷ୍ଟ ୮ରେ ଫ୍ଲୋରାଇଡ୍ ଗ୍ୟାସ୍ ନିର୍ଗତ ହେବାରୁ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ଏପରିକି ଗ୍ୟାସ୍ ପବନର ଗତି ଅନୁସାରେ ଯେଉଁ ଆଡକୁ ଯାଇଥିଲା, ସେହି ଅଞ୍ଚଳରେ ଗଛ ପୋଡ଼ିଯାଇଥିଲା। ସେତେବେଳେ ଫ୍ଲୋରାଇଡ୍ ଗ୍ୟାସ ନିର୍ଗତ ଖବରକୁ ୨ ସାର କମ୍ପାନୀ ପିପିଏଲ ଓ ଇଫ୍କୋ ଅସ୍ୱିକାର କରିଥିଲେ। ଗଣମାଧ୍ୟମରେ ଏହି ପ୍ରସଙ୍ଗ ଜୋର ଧରିବାରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କୃଷି ଓ ଉଦ୍ୟାନ ବିଭାଗ ୩ ମାସ ଧରି ଯାଞ୍ଚ କରିଥିଲେ। ଶେଷରେ ଡିସେମ୍ବର ୧୨ରେ ବୋର୍ଡ ଉକ୍ତ ତଦନ୍ତ ରିପୋର୍ଟ ଦେବା ସହ ପିପିଏଲକୁ କାରଣ ଦର୍ଶାଅ ନୋଟିସ ଦେଇଛି। ସେହିପରି ଇଣ୍ଡିଆନ ଅଏଲ ରିଫାଇନେରୀ ଲୋକାର୍ପଣ (ଫେବୃୟାରୀ ୭, ୨୦୧୬)ର ୮ଦିନ ପୂର୍ବରୁ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା। ୨୦୧୫ ଜୁନ୍ ୬ରୁ ୨୦୧୮ ମାର୍ଚ୍ଚ ମଧ୍ୟରେ ୧୩ ଥର ପାଇପ ଫାଟି ସମୁଦ୍ରରେ ତେଲ ମିଶିଥିଲା। ଏ ସମ୍ପର୍କରେ ଜଣାଇବାକୁ ସମ୍ପୃକ୍ତ କମ୍ପାନୀମାନେ ଅସ୍ୱିକାର କରିଥିଲେ। ଏଥିସହ ଅଠରବାଙ୍କୀରୁ ଦୋଛକି ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ, ପ୍ରଦୂଷଣ ପ୍ରସଙ୍ଗ, ପିପିଏଲ ରୋଡ୍, ପାରାଦୀପରେ ପୋଡ଼ିଯାଇଥିବା ଆହତଙ୍କ ଚିକିତ୍ସା ସେବା ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଅଧ୍ୟକ୍ଷତା କରୁଥିବା ଏଡିଏମ୍ କାହ୍ନୁ ଚରଣ ଧିର ସମସ୍ତ ଶିଳ୍ପ ପ୍ରତିନିଧିଙ୍କୁ ସୁରକ୍ଷା ସଚେତନତା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବୈଠକରେ କାରଖାନା ବାଷ୍ପିତ ବିଭାଗ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ। ପରେ ଇଣ୍ଡିଆନ ଅଏଲ ଟର୍ମିନାଲରେ ମକଡ୍ରିଲ ହୋଇଥିଲା। ଚଳିତବର୍ଷ ଏହାକୁ ମିଶାଇ ୯ଟି କମ୍ପାନୀ ମକଡ୍ରିଲ କଲେଣି।

ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ।

୫ ଲକ୍ଷ ଟଙ୍କାର ଅଳଙ୍କାର ଲୁଟ୍

ବାଲିକୁଦା,୧୩।୧୨(ସ୍ୱ.ପ୍ର.)

ମାଛଗାଁ–ବାଲିକୁଦା ମୁଖ୍ୟ ରାସ୍ତାର ଈଶ୍ୱରପୁରସ୍ଥିତ ବ୍ଲକ ଛକ ନିକଟ ଏକ ହୋଟେଲ ସମ୍ମୁଖରୁ ଦୁର୍ବୃତ୍ତମାନେ ୫ ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର ଲୁଟି ନେଇଛନ୍ତି। ଜଣେ ବ୍ୟବସାୟୀ ନିଜ ବାଇକରେ ଅଳଙ୍କାର ରଖି ହୋଟେଲରେ ଖାଉଥିବା ବେଳେ ଲୁଟେରାମାନେ ଅଳଙ୍କାର ଥିବା ବ୍ୟାଗ କାଟି ନେଇ ଚମ୍ପଟ ମାରିଥିଲେ। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବନମାଳିପୁର ଗାଁର ବାବୁଲି ପ୍ରଧାନ ୩୦ ବର୍ଷ ହେଲା ବାଲିକୁଦା ଥାନା ଅଧୀନ କଣିଆଁ ଗାଁରେ ଘର ଭଡ଼ା ନେଇ ରହୁଛନ୍ତି। ସେ ଗାଁ ଗାଁ ବୁଲି ସୁନା ଓ ରୁପା ଅଳଙ୍କାର ବ୍ୟବସାୟ କରନ୍ତି। ବୁଧବାର ମଧ୍ୟାହ୍ନରେ ଈଶ୍ୱରପୁରସ୍ଥିତ ଏକ ହୋଟେଲ ଆଗରେ ଗାଡି ରଖି ସେ ଖାଇବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଗାଡିରୁ ଅଳଙ୍କାର ଥିବା ବ୍ୟାଗ୍ ନେଇଯାଇଥିଲେ। ଉକ୍ତ ବ୍ୟାଗରେ ୧୫୦ ହଳ ରୁପା ପାଉଁଜି, ୧୨ଟି ରୁପା ଚେନ୍, ଝୁଣ୍ଟିଆ, ସୁନା କାନଫୁଲ, ମୁଦି, କାନ ରିଙ୍ଗ୍, ମଙ୍ଗଳସୂତ୍ର, କାନ ଝରା, ହଳେ ବାଲା ଓ ହଳେ ଶଙ୍ଖା ଥିଲା ବୋଲି ବ୍ୟବସାୟୀ ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ପିଠା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

ବାଲିକୁଦା,୧୩।୧୨(ସ୍ୱପ୍ର)

ରାଜ୍ୟ ସରକାରଙ୍କ ନୂଆ ଯୋଜନା ପୀଠା ପାଇଁ ଗୁରୁବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ କଲ୍ୟାଣୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ, ଏବିଡିଓ ଅଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଯୋଜନାର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ପରିଷଦ ସଦସ୍ୟା ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ଦାସ, ମଙ୍ଗଳ ଅଧିକାରୀ ପ୍ରମୋଦ ବିଶ୍ୱାଳ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲୋପାମୁଦ୍ରା ସାହୁ ପ୍ରମୁଖଙ୍କ ସହ ସମସ୍ତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୫ ରୁ ୨୦ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ବିଭିନ୍ନ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଜୁ ପକ୍କାଘର ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ ନୂତନ ହିତାଧିକାରୀଙ୍କୁ ଭତ୍ତା ଓ କଳାକାର ଭତ୍ତା ପ୍ରଦାନ କରାଯିବ। ଏଥିସହ ଏଲଇଡି ଲଗାଯାଇ ଯୋଜନା ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରାଯିବ।

ନାଉଗାଁ ବିଦ୍ୟୁତ୍ ଉପଭୋକ୍ତା ସଂଘ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବିଦ୍ୟୁତ୍ ଉପଭୋକ୍ତା ସଂଘର ବିକ୍ଷୋଭ

ନାଉଗାଁ,୧୩।୧୨(ସ୍ୱ.ପ୍ର.)

ନାଉଗାଁ ବ୍ଲକରେ ଦିନକୁ ଦିନ ବିଦ୍ୟୁତ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତା ସଂଘ ଓ ଏସୟୁସିଆଇ ପକ୍ଷରୁ ଗୁରୁବାର ନାଉଗାଁ ବଜାର ଓ ଏନ୍‌ଜେଏନ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ବିଦ୍ୟୁ ଭୂଷଣ ବେହେରାଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟୁତ ସେବା ଘରୋଇକରଣ ବନ୍ଦ କରିବା, ଚାଷୀଙ୍କୁ ମାଗଣା ବିଦ୍ୟୁତ ପ୍ରଦାନ, ସୌଭାଗ୍ୟ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା, ପୁରୁଣା ବିଦ୍ୟୁତ ତାର ପରିବର୍ତ୍ତନ କରି ନୂତନ ତାର ଓ ଖୁଣ୍ଟ ଲଗାଇବା, ବିଦ୍ୟୁତ ଚୋରି ରୋକିବାକୁ ସେମାନେ ଦାବି କରିଛନ୍ତି। ବିଦ୍ୟୁତ ଉପଭୋକ୍ତା ସଂଘ ସଭାପତି ନବକିଶୋର ମହାନ୍ତି, ଜନ ସ୍ୱାର୍ଥ ସୁରକ୍ଷା କମିଟି ସଭାପତି ବଂଶୀଧର ବେହେରା, ଏସୟୁସିଆଇ ସମ୍ପାଦକ ମହେଶ୍ୱର ଦାସ, ବସନ୍ତ ନାୟକ, ସୁରେଶ ଚନ୍ଦ୍ର ବେହୁରା, ଆର୍ତ୍ତ ଦାସ, ସୁବାସ ସ୍ୱାଇଁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ଯଦି ଉକ୍ତ ସମସ୍ୟାର ସମାଧାନ କରା ନ ଯାଏ, ତେବେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଓଡ଼ିଶା ସାମ୍ବାଦିକ ସଂଘ ଜିଲା ଶାଖା ବୈଠକ

ରାହାମା,୧୩।୧୨(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ତେରମାଣପୁରର ହରିପୁର ମହାନଦୀ ପଠା ଝାଉଁ ଜଙ୍ଗଲ ପରିସରରେ ଓଡ଼ିଶା ସାମ୍ବାଦିକ ସଂଘ ଜଗତସିଂହପୁର ଜିଲା ଶାଖାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଂଘ ସଭାପତି ସୁଶିଲ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଓଜେୟୁ ରାଜ୍ୟ ସଭାପତି ପ୍ରଭାତ କୁମାର ଦାସ, କଟକ ଜିଲା ସଭାପତି ରମଣୀ ରଞ୍ଜନ ଦାସ, ପାରାଦୀପ ୟୁନିଟ୍ ସଭାପତି କର୍ମେଶ୍ୱର ସ୍ୱାଇଁ, ଧ୍ରୁବଚରଣ ମହାପାତ୍ର, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ରାହାମା ପ୍ରେସ୍ କ୍ଲବ ସଭାପତି ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ସଂଗଠନର ଆଭ୍ୟନ୍ତରୀଣ ପ୍ରସଙ୍ଗ ଉପରେ ଆଲୋକପାତ କରାଇଥିଲେ। ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି, ରାହାମା ବଣିକ ସଂଘ କାର୍ଯ୍ୟକାରୀ ସଭାପତି ମନୋଜ ସାହୁ, ପ୍ରମୋଦ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ ସାହୁ, ଜଗତ୍‌ସିଂହପୁର ଜିଲାର ପ୍ରଦୀପ୍ତ କିଶୋର ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ଶଶାଙ୍କ ଶେଖର ପଣ୍ଡା, ମନୋଜ କୁମାର ଦାସ, ମାନସ ମହାନ୍ତି, ପିନାକୀ ମହାନ୍ତି, ଦୀପକ ମହାନ୍ତି, ତନ୍ମୟ ପଣ୍ଡା, ତିର୍ତ୍ତୋଲ ସାମ୍ବାଦିକ ସଂଘ ସଭାପତି ଅମରଜ୍ୟୋତି ସାହୁ, ସଂଗଠନ ସମ୍ପାଦକ ଟୁକନ ଚରଣ ସେଠୀ, ସହ ସମ୍ପାଦକ ଜୟନ୍ତ ପରିଜା, ରଞ୍ଜନ ଖୁଣ୍ଟିଆ, ପ୍ରମୋଦ ଦାସ, ନିଶାକର ଦାସ, ରମେଶ ମହାନ୍ତି, ରାହାମା ପ୍ରେସ୍ କ୍ଲବ ସମ୍ପାଦକ ଶ୍ରୀକାନ୍ତ ଦାସ, ଶରତ ଦାସ, ଶିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବିଜୟ ସ୍ୱାଇଁ, ସମୀର ମହାନ୍ତି, ହରିଗୁରୁ ଦାସ, ଅରୁଣ ପାଣିଙ୍କ ସମେତ ଜିଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ସାଙ୍ଗଠନିକ ଆଲୋଚନା ପରେ ସର୍ବସମତିକ୍ରମେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁନାକର ବେହେରା, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, କାର୍ଯ୍ୟକାରୀ ସଭାପତି ପ୍ରଚେତ୍ ଚେତନ ମହାନ୍ତି, କୋଷାଧ୍ୟକ୍ଷ କର୍ମେଶ୍ୱର ସ୍ୱାଇଁ, ସଙ୍ଗଠନ ସମ୍ପାଦକ ଟୁକନ ଚରଣ ସେଠୀ, ମୁଖ୍ୟ ପରାମର୍ଶଦାତା ସୁଶିଲ କୁମାର ମହାନ୍ତି, ପ୍ରଦୀପ୍ତ କିଶୋର ଚୌଧୁରୀଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା।

ବୈଠକରେ ଉପସ୍ଥିତ ସାମ୍ବାଦିକ ସଂଘ କର୍ମକର୍ତ୍ତା।

ସରସ୍ୱତୀ ଶିଶୁ ମନ୍ଦିର ମାତୃ ସମ୍ମିଳନୀ

ତିର୍ତ୍ତୋଲ,୧୩।୧୨(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଛତ୍ରମଠସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବକ୍ତାମାନେ ଶିଶୁଙ୍କ ପ୍ରତି ମା'ମାନେ ଯତ୍ନଶୀଳ ହେବା ଉଚିତ ବୋଲି କହିଥିଲେ। ଏଥିସହ ପିଲାମାନେ ସଂସ୍କାରୀ, ଚରିତ୍ରବାନ ଓ ସଂଯମୀ ହେଲେ ଭବିଷ୍ୟତରେ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଉପଦେଷ୍ଟା ଧ୍ରୁନଚନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କର୍ମକର୍ତ୍ତା ରଞ୍ଜନ ସାମଲ, ଯୁବ ସାହିତ୍ୟିକ ଓ ସଂସ୍କୃତି ସଂଗଠକ ଅମରଜ୍ୟୋତି ସାହୁ ଯୋଗଦେଇ ମା'ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ଯୁଗ୍ମ ସମ୍ପାଦିକା ଶୋଭାରାଣୀ ନନ୍ଦ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ସମ୍ପାଦକ ଜଗନ୍ନାଥ ଶତପଥୀ ଓ ସଭାପତି ଅସିତ ଦାସ ଯୋଗ ଦେଇଥିଲେ। ଆଚାର୍ଯ୍ୟ ପ୍ରତିନିଧି ସୁପ୍ରଭା ନାୟକ ସଂଯୋଜନା କରିଥିଲେ। ସାଗରିକା ନାୟକ, ଲିନ୍ତମୟୀ ନାୟକ, ସରୋଜିନୀ ରାଉତ, କମଳିନୀ ଶତପଥୀ, ଦେବସ୍ମିତା ରାଉତ, ମନୋରମା ଦାସ, ରଶ୍ମିରେଖା ରାଉତ, ଶୁଭଶ୍ରୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନଆଚାର୍ଯ୍ୟ ଉମାକାନ୍ତ ସାହୁ ସ୍ୱାଗତ ଭାଷଣ ଓ ଅଶୋକ ସିଂହ ଧନ୍ୟବାଦ ଦେଇଥିଲେ।

ଭାଜପାର ଜନପରାମର୍ଶ ପଦଯାତ୍ରା

କୁଜଙ୍ଗ,୧୩।୧୨(ସ୍ୱ.ପ୍ର)

ଭାଜପା ପକ୍ଷରୁ ଗୁରୁବାର କୁଜଙ୍ଗ ବ୍ଲକ୍ ଗୋପିଆକୁଦ ପଞ୍ଚାୟତରେ ଜନପରାମର୍ଶ ପଦଯାତ୍ରା ସହ ଦଳୀୟ ସମାବେଶ ଅନୁଷ୍ଠିତ ହୋଇଛି। ଜିଲାପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶନୀଙ୍କ ପୌରୋହିତ୍ୟରେ ସମ୍ପଦ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତର ପାନୀୟ ଜଳ ସମସ୍ୟା ଓ ବର୍ଷା ଜଳ ନିଷ୍କାସନ ଅବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ସମ୍ପଦଙ୍କ ସହ ପୂର୍ବତନ ଜିଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ଜିଲା ଉପସଭାପତି ଯୁଗଳ କିଶୋର ପ୍ରଧାନ, କୁଜଙ୍ଗ ମଣ୍ଡଳ ସଭାପତି ତପନ ତ୍ରିପାଠୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମିଲି ପରିଡା, ବିସ୍ତାରକ ସୁଶାନ୍ତ ବେହେରା ପ୍ରମୁଖ ପଞ୍ଚାୟତର ସବୁ ଗ୍ରାମ ପରିକ୍ରମା କରି ଲୋକଙ୍କ ସହ ଭାବ ବିନିମୟ କରିଥିଲେ। ପ୍ରାରମ୍ଭରେ ମହାଦେବ ମନ୍ଦିରରୁ ପୂଜାର୍ଚ୍ଚନା ସହ ତାଳଦଣ୍ଡା ପଡାର ୧୦ନଂ ୱାର୍ଡରୁ ଆରମ୍ଭ କରି ଗୋଠ ଡିଆର ୩ଟି ୱାର୍ଡ, ବରିହରା ଗ୍ରାମର ୩ଟି ଓ ବେଦାପାଟ ଗ୍ରାମର ଗୋଟିଏ ୱାର୍ଡ ପରିକ୍ରମା କରିଥିଲେ। ପଞ୍ଚାୟତର ୧୦ଟି ୱାର୍ଡରେ ଉତ୍କଟ ପାନୀୟ ଜଳ ସମସ୍ୟା ଥିବା ବେଳେ ୨୧ ନଂ ୱାର୍ଡରେ ନଳକୂପରୁ ଦୂଷିତ ପାଣି ବାହାରୁଥିବା ଦେଖିଥିଲେ। ଜିଲା ପରିଷଦ ସଭ୍ୟା ତଥା ଭାଜପା ନେତ୍ରୀ ସୁଶ୍ରୀ ପ୍ରିୟଦର୍ଶନୀ, ପଞ୍ଚାୟତ ପ୍ରମୁଖ ଶୁକଦେବ ନାୟକ, ରଞ୍ଜନ ବାରିକ, ବାବସ ରାଉତ, ଅଜୟ ପଣ୍ଡା, ଅଦ୍ୱୈତ ଦଳାଇ, ଶିବାଜୀ ସ୍ୱାଇଁ, ଟହଲି ରାଉତ, ଶ୍ରୀନିବାସ ସ୍ୱାଇଁ, ଶିବ ଚରଣ ସାମଲ, ପ୍ରକାଶ ତରାଇ ପ୍ରମୁଖ ପରିଚାଳନା କରିଥିଲେ।

ODISHA HYDRO POWER CORPORATION LTD.
OHPC
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
Balimela Hydro Electric Project, At/Post: Balimela, Dist: Malkangiri, Pin: 764051 (Odisha), Phone Nos: 06861-232581/ 232695, Fax No.: 06861-232541, Email: unit.head_balimela@yahoo.com
No.CAD-1133:- CIN: U40101OR1995SGC003963

Lr. No.- 6266 **Dt: 12.12.2018**
1st CORRIGENDUM TO TCN No. 23/2018-19 Dated 22.11.2018
Sub: Supply, retrofitting, testing, installation and commissioning of five numbers of Numerical Relays for 220 KV Feeders under PSDF scheme on turn key basis at BHEP, Balimela.

The last dates of this Office Tender Call Notice No: 23/2018-19 dated 22.11.2018 for Supply, retrofitting, testing, installation and commissioning of five numbers of Numerical Relays for 220 V Feeders under PSDF scheme on turn key basis at BHEP, Balimela is extended as follows.

Last date of sell of Tender Paper : 13.00 hrs of 29.12.2018
Last date of Receipt of Tender : 16.00 hrs of 29.12.2018
Date of opening of tender paper : 16.30 hrs of 29.12.2018
All other terms and conditions of the above TCN remains unaltered.

Sd./- Sr. General Manager (Ele.), Balimela HEP, Balimela
04019/11/0084/1819

ଜିଲ୍ଲା କାର୍ଯ୍ୟାଳୟ, ଯାଜପୁର
(ଶିଶୁ ସୁରକ୍ଷା ୟୁନିଟ୍)
ପତ୍ର ସଂଖ୍ୟା : DCPU/JPR/1074/18 ତାରିଖ : ୧୩.୧୨.୨୦୧୮

ବିଜ୍ଞପ୍ତି

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା. ୨୪.୦୯.୨୦୧୮ ରିଖରେ ଯାଜପୁର ଜିଲ୍ଲାର ଯାଜପୁର- କେଉଁଝର ରୋଡ଼ ରେଳ ଷ୍ଟେସନର ପରିତ୍ୟକ୍ତ ସ୍ଥାନରୁ ଏକ ଶିଶୁ ପୁତ୍ରକୁ ଯାଜପୁର ରୋଡ ପୋଲିସ ଦ୍ୱାରା ଉଦ୍ଧାର କରାଯାଇ ଶିଶୁ ସୁରକ୍ଷା ୟୁନିଟ୍, ଯାଜପୁରକୁ ହସ୍ତାନ୍ତର କରାଯାଇଥିଲା ଓ ପରେ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଉତ୍କଳ ବାଳାଶ୍ରମସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଠାରେ ଅସ୍ଥାୟୀ ଭାବରେ ଥଇଥାନ କରାଯାଇଛି। ଯଦି ଉକ୍ତ ଶିଶୁଟିର ପିତା–ମାତା କିମ୍ବା କୌଣସି ଅଭିଭାବକ / ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଅଧ୍ୟକ୍ଷା, ଶିଶୁ ମଙ୍ଗଳ କମିଟି, ଯାଜପୁର (ମୋବାଇଲ–9337810497) କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ– ୦୬୭୨୮–୨୨୩୬୨୨, ୯୪୩୭୨୯୭୬୨୨ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦେଇ ଉକ୍ତ ଶିଶୁଟିକୁ ନେବାପାଇଁ ଦାବି ଉପସ୍ଥାପନ କରିପାରିବେ। ଯଦି ଉକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟ ମୁକ୍ତ ଘୋଷଣା କରାଯିବ।

ଶିଶୁର ନାମ	ଲିଙ୍ଗ	ବୟସ	ଉଦ୍ଧାର କରାଯାଇଥିବା ସ୍ଥାନ	CWC କେସ୍ ନମ୍ବର ଓ ତାରିଖ	ଫଟୋ
ଜିତ	ପୁଅ	୦୩ ବର୍ଷ	ଯାଜପୁର–କେଉଁଝର ରୋଡ୍ ରେଳ ଷ୍ଟେସନର ପରିତ୍ୟକ୍ତ ସ୍ଥାନରୁ	୧୪୪୫/୨୯.୦୯.୨୦୧୮	

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର

Odisha State Medical Corporation Limited (OSMC)
OSMC — Assuring Quality, Saving Lives
In front of Ram Mandir, Convent Square, Unit – III, Bhubaneswar -751 001, Tel.: (0674) 2380608,
Website: www.osmcl.nic.in, Email : proc.osmcl.od@nic.in
Date: 12.12.2018

NOTICE INVITING E-TENDER FOR SUPPLY & INSTALLATION OF LABORATORY EQUIPMENTS AT AHRCC, CUTTACK

No. CAD-1136:- Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

Sl.	Bid Reference No.	Item Name	Bid Document Cost inclusive of GST (Rs.)
1	OSMCL/2018-19/ AHRCC-LABEQUIPMENT/16	Supply & Installation of Laboratory Equipments At AHRCC, Cuttack	5,600/-

Sl. No.	Particulars	Date and time	
1.	Date & time of release of bid	**14.12.2018, 3 PM**	
2.	Date & time of Pre-bid meeting	**22.12.2018, 11 AM** Venue: Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar	
3.	Date & time of Online bid submission	Start Date & Time	End Date & Time
		26.12.2018, 3 PM	**10.01.2019, 5 PM**
4.	Date & time of online Technical bid opening	14.01.2019, 11 AM	
5.	Date of demonstration of Equipment (if required by the Tender Inviting Authority for some equipments)	To be informed to those bidders whose bids are found to be technically responsive based on documents furnished in technical bid.	
6.	Date of opening of Price Bid	To be informed to the qualified bidders.	

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

Sd./-
Managing Director
OSMC Ltd., Odisha
10112/11/0047/1819

ଯାତ୍ରୀବାହୀ ବସ୍ ଓଲଟିଲା: ଜଣେ ମୃତ, ୧୧ ଆହତ

ବୌଦ୍ଧ,୧୩।୧୨(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର କରଡାକୋଠା ଠାରେ ଗୁରୁବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଛି। ଏହି ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ମିଳିଥିବା ସୂଚନା ମୁତାବକ ଜୟ ମାତାଦୀ ନାମକ ଏକ ଯାତ୍ରୀବାହୀ ଘରୋଇ ବସ୍(ନଂ.ଓଡି୨୬-ସି-୯୮୭୭) ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ନୂଆପଡା ଜିଲା ସିନାପାଲି ଯାଉଥିଲା। ବିଳମ୍ବିତ ରାତିରେ ପୁରୁଣାକଟକ ଥାନା ନିକଟ କରଡାକୋଠାଠାରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଜଣେ ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୧୧ଜଣ ଆହତ ହୋଇଛନ୍ତି। ମୃତକ ହେଲେ ନୂଆପଡ଼ା ଜିଲା ଖରିଆର ଥାନା ଅନ୍ତର୍ଗତ ଲାଲ ସାହେବପଡ଼ାର ଶାରଦା ପ୍ରସନ୍ନ ବଳ। ମୃତ ଶାରଦା ପ୍ରସନ୍ନ ଜୟକିଷାନ ନୋଡାଲ ଉଚ୍ଚ ବିଦ୍ୟାଳୟ ବରଗାଁର ବିଜ୍ଞାନ ଶିକ୍ଷକ ଥିଲେ। ଭୁବନେଶ୍ୱର ବିଜ୍ଞାନ ମେଳାରୁ ସେ ୨ ଛାତ୍ରଙ୍କୁ ନେଇ ଫେରୁଥିବା ବେଳେ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା। ଖରିଆର ଜୁନାନୀର ରାମଲାଲ ସିଂହ(୪୨), ନୂଆପଡା ଜିଲା ବୋଡେନ ଥାନାର ଉମ୍ବରୁଧର ବରଗାଁ(୨୭), ନୟାଗଡ ଜିଲା ରାଜିଙ୍ଗ ଗ୍ରାମର ଗୋଲୋକ ବିହାରୀ ସାହୁ, ଢେଙ୍କାନାଳ ଜିଲା ପଥରଖମ୍ବ ଗ୍ରାମର ବିଷ୍ଣୁସେନ ସାହୁ(୫୫), ଗାଡ଼ି ଚାଳକ ବଲାଙ୍ଗୀରର ସୁମନ ହଂସ(୫୦) ଓ ପାଟଣାଗଡ଼ର ପବିତ୍ର ବାଗ(୪୦)ଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ବୌଦ୍ଧ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗାଡିର ଚାଳକ ସୁମନ ହଂସ ଓ ପବିତ୍ର ବାଗଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ପଠାଯାଇଛି। ଅନ୍ୟ ଆହତମାନେ ପୁରୁଣାକଟକ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ପୁରୁଣାକଟକ ଥାନା ପୋଲିସ ଏକ ମାମଲା(ନଂ.୧୫୩/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଏସ୍‌ଆଇ ବଳଭଦ୍ର ଗଣ୍ଡା ପ୍ରକାଶ କରିଛନ୍ତି।

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, cebuildings@rediffmail.com
Tel. -(0674)- 2391523, Fax:- (0674)-2395245

INVITATIONS FOR BIDS (IFB)

No.1009-B

File No-B-II- Rev-TIBBSR-HG-58/2013(P-I) 56908 /
Bhubaneswar, the 7th Dec 2018

Invitation for Bids

Bid Identification No. CE (B) – 39 / 2018-19

1.	The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below.		
2.	Nature of work	:	Building work (Composite work)
3.	No. of work	:	01 no.
4.	Bid Cost	:	Rs.10,000/-
5.	Class of Contractor	:	Special Class & Super Class
6.	Availability of Bid Documents in the website	:	From dt..21.12.2018 to 17:00 hours of dt..10.01.2019.
7.	Date of Opening of Bid	:	Dt.11.01.2019 at 11:30 AM.
8.	The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website.		

Sd./- Chief Engineer (Buildings),
Odisha, Bhubaneswar

34117/11/0161/1819

OFFICE OF THE
NOTIFIED AREA COUNCIL, CHATRAPUR

Letter No.: 3303 **Date: 12.12.18**

"e" Procurement Notice

Tender Reference No.- CTP-NAC-06 / 2018-19
Bid ID No.- 2018_ORULB_51497

Bid documents consisting of Cost of Tender Paper, EMD, Time of Completion and the set of terms and conditions of contract and other necessary documents can be seen in Govt. website, i.e. **www.tendersorissa.gov.in**.

1.	Name of the Work	:	Miscellaneous works (Supplying 6 Seater Mobile Toilet Van at NAC, Chatrapur.
2.	No. of Work	:	1 No.
3.	Date & time of availability	:	From 10.00 A.M. of 13.12.2018 to 22.12.2018 upto 4.00 P.M. of Bid document in the portal
4.	Last date/time for receipt of	:	22.12.2018 upto 4.00 P.M. of Bids in the portal
5.	Bids received online shall be opened on	:	22.12.2018 at 4.30 P.M.

Further details can be seen from the e-procurement portal **https://tendersorissa.gov.in**.

Sd./- Executive Officer, NAC, Chatrapur

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

No.118-L

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏକ ବୀମା ଯୋଜନା। ଏହି ଯୋଜନା ମାଧ୍ୟମରେ ପ୍ରାକୃତିକ ଦୈବୀ ଦୁର୍ବିପାକ ଦ୍ୱାରା ଫସଲ ହାନି ଓ ନଷ୍ଟ ହେଲେ ବୀମା ସହିତ ଫସଲକୁ ପରିମାପ ବା ସଂରକ୍ଷଣ (କଭରେଜ୍) ପ୍ରଦାନ କରିବା ସହିତ କୃଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଏହା ଦ୍ୱାରା କୃଷକମାନେ ସମ୍ମୁଖୀନ ହେଉଥିବା ଆକସ୍ମିକ ବିପଦ କିମ୍ବା ଖରାପ ପାଣିପାଗ ଜନିତ ଫସଲ ହାନିର କ୍ଷତିପୂରଣ ମିଳିଥାଏ।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲକ୍ଷ୍ୟ

- » ନିରନ୍ତର କୃଷି ଉତ୍ପାଦନ ଓ କୃଷକର ଆୟ ବୃଦ୍ଧି ପାଇଁ ଉଦ୍ୟମ।
- » କୃଷକଙ୍କୁ ଉନ୍ନତ କୃଷି ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ଉତ୍ସାହିତ କରିବା।
- » ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଫସଲକୁ ସଂପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବା ସହିତ କୃଷକଙ୍କୁ ଫସଲ ହାନି ଜନିତ ଆର୍ଥିକ ସହାୟତା ଉପଲବ୍ଧ କରିବା।

କେଉଁ ଚାଷୀ ବୀମାଭୁକ୍ତ ହୋଇପାରିବେ

ଚାଷ କରୁଥିବା ସମସ୍ତ ଚାଷୀ, କୃଷି ଋଣ ନେଉଥିବା ଚାଷୀ (କେ.ସି.ସି. ଖାତା ଧାରକ କୃଷକ) ଅଥବା ଅଣଋଣୀ ଚାଷୀ ତଥା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଫସଲ ଚାଷ କରୁଥିଲେ, ବୀମାଭୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଅଣଋଣୀ ଚାଷୀ ଚାଷ କରୁଥିବା ଜମିର ଦସ୍ତାବିଜ୍ (ପଟ୍ଟା / ଜମିର ମାଲିକାନା ସତ୍ତ୍ୱ / ଚୁକ୍ତି ସହମତି ପତ୍ର) ଦାଖଲ କରିବାକୁ ପଡ଼ିବ।

ବୀମାଭୁକ୍ତ ହେବା ପାଇଁ ଅନ୍ତିମ ତାରିଖ

ଋଣୀ କିମ୍ବା ଅଣଋଣୀ କୃଷକ ଚଳିତ ରବି ଋତୁ ୨୦୧୮ ଡିସେମ୍ବର ମାସ ୩୧ ତାରିଖ ପର୍ଯ୍ୟନ୍ତ ପ୍ରସ୍ତାବ ପତ୍ର (Proposal Form) ଏବଂ ବୀମା ପ୍ରିମିୟମ୍ ରାଶି ବ୍ୟାଙ୍କ/ ଗ୍ରାହକ ସେବା କେନ୍ଦ୍ର ମାଧ୍ୟମରେ ଦାଖଲ କରି ବୀମାଭୁକ୍ତ ହୋଇପାରିବେ।

ଫସଲ ବୀମା ପାଇଁ ପ୍ରିମିୟମ୍ ରେଟ୍

ସରକାରଙ୍କ ଦ୍ୱାରା ରବି ଋତୁ ପାଇଁ ୯ଗୋଟି ଫସଲ ଯଥା- ଧାନ, ଚିନାବାଦାମ, ମୁଗ, ବିରି, ସୋରିଷ, ସୂର୍ଯ୍ୟମୁଖୀ, ଆଖୁ, ପିଆଜ ଓ ଆଳୁ ବୀମା ପାଇଁ ନିର୍ଦ୍ଧାରିତ ହୋଇଛି ଏବଂ ଏହାର ହେକ୍ଟର ପ୍ରତି ଫସଲର ଖର୍ଚ୍ଚ (Scale of Finance)କୁ ବୀମାଭୁକ୍ତ କରିହେବ। ହେକ୍ଟର ପ୍ରତି ଫସଲର ଖର୍ଚ୍ଚ (Scale of Finance) ଉପରେ ଧାନ, ଚିନାବାଦାମ, ମୁଗ, ବିରି, ସୋରିଷ ଓ ସୂର୍ଯ୍ୟମୁଖୀ ସର୍ବୋଚ୍ଚ ୧.୫% ଏବଂ ଆଖୁ, ଆଳୁ ଓ ପିଆଜ ପାଇଁ ସର୍ବୋଚ୍ଚ ୫% ପ୍ରିମିୟମ ବାବଦ ଦେୟ କୃଷକମାନଙ୍କୁ ପ୍ରଦାନ କରିବାକୁ ହେବ। ମାତ୍ର ଯେଉଁ କ୍ଷେତ୍ରରେ ବୀମା କମ୍ପାନୀ ଦ୍ୱାରା ସ୍ଥିରୀକୃତ ଦର କୃଷକଙ୍କ ନିମନ୍ତେ ନିର୍ଦ୍ଧାରିତ ଦରଠାରୁ କମ୍ ସେ କ୍ଷେତ୍ରରେ ଚାଷୀମାନଙ୍କ ଠାରୁ କମ୍ ଦରରେ ପ୍ରିମିୟମ ଆଦାୟ କରାଯିବ। ଏହାର ଏକ ସାରଣୀ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି।

ବୀମା ପରିସର ଭୁକ୍ତ କ୍ଷତି (Loss)ର ପ୍ରକାର

ଫସଲ ବୀମା ଦ୍ୱାରା କେଉଁ କ୍ଷେତ୍ରରେ କ୍ଷତି ପୂରଣ ମିଳିବ/ ମିଳିବ ନାହିଁ :

» **ଫସଲ ବୁଣା କିମ୍ବା ରୁଆରେ ବିଫଳତା :** ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କୌଣସି ଅଞ୍ଚଳରେ ୭୫% ରୁ ଅଧିକ ଶସ୍ୟ କ୍ଷେତ୍ରରେ ଫସଲ ବୁଣା କିମ୍ବା ରୁଆ ହୋଇ ନ ପାରିଲେ ବୀମିତ ରାଶିର ୨୫% ପର୍ଯ୍ୟନ୍ତ କ୍ଷତିପୂରଣ ବୀମା କରିଥିବା ଚାଷୀମାନେ ପାଇପାରିବେ। ସମ୍ପୃକ୍ତ ବୀମିତ ଏକକକୁ ରାଜ୍ୟ ସରକାର ଚିହ୍ନଟ କରି ବିଜ୍ଞପ୍ତି ଜାରି କରିବେ। କୃଷକମାନେ ବିଜ୍ଞପ୍ତି ଜାରି ହେବା ଯଥେଷ୍ଟ ଆଗରୁ ବୀମା କରିଥିବା ଆବଶ୍ୟକ। କ୍ଷତିପୂରଣ ହେବା ପରେ ବୀମା ଅବଧି ଅବଶିଷ୍ଟ ସମୟ ପାଇଁ ନିରସ୍ତ ହୋଇଯିବ। ବ୍ୟକ୍ତିଗତ ଭାବେ କୃଷକ ଫସଲ ବୁଣି କିମ୍ବା ରୋଇ ନ ପାରିଲେ ବୀମା କ୍ଷତିପୂରଣ ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ।

» **ଅନ୍ତର୍ବର୍ତ୍ତି କ୍ଷତି :** ଜମିରେ ଥିବା ବୀମାଭୁକ୍ତ ଫସଲ (ଫସଲ ବୁଣିବା ଠାରୁ ଅମଳ ପର୍ଯ୍ୟନ୍ତ) ଯଦି ବନ୍ୟା, ବାତ୍ୟା, ମରୁଡ଼ି, ରୋଗପୋକ, ଭୂସ୍ଖଳନ, ପ୍ରାକୃତିକ ଭାବେ ଅଗ୍ନିକାଣ୍ଡ, ବଜ୍ରପାତ, ଟାଇଫୁନ, ହରିକେନ, ଟର୍ନାଡୋ ପାଣିପାଗ ଜନିତ କ୍ଷତି ହୁଏ, ତାହେଲେ ସମ୍ପୂର୍ଣ୍ଣ କ୍ଷତିପୂରଣ ପାଇବାକୁ ଯୋଗ୍ୟ ବିବେଚିତ ହେବେ।

» **ସ୍ଥାନୀୟ ଦୁର୍ବିପାକ ଜନିତ ଫସଲର କ୍ଷତି :** କିଛି ନିର୍ଦ୍ଦିଷ୍ଟ ଆଞ୍ଚଳିକ ବିପଦ କାରଣରୁ ଯଥା, କୁଆପଥର ବୃଷ୍ଟି, ଭୂସ୍ଖଳନ ଏବଂ ଜଳ ପ୍ଲାବନ ଦ୍ୱାରା କ୍ଷତିଗ୍ରସ୍ତ ହେଲେ କ୍ଷତି ନିର୍ଦ୍ଧାରଣ ପରେ କ୍ଷତିପୂରଣ ମିଳିବ।

» **ଅମଳ ପରେ ହେବା କ୍ଷତି :** ବୀମାଭୁକ୍ତ ଫସଲ କଟା ହେବାର ଦୁଇ ସପ୍ତାହ (୧୪ ଦିନ) ପର୍ଯ୍ୟନ୍ତ ବିଲରେ ଶୁଖିବାର ଆବଶ୍ୟକତା ଥାଏ, ଯଦି ସେହି ଫସଲ ଶୁଖିବା ଅବସ୍ଥାରେ ଘୂର୍ଣ୍ଣିଝଡ଼, ଘୂର୍ଣ୍ଣିଝଡ଼ ଜନିତ ବର୍ଷା ବା ଅଦିନିଆ ବର୍ଷା କାରଣରୁ ଫସଲ କ୍ଷତିଗ୍ରସ୍ତ ହୁଏ ତେବେ ଚାଷୀ କ୍ଷତିପୂରଣ ପାଇଁ ଯୋଗ୍ୟ ବିବେଚିତ ହେବେ (କେଉଁ ଫସଲ କେତେ ସମୟ ସୁଦ୍ଧା ଅମଳ ହେବା ଉଚିତ୍ ତାହା ସରକାରଙ୍କ ଦ୍ୱାରା ସୂଚୀତ ହୋଇଛି)।

ବୀମା ବହିର୍ଭୂତ କ୍ଷତିର ପ୍ରକାର

କେଉଁ କ୍ଷେତ୍ରରେ କ୍ଷତି ପୂରଣ ମିଳିବ ନାହିଁ :

ଯୁଦ୍ଧ, ଆଣବିକ ବିପଦ, ଦୂରଭିସନ୍ଧି କ୍ଷତି ଏବଂ ଅନ୍ୟ କୌଣସି ନିରାକରଣ ଯୋଗ୍ୟ (Preventable Risks)ରେ କ୍ଷତିପୂରଣ ମିଳିବ ନାହିଁ।

ବୀମା କିପରି କ୍ରୟ କରିବେ

ବୀମା ପାଇଁ ଆପଣଙ୍କ ନିକଟତମ ବାଣିଜ୍ୟିକ ବ୍ୟାଙ୍କ / ଜିଲ୍ଲା ସମବାୟ ବ୍ୟାଙ୍କ / କ୍ଷେତ୍ରୀୟ ଗ୍ରାମୀଣ ବ୍ୟାଙ୍କର ଶାଖା / ଜିଲ୍ଲା କୃଷି ବିଭାଗ ଅଥବା ବୀମା କମ୍ପାନୀର ପ୍ରତିନିଧିଙ୍କ ସହିତ ସମ୍ପର୍କ କରନ୍ତୁ। ଅଣଋଣୀ ଚାଷୀମାନେ ଗ୍ରାହକ ସେବା କେନ୍ଦ୍ର ମାନଙ୍କରେ ବୀମା ନିମନ୍ତେ ପଞ୍ଜୀକରଣ କରିପାରିବେ।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପ୍ରିମିୟମ୍ ଏବଂ ପଞ୍ଜିକୃତ କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥା / କମ୍ପାନୀମାନଙ୍କର ତାଲିକା

କ୍ଲଷ୍ଟର	କମ୍ପାନୀ	ଜିଲ୍ଲା	ଫସଲ	କୃଷକଙ୍କ ଦ୍ୱାରା ଦେୟ ପ୍ରିମିୟମ୍ ରାଶି (ଶତକଡ଼ାରେ)	କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାର ପ୍ରତିନିଧିଙ୍କର ନାମ, ଠିକଣା ଓ ମୋବାଇଲ ନମ୍ବର
କ୍ଲଷ୍ଟର-୧	ଚୋଳା ଏମ୍.ଏସ୍. ଜି.ଆଇ.ସି ଲିମିଟେଡ୍	ଦେବଗଡ଼	ବିରି	୧.୫	ଶାନ୍ତନୁ ଠାକୁର, ବରିଷ୍ଠ ପ୍ରବନ୍ଧକ, ଚୋଳା ଏମ୍.ଏସ୍. ଜି.ଆଇ.ସି ଲିମିଟେଡ୍, ଠିକଣା : ପ୍ଲଟ ନଂ. A/ 167, ସହିଦ ନଗର, [illegible], ଭୁବନେଶ୍ୱର – ୭୫୧୦୦୭, ମୋ- ୭୬୩୧୯୯୭୭୬୮
			ମୁଗ	୧.୫	
			ଚିନାବାଦାମ	୧.୫	
			ପିଆଜ	୨.୬୩	
			ଆଳୁ	୨	
			ଆଖୁ	୨	
		କେନ୍ଦ୍ରାପଡ଼ା	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ପିଆଜ	୧.୫	
			ଧାନ	୧.୫	
			ଆଳୁ	୨	
			ଆଖୁ	୪.୨୫	
		ମୟୂରଭଞ୍ଜ	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ସୋରିଷ	୧.୫	
			ଧାନ	୧.୫	
			ଆଳୁ	୩.୨୫	
		ନବରଙ୍ଗପୁର	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ଧାନ	୧.୫	
			ଆଖୁ	୨	
କ୍ଲଷ୍ଟର-୨	ରୟାଲ ସୁନ୍ଦରମ୍, ଜି.ଆଇ.ସି. ଲିମିଟେଡ୍	ଗଞ୍ଜାମ	ବିରି	୧.୫	ମିତ୍ରଞ୍ଜୟ ଭଟ୍ଟାଚାର୍ଯ୍ୟ, ପ୍ରକଳ୍ପ ମୁଖ୍ୟ - ଫସଲ ବୀମା, ରୟାଲ ସୁନ୍ଦରମ୍, ଜି.ଆଇ.ସି. ଲିମିଟେଡ୍, [illegible], ଭୁବନେଶ୍ୱର-୭୫୧୦୦୭
			ମୁଗ	୧.୫	
			ଚିନାବାଦାମ	୧.୫	
			ଆଳୁ	୧.୫୫	
			ଆଖୁ	୧.୫	
		କଳାହାଣ୍ଡି	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ସୋରିଷ	୧.୫	
			ପିଆଜ	୧.୫	
			ଧାନ	୧.୫	
			ଆଖୁ	୧.୫	
			ସୂର୍ଯ୍ୟମୁଖୀ	୧.୫	
		ପୁରୀ	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ଧାନ	୧.୫	
			ଆଳୁ	୧.୫	
			ଆଖୁ	୧.୫	
		ସୁବର୍ଣ୍ଣପୁର	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ଧାନ	୧.୫	
			ଆଖୁ	୧.୫	
କ୍ଲଷ୍ଟର-୩	ଦି ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍	ଅନୁଗୁଳ	ବିରି	୧	[illegible], ଦି ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍, [illegible], ଭୁବନେଶ୍ୱର - ୭୫୧୦୦୧
			ମୁଗ	୧.୫	
			ଚିନାବାଦାମ	୧	
			ଧାନ	୧.୩୬	
			ଆଳୁ	୫	
			ଆଖୁ	୧	
		ଭଦ୍ରକ	ବିରି	୧	
			ମୁଗ	୧	
			ଚିନାବାଦାମ	୧.୩୬	
			ସୋରିଷ	୧.୫	
			ଧାନ	୧.୫	
			ଆଳୁ	୨.୪୯	
			ଆଖୁ	୧	
			ସୂର୍ଯ୍ୟମୁଖୀ	୧	
		ଗଜପତି	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧	
			ଧାନ	୧.୫	
		ଜଗତସିଂହପୁର	ବିରି	୧	
			ମୁଗ	୧	
			ଚିନାବାଦାମ	୧.୨୫	
			ଧାନ	୧.୫	
			ଆଳୁ	୧	
			ଆଖୁ	୧	
		ଯାଜପୁର	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ଧାନ	୧.୫	
			ଆଳୁ	୧	
			ଆଖୁ	୧	
କ୍ଲଷ୍ଟର-୪	ରିଲାଏନ୍ସ ଜି.ଆଇ.ସି. କମ୍ପାନୀ ଲିମିଟେଡ୍	ବୌଦ୍ଧ	ବିରି	୧.୫	[illegible], ରିଲାଏନ୍ସ ଜି.ଆଇ.ସି. କମ୍ପାନୀ ଲିମିଟେଡ୍, [illegible], ଭୁବନେଶ୍ୱର - ୭୫୧୦୦୧
			ମୁଗ	୧.୫	
			ସୋରିଷ	୧.୫	
			ପିଆଜ	୧.୫	
		କନ୍ଧମାଳ	ସୋରିଷ	୧.୫	
			ଆଳୁ	୧.୫	
		କୋରାପୁଟ	ବିରି	୧.୫	
			ମୁଗ	୧.୫	
			ଧାନ	୧.୫	
			ଆଳୁ	୧.୫	
			ଆଖୁ	୫	
		ନୂଆପଡ଼ା	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ପିଆଜ	୧.୫	
			ଧାନ	୧.୫	
		ରାୟଗଡ଼ା	ବିରି	୧.୫	
			ମୁଗ	୧.୫	
			ସୋରିଷ	୧.୫	
			ପିଆଜ	୧.୫	
			ଧାନ	୧.୫	
			ଆଳୁ	୧.୫	
		ସୁନ୍ଦରଗଡ଼	ବିରି	୧.୫	
			ମୁଗ	୧.୫	
			ସୋରିଷ	୧.୫	
			ଆଳୁ	୧.୫	
କ୍ଲଷ୍ଟର-୫	ରୟାଲ ସୁନ୍ଦରମ୍, ଜି.ଆଇ.ସି. ଲିମିଟେଡ୍	ବାଲେଶ୍ୱର	ବିରି	୧.୫	ମିତ୍ରଞ୍ଜୟ ଭଟ୍ଟାଚାର୍ଯ୍ୟ, ପ୍ରକଳ୍ପ ମୁଖ୍ୟ, ରୟାଲ ସୁନ୍ଦରମ୍, ଜି.ଆଇ.ସି. ଲିମିଟେଡ୍, [illegible], ଭୁବନେଶ୍ୱର-୭୫୧୦୦୭
			ମୁଗ	୧.୫	
			ଚିନାବାଦାମ	୧.୫	
			ସୋରିଷ	୧.୫	
			ପିଆଜ	୧.୫	
			ଧାନ	୧.୫	
			ଆଳୁ	୧.୫	
			ଆଖୁ	୧.୫	
		ଢେଙ୍କାନାଳ	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ପିଆଜ	୧.୫	
			ଧାନ	୧.୫	
			ଆଳୁ	୩.୩	
			ଆଖୁ	୧.୫	
			ସୂର୍ଯ୍ୟମୁଖୀ	୧.୫	
		କଟକ	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ପିଆଜ	୧.୫	
			ଧାନ	୧.୫	
			ଆଳୁ	୧.୫	
			ଆଖୁ	୧.୫	
		ମାଲକାନଗିରି	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
		ଝାରସୁଗୁଡ଼ା	ବିରି	୧.୫	
			ମୁଗ	୧.୫	
			ଆଖୁ	୧.୫	
କ୍ଲଷ୍ଟର-୬	ଚୋଳା ଏମ୍.ଏସ୍. ଜି.ଆଇ.ସି ଲିମିଟେଡ୍	ସମ୍ବଲପୁର	ବିରି	୧.୫	ଶାନ୍ତନୁ ଠାକୁର, ବରିଷ୍ଠ ପ୍ରବନ୍ଧକ, ଚୋଳା ଏମ୍.ଏସ୍. ଜି.ଆଇ.ସି ଲିମିଟେଡ୍, ଠିକଣା : ପ୍ଲଟ ନଂ. A/ 167, ସହିଦ ନଗର, [illegible], ଭୁବନେଶ୍ୱର – ୭୫୧୦୦୭, ମୋ- ୭୬୩୧୯୯୭୭୬୮
			ମୁଗ	୧.୫	
			ଚିନାବାଦାମ	୧.୫	
			ସୋରିଷ	୧.୫	
			ପିଆଜ	୧.୫	
			ଆଳୁ	୧.୮୨	
		ବରଗଡ଼	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ପିଆଜ	୧.୫	
			ଧାନ	୧.୫	
			ଆଳୁ	୪.୦୩	
			ଆଖୁ	୧.୮୨	
		ବଲାଙ୍ଗୀର	ମୁଗ	୧.୫	
			ପିଆଜ	୧.୫	
			ଆଳୁ	୧.୮୨	
			ଆଖୁ	୧.୮୨	
		କେନ୍ଦୁଝର	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ସୋରିଷ	୧.୫	
			ପିଆଜ	୧.୫	
			ଧାନ	୧.୫	
			ଆଳୁ	୧.୮୨	
		ଖୋର୍ଦ୍ଧା	ବିରି	୧.୫	
			ମୁଗ	୧.୫	
			ଚିନାବାଦାମ	୧.୫	
			ପିଆଜ	୧.୫	
			ଧାନ	୧.୫	
			ଆଖୁ	୧.୮୨	
		ନୟାଗଡ଼	ବିରି	୧.୫	
			ମୁଗ	୧.୫	
			ସୋରିଷ	୧.୫	
			ଧାନ	୧.୫	
			ଆଳୁ	୪.୨୯	
			ଆଖୁ	୧.୮୨	

ଅଧିକ ବିବରଣୀ ପାଇଁ ଉପରୋକ୍ତ ବୀମା କମ୍ପାନୀର ପ୍ରତିନିଧି / ନିକଟସ୍ଥ ସହକାରୀ କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀ ଏବଂ ନିକଟସ୍ଥ କ୍ଷେତ୍ରୀୟ ଗ୍ରାମୀଣ, ବାଣିଜ୍ୟିକ ଓ ସମବାୟ ବ୍ୟାଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ।

01034/11/0087/1819 **କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**

OFFICE OF THE HEADMASTER
KASTURABA GANDHI BALIKA VIDYALAYA, HALADI
BLOCK- CHANDAHANDI, DIST.- NABARANGPUR, PIN- 764077

Cell: 9938677507(HM) | E-mail: haladipups@gmail.com
Letter No. 167/2018 | Date: 03.12.2018

TENDER CALL NOTICE

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV, Haladi, Block- Chandahandi, Dist.- Nabarangpur. Bids should be submitted in the envelope duly marked on the top **"Tender for supply of Reading Writing Materials & Dress Materials"** to the Headmistress, KGBV, Haladi, Block- Chandahandi, Dist.- Nabarangpur during office hours by 5.00 PM of Dt.03.01.19. The bid document shall be opened at 11.00 AM on Dt.05.01.19 in the chairmanship of District-Project-Coordinator, RTE-SSA, Dist- Nabarangpur in the presence of the bidders or their authorized representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website **http://www.opepa.in** and **nabarangpur.nic.in**.

Sd./- Headmistress, K.G.B.V., Haladi, Block- Chandahandi

GOVERNMENT OF ODISHA
DEPARTMENT OF WATER RESOURCES
Office of the Executive Engineer,
Earth Dam Division,
At/Po: Chitrakonda, Dist. Malkangiri
e-mail ID- executiveengineereddckd@gmail.com

Corrigendum to Notice Invitation for Bids (NIFB)

e-Procurement Quotation Call Notice No. EE.EDD.CKD-01/2018-19 (On Line)

No.951-A: The Date and time of Receipt of Quotations for Quotation Call Notice No. EE.EDD.CKD-01/2018-19 (On Line) i.e. may please be read as : 12.12.2018 at 1.00 P.M. to 22.12.2018 up to 5.00 P.M. instead of 10.12.2018 at 10.00 A.M. to 19.12.2018 up to 5.00 P.M. and the date of opening of Quotations may also read as 27.12.2018 at 3.00 P.M. instead of 21.12.2018 at 11.30 A.M.

All other terms and conditions will remain unaltered.

Sd./- Executive Engineer
Earth Dam Division, Chitrakonda
Malkangiri

32019/11/0010/1819

OFFICE OF THE EXECUTIVE ENGINEER, RWS&S DIVISION, BALASORE
Tel.: 06782-262249, Fax: 262931
E-mail: eerwss_bls@nic.in, eerwssbls@gmail.com

TENDER CALL NOTICE NO.- 29 OF 2018-19

No.: 1177-O: Sealed tenders are invited from interested reputed Travel Agencies/Tour Operators or Private Individuals for providing 1 No. of Diesel driven Indigo Car including Driver, which shall conform to the terms and conditions for official use of the Superintending Engineer, RWS&S Circle, Balasore on monthly rent basis.

1. The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage, Permit, Proof of uptodate Tax Payment, GST Regdn. & PAN etc. which are mandatory for supplying of vehicle.
2. The Driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. The bid must be accompanied with bid security amounting to Rs.5000/- (Rupees five thousands only) in shape of POSB/ POTD/NSC/KVP/Bank Deposit receipt from any Schedule Bank duly pledged in favour of the Executive Engineer, RWS&S Division, Balasore. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted in the general bid information excluding fuel and lubiricants but including taxes if any.
6. The vehicle must achieve a fuel efficiency of 15 kms per litre.
7. The details of the make and year of manufacutre of the vehilce, registration No., mileage (Kms. covered per litre) and name of the Driver with Driving Licence No. and period of validity should be specifically in Annexure - III.
8. The tender completed in all respect should reach the undersigned/Asst. Executive Engineer, RWSS Sub-Division, Balasore/Soro/Jaleswar on or before Dtd.28.12.2018 upto 3.00 P.M. and shall be opened on Dt.29.12.2018 at 3.30 P.M. in presence of the bidders or their authorized representatives in the Office of the Executive Engineer, RWSS Division, Balasore.
9. The application form of tender containing General Bid Information & Terms and conditions for hiring of vehicles etc. will be obtained from the Office of the Executive Engineer, RWS&S Division, Balasore/AEE, RWSS Sub-Division, Balasore/Jaleswar/Soro on cash payment of Rs.400/- (Rupees four hundred) only during office hours upto 28.12.2018 by 3.00 P.M.

Sd./- Executive Engineer
RWS&S Division, Balasore

25013/11/0029/1819

OFFICE OF THE CHILD DEVELOPMENT PROJECT OFFICER, BHADRAK
Letter No. 1010 // ICDS dated 12.12.2018

TENDER CALL NOTICE

Sealed tenders are invited from the intending Local registered firms within Bhadrak District for supply of stationery articles/ equipments to Anganwadi centers under ICDS Project, Bhadrak. The tenderers shall have to drop tenders into sealed Tender Box kept in office of the CDPO, Bhadak from dt. 12.12.2018 to 27.12.2018 in any working day from 10.00 AM to 2.00 PM and upto 1.00 PM of dt. 28.12.2018 and will be opened on the same day i.e. 28.12.2018 at 3.00 PM in the Resident office of the Sub-Collector, Bhadrak in presence of the Tender Committee members and tenderers or their representatives. The details regarding tender form, terms & conditions & list of item can be obtained from the office of the CDPO, Bhadrak on payment of Rs. 500/- (Rupees Five Hundred) only towards cost of the tender paper from dt. 12.12.2018 to 27.12.2018 in any working day from 10.00 AM to 2.00 PM. The cost of the tender paper is non refundable.

Notwithstanding anything else contained to the contrary in this tender document, CDPO reserves right to cancel/withdraw/modify or reject any or all the tenders without assigning any reason thereof.

Sd./- CDPO, Bhadrak

942-A

Government of Odisha
Department Of Water Resources
OFFICE OF THE EXECUTIVE ENGINEER
JARAKA IRRIGATION DIVISION, JARAKA
E-Mail Id.- eeidjaraka@yahoo.com

"e" Procurement Notice

Bid Identification No.– JKID-06/2018-19

1.	Name of the Work	:	Irrigation Project Works as per DTCN.
2.	Total No. of Works	:	37 (Thirty seven) nos. works.
3.	Estimated Cost	:	Varies from Rs. 7.37 Lakhs to Rs. 49.94 Lakhs.
4.	Period of Completion	:	Sl.No. (1) to Sl.No.(37) - 06 (Six) calendar months.
5.	Date & Time of Availability of Bid Document in the Portal	:	10.00 AM of Dt. 18.12.2018 upto 05.00PM of Dt. 28.12.2018.
6.	Last Date & Time for Receipt of Bids in the Portal	:	Upto 05.00PM of Dt. 28.12.2018
7.	Date of Opening of Bids	:	Dt. 29.12.2018 at 11.00AM onwards
8.	Name and Address of the Officer inviting Tender	:	Executive Engineer, Jaraka Irrigation Division, Jaraka.
9.	Further details can be seen from the e-Procurement Portal "https://tendersodisha.gov.in".		

Sd./- Executive Engineer,
Jaraka Irrigation Division, Jaraka

32098/11/0009/1819

OFFICE OF THE SUPERINTENDENT, SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT

No. 1753/2018, SLNMCH, Koraput **Date: 12.12.2018**

NOTICE

No.658-E:-

Sub: Contractual appointment of Jr. Lab. Technician & Radiographer.

Candidates who have applied for the contractual Post of Jr. Lab. Technician & Radiographer in response to Advertisement No. 1330, dated: 30.10.2018 are hereby requested to appear for document verification at Saheed Laxman Nayak Medical College & Hospital, Koraput. **Venue: Saheed Laxman Nayak Medical College, Lecture Theatre (Hospital Side) between 10.00 AM to 05.00 PM on 18.12.2018** as per provisional shortlisted given in the website: www.slnmch.nicin and www.koraput.nic.in. Candidate must produce documents in original, a set of self attested photocopies marked wanting in their respective column so as to be considered for the Posts.

Disclaimer

Provisional Selection list of Paramedical Staff for SLNMCH, Koraput as advertised has been uploaded purely on the basis of merit and other relevant terms and condition specified in the advertisement with the utmost transparency. Any canvassing or trying to gain over or succumbing to any hoax calls/ extortions by any means. The institute bears no responsibility for any hoax calls/ extortion by any person whatsoever, for any appointment to the Posts advertised. Candidats are advised from not entertaining any such hoax offers/ calls.

Sd./-
Superintendent
SLNMCH, Koraput

10121/11/0029/1819

OFFICE OF THE
NOTIFIED AREA COUNCIL, BINKA
Dist. Subarnapur, Email ID: nacbinka@gmail.com, Phone/Fax: 06654-241113
Tender Call Notice No. 2185 / Date: 28.11.2018

SHORT TENDER CALL NOTICE

1. The Executive Officer, Binka NAC, invites item rate tenders in sealed covers in conformity with detailed tender call notice to be eventually drawn up in prescribed Municipal form, from registered contractors Binka NAC for execution of the under mentioned works. The contractors may submit tender for any or all of the works separately.

Sl. No.	Name of the work	Ward No.	Approximate value of the work (in Rs.)	Class of contractors eligible to apply	EMD required (in Rs.)	Non-refundable cost of tender document (in Rs.)	Stipulated period of com-pletion
1	2	3	4	5	6	7	8
1	Const. of community center at Sishu mandir Pada	12	45925.00	C or D	500.00	400.00	45
2	Const. of C.C. road from Balaram Saraf House to Sub station at Mishrapali	12	45080.00	C or D	500.00	400.00	45
3	Const. of Community Center at Nabin Nagar	12	90065.00	C or D	1000.00	400.00	45
4	Const. of Community Center at College Kolpada	12	89582.00	C or D	1000.00	400.00	45
5	Const. of Community Center at Mishrapali batrapada	12	45925.00	C or D	500.00	400.00	45
6	Const. of Community Center at Jabda Uparpada	12	44661.00	C or D	500.00	400.00	45
7	Const. of Bhagabat Mandap at Jabda	12	43290.00	C or D	500.00	400.00	45
8	Const. of Addl. Civil work at Papakhaya Kalyana Mandap	11	71129.00	C & D	750.00	400.00	45
9	Const. of Internal P.H. work at Papakhaya Kalyana Mandap	11	132048.00	C or D	1400.00	600.00	45
10	Const. of Septic tank & soak pit at Papakhaya Kalyana Mandap	11	98786.00	C or D	1200.00	400.00	45
11	Const. of Culvert & approach road at Nepak Chhak	8&9	72913.00	C or D	900.00	400.00	45

2. Tender documents consisting of plan, specification, the schedule of quantities and the set of terms and conditions of contracts and other necessary documents can be seen in the office of undersigned during office hours on all working days.
3. Tenders must accompany by (A) T.P. cost as required in shape of Demand Draft/ Banker Cheque /Money Receipt (B) E.M.D. cost as required in shape of Demand Draft/ Banker Cheque/TDR/NSC/ KVP etc. (C) Valid Income Tax Clearance Certificate (PAN Card Xerox) card (D) Valid GST (i.e. GST clearance certificate Xerox) (E) Valid Contractor License certificate Xerox (F) Caste Certificate if available (G) Engineering Contractor License certificate Xerox if available (H) Bill of Quantity duly rate quoted by bidder (I) Affidavit regarding no relation and Correctness of document failing which the tenders will be out rightly rejected.
4. The sale of tender documents shall be start from Dt.13.12.2018 and close dt.17.12.2018 at 5.00PM. Tenders shall be delivered in the tender box only during office hour i.e. from Dt.17.12.2018 to dt. 22.12.2018 at 5.00PM. The tenders will be opened on Dt.24.12.2018 at 11.00AM in the office of the undersigned in presence of the Contractors who wish to attend. If the office happens to be closed on the date of receipt and opening of the tenders as specified, the tenders will be received and opened on the next working day at the same time and venue respectively.
5. The Contractors are not requiring writing their name on the out cover containing the tender document. Tender for each work shall be submitted in separate covers.
6. Any other details can be seen in the tendering documents or can be had from the office of the undersigned during working hours on all working days.
7. The undersigned reserves the right to reject any or all the tenders without assigning any reason thereof.

Sd./- Executive Officer, Notified Area Council, Binka

ଧରିତ୍ରୀ Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

MOCK TEST PAPER # 2

CLASS-X (MATHEMATICS)

Time Allowed : 3 hours **Maximum Marks: 80**

GENERAL INSTRUCTIONS

i. ***All questions are compulsory. There are 30 questions in all.***

ii. ***This question paper has four sections : Section A, Section B, Section C and Section D.***

iii. ***Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.***

iv. ***There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.***

v. ***Use of calculators is not permitted.***

SECTION-A

1. Find the HCF of 96 and 404 by prime factorization method. Hence, find their LCM.

2. If the first term of an A.P. is 2 and common difference is 4, then find the sum of its 40 terms.

3. In figure APB is a tangent to a circle with centre O at point P. If $\angle QPB = 50^0$, then find the measure of $\angle POQ$.



4. If α and β are the zeros of the quadratic polynomial $p(x) = 4x^2 - 5x - 1$, find the value of $\alpha^2\beta + \alpha\beta^2$.

5. The mean of first n odd natural numbers is $\frac{n^2}{81}$, then find n.

6. Suppose you drop a die at random on the rectangular region shown in figure. What is the probability that it will land inside the circle with diameter 1 m ?



SECTION-B

7. Find the greatest number of 6 digits exactly divisible by 24, 15 and 36.

8. If –4 is a root of the quadratic equation $x^2 + px - 4 = 0$ and the quadratic equation $x^2 + px + k = 0$ has equal roots, find the value of k.

9. If P(x, y) is any point on the line joining the points A (a, 0) and B(0, b), then show that $\frac{x}{a} + \frac{y}{b} = 1$

10. The mean of n observations is $\bar{x}$. If the first observation is increased by 1, the second by 2, the third by 3, and so on, then find the new mean.

11. A rhombus of side 20 cm has two angles of 60^0 each. Find the length of the diagonals.

12. A number x is selected from the numbers 1, 2, 3 and then a second number y is randomly selected from the numbers 1, 4, 9. What is the probability that the product xy of the two numbers will be less than 9 ?

SECTION-C

13. Prove that one of every three consecutive positive integers is divisible by 3.

14. Solve: $\begin{aligned} 2(3u - v) &= 5uv \\ 2(u + 3v) &= 5uv \end{aligned}$

15. Prove that the equation $x^2(a^2 + b^2) + 2x(ac + bd) + (c^2 + d^2) = 0$ has no real root, if $ad \neq bc$

16. Which term of the A.P. 3, 15, 27, 39,..... will be 120 more than its 21st term ?

17. In figure, BC is a tangent to the circle with centre O. OE bisects AP. Prove that $\Delta AEO \sim \Delta ABC$.



OR

In figure, O is the centre of the circle and BCD is tangent to it at C. Prove that $\angle BAC + \angle ACD = 90^0$



18. O is any point inside a triangle ABC. The bisector of $\angle AOB$, $\angle BOC$ and $\angle COA$ mneet the sides AB, BC and CA in point D, E and F respectively. Show that AD x BE x CF = DB x EC x FA

OR

ABC is a triangle in which AB = AC and D is a point on AC such that $BC^2 = AC \times CD$. Prove that BD = BC.

19. Draw a ΔABC with side BC = 6 cm, AB = 5 cm and $\angle ABC = 60^0$. Then construct a triangle whose sides are $(3/4)^{th}$ of the corresponding sides of ΔABC.

20. If $\angle B$ and $\angle Q$ are acute angles such that sinB = sinQ, then prove that $\angle B = \angle Q$

21. PQRS is a diameter of a circle of radius 6 cm. The lengths PQ, QR and RS are equal. Semi-circles are drawn on PQ and QS as diameters as shown in figure. Find the perimeter and area of the shaded region.



22. A right circular cone is of height 8.4 cm and the radius of its base is 2.1 cm. It is melted and recast into a sphere. Find the radius of the sphere.

SECTION-D

23. If two zeros of the polynomial $f(x) = x^4 - 6x^3 - 26x^2 + 138x - 35$ are $2 \pm \sqrt{3}$, find other zeros.

24. The sum of the third and seventh terms of A.P. is 6 and their product is 8. Find the sum of first sixteen terms of the A.P.

25. Three vertices of a parallelogram ABCD are A(3, –4), B(–1, –3) and C(–6, 2). Find the coordinates of vertex D and find the area of parallelogram ABCD.

OR

If the point (x, y) is equidistant from the points (a + b, b – a) and (a – b, a + b), prove that bx = ay

26. In trapezium ABCD, AB || DC and DC = 2AB.EF drawn parallel to AB cuts AD is F and BC in E such that $\frac{BE}{EC} = \frac{3}{4}$. Diagonal DB intersects EF at G. Prove that 7FE = 10 AB.

27. From the top of a building 60 m high the angles of depression of the top and the bottom of a tower are observed to be 30^0 and 60^0. Find the height of the tower.

OR

A 1.2 m tall girl spots a balloon moving with the wind in a horizontal line at a height of 88.2 m from the ground. The angle of elevation of the balloon from the eyes of the girl at any instant is 60^0. After some time, the angle of elevation reduces to 30^0. Find the distance travelled by the balloon during the interval.

28. Prove that $(\sin A + \sec A)^2 + (\cos A + \operatorname{cosec} A)^2 = (1 + \sec A \operatorname{cosec} A)^2$.

29. A solid consisting of a right cone standing on a hemisphere is placed upright in a right circular cylinder full of water and touches the bottom. Find the volume of water left in the cylinder, if the radius of the cylinder is 60 cm and its height is 180 cm, the radius of the hemisphere is 60 cm and height of the cone is 120 cm, assuming that the hemisphere and the cone have common base.

OR

The height of a right circular cone is trisected by two planes drawn parallel to the base. Show that the volumes of the three portions starting from the top are in the ratio 1 : 7 : 19.

30. The mean of the following frequency table is 50. But the frequencies f_1 and f_2 in class 20-40 and 60-80 are missing. Find the missing frequencies.

Class	0–20	20–40	40–60	60–80	80–100	Total
Frequency	17	f_1	32	f_2	19	120

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION

NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

> ଆଜିକାଲି ୱେଷ୍ଟଇଣ୍ଡିଜ ଦଳର ପ୍ରଦର୍ଶନ, କ୍ଲାଇଭ ଲୟଡ୍ସ, ଭିଭିଆନ ରିଚାର୍ଡ ଏବଂ ଗ୍ୟାରି ସୋବର୍ସଙ୍କ ଭଳି କ୍ରିକେଟ କିମ୍ବଦନ୍ତୀଙ୍କୁ ଖୁବ୍ ବ୍ୟଥିତ କରୁଥିବ ନିଶ୍ଚୟ।
> – ଫିଲ୍ ସିମନ୍ସ, ୱେଷ୍ଟଇଣ୍ଡିଜ ଓପନର

> ଏକ ଡବ୍ଲ୍ୟୁଟିଏ ଇଭେଣ୍ଟ ଆୟୋଜନ ପାଇଁ ଭାରତକୁ ୫୦ ମହିଳା ସିଙ୍ଗଲ୍ସ ଖେଳାଳି ସୃଷ୍ଟି କରିବାକୁ ପଡ଼ିବ। ଏହା ଦ୍ୱାରା ଷ୍ଟାଡିୟମକୁ ଦର୍ଶକ ଆକର୍ଷିତ କରିହେବ।
> – ମହେଶ ଭୂପତି, ଏକାଧିକ ଗ୍ରାଣ୍ଡସ୍ଲାମ ବିଜେତା

ସଂକ୍ଷେପରେ

ସିନ୍ଧୁ, ସମୀର ବିଜୟୀ

ଗୁଆଙ୍ଗଝୋ, ୧୩।୧୨ (ପି.ଟି.)- ଚଳିତ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ଗୁରୁବାର ଭାରତର ପି. ଭି. ସିନ୍ଧୁ ଏବଂ ସମୀର ବର୍ମା ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଅଲିମ୍ପିକ ରୌପ୍ୟ ବିଜୟିନୀ ସିନ୍ଧୁ ବିଶ୍ୱର ନମ୍ବର ୱାନ ତାଇ ଜିଙ୍ଗ୍ ୟିଙ୍ଗଙ୍କ ବିପକ୍ଷରେ ତାଙ୍କ ପରାଜୟ ଧାରାକୁ ରୋକି ପାରିଛନ୍ତି। ଗ୍ରୁପ୍ ଏ'ରେ ସେ ଚାଇନିଜ ତାଇପେଇର ଏହି ଖେଳାଳିଙ୍କୁ ୧୪-୨୧, ୨୧-୧୬, ୨୧-୧୮ରେ ହରାଇ ଦେଇଛନ୍ତି। ଦୁଇ ଖେଳାଳି ପରସ୍ପରକୁ ୧୩ର ଭେଟିଛନ୍ତି। କ୍ରମାଗତ ୬ ଥର ପରାଜୟ ପରେ ସିନ୍ଧୁଙ୍କର ଏହି ଖେଳାଳିଙ୍କ ବିପକ୍ଷରେ ଏହା ପ୍ରଥମ ବିଜୟ। ଶେଷ ମୁହୂର୍ତ୍ତରେ ଏହି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବିଶ୍ୱର ୧୪ ନମ୍ବର ଖେଳାଳି ସମୀର ୧୦ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ଇଣ୍ଡୋନେସିଆର ଟମି ସୁଗିଆର୍ତୋଙ୍କୁ ଗ୍ରୁପ୍ ବି'ର ଏକ ମୁକାବିଲାରେ ୨୧-୧୬, ୨୧-୭ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ ମାତ୍ର ୪୦ ମିନିଟ୍ରେ ଶେଷ ହୋଇଥିଲା। ୨୪ ବର୍ଷୀୟ ଭାରତୀୟ ତାଙ୍କ ଓପନିଂ ମ୍ୟାଚରେ ବିଶ୍ୱର ନମ୍ବର ୱାନ ତଥା ବିଶ୍ୱ ଚାମ୍ପିୟନ କେଣ୍ଟୋ ମୋମୋତାଙ୍କଠାରୁ ହାରିଯାଇଥିଲେ। ସୂଚନାଯୋଗ୍ୟ, ସିନ୍ଧୁ ଏହି ଟୁର୍ନାମେଣ୍ଟର ଗତ ସଂସ୍କରଣରେ ରନର୍ସଅପ୍ ହୋଇଥିଲେ।

ମାନିକାଙ୍କୁ ବ୍ରେକ୍‌ଥ୍ରୁ ଷ୍ଟାର ଆୱାର୍ଡ

ନୂଆଦିଲ୍ଲୀ, ୧୩।୧୨ (ପି.ଟି.)- ମାନିକା ବାତ୍ରା ପ୍ରଥମ ଭାରତୀୟ ଟେବୁଲ ଟେନିସ୍ ଖେଳାଳି ଭାବେ 'ବ୍ରେକ୍‌ଥ୍ରୁ ଟେବୁଲ ଟେନିସ ଷ୍ଟାର' ପୁରସ୍କାର ଜିତିଛନ୍ତି। ଇଞ୍ଚିଅନଠାରେ ସମ୍ମାନଜନକ ଇଣ୍ଟରନ୍ୟାଶନାଲ ଟେବୁଲ ଟେନିସ ଫେଡେରେଶନ ଷ୍ଟାର ଆୱାର୍ଡ୍ସ ଉତ୍ସବରେ ସେ ସମ୍ମାନିତ ହୋଇଛନ୍ତି। ସୂଚନାଯୋଗ୍ୟ, ମାନିକାଙ୍କ ନେତୃତ୍ୱରେ ଭାରତ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ଟିମ୍ କାଟେଗୋରିରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ଆଣିଦେଇଥିଲେ। ଟାଇଟଲ ମୁକାବିଲାରେ ଭାରତ ୪ଥର ସ୍ୱର୍ଣ୍ଣ ବିଜେତା ସିଙ୍ଗାପୁରକୁ ୩-୧ରେ ପରାସ୍ତ କରିଥିଲା। ମହିଳା ସିଙ୍ଗଲ୍ସ କାଟେଗୋରିରେ ସେ ଆଉ ଏକ ସ୍ୱର୍ଣ୍ଣ ଜିତିଥିଲେ। ଫାଇନାଲରେ ସେ ବିଶ୍ୱର ପୂର୍ବତନ ୪ ନମ୍ବର ଖେଳାଳି ଫେଙ୍ଗ ଟିଆନ ୱିଁକୁ ପରାସ୍ତ କରିଥିଲେ। ଏତଦ୍‌ବ୍ୟତୀତ ସେ ମହିଳା ଡବଲ୍ସରେ ଏକ ରୌପ୍ୟ ଏବଂ ମିକ୍ସଡ ଡବଲ୍ସରେ ଏକ ବ୍ରୋଞ୍ଜ ଜିତିଥିଲେ। ୨୩ ବର୍ଷୀୟା ଅର୍ଜୁନ ପୁରସ୍କାର ବିଜୟିନୀ ପରେ ଭାରତର କିମ୍ବଦନ୍ତୀ ଶରଥ କମଲଙ୍କୁ ସାଥୀ କରି ଇଣ୍ଡୋନେସିଆର ଜାକର୍ତ୍ତାଠାରେ ୨୦୧୮ ଏସିଆନ ଗେମ୍ସ ମିକ୍ସଡ ଡବଲ୍ସ କାଟେଗୋରିରେ ଏକ ବ୍ରୋଞ୍ଜ ଜିତିଥିଲେ।

ଆଜିଠାରୁ ପର୍ଥରେ ଭାରତ-ଅଷ୍ଟ୍ରେଲିଆ ଲଢ଼େଇ

ପର୍ଥ, ୧୩।୧୨(ପି.ଟି.)

ପର୍ଥର ନୂଆ ଓପ୍‌ସ୍ ଷ୍ଟାଡିୟମରେ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଦ୍ୱିତୀୟ ଟେଷ୍ଟ। ପର୍ଥର ଏହି ନୂଆ ପିଚ୍ରେ ବଲ୍ ଦ୍ରୁତ ହେବା ସହିତ ବାଉନ୍ସ କରିବ। ଅବଶ୍ୟ ପର୍ଥରେ ବଲ ସବୁବେଳେ ବହୁ ପରିମାଣରେ ଦ୍ରୁତ ହେବା ସହ ବାଉନ୍ସ ହୋଇଥାଏ ଓ ଏହା ଭାରତୀୟ ଦଳ ପାଇଁ ଆଦୌ ନୂଆ ନୁହଁ। ଏହି ସବୁଜ ଉଇକେଟରେ ଖେଳିବାକୁ ଯାଉଥିବାରୁ ଆମେ କିଛି ପରିମାଣରେ ନର୍ଭସ ଅଛୁ। ତେବେ ତା'ଠାରୁ ଅଧିକ ଉତ୍ସାହିତ ଅଛୁ ବୋଲି କୋହଲି କହିଛନ୍ତି। ଭାରତୀୟ ଦଳରେ ମଧ୍ୟ କେତେଜଣ ବିଶ୍ୱସ୍ତରୀୟ ଦ୍ରୁତ ବୋଲର ଅଛନ୍ତି। ତେଣୁ ଏହି ପିଚ୍ରେ ଉଭୟ ଦଳ ସମାନ ଭାବେ ପରୀକ୍ଷାର ସମ୍ମୁଖୀନ ହେବେ।

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆଡିଲେଡରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୩୧ ରନରେ ବିଜୟୀ ହୋଇ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଫଳରେ ଭାରତର ଆତ୍ମବିଶ୍ୱାସରେ ଯଥେଷ୍ଟ ବୃଦ୍ଧି ଘଟିଛି। ଏବେ ଉଭୟ ଦଳ ପାଇଁ ଏହି ମ୍ୟାଚ୍ର ଗୁରୁତ୍ୱ ବଢ଼ିଯାଇଛି।

କ୍ୟୁରେଟର ବ୍ରେଟ୍ ସିପଥୋର୍ପ ଏକ ବାଉନ୍ସ ଉଇକେଟ ପ୍ରସ୍ତୁତ କରିବା ପାଇଁ ପ୍ରୟାସ କରିଛନ୍ତି। ଉଇକେଟରେ ପ୍ରବଳ ଘାସ ରହିଛି। ଫଳରେ ଉଭୟ ଦଳର ଦ୍ରୁତ ବୋଲରମାନେ ଫାଇଦା ଉଠାଇ ପ୍ରତିପକ୍ଷ ଦଳର ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଇପାରିବେ। ଏହି ମ୍ୟାଚ୍ରେ ବିଜୟୀ ହୋଇ ଭାରତ ୨-୦ରେ ଅଗ୍ରଣୀ ହାସଲ କରିବା ଲକ୍ଷ୍ୟରେ ରହିଛି।

ଅଧିନାୟକ ବିରାଟ କୋହଲି ଗୁରୁବାର ପର୍ଥ ପିଚ୍‌କୁ ନିରୀକ୍ଷଣ କରୁଛନ୍ତି।

ଏହି ମ୍ୟାଚ୍ ପାଇଁ ଭାରତୀୟ ଦଳରେ କେତୋଟି ପରିବର୍ତ୍ତନ ହେବା ଏକ ପ୍ରକାର ନିଶ୍ଚିତ। କାରଣ ଏକାଧିକ ଭାରତୀୟ କ୍ରିକେଟର ଆଘାତ ସମସ୍ୟାର ସମ୍ମୁଖୀନ ହୋଇ ଦଳରୁ ବାଦ୍ ପଡିଛନ୍ତି। ଦ୍ୱିତୀୟ ଟେଷ୍ଟ ପାଇଁ ଘୋଷିତ ୧୩ ଜଣିଆ ଭାରତୀୟ ଦଳରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରୋହିତ ଶର୍ମା ବାଦ୍ ପଡିଛନ୍ତି। ଏହି ଦୁଇ ଖେଳାଳି ଇଞ୍ଜୁରିର ଶିକାର ହୋଇଛନ୍ତି। ବାମ ତଳିପେଟରେ ଯନ୍ତ୍ରଣା କାରଣରୁ ଅଶ୍ୱିନ୍ ବାଦ୍ ପଡିଛନ୍ତି। ସେ ପ୍ରଥମ ଟେଷ୍ଟ ଅବସରରେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ସେହିପରି ପ୍ରଥମ ଟେଷ୍ଟ ଖେଳିବା ଅବସରରେ ରୋହିତ୍ ପିଠି ଯନ୍ତ୍ରଣାର ଶିକାର ହୋଇଥିଲେ। ଦୁଇ ଦିନଧରି ହୋଇଥିବା ଅଭ୍ୟାସ ସେସନରେ ଏହି କାରଣରୁ ସେ ଅନୁପସ୍ଥିତ ଥିଲେ। ଅଶ୍ୱିନ ମଧ୍ୟ ବୁଧବାର ଟ୍ରେନିଂରେ ସାମିଲ ହୋଇ ନ ଥିଲେ। ତେବେ ଗୁରୁବାର ଅଭ୍ୟାସ ଅବସରରେ ସେ ଉପସ୍ଥିତ ଥିଲେ। ସେ ନେଟ୍ସରେ ବ୍ୟାଟିଂ କିମ୍ବା ବୋଲିଂ କରି ନ ଥିଲେ। ଯୁବ ଓପନର ପୃଥ୍ୱୀ ଶ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇନାହାନ୍ତି। ଫଳରେ ଭାରତ ଓପନିଂ ଯୋଡି ଭାବେ ଲୋକେଶ ରାହୁଲ ଓ ମୁରଲୀ ବିଜୟଙ୍କୁ ଖେଳାଇବା ନିଶ୍ଚିତ ହୋଇଛି। ୧୩ ଜଣିଆ ଭାରତୀୟ ଦଳରେ ହନୁମା ବିହାରୀ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର ଓ ଉମେଶ ଯାଦବଙ୍କୁ ସାମିଲ କରାଯାଇଛି। ଫଳରେ ଭାରତ ଏକ ନୂଆ କ୍ରମପରିବର୍ତ୍ତନ ଓ ସଂଯୋଜନ ନେଇ ପଡିଆକୁ ଓହ୍ଲାଇବ। ତେଣୁ ଭାରତ ଦ୍ରୁତ ବୋଲରଙ୍କ ଉପରେ ଭରସା କରିବ। ପୂର୍ବରୁ ମଧ୍ୟ କୋହଲି ଦ୍ରୁତ ବୋଲରଙ୍କୁ ନେଇ ଏ ଭଳି ପରୀକ୍ଷା ନିରୀକ୍ଷା କରିଛନ୍ତି। ଗତ ଜୋହାନ୍ସବର୍ଗ ଟେଷ୍ଟରେ କୋହଲି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମେତ ୪ଜଣ ଦ୍ରୁତ ବୋଲରଙ୍କୁ ଖେଳାଇଥିଲେ।

ଏହାପୂର୍ବରୁ ୨୦୧୨ରେ ପର୍ଥରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍ରେ ଭାରତ ଏକ ସମ୍ପୂର୍ଣ୍ଣ ପେସ୍ ବାହିନୀ ସହ ପଡିଆକୁ ଓହ୍ଲାଇଥିଲା। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଦ୍ରୁତ ବୋଲର ଜାହିର ଖାଁ, ଉମେଶ ଯାଦବ, ଇଶାନ୍ତ ଶର୍ମା ଓ ଆର. ବିନୟ କୁମାରଙ୍କୁ ସେତେବେଳେ ୱାକା ଗ୍ରାଉଣ୍ଡରେ ଖେଳାଇଥିଲେ। ସେହିବେଳେ ଏହି ଟେଷ୍ଟରେ ବୀରେନ୍ଦ୍ର ସେହ୍ୱାଗ୍ ୭.୨ ଓଭର ଅଫ୍ ସ୍ପିନ ବୋଲିଂ କରିଥିଲେ।

ରୋହିତଙ୍କ ଅନୁପସ୍ଥିତିରେ ବିହାରୀ ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି। ଏହା ପୂର୍ବରୁ ଇଂଲଣ୍ଡର ଓଭାଲରେ ଅନୁଷ୍ଠିତ ପଞ୍ଚମ ଟେଷ୍ଟରେ ବିହାରୀ ପଦାର୍ପଣ କରିଥିଲେ ଓ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିହାରୀ ମଧ୍ୟ ଭଲ କାମଚଳା ଅଫ୍ ସ୍ପିନ୍ ବୋଲିଂ କରିବାର କ୍ଷମତା ରଖନ୍ତି। ତେଣୁ ବିହାରୀଙ୍କୁ ବ୍ୟବହାର କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଆଦୌ ପଛାଇବ ନାହିଁ। ଗତ ଓଭାଲ ଟେଷ୍ଟରେ ମଧ୍ୟ ବିହାରୀ ୧୦.୩ ଓଭର ବୋଲିଂ କରିଥିଲେ। ସିଡନୀରେ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍ରେ ମଧ୍ୟ ସେ କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ବିରୋଧରେ ୧୨ ଓଭର ବୋଲିଂ କରିଥିଲେ। ତେଣୁ ବିଜୟଙ୍କ ସହ ବିହାରୀଙ୍କୁ ଭାରତ ଖେଳାଇବ। ପୁଣି ଅଶ୍ୱିନଙ୍କ ବଦଳରେ ଆଘାତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ଭୁବନେଶ୍ୱର କୁମାରଙ୍କୁ ଖେଳାଯିବା ଏକପ୍ରକାର ନିଶ୍ଚିତ ମନେହେଉଛି।

ଗତ ନଭେମ୍ବରରେ ଏହି ଉଇକେଟରେ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ ଓ ନ୍ୟୁ ସାଉଥ ୱେଲ୍ସ ମଧ୍ୟରେ ଏକ ୪ ଦିନିଆ ମ୍ୟାଚ୍ ଖେଳାଯାଇଥିଲା। ୪ ଦିନ ମଧ୍ୟରେ ୪୦ଟି ଉଇକେଟର ପତନ ଘଟିଥିଲା। ସ୍ପିନରମାନେ ୮ ଉଇକେଟ ହାସଲ କରିଥିବା ବେଳେ ବାକି ଉଇକେଟ ସବୁ ପେସ ବୋଲର ଅକ୍ତିଆର କରିଥିଲେ। ଅଭିଜ୍ଞ ସ୍ପିନର ବାଉନ୍ସ ଉଇକେଟର ଫାଇଦା ଉଠାଇ ୭ଟି ଉଇକେଟ ନେଇଥିଲେ। ତେଣୁ ଅଶ୍ୱିନ ଫିଟ୍ ଥିଲେ କୋହଲି ତାଙ୍କୁ ଖେଳାଇବା ସମ୍ଭାବନା ରହିଥିଲା। ଜାଡେଜା ଦଳରେ ସାମିଲ ଥିବାରୁ ତାଙ୍କୁ ଖେଳାଇବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଭାରତୀୟ ବ୍ୟାଟିଂ ଲାଇନରେ ସେଭଳି କୌଣସି ପରିବର୍ତ୍ତନ ହେବନାହିଁ।

ଅପରପକ୍ଷରେ ଘରୋଇ ଅଷ୍ଟ୍ରେଲିଆ ଦଳ ବ୍ୟାଟିଂ ଲାଇନ୍‌ରେ ପରିବର୍ତ୍ତନ କରିବା ଆଶା କରାଯାଉଛି। ପ୍ରଥମ ଟେଷ୍ଟରେ ଶଟ୍ ଚୟନ ନେଇ ଆରୋନ ଫିଞ୍ଚ୍ ସମାଲୋଚନାର ଶିକାର ହୋଇଥିଲେ। ତାଙ୍କ ସ୍ଥାନରେ ଉସ୍‌ମାନ ଖ୍ୱାଜା କିମ୍ବା ଶନ ମାର୍ସଙ୍କୁ ଖେଳାଯିବା ଆଶା କରାଯାଉଛି। ଅନ୍ୟପଟେ ଫିଞ୍ଚ୍‌ଙ୍କୁ ମିଡଲ ଅର୍ଡରରେ ବ୍ୟାଟିଂ କରିବାକୁ ସୁଯୋଗ ଦିଆଯାଇପାରେ। ଅଲରାଉଣ୍ଡର ମିଚେଲ ଷ୍ଟାର୍କଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା କମ ରହିଛି। ପ୍ରଥମ ଟେଷ୍ଟରେ ସାମାନ୍ୟ ଆହତ ହୋଇଥିବା ଅଧିନାୟକ ଟିମ ପେନ୍ ଇତିମଧ୍ୟରେ ସମ୍ପୂର୍ଣ୍ଣ ଫିଟ୍ ଘୋଷିତ ହୋଇଛନ୍ତି। ବୋଲିଂ ଲାଇନ୍‌ରେ ଅଷ୍ଟ୍ରେଲିଆ ପରିବର୍ତ୍ତନ କରିବ ନାହିଁ। ବଲ୍ ଟ୍ୟାମ୍ପରିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଏକ ବର୍ଷ ପାଇଁ ବାସନ୍ଦ ହୋଇଥିବା ନିୟମିତ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ , ଅଭିଜ୍ଞ ଓପନର ଡେଭିଡ ୱାର୍ନରଙ୍କ ଅନୁପସ୍ଥିତିରୁ ଭାରତ ଫାଇଦା ଉଠାଇବ ବୋଲି ଆଶା କରାଯାଉଛି।

ଦ୍ୱିତୀୟ ଟେଷ୍ଟ

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ମୁରଲୀ ବିଜୟ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, ଇଶାନ୍ତ ଶର୍ମା, ଯଶପ୍ରୀତ ବୁମରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର ଓ ଉମେଶ ଯାଦବ।
- **ଅଷ୍ଟ୍ରେଲିଆ ଦଳ:** ଟିମ ପେନ (ଅଧିନାୟକ), ମାର୍କସ ହାରିସ୍, ଆରୋନ ଫିଞ୍ଚ୍, ଉସ୍‌ମାନ ଖ୍ୱାଜା, ଟ୍ରେଭିସ୍ ହେଡ୍, ଶନ ମାର୍ଶ, ପିଟର ହ୍ୟାଣ୍ଡ୍ସକମ୍ବ, ନାଥନ ଲିୟନ, ମିଚେଲ ଷ୍ଟାର୍କ, ପ୍ୟାଟ୍ କମିନ୍ସ ଓ ଜୋଶ ହାଜେଲଉଡ।

ମ୍ୟାଚ୍ ଆରମ୍ଭ: ସକାଳ ୭ଟା ୫୦ **ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**

ଭାରତ ଫାଇନାଲରେ

କଲମ୍ବୋ, ୧୩।୧୨ (ପି.ଟି.)

ଏଠାରେ ଚାଲିଥିବା ଏସିସି ଇମର୍ଜିଂ ଟିମ୍ସ ଏସିଆ କପ୍ରେ ଭାରତ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଦଳକୁ ଜିତାଇବାରେ ନୀତୀଶ ରାଣା ଓ ହିମତ ସିଂଙ୍କ ବିଶେଷ ଭୂମିକା ରହିଥିଲା। ଉଭୟେ ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତ ୧୭୩ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଦିଲ୍ଲୀର ଏହି ବ୍ୟାଟ୍ସମ୍ୟାନଦ୍ୱୟ ଚତୁର୍ଥ ଉଇକେଟରେ ୧୨୬ ରନ ଯୋଗ କରିଥିଲେ। ରାଣା ୬୦ ବଲ୍‌ରୁ ୬୦ ରନ କରିଥିବାବେଳେ ହିମତ ୫୮ ବଲ୍‌ରୁ ୫୯ ରନ କରିଥିଲେ। ଭାରତ ୨୭.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସିଂ ଲଗାତର ୩ଟି ସମେତ ମୋଟ ୫ ଛକା ଲଗାଇଥିବା ବେଳେ ରାଣା ୩ ଛକା ମାରିଥିଲେ। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଭାରତ ପ୍ରଥମେ ବୋଲିଂ ନେଇଥିଲା। ଦଳ ୪୪.୪ ଓଭରରେ ପାକିସ୍ତାନକୁ ୧୭୨ ରନରେ ଅଲଆଉଟ କରିଦେଇଥିଲା। ଟପ୍ ସ୍କୋରର ତଥା ପାକିସ୍ତାନ ଅଧିନାୟକ ତଥା ଉଇକେଟକିପର ମହମ୍ମଦ ରିଜୱାନ ୬୭ ରନ କରିଥିବାବେଳେ ସୌଦ ସକିଲ ୬୨ରନ କରିଥିଲେ। ଓପନର ଜିଶାନ ମଲିକ ମାତ୍ର ୧୭ ରନ କରିଥିଲେ। ଭାରତୀୟ ଦଳର ସବୁଠାରୁ ସଫଳ ବୋଲର ଭାବେ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେ ତାଙ୍କ ୯.୪ ଓଭର ବୋଲିଂରେ ୩୮ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟର ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଭାରତ ଏହାର ଓପନିଂ ମ୍ୟାଚରେ ଆଫଗାନିସ୍ତାନକୁ ୮୪ ରନରେ ପରାସ୍ତ କରିଥିଲା। ପରେ ଓମାନକୁ ୬ ଉଇକେଟ ଏବଂ ଶ୍ରୀଲଙ୍କାକୁ ୪ ଉଇକେଟରେ ପରାସ୍ତ କରି ଗ୍ରୁପ୍ରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା।

ଝାଡ଼ଖଣ୍ଡକୁ ହରାଇ ଫାଇନାଲରେ ଓଡ଼ିଶା

କଟକ ଅଫିସ,୧୩।୧୨

ଅରୁଣାଚଳପ୍ରଦେଶଠାରେ ଚାଲିଥିବା ସବ୍‌ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ୍ରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଓଡ଼ିଶା ୬-୨ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଗତ ୨୦୧୫ରେ ଓଡ଼ିଶା ଶେଷଥର ନିମନ୍ତେ ଫାଇନାଲକୁ ଯାଇଥିଲା। ଦିଲ୍ଲୀଠାରେ ଅନୁଷ୍ଠିତ ଏହି ଫାଇନାଲ ମୁକାବିଲାରେ ଓଡ଼ିଶା ୦-୧ ଗୋଲରେ ବେଙ୍ଗଲଠାରୁ ହାରି ରନର୍ସଅପ ହୋଇଥିଲା। ଏହାଛଡ଼ା ଗତ ସଂସ୍କରଣରେ ଓଡ଼ିଶା ସେମିଫାଇନାଲରେ ହାରି ବିଦା ହୋଇଥିଲା। ଚଳିତ ସିଜନ୍ରେ ଓଡ଼ିଶା ଫାଇନାଲକୁ ସ୍ଥାନ ସୁରକ୍ଷିତ କରି ସାରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ମିଜୋରାମ ଓ ଘରୋଇ ଅରୁଣାଚଳ ପ୍ରଦେଶ ମଧ୍ୟରେ ଖେଳାଯିବ। ଏହାର ବିଜେତା ସହ ଓଡ଼ିଶା ଫାଇନାଲ ମ୍ୟାଚ୍ ଖେଳିବ। ଗୁରୁବାର ଅପରାହ୍ନରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ରେ ଓଡ଼ିଶା ଖେଳାଳିମାନେ ଦମଦାର ପ୍ରଦର୍ଶନ କରିଥିଲେ। ମ୍ୟାଚ୍ର ୨ୟ ମିନିଟରେ ପ୍ରଥମ ଗୋଲ ଦେଇଥିଲା ଝାଡ଼ଖଣ୍ଡ। ୩୮ତମ ମିନିଟରେ ଅଜୟ ଟପ୍ପୋ ଗୋଲ ଦେଇ ପ୍ରଥମାର୍ଦ୍ଧର ଖେଳକୁ ୧-୧ ସ୍ଥିତିରେ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୭୨ତମ ମିନିଟରେ ଝାଡ଼ଖଣ୍ଡ ପକ୍ଷରୁ ଦ୍ୱିତୀୟ ଗୋଲ ହୋଇଥିବା ବେଳେ ଏହାର ମାତ୍ର ୩ ମିନିଟ ପରେ ଓଡ଼ିଶାର ଅନିଲ ଟପ୍ପୋଙ୍କ ଗୋଲ ସହାୟତାରେ ଓଡ଼ିଶା ପୁନର୍ବାର ମ୍ୟାଚ୍ରେ ତିଷ୍ଠି ରହିଥିଲା। ନିର୍ଦ୍ଧାରିତ ୯୦ମିନିଟ ମଧ୍ୟରେ ସ୍କୋର ୨-୨ ସ୍ଥିତିରେ ରହିଥିଲା। ଫଳରେ ଅତିରିକ୍ତ ସମୟର ସହାୟତା ନିଆଯାଇଥିଲା। ଅତିରିକ୍ତ ସମୟରେ ଓଡ଼ିଶା ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ମାତ୍ର ଖେଳାଯାଇଥିବା ଅତିରିକ୍ତ ମିନିଟରେ ଓଡ଼ିଶା ପକ୍ଷରୁ ୪ଟି ଗୋଲ ହୋଇଥିଲା। ୯୫ତମ ମିନିଟରେ ହରି ହେମ୍ବ୍ରମ ଗୋଟିଏ, ୧୦୯ତମ ଓ ୧୧୧ତମ ମିନିଟରେ ଅରବିନ ଲାକ୍ରା ୨ଟି, ୧୧୪ତମ ମିନିଟରେ ଅଜୟ ଟପ୍ପୋ ଗୋଟିଏ ତଥା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

ଓଡ଼ିଶା ପକ୍ଷରୁ ଗୋଲ ସ୍କୋର କରିଥିବା ଖେଳାଳିମାନେ।

ଆଇଜଲକୁ ଭେଟିବ ଇଣ୍ଡିଆନ୍ ଆରୋଜ

ବାରବାଟୀ ଷ୍ଟାଡିୟମରେ ଗୁରୁବାର ଇଣ୍ଡିଆନ ଆରୋଜ ଦଳର ଅଭ୍ୟାସ।

କଟକ ଅଫିସ,୧୩।୧୨

ଭାରତୀୟ ଘରୋଇ ଫୁଟବଲ ଟୁର୍ନାମେଣ୍ଟ ଆଇ-ଲିଗ୍ରେ ଶୁକ୍ରବାର ସନ୍ଧ୍ୟାରେ ଇଣ୍ଡିଆନ ଆରୋଜ ଓ ଆଇଜଲ ଏଫସି ମଧ୍ୟରେ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ବାରବାଟୀ ଷ୍ଟାଡିୟମକୁ ଘରୋଇ ଗ୍ରାଉଣ୍ଡ କରିଥିବା ଇଣ୍ଡିଆନ ଆରୋଜ ଦଳ ଚଳିତ ସିଜିନ୍ରେ ବାରବାଟୀରେ ୩ୟ ମ୍ୟାଚ୍ ଖେଳିବ। ବର୍ତ୍ତମାନ ସୁଦ୍ଧା ଆରୋଜ ୬ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୫ଟି ପରାଜୟ ସହ ୩ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଛି। ତେବେ ଏକମାତ୍ର ବିଜୟ ଆରୋଜକୁ ବାରବାଟୀରେ ମିଳିଥିଲା। ଗତ ନଭେମ୍ବର ୫ ତାରିଖରେ ଆରୋଜ ୧-୦ ଗୋଲରେ ସିଲଂ ଲାଜଂକୁ ପରାସ୍ତ କରିଥିବା ବେଳେ ୯ ତାରିଖରେ ଏଠାରେ ଖେଳାଯାଇଥିବା ପରବର୍ତ୍ତୀ ମ୍ୟାଚ୍ରେ ୦-୨ ଗୋଲରେ ମୋହନବାଗାନ ଠାରୁ ହାରିଥିଲା। ବିପକ୍ଷ ଆଇଜଲ ଏଫ୍‌ସି ୮ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ଟି ଡ୍ର ଓ ୫ଟି ପରାଜୟ ସହ ୫ ପଏଣ୍ଟ ପାଇଁ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି । ଉଭୟ ଦଳ ଗୁରୁବାର ବାରବାଟୀରେ ଅଭ୍ୟାସ କରିଛନ୍ତି। ଆଇଜଲ ବିପକ୍ଷ ମ୍ୟାଚ୍ରେ ଆରୋଜ ଦଳ ଜିତିବା ପାଇଁ ଚେଷ୍ଟା କରିବ ବୋଲି ଆରୋଜ ଦଳର କୋଚ୍ ଫ୍ଲୋଏଡ ପିଣ୍ଟୋ କହିଛନ୍ତି।

ଓଡ଼ିଶା-ରାଜସ୍ଥାନ ମୁକାବିଲା ଆଜିଠାରୁ

ଭୁବନେଶ୍ୱର, ୧୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ରଣଜୀ ଟ୍ରଫିର ୬ ରାଉଣ୍ଡ ଖେଳ ଶୁକ୍ରବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଓଡ଼ିଶା ଦଳ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଦୁଇଥର ରଣଜୀ ଟ୍ରଫି ଚାମ୍ପିୟନ ରାଜସ୍ଥାନକୁ ଭେଟିବ। ଭୁବନେଶ୍ୱର ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଏଥିଲାଗି ଉଭୟ ରାଜସ୍ଥାନ ଓ ଘରୋଇ ଓଡ଼ିଶା କ୍ରିକେଟ ଦଳ ଜୋର୍‌ଦାର ଅଭ୍ୟାସ ଚଳାଇଛନ୍ତି। ଏଲିଟ୍ ଗ୍ରୁପ୍-ସି ପଏଣ୍ଟ ଟେବୁଲରେ ରାଜସ୍ଥାନ ଶୀର୍ଷରେ ରହିଥିବାବେଳେ ଓଡ଼ିଶା ୬ଷ୍ଠ ସ୍ଥାନରେ ରହିଛି। ଚଳିତ ସିଜନରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୫ ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ଡ୍ର ସହ ୧୩ ପଏଣ୍ଟ ହାସଲ କରିଛି। ଅପରପକ୍ଷରେ ୨୦୧୦-୧୧ ଓ ୨୦୧୧-୧୨ ଲଗାତର ୨ଟି ସିଜନରେ ଚାମ୍ପିୟନ ରହିଥିବା ରାଜସ୍ଥାନ ବର୍ତ୍ତମାନ ସୁଦ୍ଧା ୫ ମ୍ୟାଚ୍ରୁ ୪ ବିଜୟ ଓ ଗୋଟିଏ ଡ୍ର ସହ ୨୮ ପଏଣ୍ଟ ପାଇ ଗ୍ରୁପ୍-ସି'ରେ ଶୀର୍ଷ ସ୍ଥାନରେ ରହିଛି। ତେଣୁ ଦୁଇ ଦଳର ପ୍ରଦର୍ଶନକୁ ନଜର କଲେ ମୋହିପାଲ ଲୋମ୍‌ରାଙ୍କ ନେତୃତ୍ୱାଧୀନ ରାଜସ୍ଥାନର ପଲା ଭାରି ରହିଛି। ଓଡ଼ିଶା ରାଞ୍ଚିରେ ଖେଳିଥିବା ତା'ର ପୂର୍ବ ମ୍ୟାଚ୍ରେ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲା। ଏହି ମ୍ୟାଚ୍ରେ ଘରୋଇ ଝାଡ଼ଖଣ୍ଡ ୨ ରନରେ ଓଡ଼ିଶାକୁ ପରାସ୍ତ କରିଥିଲା। ଅପରପକ୍ଷରେ ରାଜସ୍ଥାନ ଘରୋଇ ଗ୍ରାଉଣ୍ଡରେ ଆସାମକୁ ଏକ ଇନିଂସ ଓ ୪୩ ରନର ବୃହତ ବ୍ୟବଧାନରେ ପରାସ୍ତ କରି ଏଠାକୁ ଖେଳିବାକୁ ଆସିଛି।

ଘରୋଇ ଗ୍ରାଉଣ୍ଡରେ ଚଳିତ ସିଜନରେ ଓଡ଼ିଶାର ଏହା ୪ର୍ଥ ମ୍ୟାଚ୍ ହେବ। ଏଥିପୂର୍ବରୁ ଓଡ଼ିଶା କିଟ୍ରେ ହରିୟାଣା ବିପକ୍ଷରେ ଇନିଂସ ପଛୁଆ ରହି ମ୍ୟାଚ୍ ଡ୍ର ରଖିଥିଲା। ଏହାପରେ ପୁଣି ସେହି କିଟ୍ ଗ୍ରାଉଣ୍ଡରେ ଖେଳିଥିବା ୨ୟ ମୁକାବିଲାରେ ଉତ୍ତରପ୍ରଦେଶଠାରୁ ୧୦ ଉଇକେଟ୍‌ରେ ପରାଜୟର ସମ୍ମୁଖୀନ ହୋଇଥିଲା। ତେବେ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ତ୍ରିପୁରା ବିପକ୍ଷ ମ୍ୟାଚରେ ଓଡ଼ିଶା ବିଜୟ ସ୍ୱାଦ ଚାଖିଥିଲା। ଏହି ମ୍ୟାଚ୍ରେ ଓଡ଼ିଶା ୫ ଉଇକେଟ୍‌ରେ ବିଜୟ ଲାଭ କରିଥିଲା। ତେଣୁ ବିକାଶ ଗ୍ରାଉଣ୍ଡରେ ବିପ୍ଳବ ସାମନ୍ତରାୟଙ୍କ ଦଳ ରାଜସ୍ଥାନ ବିପକ୍ଷରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି।

ଓଡ଼ିଶା ଦଳ: ଅନୁରାଗ ଷଡ଼ଙ୍ଗୀ, ରଣଜିତ୍ ସିଂ, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ (ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ପି. ରୋଶନ କୁମାର ରାଓ (ଉଇକେଟ୍‌କିପର), ଧୀରାଜ ସିଂ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ, ଶୁଭମ ନାୟକ, ଦେବାଶିଷ ସାମନ୍ତରାୟ, କୋଚ୍- ରଶ୍ମିରଞ୍ଜନ ପରିଡ଼ା।

ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ

- ହରିୟାଣା ବିପକ୍ଷରେ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ଡ୍ର'
- ଉତ୍ତରପ୍ରଦେଶଠାରୁ ୧୦ ଉଇକେଟ୍‌ରେ ପରାସ୍ତ
- ଆସାମ ବିପକ୍ଷରେ ୯ ଉଇକେଟ୍‌ରେ ବିଜୟୀ
- ତ୍ରିପୁରା ବିପକ୍ଷରେ ୫ ଉଇକେଟ୍‌ରେ ବିଜୟୀ
- ଝାଡ଼ଖଣ୍ଡଠାରୁ ୨ ରନରେ ପରାସ୍ତ

ସଂକ୍ଷେପରେ

ଚୋକ୍‌ସୀଙ୍କ ବିରୋଧରେ ରେଡ୍‌କର୍ନର ନୋଟିସ

ନୂଆଦିଲ୍ଲୀ,୧୩-୧୨: ବହୁଚର୍ଚ୍ଚିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପଳାତକ ମେହୁଲ ଚୋକ୍‌ସୀଙ୍କ ବିରୋଧରେ ଇଣ୍ଟରପୋଲ ରେଡ୍‌କର୍ନର ନୋଟିସ ଜାରି କରିଛି। ଚୋକ୍‌ସୀ ନିଜ ଭଣଜା ତଥା ଏହାର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ସହ ମିଶି ପିଏନ୍‌ବିରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ତେବେ ମେହୁଲ ଚଳିତ ବର୍ଷ ଜାନୁୟାରୀରେ ଆଣ୍ଟିଗୁଆର ନାଗରିକତ୍ୱ ଗ୍ରହଣ କରିଛନ୍ତି। ସିବିଆଇ ଆବେଦନକୁ ଇଣ୍ଟରପୋଲ ଗ୍ରହଣ କରିନେଇଛି ବୋଲି ମୁଖପାତ୍ର ଅଭିଷେକ ଦୟାଲ କହିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ସେ ଭାରତ ଫେରିପାରିବେ ନାହିଁ ବୋଲି ଚୋକ୍‌ସୀ ବହୁ ବାର କାରଣ ଦର୍ଶାଇସାରିଛନ୍ତି।

ଆଇପିଓ ଆଣିବ ପତଞ୍ଜଳି

ନୂଆଦିଲ୍ଲୀ,୧୩-୧୨: ପତଞ୍ଜଳି ଆୟୁର୍ବେଦ ଖୁବଶୀଘ୍ର ଷ୍ଟକ୍ ମାର୍କେଟରେ ପ୍ରବେଶ କରିବାକୁ ଯାଉଛି। ଏ ସଂକ୍ରାନ୍ତରେ କମ୍ପାନୀ ଆଇପିଓ ଆଣିବ ବୋଲି ଯୋଗ ଗୁରୁ ରାମଦେବ ସୂଚନା ଦେଇଛନ୍ତି। ଚଳିତ ମାସରେ ସମସ୍ତଙ୍କୁ ଶୁଭ ଖବର ଦିଆଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଚେରମୂଳିରୁ ନିର୍ମିତ ଔଷଧକୁ ଏକ ଛୋଟ୍ ଦୋକାନରେ ରଖି ବିକ୍ରି କରୁଥିବା ପତଞ୍ଜଳି ଆୟୁର୍ବେଦ ଆଜି ଦେଶର ମଲ୍ଟି ନ୍ୟାଶନାଲ ଏଫ୍‌ଏମ୍‌ସିଜି କମ୍ପାନୀଙ୍କୁ କଡ଼ା ଟକ୍କର ଦେଉଛି। ଆସନ୍ତା ୩ରୁ ୫ ବର୍ଷ ଭିତରେ ବାର୍ଷିକ ୨୦ ହଜାର କୋଟି ଟଙ୍କାର ବ୍ୟବସାୟ କରିବାକୁ କମ୍ପାନୀ ଲକ୍ଷ୍ୟ ଧାର୍ଯ୍ୟ କରିଛି।

୨୨ରେ ଜିଏସ୍‌ଟି କାଉନସିଲ ବୈଠକ

ନୂଆଦିଲ୍ଲୀ,୧୩-୧୨: ଚଳିତ ମାସ ୨୨ରେ ଜିଏସ୍‌ଟି କାଉନସିଲ ବୈଠକ ବସିବାକୁ ଯାଉଛି। ଏହି ବୈଠକରେ ସିମେଣ୍ଟ, ଅଟୋମୋବାଇଲ ସହ ଜଡିତ ସାମଗ୍ରୀକୁ ୨୮% ସ୍ଲାବ୍‌ରୁ କାଢ଼ି ଆଣିବା ନେଇ ଆଲୋଚନା ହେବ। ଏ ଦିଗରେ ନିଷ୍ପତ୍ତି ହେଲେ ଏଗୁଡିକ ଶସ୍ତା ହେବ। ଏହାଛଡ଼ା ୨୮% ସ୍ଲାବ୍‌କୁ ଅଧିକ ତର୍କସଙ୍ଗତ କରିବା ନେଇ ମଧ କାଉନସିଲ ବିଚାର କରିବ। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧକ୍ଷତାରେ ଗତ ଦେଢ଼ ବର୍ଷ ଭିତରେ ସରକାର ୧୯୧ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହ୍ରାସ କରିଥିଲେ। କେବଳ ସିମେଣ୍ଟ, ଗାଡ଼ି ଯନ୍ତ୍ରାଂଶ, ଟାୟାର, ଗାଡ଼ି ଉପକରଣ, ମୋଟର ଗାଡ଼ି, ବିମାନ, ସଙ୍ଖା ଖେଳ ତଥା ତମାଖୁ, ସିଗାରେଟ ଓ ପାନ ମସଲା ଭଳି ୩୫ ପ୍ରକାର ସାମଗ୍ରୀକୁ ୨୮% ସ୍ଲାବ୍‌ରେ ରଖାଯାଇଛି। ଜିଏସ୍‌ଟିରେ ଏହା ସର୍ବାଧିକ ଟିକସ ଶ୍ରେଣୀ ହୋଇଥିବାରୁ ଏହା ପୂର୍ବାପେକ୍ଷା ମହଙ୍ଗା ହୋଇଛି।

> ରପ୍ତାନିରେ ବୃଦ୍ଧି ହେଲେ ୨୦୨୫ ବେଳକୁ ଭାରତର ଅର୍ଥନୀତି ୫ ଟ୍ରିଲିୟନ ଡଲାର ହୋଇପାରିବ।
> – ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ

> ପରିବର୍ତ୍ତିତ ସମୟରେ ଗ୍ରାହକଙ୍କ ସହ ଯୋଡିହେବା ଲାଗି ବିଗ୍ ଡାଟା ଉପରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି।
> – ପୁନିତ୍ ଆନନ୍ଦ, ସିନିୟର ଜେନେରାଲ ମ୍ୟାନେଜର, ହ୍ୟୁଣ୍ଡାଇ ମୋଟର୍ସ

ଆଜି ରିଜର୍ଭ ବ୍ୟାଙ୍କ ବୋର୍ଡ ବୈଠକ

ନଗଦ ସଙ୍କଟ ଦୂର ଉପରେ ରହିବ ଜୋର୍

ମୁମ୍ବାଇ,୧୩-୧୨

ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ବୋର୍ଡ ବୈଠକ ବସିବାକୁ ଯାଉଛି। ଗଭର୍ନର ହେବା ପରେ ଶକ୍ତିକାନ୍ତ ଦାସ ପ୍ରଥମ ଥର ଏହି ବୈଠକରେ ଯୋଗ ଦେବେ। ବଜାରରେ ଏବେ ନଗଦ ସଙ୍କଟ ଉତ୍କଟ ହୋଇଥିବା ବେଳେ ଏହାକୁ ଦୂର କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ହେବ। ତେବେ ଆର୍‌ବିଆଇର ଶାସନ ପଦ୍ଧତିରେ ସଂସ୍କାର ଆଣିବା ନେଇ ବୋର୍ଡ ପକ୍ଷରୁ ଏକ କମିଟି ଗଠନ କରିବା ସଂକ୍ରାନ୍ତରେ ଘୋଷଣା ହୋଇପାରେ। ସରକାରଙ୍କ ପ୍ରତିନିଧି ଆର୍ଥିକ ସେବା ସଚିବ ରାଜୀବ କୁମାର ଓ ଅର୍ଥନୈତିକ ବ୍ୟାପାର ସଚିବ ଏସ୍.ସି.ଗର୍ଗ ପୂର୍ବରୁ ଏ ସଂକ୍ରାନ୍ତରେ ପ୍ରସ୍ତାବ ଦେଇଥିଲେ। ଫେବୃୟାରୀ ସର୍କୁଲାର ଓ ପିସିଏକୁ ନେଇ ପୂର୍ବତନ ଗଭର୍ନର ଉର୍ଜିତ ପଟେଲଙ୍କ ନେତୃତ୍ୱରେ ଆର୍‌ବିଆଇ ନେଇଥିବା ନିଷ୍ପତ୍ତିରେ କେନ୍ଦ୍ର ସରକାର ଅସନ୍ତୁଷ୍ଟ

- ଗଭର୍ନର ଭାବେ ପ୍ରଥମଥର ଯୋଗଦେବେ ଶକ୍ତିକାନ୍ତ
- ସଂସ୍କାର ନେଇ ଗଠନ ହୋଇପାରେ କମିଟି
- ୩-୪ଟି ପ୍ରସଙ୍ଗରେ ଆଲୋଚନା ସମ୍ଭବ

ଥିଲେ। ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ମତବିରୋଧରେ ଏହା ପ୍ରମୁଖ କାରଣ ଥିଲା। ଏଥିଯୋଗୁ ଋଣ ନେଇଥିବା ବହୁ କମ୍ପାନୀ ଏନ୍‌ପିଏରେ ପରିବର୍ତ୍ତିତ ହୋଇଗଲେ ଏବଂ ଋଣ ଦେଇଥିବା ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ କଟକଣା ଲାଗୁ ହୋଇଗଲା। ସେମାନେ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗକୁ ଋଣ ଦେଇପାରିଲେ ନାହିଁ। ତେବେ ନୂଆ ଗଭର୍ନରଙ୍କ ସମ୍ମୁଖରେ ଏହି ଦୁଇଟି ସମସ୍ୟା ରହିଛି, ଯାହାର ସମାଧାନ ନିହାତି ଆବଶ୍ୟକ। ତେବେ ବଜାରରେ କେତେ ପରିମାଣରେ ନଗଦ ସଙ୍କଟ ରହିଛି, ସେ ସମ୍ପର୍କରେ ଜାଣିବା ପରେ ହିଁ ଶକ୍ତିକାନ୍ତ ନିଷ୍ପତ୍ତି ନେଇପାରିବେ। ଏହାଛଡ଼ା ରିଜର୍ଭ ବ୍ୟାଙ୍କର ବଳକା ଅର୍ଥ ପ୍ରଦାନକୁ ନେଇ କମିଟି ଗଠନ କରିବାକୁ ନଭେମ୍ବର ୧୪ ବୋର୍ଡ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଉପରେ ଶକ୍ତିକାନ୍ତ ପଚାରି ବୁଝିବେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପୂର୍ବତନ ଗଭର୍ନର ବିମଳ ଜଲାନଙ୍କ ଅଧ୍ୟକ୍ଷରେ କମିଟି ଗଠନ କରାଯିବ। ଏ ନେଇ ଉର୍ଜିତ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି। ଏହି କମିଟିରେ ପୂର୍ବତନ ଆର୍‌ବିଆଇ ଡେପୁଟି ଗଭର୍ନର ରାକେଶ ମୋହନ ଉପ ସଭାପତି ରହିବେ। କମିଟି ଗଠନ ହେବା ମାତ୍ରେ ଏହା ୯୦ ଦିନ ଭିତରେ ତାଙ୍କର ରିପୋର୍ଟ ଆର୍‌ବିଆଇକୁ ଦେବେ। ଏହି କାରଣରୁ ଉକ୍ତ ବୈଠକରେ ଆର୍‌ବିଆଇର ବଳକା ଅର୍ଥ ନେଇ ଆଲୋଚନା ହେବାର ସମ୍ଭାବନା କ୍ଷୀଣ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପ୍ରାୟତଃ ୩/୪ଟି ପ୍ରସଙ୍ଗରେ ଶୁକ୍ରବାର ବୋର୍ଡ ବୈଠକରେ ଆଲୋଚନା ହେବ। ପିସିଏରୁ ୩/୪ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ବାହାର କରିବା ନେଇ ବୋର୍ଡ ଫର୍ ଫାଇନାନ୍ସିଆଲ ସୁପରଭିଜନର ମତାମତ କ'ଣ ସେ ସମ୍ପର୍କରେ ଆଲୋଚନା ହୋଇପାରେ। କାରଣ ଗତ ୬ ତାରିଖରେ ଉର୍ଜିତଙ୍କ ନେତୃତ୍ୱରେ ଏହାର ବୈଠକ ବସିଥିଲା।

ଆର୍‌ବିଆଇ ସହ ବିବାଦ ଥିବା ଜେଟ୍‌ଲୀଙ୍କ ସ୍ୱୀକାର

ଚାରିଆଡୁ ସମାଲୋଚନାର ଶିକାର ହେବା ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ସହ ସରକାରଙ୍କ ମତଭେଦ ଥିବା ପ୍ରଥମଥର ସ୍ୱୀକାର କରିଛନ୍ତି। ଗୁରୁବାର ସେ କହିଛନ୍ତି ଯେ, ପ୍ରାୟତଃ ୨/୩ଟି ପ୍ରସଙ୍ଗରେ ଆର୍‌ବିଆଇ ସହ କେନ୍ଦ୍ରର ମତଭେଦ ରହିଛି। ଏ ସଂକ୍ରାନ୍ତରେ ଏକ ନିୟମ(ଆର୍‌ବିଆଇ ଆଇନର ଧାରା ୭) ଅଧୀନରେ କେନ୍ଦ୍ରୀୟ ବ୍ୟାଙ୍କ ସହ ଆଲୋଚନା ଚାଲିଛି ବୋଲି ସେ କହିଛନ୍ତି। ଅର୍ଥାତ୍ ସରକାର ଉକ୍ତ ଧାରାର ପ୍ରୟୋଗ କରିଛନ୍ତି ବୋଲି ପରୋକ୍ଷରେ ମାନିଛନ୍ତି। ଏହାଦ୍ୱାରା କ'ଣ ଆର୍‌ବିଆଇର ସ୍ୱାୟତ୍ତତା ଛଡାଇ ନିଆଗଲା କି ବୋଲି ସେ ପ୍ରଶ୍ନ କରିଛନ୍ତି। ମତଭେଦ କାରଣରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଓ ଇନ୍ଦିରା ଗାନ୍ଧୀ ସେତେବେଳେ ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କୁ ଇସ୍ତଫା ଦେବାକୁ କହିଥିଲେ ବୋଲି ସେ ସ୍ମରଣ କରାଇ ଦେଇଥିଲେ। ସେ କହିଛନ୍ତି ଯେ, ଅର୍ଥନୀତିର ପରିଚାଳନାରେ ସରକାର ଏକ ବଡ଼ ଅଂଶୀଦାର ହୋଇଥିବାରୁ ଏଥିପ୍ରତି ଚିନ୍ତିତ ହେବା ସ୍ୱାଭାବିକ। ଋଣ ପ୍ରଦାନ ଓ ଆର୍ଥିକ ସଙ୍କଟ ଦୂର କରିବା ରିଜର୍ଭ ବ୍ୟାଙ୍କର ଦାୟିତ୍ୱ। ଏହାକୁ ସରକାର ଛଡ଼ାଇ ନେଉ ନାହାନ୍ତି। ନିୟମ ପ୍ରୟୋଗ କରି କେବଳ ଆର୍‌ବିଆଇ ସହ ଆଲୋଚନା କରାଯାଉଛି। ଅର୍ଥନୀତି ପ୍ରତି ଥିବା ବିପଦର ସମାଧାନ ଲାଗି ସରକାର ଏକ ସ୍ୱାଧୀନ, ନିରପେକ୍ଷ ସଂସ୍ଥାକୁ କହିପାରିବେ। ଏହା କରି ନ ପାରିଲେ ସରକାର ନିଜ ଦାୟିତ୍ୱ ପାଳନରେ ବିଫଳ ବୋଲି ଧରାଯିବ।



ପିସିଏ କୋହଳ ଉପରେ ଦାବି ଦୋହରାଇଲେ ୭ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

ଗୁରୁବାର ୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମୁଖ୍ୟ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଏଠାରେ ଭେଟିଛନ୍ତି। ଫେବୃୟାରୀ ୧୨ ସର୍କୁଲାର ଓ ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ) ବା ତ୍ୱରିତ୍ ସୁଧାର ପଦକ୍ଷେପ ନିୟମ କୋହଳ କରିବା ଲାଗି ସେମାନେ ଗଭର୍ନରଙ୍କ ନିକଟରେ ଦାବି କରିଛନ୍ତି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ବ୍ୟାଙ୍କ ମୁଖ୍ୟ କହିଛନ୍ତି ଯେ, ପ୍ରାୟ ୯୦ ମିନିଟ ଧରି ଚାଲିଥିବା ବୈଠକରେ ଗଭର୍ନର ଦାସ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ବୈଠକରେ ଗଭର୍ନରଙ୍କ ବ୍ୟତୀତ ରିଜର୍ଭ ବ୍ୟାଙ୍କର ଅନ୍ୟ ୪ ଡେପୁଟି ଗଭର୍ନର ମଧ ଉପସ୍ଥିତ ଥିଲେ। ଏଥିରେ ଏସ୍‌ବିଆଇ, ଆଇଡିବିଆଇ ବ୍ୟାଙ୍କ, ପିଏନ୍‌ବି, ୟୁବିଆଇ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଦେନା ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟମାନେ ଯୋଗ ଦେଇଥିଲେ। ଅନ୍ୟ ଜଣେ ବ୍ୟାଙ୍କ ମୁଖ୍ୟ କହିଥିଲେ ଯେ, ଗଭର୍ନର ସବୁ କଥା ଶୁଣିଥିଲେ ହେଁ ପରବର୍ତ୍ତୀ ବୈଠକ କେବେ ହେବ ସେ ନେଇ କିଛି ଜଣାଇ ନ ଥିଲେ। ତେବେ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା (ଏନ୍‌ବିଏଫ୍‌ସି)ମାନେ ସମ୍ମୁଖୀନ ହେଉଥିବା ଆର୍ଥିକ ସଙ୍କଟ ସମ୍ପର୍କରେ ସେ ପଚାରି ବୁଝିଥିଲେ। ସୂଚନାଥାଉ କି, ପିସିଏ, ଆର୍‌ବିଆଇର ଫେବୃୟାରୀ ୧୨ ସର୍କୁଲାର, ରିଜର୍ଭ ବ୍ୟାଙ୍କର ବଳକା ଅର୍ଥ ଆଦି ମୁଖ୍ୟ ପ୍ରସଙ୍ଗରେ ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ବିବାଦ ବଢ଼ିଥିଲା। ଏହି କାରଣରୁ ଉର୍ଜିତ ପଟେଲ ଗଭର୍ନର ପଦରୁ ଇସ୍ତଫା ଦେଲେ ବୋଲି କୁହାଯାଉଛି।

ନେପାଳରେ କୁଟିନା ଶୋ'ରୁମ

ଭୁବନେଶ୍ୱର, ୧୩-୧୨

ପ୍ରମୁଖ କମ୍ପାନୀ କୁଟିନା ପକ୍ଷରୁ ନେପାଳର କାଠମାଣ୍ଡୁ ସହରରେ ଏକ ସ୍ୱତନ୍ତ୍ର ଆଉଟଲେଟ ଖୋଲିଛି। ଏହାକୁ କୁଟିନାର ପ୍ରତିଷ୍ଠାତା ନମିତ ବଜୋରିଆ ଉଦ୍‌ଘାଟନ କରିଥିଲେ। ଗ୍ଲୋବାଲ ପ୍ଲାଟଫର୍ମରେ ଏହାର ଉପସ୍ଥିତିକୁ ଦୃଢ଼ କରିବା ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ୫୦୦ ବର୍ଗଫୁଟ ସ୍ଥାନରେ ଏହି ମଡ୍ୟୁଲାର କିଚେନ ଶୋ'ରୁମ ଶୁଭାରମ୍ଭ ହୋଇଛି। ଏହାକୁ କୁଟିନାର ପ୍ରିମିୟମ ପାର୍ଟନର ମୁଦିତ୍ ମୁରାର୍କା ପରିଚାଳନା କରୁଛନ୍ତି। ଗ୍ରାହକଙ୍କୁ କିଚେନ ଆପ୍ଲାଏନ୍ସ ବର୍ଗରେ ବିଭିନ୍ନ ସାମଗ୍ରୀ ଏହି ଷ୍ଟୋର ଦ୍ୱାରା କମ୍ପାନୀ ପ୍ରଦାନ କରିବାର ଯୋଜନା ରଖିଛି।

ନାଲ୍‌କୋ ଖଣି ଡିଭିଜନ ପୁରସ୍କୃତ

ଭୁବନେଶ୍ୱର ,୧୩-୧୨

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ)ର ପଞ୍ଚପଟ୍ଟମାଳୀସ୍ଥିତ ବକ୍ସାଇଟ ଖଣିକୁ ୩୭ତମ ବାର୍ଷିକ ମେଟାଲିକ ରେସ୍ ମାଇନ୍ସ ସୁରକ୍ଷା ସପ୍ତାହ ପାଳନ ଅବସରରେ ପୁରସ୍କାର ପ୍ରଦାନ କରାଯାଇଛି। ସୁକିନ୍ଦାଠାରେ ଅନୁଷ୍ଠିତ ଖଣି ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ନାଲ୍‌କୋ ଖଣିକୁ ପୁରସ୍କୃତ କରାଯାଇଛି। ଏଥିରେ ବକ୍ସାଇଟ ଖଣିର ଦକ୍ଷିଣ ବ୍ଲକ ମାଇନ୍ସକୁ ସାଧାରଣ କାର୍ଯ୍ୟକ୍ରମ ପରିଚାଳନା ସହ ମେକାନିକାଲ ମେଣ୍ଟେନାନ୍ସ, ସେଫଟି ଆଣ୍ଡ କ୍ଲିଅରାନ୍ସ, ସେଫଟି

ଷ୍ଟଲ ରିନୋଭେଶନ ଭଳି ବିଭିନ୍ନ ବର୍ଗରେ ଅନ୍ୟ କେତେକ ବ୍ଲକକୁ ପୁରସ୍କୃତ କରାଯାଇଛି। ନାଲକୋର ପଞ୍ଚପଟମାଳୀ ବକ୍ସାଇଟ ଖଣି ସୁରକ୍ଷା ଏବଂ ଉତ୍ପାଦନକୁ ନେଇ ବିଶ୍ୱ ସ୍ତରରେ ଉତ୍କର୍ଷତା ଲାଭ କରିଛି ବୋଲି ଚାନ୍ଦ କହିଛନ୍ତି।

ରାଜ୍ୟରେ ୧୨,୧୫୧ କୋଟିର ଆୟକର ସଂଗ୍ରହ ଲକ୍ଷ୍ୟ

ଭୁବନେଶ୍ୱର, ୧୩-୧୨

ରାଜ୍ୟରେ ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ମୋଟ ଟିକସଦାତାଙ୍କ ସଂଖ୍ୟାରେ ବୃଦ୍ଧି ଘଟି ୧୦,୨୭,୭୯୬ ଛୁଇଁଛି। ଗତ ବର୍ଷ ତୁଳନାରେ ଟିକସଦାତାଙ୍କ ସଂଖ୍ୟାରେ ୨୦% ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ୫୦ ହଜାର ନୂଆ ଟିକସଦାତା ଯୋଡିବାର ଯୋଜନା ରହିଛି। ଗତ ଆର୍ଥିକ ବର୍ଷରେ ଓଡ଼ିଶା ରିଜିଅନ ପାଇଁ ୯,୭୨୮ କୋଟି ଟଙ୍କାର ଟିକସ ସଂଗ୍ରହ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଟିକସ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ଟପିବା ସହ ୧୦,୨୧୫ କୋଟି ରହିଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ର ସଦସ୍ୟ ପ୍ରସନ୍ନ କୁମାର ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ରିଜିଅନ ୫,୮୮୦.୯ କୋଟି ଟଙ୍କାର ଟିକସ ସଂଗ୍ରହ କରିପାରିଛି। ଗତ ବର୍ଷ ସମାନ ସମୟ ତୁଳନାରେ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଏହି କ୍ଷେତ୍ରରେ ଅଭିବୃଦ୍ଧି ହାର ୨୭.୩୨% ରହିଛି। ଚଳିତ ବର୍ଷ ୧୨,୧୫୧ କୋଟି ଟଙ୍କାର ଟିକସ ସଂଗ୍ରହ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସିବିଡିଟି ଧାର୍ଯ୍ୟ କରିଥିବା ଲକ୍ଷ୍ୟର ୪୮.୪% ଟିକସ ସଂଗ୍ରହ କରିବାକୁ ଓଡ଼ିଶା ରିଜିଅନ ସକ୍ଷମ ହୋଇଛି ବୋଲି ଦାସ କହିଛନ୍ତି।

କୁମ୍ଭମେଳା ପାଇଁ ୮୦୦ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର, ୧୩-୧୨

କୁମ୍ଭମେଳା ସମୟରେ ତୀର୍ଥଯାତ୍ରୀ ଏବଂ ଶ୍ରଦ୍ଧାଳୁଙ୍କ ସମାଗମକୁ ଧ୍ୟାନରେ ରଖି ଆଲ୍ଲାହାବାଦ ପ୍ରୟାଗକୁ ଗମନାଗମନ ସୁବିଧା ଯୋଗାଣ ଲାଗି ରେଲୱେ ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଏହି ସମୟରେ ରେଲୱେ ୮୦୦ ସ୍ୱତନ୍ତ୍ର ଟ୍ରେନ ଚଳାଇବ ବୋଲି ସୂଚନା ଦେଇଛି। ସେହିଭଳି ଭିତ୍ତିଭୂମି ସଂଯୋଗ, ଅଗ୍ରିମ ସଂରକ୍ଷିତ ଟିକେଟ କ୍ରୟ ସୁବିଧା, ଅଭିନବୀକରଣ ଏବଂ ସୂଚନା ପ୍ରଯୁକ୍ତି ବ୍ୟବସ୍ଥା, ଯାତ୍ରୀମାନଙ୍କୁ ସୁରକ୍ଷା ଏବଂ ନିରାପତ୍ତା ଦିଗରେ ରେଲୱେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରୁଛି।

ନିୟନ୍ତ୍ରିତ ବଜାର କମିଟି, ଦେବଗଡ଼

ଖରିଫ ଇସ୍ତାହାର ୨୦୧୮-୧୯

ଏତଦ୍ୱାରା ଦେବଗଡ଼ ଜିଲ୍ଲାର ସମସ୍ତ ଧାନଚାଷୀମାନଙ୍କୁ ଜଣାଇ ଦିଅଯାଉଅଛି ଯେ ଚଳିତ ଖରିଫ ୨୦୧୮-୧୯ ବର୍ଷ ପାଇଁ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ତା ୦୭।୧୨।୨୦୧୮ଠାରୁ ଧାନକ୍ରୟ କରାଯିବ। ଏଣୁ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ଧାନକୁ ଭଲଭାବେ ସଫାକରି ଏଫ୍.ଏ.କ୍ୟୁ ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବେ।

ସେବା ସମବାୟ ସମିତି (ଯୋଗାଣ ବିଭାଗ ତରଫରୁ)

ବ୍ଲକ୍‌ର ନାମ	ସମବାୟ ସମିତିର ନାମ	କ୍ର. ସଂ.	ଧାନ ସଂଗ୍ରହ କେନ୍ଦ୍ର ନାମ	ବାର	ସଂଲଗ୍ନ ଗ୍ରାମପଞ୍ଚାୟତ
ରିଆମାଳ	ରିଆମାଳ ସେବା ସମବାୟ ସମିତି	୧	ରିଆମାଳ	ଶନିବାର, ସୋମବାର	ରିଆମଳ, ମଳେହିପଡା (ଅଂଶ) ଆଡସ (ଅଂଶ)
	ନାଉଲିପଡା ସେବା ସମବାୟ ସମିତି	୨	ନାଉଲିପଡା	ମଙ୍ଗଳବାର, ଶନିବାର	ନାଉଲିପଡା, ଲୁଲଙ୍ଗ, ବୁଡିଦୋ (ଅଂଶ), ମଳେହିପଡା (ଅଂଶ)
	ଟିଙ୍କବୀର ସେବା ସମବାୟ ସମିତି	୩	ଟିଙ୍କବୀର	ମଙ୍ଗଳବାର, ଶୁକ୍ରବାର	ଟିଙ୍କବୀର
	ତାବଡା ସେବା ସମବାୟ ସମିତି	୪	ତାବଡା	ମଙ୍ଗଳବାର, ଶନିବାର	ତାବଡା, ଗୁଣ୍ଡେଇପାଲି, ବୁଡିଦୋ (ଅଂଶ), ଆଡସ (ଅଂଶ) ଏ
	ତାରଙ୍ଗ ସେବା ସମବାୟ ସମିତି	୫	ତାରଙ୍ଗ	ସୋମବାର, ବୁଧବାର	ଡୁହିଲାମାଳ, ମଳେହିପଡା, ତାରଙ୍ଗ
	ନୂଆଡିହି ସେବା ସମବାୟ ସମିତି	୬	ନୂଆଡିହି	ସୋମବାର	ନୂଆଡିହି
		୭	ଖିଲେଇ	ଶୁକ୍ରବାର	ଖିଲେଇ
	ବୁଢାପାଳ ସେବା ସମବାୟ ସମିତି	୮	ବୁଢାପାଳ	ସୋମବାର, ବୁଧବାର	ବୁଢାପାଳ, ପରା
	ଚଢ଼େଇମରା ସେବା ସମବାୟ ସମିତି	୯	ଚଢ଼େଇମରା	ସୋମବାର, ବୁଧବାର	ଚଢ଼େଇମରା
	ପଳସମା ସେବା ସମବାୟ ସମିତି	୧୦	ପଳସମା	ଶୁକ୍ରବାର	ପଳସମା, ବାଗବର
		୧୧	କଣ୍ଢାବାହାଲ	ମଙ୍ଗଳବାର	ଉତୁଣିଆ, କରଲଗା (ଅଂଶ), କଣ୍ଢାବାହାଲ (ଅଂଶ)
	କୁଣ୍ଢେଇଗୋଳା ସେବା ସମବାୟ ସମିତି	୧୨	କୁଣ୍ଢେଇଗୋଳା	ବୁଧବାର, ଶନିବାର	କୁଣ୍ଢେଇଗୋଳା
ବାରକୋଟ	କଣ୍ଢେଳ ସେବା ସମବାୟ ସମିତି	୧୩	କଣ୍ଢେଳ	ମଙ୍ଗଳବାର, ଶୁକ୍ରବାର	କଣ୍ଢେଳ, ବଳମ, ରଙ୍ଗେଇ
	କଣ୍ଢାପାଲି ସେବା ସମବାୟ ସମିତି	୧୪	କଣ୍ଢାପାଲି	ମଙ୍ଗଳବାର, ଶୁକ୍ରବାର	କଣ୍ଢାପାଲି, ଦନ୍ତାରିବାହାଳ
	ବସାଲଇ ସେବା ସମବାୟ ସମିତି	୧୫	ବସାଲଇ	ମଙ୍ଗଳବାର, ଶନିବାର	ବସାଲଇ
	ଦଣ୍ଡାସିଂହ ସେବା ସମବାୟ ସମିତି	୧୬	ଦଣ୍ଡାସିଂହ	ମଙ୍ଗଳବାର, ଶନିବାର	ଦଣ୍ଡାସିଂହ, କାଉଁସିବାହାଳ
	କାଦୋପଡା ସେବା ସମବାୟ ସମିତି	୧୭	କାଦୋପଡା	ବୁଧବାର	କାଦୋପଡା
		୧୮	ଝରାକଣ୍ଢେଳ	ସୋମବାର	ଝରାକଣ୍ଢେଳ
		୧୯	କେଲଡା	ଶୁକ୍ରବାର	କେଲଡା
	ଉଆଁରା ସେବା ସମବାୟ ସମିତି	୨୦	ଉଆଁରା	ସୋମବାର, ଶୁକ୍ରବାର	ଉଆଁରା, ବିଜୟନଗର (ଅଂଶ)
	କଲା ସେବା ସମବାୟ ସମିତି	୨୧	କଲା	ସୋମବାର	କଲା
		୨୨	କାଲିଆପାଳ	ଶୁକ୍ରବାର	କାଲିଆପାଳ
	ସିଂଙ୍ଗସାଲ ସେବା ସମବାୟ ସମିତି	୨୩	ସିଂଙ୍ଗପାଲ	ମଙ୍ଗଳବାର	ସିଂଙ୍ଗପାଲ
		୨୪	ବଲଣ୍ଡା	ଶୁକ୍ରବାର	ବଲଣ୍ଡା
	ଖଜୁରିଖମଣ ସେବା ସମବାୟ ସମିତି	୨୫	ଖଜୁରିଖମଣ	ବୁଧବାର	ଖଜୁରିଖମଣ
		୨୬	ମଧୁପୁର	ଶନିବାର	ମଧୁପୁର
	ରାଇତାବାହାଳ ସେବା ସମବାୟ ସମିତି	୨୭	ରାଇତାବାହାଳ	ଶୁକ୍ରବାର, ସୋମବାର	ରାଇତାବାହାଳ
	ଗୁରୁସଙ୍ଗ ସେବା ସମବାୟ ସମିତି	୨୮	ଗୁରୁସଙ୍ଗ	ବୁଧବାର	ଗୁରୁସଙ୍ଗ, ସରୁଆଳି
		୨୯	ବମପରଡା	ଶନିବାର	ବମପରଡା
ତିଲେଇବଣୀ	କଂସର ସେବା ସମବାୟ ସମିତି	୩୦	କଂସର	ସୋମବାର, ବୁଧବାର	କଂସର, ଢୋଲପଡା
	କେନ୍ଦେଇକୁରୀ ସେବା ସମବାୟ ସମିତି	୩୧	କେନ୍ଦେଇକୁରୀ	ସୋମବାର, ଶୁକ୍ରବାର	କେନ୍ଦେଇକୁରୀ, ସାଡୋ
	ଦୁଧିଆନାଳୀ ସେବା ସମବାୟ ସମିତି	୩୨	ମୁଣ୍ଡଗୋହିରା	ଶନିବାର, ମଙ୍ଗଳବାର	ଦୁଧିଆନାଳୀ, ତାଳକୁଣ୍ଡି
	ଲଇମୁରା ସେବା ସମବାୟ ସମିତି	୩୩	ଲଇମୁରା	ସୋମବାର	ଲଇମୁରା
		୩୪	ଡିମିରିକୁଦର	ଶନିବାର	ଡିମିରିକୁଦର
	କୁରୋଡ ସେବା ସମବାୟ ସମିତି	୩୫	ଟାଇଁସର	ବୁଧବାର	ଟାଇଁସର, ତିଲେଇବଣି
		୩୬	ଦେବଗଡ଼ ମ୍ୟୁନିସିପାଲିଟି	ଶନିବାର	ଦେବଗଡ଼ ମ୍ୟୁନିସିପାଲିଟି
	ଗାଙ୍ଗନନ୍ ସେବା ସମବାୟ ସମିତି	୩୭	ଗାଙ୍ଗନନ୍	ଶୁକ୍ରବାର, ମଙ୍ଗଳବାର	ଛେପିଲିପାଲି (ଅଂଶ), ବଡଛାପଲ
	ସୁଗୁଡା ସେବା ସମବାୟ ସମିତି	୩୮	ସୁଗୁଡା	ମଙ୍ଗଳବାର, ଶନିବାର	ସୁଗୁଡା, ବଣିଆକିଲିଣ୍ଡା, ଛେପିଲିପାଲି (ଅଂଶ)
	ଝରାଗୋଗୁଆ ସେବା ସମବାୟ ସମିତି	୩୯	ଝରାଗୋଗୁଆ	ମଙ୍ଗଳବାର	ଝରାଗୋଗୁଆ
		୪୦	ପାରପୋଶି	ଶୁକ୍ରବାର	ପାରପୋଶି

ଧାନର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ

ସାଧାରଣ ଶ୍ରେଣୀ (F.A.Q.) ଟ.୧୭୫୦.୦୦ (କ୍ୱିଣ୍ଟାଲ ପ୍ରତି)

କ ଶ୍ରେଣୀ ଧାନ ଟ.୧୭୭୦.୦୦ (କ୍ୱିଣ୍ଟାଲ ପ୍ରତି)

ଜିଲ୍ଲା ପ୍ରଶାସନ, ଦେବଗଡ଼

ତହସିଲ କାର୍ଯ୍ୟାଳୟ, ନରସିଂହପୁର, କଟକ

ଗାଡ଼ି ନିଲାମ ଇସ୍ତାହାର

ବିଜ୍ଞାପନ ନଂ: 5349 ତାରିଖ: 13.12.18

ନରସିଂହପୁର ତହସିଲ କାର୍ଯ୍ୟାଳୟର ଜିପ୍ ନଂ.-OR-05-D-4337ଟି ଆସନ୍ତା ତା 29.12.2018 ରିଖ ଘ. 4.30 ମି.ରେ ତହସିଲ କାର୍ଯ୍ୟାଳୟରେ ନିଲାମ କରାଯିବାକୁ ସ୍ଥିରୀକୃତ ହୋଇଅଛି। ଏହି ସମ୍ବନ୍ଧୀୟ ସମସ୍ତ ନିୟମାବଳୀ ଓ ସମ୍ପୂର୍ଣ୍ଣ ବିବରଣୀ www.cuttack.nic.in ରେ ଉପଲବ୍ଧ ଅଟେ। ଇଚ୍ଛୁକ ଆବେଦନକାରୀମାନେ ସମ୍ପୂର୍ଣ୍ଣ ବିବରଣୀ ଏହି ୱେବସାଇଟରୁ ପାଇପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ନରସିଂହପୁର ସହିତ ଯୋଗାଯୋଗ କରି ପାଇପାରିବେ।

ସ୍ୱାକ୍ଷର/-
ତହସିଲଦାର, ନରସିଂହପୁର

idco Your power to grow | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

No. HO/CIV/T&E/E-4423/01/2018/24859 Date: 11.12.2018

EXPRESSION OF INTEREST

Expression of Interest is invited from renowned Architects for providing Architectural Planning & Design Services for "Construction of Sports Complex for Sambalpur University at Jyoti Vihar, Burla"

The detail EOI notice can be seen in our web site **www.idco.in** (in tenders EOI/REP/Others). Corrigendum or Addendum if any will not be published in newspapers and can be seen in IDCO website.

The bid document can be downloaded from 5.00 PM of 14.12.18. The last date of submission of the EOI is 24.12.2018 by 3.00 P.M.

Sd/-
Chief General Manager (Civil) I/C
IDCO, Bhubaneswar

The Odisha Small Industries Corporation Ltd.
(A Government of Odisha Undertaking))
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha
Tel No. : 0671-2343084 Fax : 0671-2341875/ 2342561
e-mail: osicltd@gmail.com , osicltd@rediffmail.com website: osicltd.in

ADVERTISMENT TO EXECUTE WORK UNDER OSIC

Ref No.412/OSIC Date:13.10.2018

Odisha Small Industries Corporation Ltd(OSIC), a profit making Sate PSU receiving/Contemplating to receive orders from Districts , Govt. Departments and State PSU s related to Rural Electrification, Procurement of different items for marketing of Govt, Departments under Consortium Marketing policy as per IPR & MSME Development Policy of Government of OdIsha.

MSMEs duly empanelled with OSIC for specific work may refer to OSIC web site and Notice Board from time to time to submit their willingness to execute different Electrification, Solar, procurement of items etc on behalf of OSIC

MANAGING DIRECTOR

PARADIP PORT TRUST

e-TENDER CALL NOTICE

Name of the work : "Water sprinkling on roads & berths from Gate No.4 to NQ-I Junction near Coal Berth via Dock Canteen area for 2019 (Zone-I)". **EMD cost : Rs.2,02,863/-.** Last Date & time of submission of Bid : **01.01.2019 upto 17:15 Hrs.** For details please refer our website https://eprocure.gov.in/eprocure/app.

Executive Engineer
Harbour Works Division No.I
PPT/PR/518/18-19, DT.13.12.2018

PARADIP PORT TRUST

CORRIGENDUM TO E-TENDER NO. EM/MM/P/IOHP-24/2018/1811TDR201 DT.09.11.18 FOR SUPPLY OF HORIZONTAL CENTRIFUGAL/VACCUM/OTHER PUMPS.

The due date of submission of Tender & opening of Technical Bid is hereby extended as below.
1. Last Date of submission of tender up to 5.00 PM of **Dt.18.12.2018.** 2. Opening of EMD Bid at 3.30 PM of **Dt.20.12.2018.**
All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.

PPT/PR/519/18-19 Date 13.12.2018
Sr. Dy. Materials Manager

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
OPTCL Lifeline of Odisha
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
Tel: 0674-2540051 (EPABX) CIN: U40102OR2004SGC007553

NOTICE INVITING TENDER (NIT)
(DOMESTIC COMPETITIVE e-BIDDING)

e-TENDER NOTICE NO.: CPC-49/2018-19 **Date: 14.12.2018**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning for 220KV SC line on DC tower from 220/33KV Grid Substation at Laxmipur to proposed RTSS Laxmipur along with 220KV feeder bay extensions at Laxmipur Grid Sub-station at an Estimated Cost of the Package for Rs.10.73 Crore on "TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL".** Complete set of bidding documents are available on **"www.tenderwizard.com/OPTCL"** portal from Dt.**(14.12.2018) / (11:00)AM** up to Dt.**(07.01.2019) / (12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/ OPTCL"** for further detail.

Note : Bidders are requested to regularly visit Official website of OPTCL / Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website / Tender Portal.

Sd/-
Chief General Manager (CPC)
e-Mail: sgm.cpc@optcl.co.in

CR Advt. No. 65/2018-19

Please connect us: optcl.odisha optcl_odisha energyodisha

କଳିଙ୍ଗ କର୍ନର

ସେହ୍ୱାଗ, ସର୍ଦ୍ଦାର ଖେଳାଳି ଅତିଥି

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଦୁଇଜଣ କିମ୍ବଦନ୍ତୀ ଖେଳାଳି ଅତିଥି ଥିଲେ। ଜର୍ମାନୀ-ବେଲଜିୟମ ପ୍ରଥମ ମ୍ୟାଚରେ ଅତିଥିଭାବେ ଯୋଗ ଦେଇଥିଲେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ ଏବଂ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂ। ବୀରେନ୍ଦ୍ରଙ୍କ ସହ ସର୍ଦ୍ଦାର ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚ୍ ଶୁଭାରମ୍ଭ କରିଥିଲେ। ସେହିଭଳି ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ ସମୟରେ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ସହ ବୀରେନ୍ଦ୍ର ଯୋଗ ଦେଇଥିଲେ। ଭାରତ-ନେଦରଲାଣ୍ଡ୍ସ ଦ୍ୱିତୀୟ ମ୍ୟାଚରେ ମଧ୍ୟ ସେହ୍ୱାଗ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଉତ୍ସାହ

ଭାରତ-ନେଦରଲାଣ୍ଡ୍ସ ମ୍ୟାଚକୁ ଉପଭୋଗ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କ ଉପସ୍ଥିତି ଖେଳାଳି ଏବଂ କର୍ମକର୍ତ୍ତାମାନଙ୍କୁ ବେଶ୍ ଉତ୍ସାହିତ ମଧ୍ୟ କରିଥିଲା। ଭାରତୀୟ ଦଳର ଆରମ୍ଭ ମଧ୍ୟ ବେଶ୍ ଭଲ ହୋଇଥିଲା। ମାତ୍ର ପରେ ନେଦରଲାଣ୍ଡ୍ସ ସଫଳ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଥିଲା।

ଭାରତୀୟ ସମର୍ଥକ ନିରାଶ

ଗୁରୁବାର ଜର୍ମାନୀ-ବେଲଜିୟମ ମ୍ୟାଚ ବେଳେ କଳିଙ୍ଗ ଷ୍ଟାଡିୟମ ଦର୍ଶକ ଗ୍ୟାଲେରି କିଛି ପରିମାଣରେ ଫାଙ୍କା ରହିଥିଲେ ହେଁ ଭାରତ-ନେଦରଲାଣ୍ଡ୍ସ ମ୍ୟାଚର କିଛି ସମୟ ପୂର୍ବରୁ ଭରି ଯାଇଥିଲା। ଭାରତୀୟ ଦଳକୁ ସମର୍ଥନ ଜଣାଇବା ପାଇଁ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ଓଡ଼ିଶା ଦର୍ଶକ। ଭାରତୀୟ ଦଳର ପ୍ରତିଟି ମୁଭ୍‌ରେ ଇଣ୍ଡିଆ ଇଣ୍ଡିଆ ଶବ୍ଦରେ ପ୍ରକମ୍ପିତ ହେଉଥିଲା ଷ୍ଟାଡିୟମ। ନର୍ଥ ଷ୍ଟାଣ୍ଡରେ ପାଖାପାଖି ୨୦ ଜଣ ନେଦରଲାଣ୍ଡ୍ସର ସମର୍ଥକ ଟିମ୍ ଜର୍ସି ରଙ୍ଗର ପୋଷାକ ପିନ୍ଧି ମ୍ୟାଚ ଉପଭୋଗ କରୁଥିବା ଦେଖା ଯାଇଥିଲା। ମାତ୍ର ମ୍ୟାଚ ଶେଷରେ ଭାରତ ପରାଜିତ ହୋଇଥିବାରୁ ଘରୋଇ ଦର୍ଶକ ମନଦୁଃଖରେ ଫେରିଥିଲେ।

ଓଲି କଲା ମନୋରଞ୍ଜନ

ଗୁରୁବାର ଅନୁଷ୍ଠିତ ୨ଟି ଯାକ ମ୍ୟାଚର ମଧ୍ୟାନ୍ତର ୧୦ ମିନିଟରେ ମାସ୍କଟ ଓଲି ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ପଡ଼ିଆ ଚାରିପାଖ ପରିକ୍ରମା କରିବା ସହ ବିଭିନ୍ନ ଗୀତର ତାଳେତାଳେ ନାଚିଥିଲା ଓଲି। ଏହି ଅବସରରେ ସେ ପ୍ରତି ଷ୍ଟାଣ୍ଡରେ ଥିବା ଦର୍ଶକଙ୍କ ଉଦ୍ଦେଶ୍ୟରେ ପାଖାପାଖି ୧୨ଟି ଜର୍ସି ଉପହାର ଦେଇଥିଲା। ବନ୍ଧୁକ ସଦୃଶ ଯନ୍ତ୍ରରେ ଜର୍ସି ରୂପକ ଗୁଳି ରହିଥିଲା। ଓଲି ଏହି ଯନ୍ତ୍ରକୁ ବ୍ୟବହାର କରି ଦର୍ଶକଙ୍କୁ ଝୁମାଇବାରେ ସକ୍ଷମ ହୋଇଥିଲା।

ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ବିଜୟ ହାସଲ ପରେ ନେଦରଲାଣ୍ଡ୍ସ ଖେଳାଳିଙ୍କ ସେଲିବ୍ରେଶନ।

ନେଦରଲାଣ୍ଡ୍ସଠାରୁ ହାରି ଭାରତର ବିଦାୟ

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)

ଘରୋଇ ପରିବେଶ ଏବଂ ଭରପୂର ଦର୍ଶକ ସମର୍ଥନ ସତ୍ତ୍ୱେ ଭାରତର ହକି ବିଶ୍ୱକପ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର ଫାଇନାଲରେ ଭାରତ ୧-୨ ଗୋଲରେ ନେଦରଲାଣ୍ଡ୍ସଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛି। ମ୍ୟାଚର ୧୨ତମ ମିନିଟରେ ଗୋଲ ସ୍କୋର କରି ଅଗ୍ରଣୀ ନେଇଥିଲେ ହେଁ ପରବର୍ତ୍ତୀ ଭାଗରେ ମୋମେଣ୍ଟମ୍‌କୁ ବଜାୟ ରଖି ନ ପାରି ଭାରତ ପରାଜୟ ସ୍ୱାଦ ଚାଖିଛି। ଫଳରେ ଦୀର୍ଘ ୪୩ ବର୍ଷ ବ୍ୟବଧାନରେ ଭାରତର ସେମିଫାଇନାଲ ପ୍ରବେଶ ଆଶା ଧୂଳିସାତ ହୋଇଛି। ଭାରତ ଶେଷଥର ପାଇଁ ୧୯୭୫ରେ ସେମିଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା ଏବଂ ଶ୍ରେଷ୍ଠ ପ୍ରଦର୍ଶନ ସହ ଚାମ୍ପିୟନ ହୋଇଥିଲା। ମାତ୍ର ଏଥର ଦଳକୁ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଭାରତ-ନେଦରଲାଣ୍ଡ୍ସ ମ୍ୟାଚ ସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ୧୫ ତାରିଖର ପ୍ରଥମ ସେମିଫାଇନାଲରେ ଇଂଲଣ୍ଡ ଓ ବେଲଜିୟମ ମଧ୍ୟରେ ମୁକାବିଲା ହେବ। ସେହିଦିନ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବ ନେଦରଲାଣ୍ଡ୍ସ।

ଘରୋଇ ପରିବେଶ ଏବଂ ଦର୍ଶକଭରା ଷ୍ଟାଡିୟମର ଦର୍ଶକଙ୍କ ସମର୍ଥନରେ ସ୍ୱାଭାବିକ ଭାବେ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ କରିଥିଲା ମନପ୍ରୀତ ସିଂଙ୍କ ଟିମ୍ ଇଣ୍ଡିଆ। ତେବେ ବିଶ୍ୱର ୪ ନମ୍ବର ଦଳ ନେଦରଲାଣ୍ଡ୍ସ ମଧ୍ୟ ଦକ୍ଷତା ଦେଖାଇଥିଲା। ପ୍ରଥମ ୧୧ ମିନିଟର ସଂଘର୍ଷ ପରେ ୧୨ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ହରମନପ୍ରୀତ ସିଂଙ୍କ ଶୁଟ୍ ସେଭ୍ ହୋଇ ଫେରିଆସିଥିବାବେଳେ ବଲ୍‌କୁ ନିଜ ନିୟନ୍ତ୍ରଣକୁ ଆଣି ତାହାକୁ ଗୋଲରେ ପରିଣତ କରିଥିଲେ ଆକାଶଦୀପ ସିଂ। ଚଳିତ ବିଶ୍ୱକପରେ ଏହା ଥିଲା ତାଙ୍କର ଦ୍ୱିତୀୟ ଓ ଓଭରଅଲ୍ ବିଶ୍ୱକପରେ ୭ମ ଗୋଲ। ତେବେ ଭାରତର ଏହି ଖୁସି ବେଶି ସମୟ ତିଷ୍ଠିପାରି ନ ଥିଲା। ପ୍ରଥମ କ୍ୱାର୍ଟର ଶେଷହେବାକୁ ଅଳ୍ପ କିଛି ସମୟ ଥିବାବେଳେ ନେଦରଲାଣ୍ଡ୍ସର ଥିଏରି ବ୍ରିଙ୍କ୍‌ମ୍ୟାନ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ନେଦରଲାଣ୍ଡ୍ସକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଖେଳାଳି ତାହାକୁ ପୋଷ୍ଟ ବାହାରେ ମାରିଥିଲେ। ୧୯ତମ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ତାହା ସେଭ୍ ହୋଇ ଯାଇଥିଲା। ସେହି ୧୯ତମ ମିନିଟରେ ଆକାଶଦୀପ ବଲ୍‌ନେଇ ନେଦରଲାଣ୍ଡ୍ସର ଡି ଏରିଆରେ ପ୍ରବେଶ କରିଥିଲେ। ଗୋଲ କରିବାର ସୁବର୍ଣ୍ଣ ସୁଯୋଗ ଥିଲେ ହେଁ ଆକାଶଦୀପ ତରବରିଆ ହୋଇ ମାରିଥିବା ଶଟ ଗୋଲପୋଷ୍ଟର ବହ୍ନୁ ଉପରେ ଚାଲି ଯାଇଥିଲା। ୪୭ତମ ମିନିଟରେ ନେଦରଲାଣ୍ଡ୍ସ ଖେଳାଳି ଗୋଲ ଦାବିକରି ଖୁସି ମନାଇଥିଲେ ହେଁ ରେଫରାଲରେ ତାହା ନାକଚ ହୋଇ ଯାଇଥିଲା। ତେବେ ୫୦ତମ ମିନିଟରେ ନେଦରଲାଣ୍ଡ୍ସର ମିଙ୍କ୍ ଭାନ ଡର ୱିର୍ଡେନ ଦେଇଥିବା ଗୋଲ ଶେଷରେ ନିର୍ଣ୍ଣାୟକ ହୋଇଥିଲା। ୫୫ତମ ମିନିଟରେ ଗୋଲ ପରିଶୋଧ ପାଇଁ ଭାରତ ନିକଟରେ ସୁବର୍ଣ୍ଣ ସୁଯୋଗ ଆସିଥିଲା। ମାତ୍ର ହରମନପ୍ରୀତ ମାରିଥିବା ଶଟ୍ ସେଭ୍ ହୋଇ ଯାଇଥିଲା। ଶେଷ ୫ ମିନିଟ ଭାରତ ବିନା ଗୋଲକିପରରେ ଖେଳିଥିଲା, ମାତ୍ର କିଛି ଲାଭ ହୋଇ ନ ଥିଲା। ୫୮ତମ ମିନିଟରେ ନେଦରଲାଣ୍ଡ୍ସ ପେନାଲ୍ଟି କର୍ନର ପାଇଥିଲା। ଭାରତ ବିନା ଗୋଲକିପରରେ ତାହାକୁ ସେଭ୍ କରିବାରେ ସକ୍ଷମ ହୋଇଥିଲା। ଭାରତ ହାରିଥିଲେ ହେଁ ପୂରା ମ୍ୟାଚରେ ଭଲ ପ୍ରଦର୍ଶନ କରିଥିବାରୁ ସୁରେନ୍ଦର କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

ପୁଣି ପ୍ରତୀକ୍ଷା

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ୧୪ତମ ସଂସ୍କରଣରେ ଘରୋଇ ଭାରତର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଯାଇଛି। ଫଳରେ ଦୀର୍ଘ ୪୩ ବର୍ଷ ବ୍ୟବଧାନରେ ଭାରତ ସେମିଫାଇନାଲରେ ପ୍ରବେଶ କରିବ ବୋଲି ଯାହା ଆଶା କରାଯାଉଥିଲା ତାହା ଅଧୁରା ରହି ଯାଇଛି। ଏବେ ଭାରତକୁ ପୁଣି ୪ ବର୍ଷ ପ୍ରତୀକ୍ଷା କରିବାକୁ ପଡ଼ିବ।

ଭାରତ ଶେଷଥର ପାଇଁ ୧୯୭୫ରେ ସେମିଫାଇନାଲରେ ପ୍ରବେଶ କରିଥିଲା। କେବଳ ସେତିକି ନୁହେଁ, ପ୍ରତିଯୋଗିତାର ଏହି ତୃତୀୟ ସଂସ୍କରଣରେ ଦଳ ଚାମ୍ପିୟନ ହୋଇ ଇତିହାସ ମଧ୍ୟ ରଚିଥିଲା। ପୂର୍ବରୁ ଭାରତ ୧୯୭୧ ପ୍ରଥମ ସଂସ୍କରଣରେ ବ୍ରୋଞ୍ଜ ଏବଂ ୧୯୭୩ ଦ୍ୱିତୀୟ ସଂସ୍କରଣରେ ରୌପ୍ୟ ପଦକ ହାସଲ କରିଥିଲା। ମାତ୍ର ଏହା ମଧ୍ୟରେ ୪୩ ବର୍ଷ ବିତିଯାଇଥିଲେ ହେଁ ଦଳ କେବେହେଲେ ଶୀର୍ଷ ୪ ସ୍ଥାନ ମଧ୍ୟରେ ରହିପାରି ନ ଥିଲା। ୧୯୭୮ ଲିଗ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଦଳକୁ କ୍ଲାସିଫିକେଶନ ମ୍ୟାଚ ଖେଳିବାକୁ ପଡ଼ିଥିଲା ୫-୬ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ସ୍ପେନଠାରୁ ୦-୨ ଗୋଲରେ ହାରି ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ୧୯୮୨ ବିଶ୍ୱକପ ବମ୍ବେର ଘରୋଇ ପରିବେଶରେ ଆୟୋଜନ ହୋଇଥିଲେ ମଧ୍ୟ ଅନୁରୂପ ପ୍ରଦର୍ଶନ ଯୋଗୁ ଦଳକୁ ୫-୬ ପୋଜିଶନରେ ମ୍ୟାଚ ଖେଳିବାକୁ ପଡ଼ିଥିଲା। ମାତ୍ର ଏଥିରେ ସୋଭିଏଟ୍ ୟୁନିୟନକୁ ୫-୧ ଗୋଲରେ ହରାଇ ଦଳ ୫ମ ସ୍ଥାନ ହାସଲ କରିଥିଲା। ୧୯୮୬ ବିଶ୍ୱକପରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ୧୨ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଦଳ ସର୍ବନିମ୍ନ ୧୨ତମ ସ୍ଥାନରେ ରହିଥିଲା। ୧୯୯୦ ବିଶ୍ୱକପରେ ଦଳକୁ ୧୦ମ ସ୍ଥାନ ମିଳିଥିଲା। ଲିଗ୍ ପର୍ଯ୍ୟାୟ ଓ କ୍ରସ୍ ଓଭର ପରେ ୯-୧୦ ପ୍ଲେସିଂ ମ୍ୟାଚରେ ଦଳ ଆର୍ଜେଣ୍ଟିନାଠାରୁ ୦-୧ ଗୋଲରେ ହାରିଯାଇଥିଲା। ୧୯୯୪ ବିଶ୍ୱକପରେ ଦଳର ପ୍ରଦର୍ଶନ ପୂର୍ବ ୪ ସଂସ୍କରଣ ତୁଳନାରେ ଅପେକ୍ଷାକୃତ ଉନ୍ନତ ଥିଲା। ଲିଗ୍ ପର୍ଯ୍ୟାୟରେ ଭଲ ଖେଳିଥିଲେ ହେଁ ସେମିଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିବା ଭାରତୀୟ ଦଳ ପ୍ଲେସିଂ ପାଇଁ କ୍ରସ୍ ଓଭରରେ ଇଂଲଣ୍ଡକୁ ୧-୦ ଗୋଲରେ ହରାଇ ୫ମ ସ୍ଥାନ ଦଖଲ କରିଥିଲା। ୧୯୯୮ ବିଶ୍ୱକପରେ କିନ୍ତୁ ଦଳ ସେହି ପ୍ରଦର୍ଶନ ବଜାୟ ରଖିପାରି ନ ଥିଲା। ଲିଗ୍ ଓ କ୍ରସ୍ ଓଭରପରେ ୯-୧୦ମ ସ୍ଥାନ ପାଇଁ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଫଳରେ ଦଳ ୯ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ୨୦୦୨ ବିଶ୍ୱକପରେ ମଧ୍ୟ ଦଳର ପ୍ରଦର୍ଶନ ଆଶାନୁରୂପ ରହି ନ ଥିଲା। ପ୍ଲେସିଂ ମ୍ୟାଚରେ ନ୍ୟୁଜିଲାଣ୍ଡଠାର ୧-୨ ଗୋଲରେ ହାରି ଦଳ ୧୦ମ ସ୍ଥାନ ପାଇଥିଲା। ୨୦୦୬ ବିଶ୍ୱକପରେ ୧୧ତମ ସ୍ଥାନ ପାଇବାପରେ ୨୦୧୦ ନୂଆଦିଲ୍ଲୀ ବିଶ୍ୱକପରେ ଘରୋଇ ପରିବେଶରେ ଦଳ ସାମାନ୍ୟ ଉନ୍ନତ ପ୍ରଦର୍ଶନ ଦେଇଥିଲା। ମାତ୍ର ତାହା ସେମିଫାଇନାଲରେ ପ୍ରବେଶ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଲିଗ୍ ପର୍ଯ୍ୟାୟ ପରେ ଦଳକୁ କ୍ଲାସିଫିକେଶନ ମ୍ୟାଚ ଖେଳିବାକୁ ପଡ଼ିଥିଲା। ୭-୮ ପ୍ଲେସିଂ ମ୍ୟାଚରେ ଦଳ ଆର୍ଜେଣ୍ଟିନାଠାରୁ ୨-୪ ଗୋଲରେ ହାରି ୮ମ ସ୍ଥାନ ପାଇଥିଲା। ୨୦୧୪ ବିଶ୍ୱକପରେ ମଧ୍ୟ ଦଳର ପ୍ରଦର୍ଶନ ଅନୁରୂପ ରହିଥିଲା।

ପରାଜୟ ପରେ ଦୁଃଖରେ ମ୍ରିୟମାଣ ଭାରତୀୟ ଖେଳାଳି।

'ପାକିସ୍ତାନରେ ହକି ମୃତ ପ୍ରାୟ ଅବସ୍ଥାରେ'

ଭୁବନେଶ୍ୱର, ୧୩।୧୨(ପି.ଟି.)

ହକିରେ ପାକିସ୍ତାନ ପୂର୍ବ ଗୌରବ ଫେରିପାଇବା ପାଇଁ ସଂଘର୍ଷ କରୁଥିବା ବେଳେ ଏସିଆନ ହକି ଫେଡେରେଶନ (ଏଏଚ୍‌ଏଫ୍) ମୁଖ୍ୟ କାର୍ଯ୍ୟନିର୍ବାହୀ ତାୟାବ ଇକ୍ରାମ ଏ ନେଇ ଚିନ୍ତା ପ୍ରକଟ କରିଛନ୍ତି। ପାକିସ୍ତାନରେ ହକି ଏବେ ମୃତ ପ୍ରାୟ ଅବସ୍ଥାରେ ରହିଛି ବୋଲି ସେ ମତ ଦେଇଛନ୍ତି। ପାକିସ୍ତାନରେ ରାଜନୈତିକ, ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥାରେ ଅସ୍ଥିରତା ଲାଗି ରହିଥିବାରୁ ହକିର ପୁନରୁତ୍ଥାନ ହେବା କଷ୍ଟକର ବୋଲି ସେ କହିଛନ୍ତି। ଇକ୍ରାମ ଜଣେ ପାକିସ୍ତାନ ନାଗରିକ ହୋଇଥିଲେ ମଧ୍ୟ ଏବେ ସେ ହଂକଂରେ ରହୁଛନ୍ତି।

ଦୀର୍ଘ ବର୍ଷ ହେବ ପାକିସ୍ତାନରେ ଆନ୍ତର୍ଜାତିକ ହକି ଖେଳାଯାଉନାହିଁ। ପୁଣି ଏହି ଦେଶରେ ହକିକୁ ମଧ୍ୟ ପୂର୍ବ ଭଳି ଗୁରୁତ୍ୱ ଦିଆଯାଉନାହିଁ। ପୂର୍ବରୁ ପାକିସ୍ତାନ ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫିରେ ଏକାଧିକ ବାର ଟାଇଟଲ ହାସଲ କରିଥିଲା। ତେବେ ହକିରେ ସେତେବେଳର ଚମକ ଏବେ ଦେଖିବାକୁ ମିଳୁନାହିଁ। ସେତେବେଳେ ହକିକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଥିଲା। ଏବେ କିନ୍ତୁ କଥା ଅଲଗା ହୋଇଛି । ଏବେ ପାକିସ୍ତାନରେ ହକି ପ୍ରାୟ ମୃତ ବୋଲି କହିଲେ ଭୁଲ ହେବ ନାହିଁ ବୋଲି ସେ କହିଛନ୍ତି। ପାକିସ୍ତାନରେ ପୁଣି ଥରେ ଆନ୍ତର୍ଜାତିକ ହକି ମ୍ୟାଚ୍ ଖେଳାଯିବା ନେଇ ପ୍ରଶଂସକ ଆଶା କରି ରହିଛନ୍ତି।

ପାକିସ୍ତାନରେ ପୁଣି ଥରେ ହକିର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ଏଏଚ୍‌ଏଫ୍ ପ୍ରାଧାନ୍ୟ ଦେଉଛି। ଭାରତର ଉଦାହରଣ ଦେଇ ସେ କହିଛନ୍ତି ଯେ, ପାକିସ୍ତାନରେ ମଧ୍ୟ ହକିର ଉନ୍ନତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ୍।

ଭାରତ-ପାକିସ୍ତାନ ହକି ପ୍ରତିଦ୍ୱନ୍ଦ୍ୱିତାକୁ ପୁଣି ଥରେ ଉଜ୍ଜୀବିତ କରିବା ପାଇଁ ଉଭୟ ଦେଶ ତରଫରୁ ପ୍ରୟାସ ଆରମ୍ଭ ହେବା ଉଚିତ୍ ଓ ଏହା ବିଶ୍ୱ ହକି ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି।

ପରାଜୟ ପରେ ଭାରତୀୟ ଦର୍ଶକ ଭାଙ୍ଗିପଡ଼ିଛନ୍ତି।

ହକି ସହ ନୂଆ ଦେଶ ଯୋଡ଼ିବ ଏଫ୍‌ଆଇଏଚ୍

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ହକିର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ହକି ଯେଉଁଠି ଲୋକପ୍ରିୟତା ଅର୍ଜନ କରିଛି ସେଠାରେ ଯେପରି ତାହା ବଜାୟ ରହିବ ତାକୁ ଦେଖିବା ସହ ଏହି ଗେମ୍ ସହ ନୂଆ ଦେଶକୁ ଯୋଡ଼ାଯିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ଅନେକ ସମୟରେ ଦେଖାଯାଉଛି ଯେ, କେତେକ ଦେଶ ହକି ପ୍ରତି ଆକୃଷ୍ଟ ହେଉଛନ୍ତି, ମାତ୍ର କିଛି ବର୍ଷ ପରେ ସେଠାରେ ଆଉ ହକି ଦେଖିବାକୁ ମିଳୁନାହିଁ। ଆଗାମୀ ଦିନରେ ତାହାର ଯେପରି ପୁନରାବୃତ୍ତି ନ ହେବ ଏବଂ ସେହି ଦେଶ ଗୁଡ଼ିକରେ ଯେପରି ହକିର ସ୍ଥିତି ବଜାୟ ରହିପାରିବ ତାହା ଉପରେ ମଧ୍ୟ ଏଫ୍‌ଆଇଏଚ୍ ଗୁରୁତ୍ୱାରୋପ କରୁଛି ବୋଲି କଳିଙ୍ଗ ଷ୍ଟାଡିୟମ କନ୍‌ଫରେନ୍ସ ହଲ୍‌ରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଏଫ୍‌ଆଇଏଚ୍ କାର୍ଯ୍ୟକାରିଣୀ ସଦସ୍ୟ ତଥା ଏସିଆନ ହକି ଫେଡେରେଶନ ମୁଖ୍ୟ କାର୍ଯ୍ୟନିର୍ବାହୀ ତୟାବ ଇକରାମ ଏବଂ ହକି ଫାଉଣ୍ଡେଶନ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ମାଇକ୍ ଜୋୟସ। ହକି ଯେପରି ବିଶ୍ୱର ଅଧିକରୁ ଅଧିକ ଦେଶରେ ଖେଳାଯାଇପାରିବ ତା ଉପରେ ଧ୍ୟାନ ଦିଆଯାଉଛି ବୋଲି ଏଫଆଇଏଚ୍ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଗତ ନଭେମ୍ବର ପ୍ରଥମ ଭାଗରେ ଅନୁଷ୍ଠିତ ଏଫ୍‌ଆଇଏଚ୍ କଂଗ୍ରେସରେ 'ହକି ୨୦୨୪' ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଛି। ଏହାର ଅଂଶବିଶେଷଭାବେ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି। ପାକିସ୍ତାନରେ ହକି ଏବେ ସ୍ଥାଣୁ ଅବସ୍ଥାକୁ ଚାଲି ଆସିଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପରେ ପାକିସ୍ତାନ ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିଥିଲା। ବିଶ୍ୱକପ ଇତିହାସରେ ପାକିସ୍ତାନ ସର୍ବାଧିକ ସଫଳ ଦଳ ବିବେଚିତ ହେଉଥିଲେ ହେଁ ଏଥର ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏହାକୁ ନେଇ ଏଫ୍‌ଆଇଏଚ୍ କର୍ମକର୍ତ୍ତାମାନେ ଚିନ୍ତା ମଧ୍ୟ ପ୍ରକଟ କରିଛନ୍ତି। ସେଠାରେ ଦେଶ ପକ୍ଷରୁ ହକିର ଉନ୍ନତି ପାଇଁ ବିଶେଷ କିଛି ପଦକ୍ଷେପ ନିଆ ଯାଉନାହିଁ। ଏଫ୍‌ଆଇଏଚ୍ ଏ ସମ୍ପର୍କରେ ଅବଗତ ଅଛି, ସେଠାରେ ହକି କିପରି ପୁଣି ଲୋକପ୍ରିୟତା ଲାଭ କରିପାରିବ ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

ଦୁଇ ଭାରତୀୟ ସମର୍ଥକ।

ଇତିହାସ ରଚିଲା ବେଲଜିୟମ

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ ବେଲଜିୟମ ପାଇଁ ସ୍ମରଣୀୟ ହୋଇଛି। ପ୍ରଥମଥର ପାଇଁ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି ଏହି ଦଳ। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଉତ୍ସାହୀ ପ୍ରଦର୍ଶନ କରି ଆସିଥିବା ବେଲଜିୟମ ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଜର୍ମାନୀକୁ ୨-୧ ଗୋଲରେ ହରାଇ ଏହାର ବିଶ୍ୱକପ୍ ଇତିହାସରେ ନୂଆ ଅଧ୍ୟାୟ ସଂଯୋଗ କରିଛି। ପୂର୍ବରୁ ବେଲଜିୟମ କେବେହେଲେ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିପାରି ନ ଥିଲା। ଗତ ୨୦୧୪ ଅଲିମ୍ପିକ୍ସରେ ଦଳ ସର୍ବାଧିକ ୫ମ ସ୍ଥାନ ପାଇଥିଲା। ଅନ୍ୟପକ୍ଷରେ ୨ଥର ସ୍ୱର୍ଣ୍ଣ ଏବଂ ୨ ଥର ରୌପ୍ୟ ପଦକ ବିଜେତା ଜର୍ମାନୀର ଅଭିଯାନ ଏଥର କ୍ୱାର୍ଟର ଫାଇନାଲରୁ ଶେଷ ହୋଇ ଯାଇଛି। ୨୦୦୨ ଓ ୨୦୦୬ରେ ସ୍ୱର୍ଣ୍ଣ ଏବଂ ୧୯୮୨ ଓ ୨୦୧୦ରେ ରୌପ୍ୟ ପଦକ ଜିତିଥିବା ଜର୍ମାନୀ ଏଥର ବେଲଜିୟମ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛି। ୧୫ତାରିଖ ପ୍ରଥମ ସେମିଫାଇନାଲରେ ବେଲଜିୟମ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ।

ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ଖେଳାଳିଙ୍କ ସହ ପରିଚିତ ହେବାପରେ ମ୍ୟାଚ ଆରମ୍ଭ ହୋଇଥିଲା। ଶେଷରେ ସେହ୍ୱାଗଙ୍କ ସହ ବିଧାୟକ ଦେବାଶିଷ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ବେଲଜିୟମ ଦଳର ୪ ନମ୍ବର ଜର୍ସି ପରିହିତ ଆର୍ଥର ଭାନ୍ ଡୋରେନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱର ୫ ନମ୍ବର ଦଳ ଜର୍ମାନୀ ଓ ୩ ନମ୍ବର ବେଲଜିୟମ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ତୁଳନାତ୍ମକଭାବେ ବେଲଜିୟମ ଅଧିକ ସୁଯୋଗ ସୃଷ୍ଟିକରି ଫାଇଦାରେ ରହିଥିଲା। ଆକ୍ରମଣାତ୍ମକ ରଣନୀତିରେ ଖେଳ ଆରମ୍ଭ କରିଥିବା ବେଲଜିୟମକୁ ୭ମ ମିନିଟରେ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଦଳ ତାହାର ସଦୁପଯୋଗ କରିପାରି ନ ଥିଲା। ଅନ୍ୟପକ୍ଷରେ ୧୪ତମ ମିନିଟରେ ଡିଏଟର ଲିନେକୋଗେଲ

ପୂର୍ବତନ ଚାମ୍ପିୟନ ଜର୍ମାନୀର ବିଦାୟ

ବିଜୟ ହାସଲ ପରେ ଖୁସି ମନାଉଛନ୍ତି ବେଲଜିୟମ ଖେଳାଳି।

ଏକ ଫିଲ୍ଡ ଗୋଲ ଦେଇ ଜର୍ମାନୀକୁ ଅଗ୍ରଣୀ କରିବା ସହ ମ୍ୟାଚରେ ଉଷ୍ମତା ଭରିଥିଲେ। ପ୍ରଥମ କ୍ୱାର୍ଟର ଶେଷ ହ୍ୱିସିଲ ବାଜିବାର କିଛି କ୍ଷଣ ପୂର୍ବରୁ ବେଲଜିୟମ ନିକଟରେ ଗୋଲ ପରିଶୋଧ ପାଇଁ ସୁବର୍ଣ୍ଣ ସୁଯୋଗ ମିଳିଥିଲା। ଦଳକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହା ଲଗାତର ୩ଟି ପେନାଲ୍ଟି କର୍ନରରେ ପରିଣତ ହୋଇଥିଲା। ମାତ୍ର ଜର୍ମାନୀ ଗୋଲକିପର ଟୋବିୟାସ ୱାଲ୍ଟର ଚମତ୍କାର ସେଭ୍ କରି ବେଲଜିୟମ ଆଶାରେ ପାଣି ଭରି ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ବେଲଜିୟମ ଆକ୍ରମଣ ରଣନୀତିକୁ ଅଧିକ ତୀବ୍ର କରିଥିଲା। ଜର୍ମାନୀ ଡିଫେନ୍ସରେ ତ୍ରୁଟି ଯୋଗୁ ଏହି କ୍ୱାର୍ଟରରେ ମଧ୍ୟ ବେଲଜିୟମକୁ ୩ଟି ପେନାଲ୍ଟି କର୍ନର ମିଳିଥିଲା। ୧୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ୨୨ତମ ମିନିଟରେ ଦଳକୁ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ତାହାର ସଦୁପଯୋଗ ହୋଇପାରି ନ ଥିଲା।

ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକଭାବେ ଉତ୍ତେଜନାପୂର୍ଣ୍ଣ ରହିଥିଲା। ଜର୍ମାନୀ ଅଗ୍ରଣୀ ନେବାପାଇଁ ପୁରା ଦମ୍ ଲଗାଇ ଦେଇଥିଲେ ହେଁ ବେଲଜିୟମ ଖେଳାଳିଙ୍କ ସତର୍କତା ଯୋଗୁ ଗୋଟିଏ ହେଲେ ପେନାଲ୍ଟିକର୍ନର ସୁଯୋଗ ସୃଷ୍ଟିକରିପାରି ନ ଥିଲା। ଅନ୍ୟପକ୍ଷରେ ଏହି କ୍ୱାର୍ଟରରେ ମଧ୍ୟ ବେଲଜିୟମ ୨ଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ୩୭ତମ ମିନିଟରେ ବେଲଜିୟମ ଖେଳାଳିଙ୍କ ଶଟ୍‌କୁ ଜର୍ମାନୀ ଗୋଲକିପର ୱାଲ୍ଟର ସେଭ୍ କରି ଦେଇଥିବାବେଳେ ୪୩ତମ ମିନିଟରେ ଦୁର୍ବଳ ଶଟ୍ ଗୋଲକିପରଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଲଢ଼େଇ ଅଧିକ ଜୋରଦାର ହୋଇଥିଲା। ଉଭୟ ଦଳ ଗୋଲ ଦେଇ ଅଗ୍ରଣୀ ପାଇଁ ଉଦ୍ୟମରେ ଥିବାବେଳେ ୫୦ତମ ମିନିଟରେ ଟମ୍ ବ୍ରୁନ୍‌ଙ୍କ ଫିଲ୍ଡ ଗୋଲ ବେଲଜିୟମକୁ ଅଗ୍ରଣୀ କରାଇଥିଲା। ଅବଶିଷ୍ଟ ୧୦ ମିନିଟରେ ଜର୍ମାନୀ ଘନଘନ ଆକ୍ରମଣ କରିଥିଲା। ଶେଷ ୫ ମିନିଟରେ ଗୋଲକିପରଙ୍କୁ କାଢ଼ି ଦଳ ୧୧ ଜଣ ଖେଳାଳିଙ୍କୁ ନେଇ ଗୋଲ ପରିଶୋଧ ଉଦ୍ୟମ କରିଥିଲା। ମାତ୍ର ଇତିହାସ ସୃଷ୍ଟିର ଦ୍ୱାରଦେଶରେ ପହଞ୍ଚି ଯାଇଥିବା ବେଲଜିୟମ କୌଣସି ପରିସ୍ଥିତିରେ ବାଟ ଛାଡ଼ି ନ ଥିଲା। ଶେଷ ୧୦ ମିନିଟର ଖେଳରେ ବଲ୍ ପ୍ରାୟତଃ ବେଲଜିୟମ ହାଫ୍‌ରେ ରହିଥିଲେ ହେଁ ଦଳର ଖେଳାଳିମାନେ କୌଣସି ପ୍ରକାରେ ଜର୍ମାନୀର ଆକ୍ରମଣକୁ ପ୍ରତିହତ କରିବାକୁ ସକ୍ଷମ ହୋଇଥିଲେ। ଶେଷ ହ୍ୱିସିଲ ବାଜିବା କ୍ଷଣି ବେଲଜିୟମ ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଜଣକ ପରେ ଜଣେ ଖେଳାଳି ଆସି ଗୋଲକିପର ଭିନସେଣ୍ଟ ଭାନାସ୍କଙ୍କ ଉପରକୁ କୁଦି ପଡ଼ିଥିଲେ। ଭିନସେଣ୍ଟ ମଧ୍ୟ ଖୁସିରେ ସମସ୍ତଙ୍କୁ ଚେକି ଧରୁଥିଲେ।

ବଲ୍ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଜର୍ମାନୀକୁ ପଛରେ ପକାଇ ଦେଇଥିଲା ବେଲଜିୟମ। ବଲ୍ ୫୫.୫୦ ପ୍ରତିଶତ ବେଲଜିୟମ ନିୟନ୍ତ୍ରଣରେ ରହିଥିବାବେଳେ ଜର୍ମାନୀ ୪୪.୫୦ ପ୍ରତିଶତ ନିଜ ପାଖରେ ରଖିବାରେ ସକ୍ଷମ ହୋଇଥିଲା। ଜର୍ମାନୀ ୫ଥର ଶୁଟ୍ କରିଥିବାସ୍ଥଳେ ବେଲଜିୟମ ୧୦ ଥର ପ୍ରତିପକ୍ଷ ଗୋଲପୋଷ୍ଟକୁ ବଲ୍ ଶୁଟ୍ କରିଥିଲା। ତେବେ ସର୍କଲ ଏଣ୍ଟ୍ରିରେ ଜର୍ମାନୀ ଆଗରେ ରହିଥିଲା। ବେଲଜିୟମର ୨୦ ତୁଳନାରେ ଜର୍ମାନୀ ୨୧ଥର ପ୍ରତିପକ୍ଷ ଦଳର ସର୍କଲ ଏଣ୍ଟ୍ରି କରିଥିଲା। ଜର୍ମାନୀ ଆଦୌ ପେନାଲ୍ଟି କର୍ନର ପାଇ ନ ଥିବାବେଳେ ବେଲଜିୟମ ୯ଟି ପେନାଲ୍ଟି କର୍ନର ପାଇ ସେଥିରୁ ଗୋଟିଏକୁ ଗୋଲରେ ପରିଣତ କରିପାରିଥିଲା। ମ୍ୟାଚରେ ଏକମାତ୍ର ଗ୍ରୀନ୍ କାର୍ଡ ପାଇଥିଲେ ବେଲଜିୟମର ସେବାଷ୍ଟିଆନ ଡୋକେର।

ରିଲିଭ୍ ପରେ କ୍ୱାର୍ଟର୍ସ ଛାଡୁନାହାନ୍ତି ପୋଲିସ ବାବୁ

ଜଗତ୍‌ସିଂହପୁର ଅଫିସ, ୧୩।୧୨

ମାସାଧିକ କାଳ ହେବ ଜଗତ୍‌ସିଂହପୁର ଜିଲାର ଜଣେ ପୋଲିସ ଅଧିକାରୀଙ୍କ ବଦଳି ହୋଇଛି । କିନ୍ତୁ ସେ ଷ୍ଟେଶନ ଛାଡୁନାହାନ୍ତି । ନାନା ବାହାନା ନେଇ ଛୁଟିରେ ରହିଛନ୍ତି । ବଦଳି ପରେ ରିଲିଭ୍ ହେବାକୁ ରାଜି ନ ଥିଲେ । କୌଣସିମତେ ବଦଳି ବାତିଲ ପାଇଁ ଉପର ମୁଣ୍ଡରେ ଲବି କରିଥିଲେ । କିନ୍ତୁ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଜନ ଅସନ୍ତୋଷ ତୀବ୍ର ଥିବାରୁ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏ ପରିସ୍ଥିତିରେ ଏସ୍‌ପି ତାଙ୍କୁ ତୁରନ୍ତ ରିଲିଭ୍ ହେବାକୁ କହିଥିଲେ । ପରିସ୍ଥିତି ଦେଖି ସେ ଆଗୁଆ ଏସ୍‌ପିଙ୍କୁ ସୂଚନା ନ ଦେଇ ବାହାନା ନେଇ ଛୁଟିରେ ରହି ଯାଇଥିଲେ । କିନ୍ତୁ ସମ୍ପୃକ୍ତ ଅଧିକାରୀ ବାଙ୍ଗାଲୋର ସମେତ ଅନ୍ୟ ସ୍ଥାନକୁ ବୁଲି ଯାଇଥିବା ଚର୍ଚ୍ଚା ହୋଇଥିଲା । ଏପରି କି ଜଣେ ମହିଳା ପୋଲିସ କର୍ମଚାରୀ ମଧ୍ୟ ତାଙ୍କ ସହ ଯାଇଥିଲେ ବୋଲି କୁହାଯାଉଥିଲା । ଏହି ପ୍ରସଙ୍ଗକୁ ନେଇ ନାନା କଥା ହାଟରେ ପଡ଼ି ଦାଣ୍ଡରେ ଗଡିଥିଲା । ପରେ ସମ୍ପୃକ୍ତ ଅଧିକାରୀ ରିଲିଭ୍ ହୋଇଛନ୍ତି ସତ । କିନ୍ତୁ କ୍ୱାର୍ଟର୍ସ ନ ଛାଡି ଷ୍ଟେସନ୍‌ରେ ଉପସ୍ଥିତ ଅଛନ୍ତି । ନୂଆ ସ୍ଥାନକୁ ଯିବାରେ କାହିଁକି ବିଳମ୍ବ କରୁଛନ୍ତି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି । ସେହିପରି ତାଙ୍କ ସ୍ଥାନରେ ଆସିବାକୁ ଥିବା ଅଧିକାରୀ କାହିଁକି କାର୍ଯ୍ୟରେ ଯୋଗ ଦେବାରେ ବିଳମ୍ବ କରୁଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଦୁନିଆରେ ଯେତେ ପ୍ରକାର ଭୟ ରହିଛି,
ବଦନାମ ହେଉଛି ସବୁଠାରୁ ବଡ଼ ଭୟ।
- ଚାଣକ୍ୟ

ସଂକ୍ଷେପରେ

ଘରେ କଳାକନା ବୁଲାଇଲେ ଚୋର: ଲକ୍ଷାଧିକ ଟଙ୍କା, ସୁନା ଲୁଟ୍

ରସୁଲପୁର,୧୩।୧୨(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ବରାଂଶ ଗ୍ରାମର ଅମୂଲ୍ୟ ଗୁରୁଙ୍କ ଘରୁ ଗୁରୁବାର ସକାଳ ସାଢେ ୧୦ଟାରୁ ମଧ୍ୟାହ୍ନ ୧୨ ମଧ୍ୟରେ ଏକ ବଡ ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରମାନେ ଘର ତାଲା ଭାଙ୍ଗି ନଗଦ ୧.୧୦ଲକ୍ଷ ଓ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା ଚୋରି କରି ନେଇଥିବା ଅମୂଲ୍ୟଙ୍କ ସ୍ତ୍ରୀ ଅଳକା କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଚୋରିରେ ସ୍ଥାନୀୟ ଲୋକଙ୍କର ସମ୍ପୃକ୍ତି ରହିଥିବା ଥାନା ଅଧିକାରୀ ଆଶିଷ ସାହୁ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛନ୍ତି। ଶୁକ୍ରବାର ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯିବା ପାଇଁ ଘରକୁ ପୋଲିସ ପକ୍ଷରୁ ସିଲ କରି ଦିଆଯାଇଛି। ଅମୂଲ୍ୟଙ୍କ ପରିବାର ଲୋକେ ଗୁରୁବାର ସକାଳେ ପୈତୃକ ଘର ମୁଗୁପାଳ ଗୁରୁସାହିକୁ ଯାଇଥିଲେ। ସେମାନେ ଘର ଛାଡିବା ପରେ ଚୋରମାନେ ତାଲା ଭାଙ୍ଗି ଘରେ କଳାକନା ବୁଲାଇ ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ଥାନାଧିକାରୀ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ. ୧୯୯/୧୮) ରୁଜୁ କରାଯାଇଛି।

ବାଲି ବୋଝେଇ ଟ୍ରାକ୍ଟର ଜବତ, ଜରିମାନା ଆଦାୟ

ରସୁଲପୁର,୧୩।୧୨(ଡିଏନଏ): ରସୁଲପୁର ତହସିଲଦାର ସରୋଜ କୁମାର ପଣ୍ଡା ବୁଧବାର ୬୪ହଜାର ଟଙ୍କା ଜୋରିମାନା ଆଦାୟ କରିଥିବା ବେଳେ ଗୁରୁବାର ପୁଣି ଚୋରା ବାଲି ବ୍ୟବସାୟୀଙ୍କଠାରୁ ୩୦ହଜାର ଟଙ୍କା ଆଦାୟ କରିଛନ୍ତି। ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି କାଗଜପତ୍ର ଯାଞ୍ଚ କରିବା ପରେ ଯାହା କିଛି ନିଷ୍ପତ୍ତି ଶୁକ୍ରବାର ନିଆଯିବ। ଏଥିସହ କଲଣଘାଟରୁ ବେଆଇନ ଭାବେ ବାଲି ବୋହି ରାସ୍ତା ନିର୍ମାଣ କରାଯାଉଛି। ପୋଲ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ତହସିଲର ବିନା ଅନୁମତିରେ ବ୍ରାହ୍ମଣୀ ନଦୀ ବାଲିକୁ ବ୍ୟବହାର କରୁଛି। ଏ ନେଇ ସୂଚନା ମିଳିବା କ୍ଷଣି ତହସିଲଦାର ସମ୍ପୃକ୍ତ ଠିକାଦାରଙ୍କୁ ଡକାଇଛନ୍ତି। ସେମାନଙ୍କଠାରୁ ରସିଦ୍ କାଟାଯାଇ ବାଲି ଉଠାଇବା ଦିଗରେ ଅନୁମତି ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

ସତ୍ୟସାଇ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲରେ ସ୍କାନ୍-ଭୁବନେଶ୍ୱର

ରସୁଲପୁର,୧୩।୧୨(ଡିଏନଏ): ଯାଜପୁର ବ୍ଲକ ଅନ୍ତର୍ଗତ ଝାଲପଡା ପଞ୍ଚାୟତରେ ଆୟୋଜିତ ସତ୍ୟସାଇ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସ୍କାନ-ଭୁବନେଶ୍ୱର ଦଳ ଯାଜପୁରର ଇଲେଭେନ ଷ୍ଟାରକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ସ୍କାନ ଟସ୍ ଜିତି ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ପଡିଆକୁ ଓହ୍ଲାଇଥିବା ଇଲେଭେନ ଷ୍ଟାର ଦଳ ନିର୍ଦ୍ଧାରିତ ୨୦ଓଭରରେ ୯ ୱିକେଟ ବିନିମୟରେ ୧୫୯ରନ୍ ସଂଗ୍ରହ କରିଥିଲା। ଜବାବରେ ସ୍କାନ- ଭୁବନେଶ୍ୱର ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ପକ୍ଷରୁ ଆଲୋକ ସେଠୀ ୬୧ ରନ୍ ଓ ସମ୍ବିତ ବରାଳ ୪୦ ରନ୍ ସହାୟତାରେ ଦଳ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ମ୍ୟାଚ୍ ଶେଷ ବେଳକୁ ଦଳ ୭ଟି ଉଇକେଟ୍ ହରାଇ ଥିଲା। ଶୁକ୍ରବାର ଦ୍ୱିତୀୟ ସେମିଫାଇନ ମ୍ୟାଚ୍ କେନ୍ଦୁଝର ବନାମ ସହିଦ୍ ସ୍ପୋର୍ଟିଂ-ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ମିଳିଛି।

ଦୁର୍ଘଟଣାରେ ଯୁବକ ଗୁରୁତର

ବିଞ୍ଝାରପୁର,୧୩।୧୨(ଡି.ଏନ.ଏ): ଯାଜପୁର-ସିଂହପୁର ମୁଖ୍ୟରାସ୍ତାର ବାଲମୁକୁଳି ନିକଟରେ ପୂର୍ତ୍ତବିଭାଗ ଅଧୀନରେ ନିର୍ମାଣାଧୀନ ପୋଲ ନିକଟରେ ଗୁରୁବାର ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଗୁରୁବାର ସନ୍ଧ୍ୟାରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ଗ୍ରାମ ପଞ୍ଚାୟତ ଗୌଡସାହି ଗ୍ରାମର ସନାତନ ମିଶ୍ର (୪୨) ବାଲମୁକୁଳି ହାଟରୁ ଘରକୁ ବାଇକ ଯୋଗେ ଫେରୁଥିବା ବେଳେ ଉକ୍ତ ନିର୍ମାଣାଧିନ ପୋଲ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଥିବା ମିକ୍ସଚର ମେଶିନ ସହ ବାଡେଇ ହୋଇଯାଇଥିଲେ। ଦୁର୍ଘଟଣାରେ ବାଇକ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା ବେଳେ ସନାତନ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ହେଲେ ସନାତନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା।

■ ହରିଦାସପୁରରେ ଜବତ ଲୁହାପଥର ମାମଲା

୭ବର୍ଷ ପରେ ବେଆଇନ କାରବାର ଆଇନସମ୍ମତ

■ ଗଚ୍ଛିତ ଲୁହାପଥର ୭ ବର୍ଷ ପରେ ହେଲା ସ୍ଥାନାନ୍ତର
■ ୟାଜ୍‌ଦାନିକୁ କ୍ଲିନ୍‌ଚିଟ ଦେଇଛି ଖଣି ବିଭାଗ
■ ଖଣି ମାଫିଆଙ୍କୁ ସୁରକ୍ଷା ଦେବାକୁ ସାଂଘାତିକ ଷଡ଼ଯନ୍ତ୍ର

ଯାଜପୁର ଅଫିସ,୧୩।୧୨

ଯୋଡ଼ା ଖଣି ଅଞ୍ଚଳରୁ ୫୯,୨୦୩ କୋଟି ଟଙ୍କାର ଲୁହାପଥର ଓ ମାଙ୍ଗାନିଜ୍ ଅଧିକ ଉତ୍ତୋଳନ କରି ଚୋରାଚାଲାଣ କରାଯାଇଥିବା ଶାହା କମିଶନ ରିପୋର୍ଟରୁ ଜଣାପଡ଼ିଥିଲା । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶାହା କମିଶନଙ୍କ ଚଢ଼ାଉ ଭୟରେ ସେତେବେଳେ ମାଫିଆମାନେ କୋଟି କୋଟି ଟଙ୍କାର ଲୁହାପଥର ଲୁଚାଇ ରଖିଥିଲେ। ଏହିକ୍ରମରେ ୧୧।୫।୨୦୧୧ରେ ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାସପୁରରେ ଭିଜିଲାନ୍ସ ଓ ଖଣି ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ଜବତ ଲୁହାପଥର ଗୁରୁବାର ଅନ୍ୟତ୍ର ସ୍ଥାନାନ୍ତରଣ ହୋଇଛି। ୟାଜ୍‌ଦାନି କମ୍ପାନୀ ପକ୍ଷରୁ ଜେସିବି ମେଶିନ ସାହାଯ୍ୟରେ ପ୍ରାୟ ୨୦ ଟ୍ରିପ୍ ଲୁହାପଥର ପରିବହନ ହୋଇଥିବା ସୂଚନା ମିଳିଛି। ସେତେବେଳେ ଏହା ବେଆଇନ ଥିବାବେଳେ ଏବେ କିପରି ଆଇନସମ୍ମତ ପାଲଟିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେଉଁ ଆଧାରରେ ଜବତ ହୋଇଥିବା ଚୋରା ଲୁହାପଥର ୟାଜ୍‌ଦାନି କମ୍ପାନୀକୁ ଦିଆଯାଇଛି ତାହା ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ହରିଦାସପୁରର ୨ଟି ଜାଗାରେ ପ୍ରାୟ ୨୩,୧୦୦ ମେଟ୍ରିକ ଟନ୍ ଲୁହାପଥର ଜମା ହୋଇଥିଲା। ଏହାକୁ ଭିଜିଲାନ୍ସ ବିଭାଗ ଜବତ କରି ତଦନ୍ତ କରୁଥିଲା। କିନ୍ତୁ କୌଣସି କାରଣରୁ ୨୦୧୫ ସେପ୍ଟେମ୍ବରରେ କ୍ଲିୟରାନ୍ସ ଦେଇ ଅକ୍ଟୋବରରେ ମାମଲାକୁ ବନ୍ଦ କରି ଦେଇଥିଲା। ସେହି ସମୟରେ ଏହି ମହାଦୁର୍ନୀତିର କ୍ଲିୟରାନ୍ସ ଉପରେ କେହି ଖବର ପାଇ ନ ଥିଲେ। ଖଣି ଦୁର୍ନୀତିକୁ ନେଇ ସେତେବେଳେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିବା ଏହି ଘଟଣାରେ ସମ୍ପୃକ୍ତ ହରିଦାସପୁର ଲୁହାପଥର ଜବତ ମାମଲାର କ୍ଲିୟରାନ୍ସ ଓ ମାମଲାକୁ ବନ୍ଦ କରିଦେବା ଉପରେ ଭିଜିଲାନ୍ସ ବିଭାଗ ସାଧାରଣରେ କୌଣସି ସୂଚନା ଦେବାକୁ ଉଚିତ ମନେ କରି ନ ଥିଲା। ଲୁଚାଛପା ଭାବେ ମାମଲାକୁ ବନ୍ଦ କରିଦେବା ସହିତ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ ବିଭାଗକୁ ଭିଜିଲାନ୍ସ ସୂଚନା ଦେଇଥିଲା। ଏହାପରେ ଖଣି ବିଭାଗ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ୨୦୧୭ ମାର୍ଚ୍ଚରେ ଜବତ ହୋଇଥିବା ଲୁହାପଥର ଖଣି ଉପରେ କଟକଣା ପ୍ରତ୍ୟାହାର କରିଥିଲା। ପେନାଲ୍‌ଟି ବାବଦରେ ୧ଲକ୍ଷ ୨୫ ହଜାର ଟଙ୍କା ଆଦାୟ କରି ଜବତ ଲୁହାପଥରକୁ ସିରାଜଉଦ୍ଦିନ ଓ ୟାଜ୍‌ଦାନି କମ୍ପାନୀକୁ ହସ୍ତାନ୍ତର କରିଥିଲା। ବଜାର ଦର କମ୍ ଥିବାରୁ ସେତେବେଳେ ଗଚ୍ଛିତ ଲୁହାପଥରକୁ କାହାକୁ ବିକ୍ରି କରି ନ ଥିବା ସୂଚନା ମିଳିଛି। ଏବେ ଏ-ଗ୍ରେଡ ଲୁହାପଥର ମୂଲ୍ୟ ମେଟ୍ରିକ ଟନ ପିଛା ୨୪୬୭ ଟଙ୍କା ଥିବାରୁ ୟାଜଦାନି କମ୍ପାନୀ ବିକ୍ରି କରିବା ଆରମ୍ଭ କରିଛି। ତେବେ କାହାକୁ ବିକ୍ରି କରୁଛି ତାହା ଜଣାପଡି ନାହିଁ। ସେତେବେଳେ ଚୋରା ଲୁହାପଥର ବୋଲି ଭିଜିଲାନ୍ସ ଓ ଖଣି ବିଭାଗ ଜବତ କରିଥିବାବେଳେ ୮ବର୍ଷ ପରେ ଏବେ ତାହା କିପରି ଆଇନସମ୍ମତ ହେଲା ତାହା ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଏଥିରେ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରାଯାଇ ତତ୍କାଳୀନ ଖଣି ମାଫିଆଙ୍କୁ ଘଣ୍ଟ ଘୋଡାଇବାକୁ ପ୍ରୟାସ ହେଉଥିବା ମତପ୍ରକାଶ ପାଇଛି । ଅନ୍ୟପକ୍ଷେ କଳିଙ୍ଗନଗରରେ ଥିବା ୟାଜଦାନି ଷ୍ଟିଲ ଆଣ୍ଡ ପାୱାର କର୍ତ୍ତୃପକ୍ଷ ହରିଦାସପୁର ଲୁହାପଥର ସ୍ଥାନାନ୍ତର ଘଟଣାରେ ତାଙ୍କର କୌଣସି ସମ୍ପର୍କ ନାହିଁ ବୋଲି ରୋକଠୋକ ମନା କରି ଦେଇଛନ୍ତି। ଏଭଳି ସ୍ଥିତିରେ କେଉଁ ୟାଜଦାନି କମ୍ପାନୀ ଗଚ୍ଛିତ ଥିବା ଲୁହାପଥର ନେଉଛି ତାହା ସମସ୍ତଙ୍କୁ ଆଚମ୍ବିତ କରିଛି। ଏ ସଂକ୍ରାନ୍ତରେ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ ପ୍ରଭାସ କୁମାର ଓଝାଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

ପୂର୍ବତନ ବ୍ଲକ ଉପାଧ୍ୟକ୍ଷଙ୍କ ବିୟୋଗ

ବିଞ୍ଝାରପୁର,୧୩।୧୨(ଡିଏନଏ)

ବିଞ୍ଝାରପୁର ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ମଧୁସୂଦନ ପଣ୍ଡା (୫୪)ଙ୍କର ଗୁରୁବାର ପୂର୍ବାହ୍ନରେ ପରଲୋକ ଘଟିଥିବା ଜଣାପଡ଼ିଛି। ତାଙ୍କ ବିୟୋଗ ଖବର ପ୍ରକାଶ ପାଇଲା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପଣ୍ଡାଙ୍କ ଶେଷ ଦର୍ଶନ ପାଇଁ ବିଞ୍ଝାରପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷା ତଥା ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା କନଲତା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ପଣ୍ଡା ଏକ ଦୈନିକ ଖବରକାଗଜରେ ସାମ୍ବାଦିକତା କରୁଥିଲେ। ପରେ ୧୯୯୭ରେ କଂଗ୍ରେସ ଦଳ ସମର୍ଥନରେ ବାଛୋଳରୁ ସମିତିସଭ୍ୟ ଭାବେ ଜିତିଥିଲେ। ଏହାପରେ ବିଞ୍ଝାରପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ପଦବୀରେ ନିର୍ବାଚିତ ହୋଇଥିଲେ। ସେ ଦୁଇ ବର୍ଷ ହେବ ବୃକକ ଜନିତ ରୋଗରେ ପୀଡିତ ଥିଲେ।

ପଞ୍ଚାୟତସ୍ତରୀୟ ପିଠା ଯୋଜନା ପାଇଁ ପ୍ରସ୍ତୁତି

ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

ରସୁଲପୁର,୧୩।୧୨(ଡିଏନଏ)

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ନରେ ପିଠା (ପିପୁଲସ ଏମ୍ପାୱାରମେଣ୍ଟ ଏନାବ୍ଲିଂ ଟ୍ରାନ୍ସପରେନ୍ସି ଆଣ୍ଡ ଆକାଉଣ୍ଟେବିଲିଟି ଅଫ ଓଡ଼ିଶା ଇନିସିଏଟିଭ) ଯୋଜନାକୁ ପଞ୍ଚାୟତସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ବିଡିଓ ଉମାକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏହି ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରାଯିବା ସହ ପ୍ରତ୍ୟେକ ପଞ୍ଚାୟତରେ ଏହାକୁ କାର୍ଯ୍ୟକାରୀ କରିବା ନେଇ ଖସଡା ପ୍ରସ୍ତୁତ କରାଯାଇଛି। ବ୍ଲକ ଅଧୀନ ୨୮ଟି ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲାପରିଷଦ ସଦସ୍ୟା ସଦସ୍ୟ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନେଇ ବୈଠକରେ ଯୋଜନା ସମ୍ପର୍କରେ ଏବିଡିଓ ଅସିତ୍ କୁମାର ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯିବ। ଆମ ଗାଁ ଆମ ବିକାଶ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ଯୋଜନାର ମୂଳ ଲକ୍ଷ୍ୟ ବୋଲି ଏବିଡିଓ ପାତ୍ର ପ୍ରକାଶ କରିଥିଲେ। ବିଡିଓ ପରିଡା ଯୋଜନାର ନିୟମାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଯୋଜନାକୁ ପ୍ରତ୍ୟେକ ପଞ୍ଚାୟତରେ ଆସନ୍ତା ୧୫ ରୁ ୧୮ତାରିଖ ମଧ୍ୟରେ ଆୟୋଜନ କରାଯିବା ନେଇ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ଏହା ଆସନ୍ତା ୩ ମାସ ପର୍ଯ୍ୟନ୍ତ ଚାଲିବ ବୋଲି ବିଡିଓ ସୂଚନା ପ୍ରଦାନ କରିଥିଲେ। ଏମ୍‌ପି ପ୍ରତିନିଧି ପ୍ରକାଶ ଚନ୍ଦ୍ର ସାମଲ ଓ ଜିଲାପରିଷଦ ସଦସ୍ୟ ଚତୁର୍ଭୂଜ ଦ୍ୱିବେଦୀ ଯୋଜନାକୁ ସଫଳ ରୂପାୟନ କରିବା ଦିଗରେ ସହଯୋଗ କରିବା ପାଇଁ ପଞ୍ଚାୟତ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଭାରପ୍ରାପ୍ତ ଜିପିଓ ଭରତ ଜେନା କାର୍ଯ୍ୟ ଖସଡ଼ା ପଢି ଶୁଣାଇବା ସହ ଧନ୍ୟବାଦ ଦେଇଥିଲେ।

କୁରାଳ ପଞ୍ଚମୀ ପର୍ବ ଆରମ୍ଭ

ରସୁଲପୁର,୧୩।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ କୁରାଳ ପଞ୍ଚମୀ ପର୍ବ ବୁଧବାର ଆରମ୍ଭ ହୋଇଯାଇଛି । ଏହି ପୂଜା ୫ ଦିନ ଧରି ଅନୁଷ୍ଠିତ ହେବ। ଭୋଟକା ପଞ୍ଚାୟତ ଇଚ୍ଛାପରୁ ଗ୍ରାମର କୁମ୍ଭାର ସାହିରେ ଧୁମ୍‌ଧାମ୍‌ରେ ଏହି ପର୍ବ ପାଳନ କରାଯାଇଛି। କୁମ୍ଭକାର ସମ୍ପ୍ରଦାୟର ଲୋକେ ପ୍ରତ୍ୟୁଷରୁ ଗାଁ ନିକଟସ୍ଥ ମୂଳ ଖରସ୍ରୋତା ନଦୀରେ କଳସ ପୂଜା କରି ପାଣି ଆଣି ପୂଜା ସ୍ଥଳରେ କଳସ ସ୍ଥାପନ କରିଥିଲେ । କୁମ୍ଭକାରମାନେ କୂଳ ଦେବତା ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କୁ ପୂଜା କରିବା ସହ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରିଛନ୍ତି। ପ୍ରାରମ୍ଭରେ ଘଟ ସ୍ଥାପନ, ଗୋପୂଜା, ସୂର୍ଯ୍ୟପୂଜା, ମୃଣ୍ମୟ ମୂର୍ତ୍ତିକୁ ଜୀବଦାନ ଦିଆଯାଇ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଯଜ୍ଞ ଆରମ୍ଭ ପୂର୍ବରୁ କୁଣ୍ଡମଣ୍ଡଳ ପୂଜା, ଭୂମି ପୂଜା ଆଦି କରାଯାଇ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥିଲା । ପୂଜା ସମୟରେ କୁମ୍ଭକାର ପରିବାର କୌଳିକ ବୃତ୍ତିରୁ ନିବୃତ୍ତ ରହି ବ୍ୟବହୃତ ଚକ, ପିଟଣା, ଗେଟିକ ଆଦିକୁ ପ୍ରଭୁଙ୍କ ପାଦପଦ୍ମରେ ରଖି ପୂଜା କରନ୍ତି । ପୂଜା ସମୟରେ ଆମିଷ ଭକ୍ଷଣ ନିଷେଧ କରାଯାଇଥାଏ । କଳସ ଧାରୀ ଓ ଘରର ପୁରୁଖା ଲୋକେ ନୂତନ ବସ୍ତ୍ର ଧାରଣ କରନ୍ତି । ପ୍ରତିଦିନ ପୂଜା ମଣ୍ଡପରେ ଭଜନ କୀର୍ତ୍ତନ ପରିବେଷଣ କରାଯାଏ। ବ୍ଲକର ହାଟସିଂହପୁର, ହରିପୁର, ଗୋପାଳପୁର, ଟିକରପଡା, ରାହାମ୍ବା ପ୍ରଭୃତି ସ୍ଥାନରେ ଏହି ପୂଜା ପାଳନ କରାଯାଉଛି ।

■ ଚିନାବାଦାମ ବିକି ପ୍ରାପ୍ୟ ପାଇଲେନି ଚାଷୀ

ତଦନ୍ତ ନିର୍ଦ୍ଦେଶ ଦେଲେ ମାର୍କଫେଡ୍ ଏମ୍‌ଡି

ଯାଜପୁର ଅଫିସ,୧୩।୧୨

ଯାଜପୁର ଜିଲା ରସୁଲପୁର ପ୍ୟାକ୍ସରେ ଚିନାବାଦାମ ବିକ୍ରି କରି ୧୭ଜଣ ଚାଷୀ ତାଙ୍କ ପ୍ରାପ୍ୟ ବାବଦକୁ ୯,୧୫,୭୦୨ ଟଙ୍କା ପାଇ ନାହାନ୍ତି। ଏନେଇ ସମ୍ପୃକ୍ତ ଚାଷୀମାନେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ପରେ ବି ମାର୍କେଫେଡ କିମ୍ବା ରସୁଲପୁର ପ୍ୟାକ୍ସ କର୍ତ୍ତୃପକ୍ଷ ଶୁଣୁ ନାହାନ୍ତି। ଏହି ସମ୍ପର୍କରେ ଚାଷୀମାନେ ମାର୍କଫେଡ ପରିଚାଳନା ନିର୍ଦ୍ଦେଶକ (ଏମଡି)ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାପରେ ମାର୍କଫେଡର ଯାଜପୁର ସୁପରଭାଇଜିଂ ଅଫିସରଙ୍କୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ଆବଶ୍ୟକ ତଦନ୍ତ କରି ୩ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ମାର୍କଫେଡ ଏମ୍‌ଡି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ରବି ଋତୁରେ କୁଆଖିଆ ଓ ଧର୍ମଶାଳା ଥାନା ଅଞ୍ଚଳର ୧୭ ଜଣ ଚାଷୀ ସେମାନଙ୍କ କଷ୍ଟୋପାର୍ଜିତ ଚିନାବାଦାମ ରସୁଲପୁର ପ୍ୟାକ୍ସରେ ବିକ୍ରି କରିଥିଲେ। ଗତ ଜୁନ ଓ ଜୁଲାଇ ମାସରେ ବିକ୍ରି କରିଥିବା ଚିନାବାଦାମର ପ୍ରାପ୍ୟ ଏଯାଏ ସେମାନେ ପାଇନାହାନ୍ତି। ଏଥିରେ ଚନ୍ଦନ କୁମାର ରାଉତ ୧୩,୩୮୭ ଟଙ୍କା, ପ୍ରତାପ ରାଉତ ୧,୦୫,୭୬୧ ଟଙ୍କା, ବିଜୟ କୁମାର ଜେନା ୮୪,୩୪୧ ଟଙ୍କା, ସନାତନ ସାହୁ ୨୫,୪୩୬ ଟଙ୍କା, ଲଛମନ ଦାସ ୧୩,୩୮୮ ଟଙ୍କା, ସୁରେନ୍ଦ୍ର ନାଥ ସାହୁ ୪୦,୧୬୨ ଟଙ୍କା, ନକୁଲ ସାହୁ ୬୦,୨୪୪ ଟଙ୍କା, ପ୍ରଶାନ୍ତ ନାୟକ ୩୮,୮୨୪ ଟଙ୍କା, ହରେକୃଷ୍ଣ ବେହେରା ୧୪,୭୨୬ ଟଙ୍କା, ଚନ୍ଦ୍ର ପଣ୍ଡା ୪୬,୮୫୬ ଟଙ୍କା, ସ୍ୱୟଂପ୍ରକାଶ ନାୟକ ୧,୦୫,୭୬୧ ଟଙ୍କା, ସୁଚନ୍ଦ୍ରା ଚୋଳ ୧,୦୫,୭୬୧ ଟଙ୍କା, ପଞ୍ଚାନନ ବିଶୋଇ ୮୧,୬୬୩ ଟଙ୍କା, ଅଶୋକକୁମାର ମହାନ୍ତି ୧,୦୫,୭୬୧ ଟଙ୍କା, ଆଦିତ୍ୟ ନାରାୟଣ ପଣ୍ଡା ୨୪,୦୯୭ ଟଙ୍କା, ସରୋଜ ବେହେରା ୨୮,୧୧୪ ଟଙ୍କା, ଭୀମସେନ ବେହେରା ୨୧,୪୨୦ ଟଙ୍କା ପାଇ ନାହାନ୍ତି । କୁଇଣ୍ଟାଲ ପିଛା ୪୨୫୦ ଟଙ୍କା ଦରରେ ଚାଷୀମାନେ ରସୁଲପୁର ପ୍ୟାକ୍ସରେ ବିକ୍ରୀ ରସିଦ ନେଇଥିଲେ । ଏ ସଂକ୍ରାନ୍ତରେ ରସୁଲପୁର ପ୍ୟାକ୍ସ ସମ୍ପାଦକ ନିରଞ୍ଜନ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଷୀଙ୍କଠାରୁ କ୍ରୟ କରିବା ପରେ ନାଫେଡ ନିମ୍ନମାନର ଚିନାବାଦାମ ଦର୍ଶାଇ ଫେରାଇଦେଲା। ଫଳରେ ସେହି ଚାଷୀମାନେ ଏଯାଏ ତାଙ୍କ ପ୍ରାପ୍ୟ ପାଇ ନାହାନ୍ତି। ଏ ନେଇ ସେମାନେ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ବୋଲି ସେ କହିଛନ୍ତି।

■ ପଞ୍ଚାୟତ ସମସ୍ୟା ସମାଧାନ ଦାବି

ଜିଲାପାଳଙ୍କୁ ଭେଟିଲେ ସରପଞ୍ଚ

ରସୁଲପୁର,୧୩।୧୨(ଡିଏନଏ)

ରସୁଲପୁର ବ୍ଲକ ସିଂହପୁର ପଞ୍ଚାୟତର ପ୍ରମୁଖ ୭ଟି ସମସ୍ୟା ସମାଧାନ ଦାବିରେ ସରପଞ୍ଚ ଆରତୀ ପହି ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ତାଙ୍କୁ ସମିତିସଭ୍ୟ ପ୍ରଦୀପ୍ତ କୁମାର ନାୟକ, ଯୁବନେତା କାମଦେବ ରାଉତ ପ୍ରମୁଖ ସମର୍ଥନ ଜଣାଇଛନ୍ତି। ସରପଞ୍ଚ ପହି ଓ ସମତିସଭ୍ୟ ନାୟକ ୭ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ପଞ୍ଚାୟତର ମୁଖ୍ୟ ହୋଇ ବି ପଞ୍ଚାୟତର ଉନ୍ନତି ଦିଗରେ କାର୍ଯ୍ୟ କରିବା ଏବଂ ପଞ୍ଚାୟତରେ ଚାଲିଥିବା ଦୁର୍ନୀତି ଓ ଆଇନ ବିରୋଧୀ କାର୍ଯ୍ୟକୁ ରୋକିବାରେ ସେମାନଙ୍କୁ ପ୍ରଶାସନିକ ସହଯୋଗ ମିଳୁ ନ ଥିବା ନେଇ ସେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ସିଂହପୁର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଭାବେ ଡାକ୍ତର ନିଯୁକ୍ତି ଓ ସେମାନଙ୍କ ରହିବା ନିମନ୍ତେ କ୍ୱାର୍ଟର ନିର୍ମାଣ, ପଞ୍ଚାୟତର ସର୍ବପୁରାତନ ଝାଟିଆ ଉ.ପ୍ରା. ବିଦ୍ୟାଳୟ ଓ ସିଂହପୁର ନୋଡାଲ ଉଚ୍ଚବିଦ୍ୟାଳୟର ଉନ୍ନତୀକରଣ, ପ୍ରଭୁ ନାରାୟଣ ଗୋସାଇଁଙ୍କ ବିଜେ ସ୍ଥଳ ମଧୁତୀର୍ଥ ପୁଷ୍କରଣୀ ଓ ନାରାଗୋସାଇଁ ମଠ, ମଦନମୋହନ ଜୀଉଙ୍କ ମନ୍ଦିରର ଉନ୍ନତୀକରଣ ଓ ଆଲୋକୀକରଣ କରିବା ସହ ପର୍ଯ୍ୟଟନସ୍ଥଳିର ମାନ୍ୟତା ପ୍ରଦାନ, ସିଂହପୁର, ଗୋପିନାଥପୁର, ମାଟିଆ ଶାସନ, ଜଗନ୍ନାଥପୁର, ବ୍ରାହ୍ମଣବାଡ, ଦନେଇପୁର, ବାମଦେବପୁର ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ସିଂହପୁର ବଜାର, ବ୍ରାହ୍ମଣବାଡ ଓ ମୁତୁରା ସାହିରେ ଚୋରା ମଦ କାରବାର ବନ୍ଦ କରିବା ଆଦି ଦିଗରେ ଗୁରୁତ୍ୱ ପ୍ରଦାନ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

କୋରେଇ,୧୩।୧୨(ସ୍ୱ.ପ୍ର.)

କୋରେଇ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ମାଳତୀ ଟୁଡୁ ଅଧ୍ୟକ୍ଷତା କରିଥିଲେ। କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୭୩ ଜଣଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଏବଂ ୨୫ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋରେଇ ବିଡିଓ ହେମନ୍ତ କୁମାର ବିହାରୀ, ସିଡିପିଓ ସ୍ନେହଲତା ସାହୁ, ଏସିଓ ଶ୍ରୀକାନ୍ତ ଉପାଧ୍ୟାୟ, ଜିଲା ପରିଷଦ ସଭ୍ୟା ମାତାଜୀ ଆଏଚ ଓ ଏପିଓ ରବି ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏପିଓ ସାହୁ ସରକାରଙ୍କ ପୀଠା ଯୋଜନା ସମ୍ପର୍କରେ ଲୋକଙ୍କୁ ସୂଚନା ଦେବା ସହ ସମସ୍ତ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଶେଷରେ ବିଡିଓ ବିହାରୀ ଧନ୍ୟବାଦ ଦେଇଥିଲେ।

ରାଜ୍ୟସ୍ତରୀୟ ୬ଷ୍ଠ ଲୋକକଳା ମହୋତ୍ସବ ଉଦ୍‌ଯାପିତ

ବିଞ୍ଝାରପୁର,୧୩।୧୨(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନ୍ଦାଗ୍ରାମ ପଞ୍ଚାୟତର ତାଡଁତରାସ୍ଥିତ ପାଲା ମଣ୍ଡପରେ ଘୁଙ୍ଗୁର ନାଟ୍ୟ ପରିଷଦ ପକ୍ଷରୁ ଆୟୋଜିତ ୬ଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଭୁବନେଶ୍ୱରର ଅନମୋଲ ମେଲୋଡି ଓ ପ୍ରଭୁପାଦଙ୍କ ସଙ୍ଗୀତ ବେଶ ଝୁମାଇଥିଲା ଦର୍ଶକଙ୍କୁ। ଉଦ୍‌ଯାପନୀ ସନ୍ଧ୍ୟାରେ ନିରଞ୍ଜନ ସାହୁ ସଭାପତିତ୍ୱ କରିଥିବାବେଳେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦକିଶୋର ସାମଲ ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ସବର ଅନ୍ତିମ ସନ୍ଧ୍ୟାରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ବିଡିଓ ଦାମୋଦର ଖୁଣ୍ଟିଆ ସମ୍ମାନିତ ଅତିଥିରୂପେ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା, ବ୍ୟଙ୍ଗକବି ବାଇଧର ମାଝି, ମୋଗଲ ତାମସାର ନିର୍ଦ୍ଦେଶକ ବାପି ସିକ୍କାର, ଅଧ୍ୟାପକ ପ୍ରସନ୍ନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ଶ୍ରୀହରୀ ଧଳ ସ୍ୱାଗତ ଭାଷଣ ଦେଇଥିଲାବେଳେ ରବୀନ୍ଦ୍ର ପରିଡା ଅତିଥି ପରିଚୟ କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ ରୌପ୍ୟ ମୁକୁଟ ସହିତ ଉତ୍ତରୀୟ, ମାନପତ୍ରଦେଇ ସମ୍ବର୍ଦ୍ଧିତ କରାଯିବା ସହିତ ଶରତ ଚନ୍ଦ୍ର ଉପାଧ୍ୟାୟ, ବ୍ୟଙ୍ଗକବି ବାଇଧର ମାଝି, ଅଭିନେତା ଅକ୍ଷୟ ସାହୁଙ୍କ ସମେତ ୩୦ଜଣ ପ୍ରତିଭାଙ୍କୁ ଘୁଙ୍ଗୁର ନାଟ୍ୟ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୁପାଦଙ୍କ ଗୀତରେ ଦର୍ଶକମାନେ ବିଭୋର ହୋଇଥିବା ଦେଖାଯାଇଥିଲା। ଏହି ମହୋତ୍ସବରେ ଆଖପାଖ ଅଞ୍ଚଳର ବହୁ ଲୋକଙ୍କର ଭିଡ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ଘୁଙ୍ଗୁର ନାଟ୍ୟ ଆବାହକ କାମଦେବ ଧଳ ଓ ସଂସଦର ସମ୍ପାଦକ ବାଦଲ ରାଉତ ପରିଚାଳନା କରିଥିଲେ।

ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଯାପିତ

ଯାଜପୁର ଅଫିସ,୧୩।୧୨

ଗ୍ଲୋରିୟସ ଇଂଲିଶ ମିଡିୟମ ସ୍କୁଲ (ଜେମସ)ର ୨୫ତମ ବାର୍ଷିକ କ୍ରୀଡାସୋବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବ୍ୟାସନଗର ପୌରାଞ୍ଚଳର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ ଓ ବନ୍ଦିତା ପରିଡା, ଧରିତ୍ରୀ ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା, ବିଦ୍ୟାଳୟର ସଭାପତି ଅସ୍ମିତା ପତି, ପରିଚାଳନା ନିର୍ଦ୍ଦେଶକ ଅଭୟ କୁମାର ପତି ଯୋଗଦେଇ କ୍ରୀଡାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ଅଗ୍ନିହାଉସ ଚାମ୍ପିୟନ ସ୍ଥାନ ଅଧିକାର କରିଥିଲା। ସେହିପରି ସିନିୟର ବାଳକ ବିଭାଗରେ ରାଜକିଶୋର ଜେନା ଓ ବାଳିକା ବିଭାଗରେ ଆକାଂକ୍ଷା କୁମାରୀ, ଜୁନିୟର ବାଳକ ବିଭାଗରେ ଅୟେସ ପତି ଓ ବାଳକା ବିଭାଗରେ ଅଞ୍ଜଳି ସିଂ, ସବଜୁନିୟର ବାଳକ ବିଭାଗରେ ସୌମ୍ୟରଞ୍ଜନ ପରିଡା ଓ ବାଳିକାରେ ସିମରନ ସାହୁ ପ୍ରମୁଖ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ । ସ୍କୁଲର ଅଧ୍ୟକ୍ଷ କଳ୍ପତରୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା

ବୃକ୍ଷରୋପଣ ଜରିଆରେ ଅର୍ଥ ଲୁଟ୍

ରତ୍ନଗିରି,୧୩।୧୨(ଡି.ଏନ୍.ଏ.)

ବରୀ ବ୍ଲକ
■ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅସାଧୁ ମେଣ୍ଟ
■ ସରକାରୀ ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ

ବୃକ୍ଷରୋପଣକୁ ସରକାର ଅଧିକ ଗୁରୁତ୍ୱ ଦେଉଥିବାବେଳେ ଅସାଧୁ କର୍ମଚାରୀଙ୍କ ଛତ୍ରଛାୟା ତଳେ ରହି ଠିକାଦାର ଲକ୍ଷ ଲକ୍ଷ ଟଙ୍କା ହାତେଇ ନେଉଥିବା ଜଣାପଡ଼ିଛି । ୨୦୧୪ରୁ ବରୀ ବ୍ଲକର ବାଲିଆ, ଧାରପୁର, ସାହୁପଡ଼ା, ଈଶାଣପୁର, ସ୍ୱାଇଁଖଣ୍ଡ, କିମ୍ବୀରିଆପାଳ, ମହାକାଳପଡ଼ା, ଶେରପୁର ପଞ୍ଚାୟତରେ କୃଷି, ଜଙ୍ଗଲ ଓ ମୃତ୍ତିକା ସଂରକ୍ଷଣ ବିଭାଗ ବୃକ୍ଷରୋପଣ କାର୍ଯ୍ୟ କରିଆସୁଛି । ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ସରକାରୀ ନିୟମ ଅନୁଯାୟୀ ବୃକ୍ଷରୋପଣ କରାଯିବା କଥା । ହେଲେ ଚଳିତ ଆର୍ଥିକ ବର୍ଷରେ ବରୀ ବ୍ଲକ ଅଧୀନ ମହାକାଳପଡ଼ା ଓ ଶେରପୁର ପଞ୍ଚାୟତ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ ଓ ରକ୍ଷଣାବେକ୍ଷଣ ନାମରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ବୃକ୍ଷରୋପଣ ପାଇଁ ମହାକାଳପଡ଼ା ପଞ୍ଚାୟତର ଡିହପାଳଠାରୁ ଅଣିକଣା ପର୍ଯ୍ୟନ୍ତ ୭ ଲକ୍ଷ ୬୩ ହଜାର ୧୭୮ ଟଙ୍କା ଓ ମିତ୍ରସେନପୁରଠାରୁ ଅଣିକଣା ଶିବମନ୍ଦିର ପର୍ଯ୍ୟନ୍ତ ୩ ଲକ୍ଷ ୭୩ ହଜାର ୫୮୦ଟଙ୍କା ବ୍ୟୟ କରାଯାଇଥିବା ଦାୟିତ୍ୱରେ ଥିବା ଠିକାଦାର ଦର୍ଶାଇଛନ୍ତି । ଏତଦ୍‌ବ୍ୟତୀତ ଶେରପୁର ପଞ୍ଚାୟତର ଶ୍ରୀରାମପୁରଠାରୁ କୃଷ୍ଣନଗର ପର୍ଯ୍ୟନ୍ତ ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ୩ ଲକ୍ଷ ୨୪ ହଜାର ୪୪୧ ଟଙ୍କା ବ୍ୟୟ କରାଯାଇଥିବା ଅନ୍‌ଲାଇନ୍ ତଥ୍ୟରୁ ଜଣାପଡ଼ିଛି । ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସରକାରୀ ନିୟମ ମୁତାବକ ଯେଉଁ ପଞ୍ଚାୟତରେ ଉକ୍ତ ଯୋଜନା କାର୍ଯ୍ୟକାରୀ ହେବ ସେହି ପଞ୍ଚାୟତର ଅଣକୁଶଳୀ ଶ୍ରମିକ ପ୍ରଥମେ 'କ' ଫର୍ମରେ ସରପଞ୍ଚଙ୍କୁ ଆବେଦନ କରି କାର୍ଯ୍ୟରେ ନିୟୋଜିତ ହୋଇପାରିବେ । ମାତ୍ର ଠିକାଦାର, ଜଙ୍ଗଲ ଓ ମୃତ୍ତିକା ସଂରକ୍ଷଣ ବିଭାଗର ଅସାଧୁ ମେଣ୍ଟ ଯୋଗୁ ବୃକ୍ଷରୋପଣ କରାଯାଇଥିବା ପଞ୍ଚାୟତର ଅଣକୁଶଳୀ ଶ୍ରମିକଙ୍କ ପରିବର୍ତ୍ତେ ୬ରୁ ୭ କି.ମି. ଦୂର ପଞ୍ଚାୟତର ଶ୍ରମିକଙ୍କ ନାମକୁ ତାଲିକାଭୁକ୍ତ କରାଯାଇ ଅର୍ଥ ହଡ଼ପ କରାଯିବାର ପ୍ରୟାସ କରାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜଙ୍ଗଲ ଓ ମୃତ୍ତିକା ସଂରକ୍ଷଣ କ୍ଷେତ୍ରାଧିକାରୀ ଜ୍ଞାନରଞ୍ଜନ ଧଳଙ୍କୁ ପଚାରିବାରେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବୃକ୍ଷରୋପଣ ପାଇଁ ଆସିଥିବା ଅର୍ଥ ହଡ଼ପ ହୋଇନାହିଁ। ଏଥିସହ ସମ୍ପୃକ୍ତ ପଞ୍ଚାୟତରେ ଅଣକୁଶଳୀ ଶ୍ରମିକ ନ ଥିବାରୁ ଅନ୍ୟ ଶ୍ରମିକଙ୍କୁ ତାଲିକାଭୁକ୍ତ କରାଯାଇଥିବା କହିଥିଲେ।

ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ,
ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।
- କନଫୁସିୟସ

ସଂକ୍ଷେପରେ

ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଯାଜପୁରରୋଡ/କୋରେଇ, ୧୩।୧୨ (ନି.ପ୍ର)- କୋରେଇ ଥାନା ଅନ୍ତର୍ଗତ ବେଣାପୁର-ଯାଜପୁର ରୋଡ ପୂର୍ତ୍ତ ବିଭାଗ ରାସ୍ତାର ୟହ୍ମା ଶୋରୁମ୍ ନିକଟରେ ଗୁରୁବାର ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ବାଇକ୍ ଆରୋହୀ ଜଣଙ୍କ ରାମବାଗ ଫାଣ୍ଡି ଅଧୀନ ବିରଜାପୁର ଗ୍ରାମର ସନ୍ତୋଷ ରଞ୍ଜନ ରାଉତ (୨୫)। ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। କୋରେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତ ଶରୀର ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରକାଶ ଯେ, ସନ୍ତୋଷ ଅପରାହ୍ଣରେ ଏକ ନମ୍ବର ବିହୀନ ଟିଭିଏସ୍ ଆପାଚି ବାଇକ୍‌ରେ କୌଣସି ଏକ ଜରୁରୀ କାର୍ଯ୍ୟରେ ଯାଜପୁର ରୋଡରୁ ପାଣିକୋଇଲି ଆସୁଥିଲେ। ବେଣାପୁର-ଯାଜପୁର ରୋଡ ରାସ୍ତାର ୟହ୍ମା ଶୋରୁମ୍ ନିକଟରେ ଏକ ସାଇକେଲ ଆରୋହୀଙ୍କୁ ବଞ୍ଚେଇବାକୁ ଯାଇ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ଏହି ସମୟରେ ଭୁବନେଶ୍ୱରରୁ ଠାକୁରମୁଣ୍ଡା ଯାଉଥିବା (ଓଆର୦୫ଏଏସ ୯୬୫୫) ବିଶିଷ୍ଟ ବସ୍ ସନ୍ତୋଷଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଫେରାର ହୋଇଯାଇଥିବା ବସ୍‌କୁ ଚୋରର୍ଦ୍ଦା ଛକ ନିକଟରେ ଅଟକାଇଥିଲେ। ଖବର ପାଇ ଯାଜପୁର ରୋଡ ପୋଲିସ ବସ୍‌କୁ ଜବତ କରିଥିଲା।

ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ: ସ୍ୱାମୀ କୋର୍ଟ ଚାଲାଣ

ଚଣ୍ଡିଖୋଲ, ୧୩।୧୨ (ଡି.ଏନ.ଏ.)- ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣସୁଧା ଗ୍ରାମ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ତାଙ୍କ ଶାଶୁ ଘର ଲୋକ ମାଡ଼ ମାରିବା ଓ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଗୁରୁବାର ତାଙ୍କ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସାଲେପୁର ଥାନା ଅନ୍ତର୍ଗତ ବାରିଡଳା ଗ୍ରାମର ସେକ୍ ଜମିର ମହମ୍ମଦ। ଏ ନେଇ ପୋଲିସ ଏକ ମାମଲା(୧୬୧/୧୮) ରୁଜୁ କରିଛି। ପ୍ରକାଶ ଯେ, ପଣସୁଧା ଗ୍ରାମର ସେକ୍ ହାସିନ୍ ଖାଁଙ୍କ ଝିଅ ମୁସରତ୍ ନଜିରିନ୍ ବାରିଡଳା ଗ୍ରାମର ସେକ୍ ମୁବାରକ୍ ମହମ୍ମଦଙ୍କ ପୁଅ ସେକ୍ ଜମିରଙ୍କୁ ଗତ ଜୁନ ୨୬ରେ ବିବାହ କରିଥିଲେ। ବିଭିନ୍ନ ସମୟରେ ସେକ୍ ତାଙ୍କ ସ୍ତ୍ରୀ ନଜିରିନ୍‌ଙ୍କୁ ବାପଘରୁ ଯୌତୁକ ଆଣିବାକୁ କହିବା ସହ ନିର୍ଯାତନା ଦେଉଥିଲେ। ଫଳରେ ନଜିରିନ୍ ମାସେ ହେବ ବାପଘରକୁ ପଳାଇ ଯାଇଥିଲେ। ସେକ୍ ତାଙ୍କୁ ଫୋନ୍ ଯୋଗେ ଯୌତୁକ ଆଣିବା ପାଇଁ ଧମକ ଦେଉଥିଏ। ଏ ନେଇ ନଜିରିନ୍ ବୁଧବାର ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ।

ଶିଶୁ ମେଳା ଅନୁଷ୍ଠିତ

୨ ଜଣ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ

କଳିଙ୍ଗନଗର, ୧୩।୧୨(ଡି.ଏନ୍.ଏ.)- ଦାନଗଦୀ ବ୍ଲକ ଉଛବାଲି ବିଦ୍ୟାଳୟ ପରିସରରେ ଗୁରୁବାର ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବ୍ଲକ ସଭାପତି ବିନାୟକ ନାୟକଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲା ଓଷ୍ଟାର ପୂର୍ବତନ ସମ୍ପାଦକ ତଥା ଓଷ୍ଟା ରାଜ୍ୟ ନେତୃତ୍ୱ ଚନ୍ତାମଣି ଜେନା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରୁ ଆସିଥିବା ଶିଶୁମାନଙ୍କ ମଧ୍ୟରେ ନୃତ୍ୟ ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ବାରିକ, ସରପଞ୍ଚ ମଦନ ମୋହନ ସାହୁ, ଅର୍ଜୁନ ଚରଣ ସାହୁ, ବିନୋଦ ବିହାରୀ ସାହୁ, ରବିରଞ୍ଜନ ପାଣିଗ୍ରାହୀ, କାଳନ୍ଦୀ ଚରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିଶୁ ମହୋତ୍ସବରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି। ଏଥିସହ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିବା ଓଷ୍ଟା ପକ୍ଷରୁ ସୂଚନା ଦିଆଯାଇଛି। ବ୍ଲକ ଓଷ୍ଟା ସମ୍ପାଦକ ଅକ୍ଷୟ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ।

ସଡ଼କ ଦୁର୍ଘଟଣା, ୨ ଗୁରୁତର

ଯାଜପୁରରୋଡ/କୋରେଇ, ୧୩।୧୨ (ନି.ପ୍ର/ସ୍ୱ.ପ୍ର.) କୋରେଇ ଥାନା ଅନ୍ତର୍ଗତ ବ୍ରାହ୍ମଣୀଦେବୀ ନିକଟ ସିଟି ସ୍କୁଲ ସମ୍ମୁଖରେ ଗୁରୁବାର ସଡ଼କ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପୁରୁଣା ବାନ୍ଧଗଡ଼ା ଅଞ୍ଚଳର ରତ୍ନାକର ଦଳାଇ (୬୦) ଓ ଅନିଲ ଦଳାଇ (୧୮)। ପ୍ରକାଶ ଯେ, ରତ୍ନାକର ଓ ଅନିଲ ବାଇକ୍‌ରେ ଯାଜପୁର ରୋଡ ଅଭିମୁଖେ ଆସୁଥିଲେ। ଏହି ସମୟରେ ଏକ ଶଣ୍ଢ ପସି ଆସିଥିଲା। ସେମାନେ ଭାରସାମ୍ୟ ହରାଇ ଶଣ୍ଢ ସହ ପିଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଅମ୍ବୁଲାନ୍ସ ଯୋଗେ ଯାଜପୁରରୋଡ ଗୋଷ୍ଠୀ ଚିକିତ୍ସା କେନ୍ଦ୍ରକୁ ପଠାଇଥିଲେ।

ବୃଦ୍ଧି ପାଉଛି ଡେଙ୍ଗୁ ଆତଙ୍କ: ନୀରବ ସ୍ୱାସ୍ଥ୍ୟ ବିଭାଗ

ସିଂହପୁର, ୧୩।୧୨(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ
- ୨୦୧୭-୧୮ ଆର୍ଥିକ ବର୍ଷରେ ୪୦ରୁ ଉର୍ଦ୍ଧ୍ୱ ଡେଙ୍ଗୁ ରୋଗୀ ଚିହ୍ନଟ
- ଡାକ୍ତରୀ ଟିମ୍ ଘଟଣାସ୍ଥଳକୁ ଯାଇ ନ ଥିବାରୁ ଅସନ୍ତୋଷ

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳ ପଞ୍ଚାୟତ ଧରମପୁର ଗ୍ରାମରେ ଡେଙ୍ଗୁ ଆତଙ୍କ ଯୋଗୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ୨୦୧୫-୧୬ରେ ୪ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୧୬-୧୭ ରେ ୧୫ରୁ ଉର୍ଦ୍ଧ୍ୱ ଓ ଚଳିତ ବର୍ଷ ୪୦ରୁ ଉର୍ଦ୍ଧ୍ୱ ଟପିଥିବା ଜଣାପଡ଼ିଛି। ମୁଖ୍ୟତଃ ଓଳେଇଚନ୍ଦନପୁର, କଲ୍ୟାଣପୁର, ଚନ୍ଦ୍ରମୁଁ, ରଣପୁର, ଫତେପୁର, ବାଛୋଳ, ଉତ୍ତ୍ରଙ୍ଗ, ଉତ୍ତରକୁଳ, ବାଙ୍ଗରା ଆଦି ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରୁ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ହେଲେ ଜିଲା ସ୍ୱାସ୍ଥ୍ୟ ବିଭାଗ କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରକାଶ ଯେ, ଉକ୍ତ ଗ୍ରାମର ଦୁର୍ଯୋଧନ ଓଝାଙ୍କ ସ୍ତ୍ରୀ ଧରିତ୍ରୀ(୪୪)ଙ୍କ ଡେଙ୍ଗୁରେ ମୃତ୍ୟୁ ହେବା ପରେ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଯାଇଛି। ଧରିତ୍ରୀ ଗତ ୨୦ ଦିନ ତଳୁ ଜ୍ୱରରେ ପୀଡ଼ିତ ହୋଇ ବିଞ୍ଝାରପୁରଠାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଜ୍ୱର ନ କମିବାରୁ ଗତ ୪ ତାରିଖରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଗତ ୬ ତାରିଖରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମାତ୍ର ଏଯାବତ୍ ସ୍ୱାସ୍ଥ୍ୟ ବିଭାଗ ଗ୍ରାମକୁ ଯାଇ ନ ଥିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଧରିତ୍ରୀ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରୁଛନ୍ତି। ଅପରପକ୍ଷରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ସାଧାରଣ ଲୋକେ ଏହି ସୁବିଧା ପାଇ ପାରୁ ନ ଥିବା ଅଭିଯୋଗ ହେଉଛି। ଡେଙ୍ଗୁ ନିରାକରଣ ଓ ସଚେତନତା ପାଇଁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ହଜାର ହଜାର ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଡାକ୍ତରୀ ଟିମ୍ ପକ୍ଷରୁ କୌଣସି ସଚେତନତାମୂଳକ କାର୍ଯ୍ୟକ୍ରମ କରା ନ ଯିବା ଏବଂ ସ୍ୱାସ୍ଥ୍ୟ ବିଭାଗର ନୀରବତା ଯୋଗୁ ବିଞ୍ଝାରପୁର ବ୍ଲକରେ ଡେଙ୍ଗୁ ହାର ବୃଦ୍ଧି ପାଉଛି। ଏ ନେଇ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ହୃଦାନନ୍ଦ ଦାସଙ୍କୁ ପଚାରିବାରେ, ସମ୍ପୃକ୍ତା ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ପାଖକୁ କୌଣସି ସୂଚନା ଆସିନାହିଁ। ଅନ୍ୟପକ୍ଷରେ ବାଛୋଳରେ ଡେଙ୍ଗୁ ନିରାକରଣ ପାଇଁ ଏକ ଡାକ୍ତରୀ ଟିମ୍ ଯାଇ କାର୍ଯ୍ୟ କରିବ ବୋଲି କହିଛନ୍ତି।

ଦଳିତ ପରିବାରଙ୍କୁ ଆକ୍ରମଣ ଘଟଣା

କାର୍ଯ୍ୟାନୁଷ୍ଠାନ ଦାବିରେ ଦଳିତ ସଂଘ ପକ୍ଷରୁ ଥାନା ଘେରାଉ

ସମତା ପରିଷଦ ପକ୍ଷରୁ ଥାନା ଘେରାଉ କରାଯାଇଛି।

ଧର୍ମଶାଳା/ଜେନାପୁର, ୧୩।୧୨(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କମାଗଡ ଗ୍ରାମର ଜଣେ ଦଳିତ ନାବାଳିକାଙ୍କୁ ଅପହରଣ ଓ ନାବାଳିକାଙ୍କ ପରିବାର ସଦସ୍ୟଙ୍କୁ ଆକ୍ରମଣ ଘଟଣାକୁ ୯ ଦିନ ବିତିଛି। ଏହାର ପ୍ରତିବାଦରେ ଗୁରୁବାର ଦଳିତ ସଂଘ ପକ୍ଷରୁ ଥାନା ଘେରାଉ ସହ ଧାରଣା ଦିଆଯାଇଥିଲା। ମୂଳ ନିବାସୀ ସମତା ପରିଷଦ ଧର୍ମଶାଳା ପକ୍ଷରୁ ରାଜ୍ୟ ସଂଯୋଜକ ଅଭିରାମ ମଲିକଙ୍କ ନେତୃତ୍ୱରେ ଶତାଧିକ ଦଳିତ ପରିବାର ଓ କର୍ମକର୍ତ୍ତା ଧାରଣାରେ ସାମିଲ ହୋଇଥିଲେ। ଏସ୍‌ଡିପିଓ କେଦାରନାଥ ସାହୁ ଓ ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସଂଘ ପକ୍ଷରୁ ସମ୍ପୃକ୍ତ ନାବାଳିକାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ସହ ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ, ନାବାଳିକା ଝିଅଙ୍କୁ ଖୋଜିବା ଏବଂ ଜାତିଆଣ ନିର୍ଯାତନାକୁ ରୋକିବା ଆଦି ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ଏସ୍‌ଡିପିଓଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ଏସ୍‌ଡିପିଓ ଯାଜପୁର ଏସ୍‌ପିଙ୍କ ସହିତ ଆଲୋଚନା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ଗତ ୨ ତାରିଖରେ କମାଗଡ ଗ୍ରାମର ଜଣେ ଦଳିତ ନାବାଳିକାଙ୍କୁ ଗ୍ରାମର ଶନିଆ ରାଉତ ଅପହରଣ କରିନେଇଥିଲେ। ଘଟଣାକୁନେଇ ଶନିଆଙ୍କ ପରିବାର ଲୋକଙ୍କ ସହ କେତେ ଜଣ ଯୁବକ ଗତ ୩ ତାରିଖରେ ସମ୍ପୃକ୍ତ ନାବାଳିକାଙ୍କ ପରିବାରକୁ ଆକ୍ରମଣ କରିଥିଲେ। ଏ ନେଇ ନାବାଳିକାଙ୍କ ପିତା ଜେନାପୁର ଥାନାରେ ୨୭ଜଣଙ୍କ ନାମରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୨୭୮/୧୮) ରୁଜୁ କରିବା ସହ ଗ୍ରାମର ଅଜୁ ସାହୁ, ସୁବର୍ଣ୍ଣ ସାହୁ, ଗଣେଶ୍ୱର ରାଉତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଅବଦୁଲ ୱାଲିଦ, ଅଶୋକ ମଲିକ, ଅନିଲ କୁମାର ମଲିକ, ବନିତା ସାମଲ, ପ୍ରଭାତ ରଞ୍ଜନ ରାଉତ, ଲିଲୁ ଦାସ, ଭରତଚନ୍ଦ୍ର ଦାସ, କିଶୋର ଜେନା, ରବି ମଲିକଙ୍କ ସମେତ ଶତାଧିକ ଦଳିତ ପୁରୁଷ ଓ ମହିଳା ସାମିଲ ଥିଲେ। ପୋଲିସ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୋଗକାରୀଙ୍କୁ ହଇରାଣ ହରକତ କରୁଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଶନିଆଙ୍କ ପରିବାର ପକ୍ଷରୁ ମଧ ପାଲଟା ଅଭିଯୋଗ କରାଯାଇଥିବା ଜଣାପଡିଛି।

ଅପସ୍ମାର, ମସ୍ତିଷ୍କ ରୋଗରେ ପୀଡିତ ନାବାଳିକା

ସହାୟତାର ହାତ ବଢାଇଲା ଜିଲା ପ୍ରଶାସନ

ବିରଜାକ୍ଷେତ୍ର, ୧୩।୧୨(ଡି.ଏନ୍.ଏ.)

ଜିଲା ପ୍ରଶାସନ ପକ୍ଷରୁ ଅନ୍ନପୂର୍ଣ୍ଣାଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ଅପସ୍ମାର ଓ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ଅସହାୟ ନାବାଳିକାଙ୍କ ଚିକିତ୍ସା ନିମନ୍ତେ ଜିଲାପାଳ ରଞ୍ଜନ କୁମାର ଦାସ ଗୁରୁବାର ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅନୁରୋଧକ୍ରମେ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ଜିଲାପାଳ ଏହି ସହାୟତା ରାଶି ମଞ୍ଜୁର କରିଥିଲେ। ସହକାରୀ ଜିଲାପାଳ କୁଳମଣି ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, କର୍ମଚାରୀ ଅର୍ଚ୍ଚନା କୁମାରୀ ସାମନ୍ତ, ଶିଶିର କୁମାର ମଲ୍ଲିକ, ରବିନ୍ଦ୍ରନାଥ ସେଠୀ ପ୍ରମୁଖ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ନାବାଳିକାଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ।

ପ୍ରକାଶ ଯେ, ଦୁଇ ବର୍ଷତଳେ ଧର୍ମଶାଳା ବ୍ଲକ୍ ଚୋରମୁହାଁ ପଞ୍ଚାୟତର ହଳଦୀପଦା ଗ୍ରାମର ଫକୀର ମୋହନ ମଲ୍ଲିକଙ୍କ ଘରୁ ଶିଶୁ ସୁରକ୍ଷା ଅଧିକାରୀ ଅନ୍ନପୂର୍ଣ୍ଣା ମଲ୍ଲିକ(୧୫)ଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଯାଜପୁର ସହରସ୍ଥିତ ବାହାବଳପୁର ଲକ୍ଷ୍ମୀନାରାୟଣ ସ୍ୱଧାର ଗୃହରେ ଥଇଥାନ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ନାବାଳିକାଙ୍କ ମାତା ଓ ପିତାଙ୍କ ପରିଚୟ ମିଳିପାରି ନାହିଁ। ଅପସ୍ମାର ଓ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ହୋଇ ଅନ୍ନପୂର୍ଣ୍ଣା ଡିସେମ୍ବର ୧୦ରୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଚିକିତ୍ସା ନିମନ୍ତେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ ଓ ଲକ୍ଷ୍ମୀନାରାୟଣ ସେବା ପ୍ରତିଷ୍ଠାନର କର୍ମକର୍ତ୍ତା ସହଯୋଗ କରିଆସୁଥିଲେ।

ସରପଞ୍ଚଙ୍କ ସ୍ୱାମୀଙ୍କୁ ମାଡ଼, ଗାଳିଗୁଲଜ ଘଟଣା: ଥାନାରେ ୨ ମାମଲା

କୋରେଇ, ୧୩।୧୨(ସ୍ୱ.ପ୍ର.)

କୋରେଇ ଥାନା ଅନ୍ତର୍ଗତ କାଚରାସାହି ସରପଞ୍ଚ ସସ୍ମିତା ତରାଇଙ୍କ ସ୍ୱାମୀ ସନ୍ତୋଷଙ୍କୁ ମାଡ଼ ଓ ଗାଳିଗୁଲଜ ଘଟଣାରେ କୋରେଇ ପୋଲିସ ଗୁରୁବାର ଉଭୟ ପକ୍ଷରୁ ୨ ମାମଲା(୨୪୭/୧୮ ଓ ୨୪୮/୧୮) ରୁଜୁ କରିଛି। ପ୍ରକାଶ ଯେ, କାଚରାସାହି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସସ୍ମିତା ତରାଇ ଓ ତାଙ୍କ ସ୍ୱାମୀ ସନ୍ତୋଷ ବସି ପୂର୍ବତନ ସରପଞ୍ଚ ନବଘନ ବାରିକଙ୍କ ସହ ଆଲୋଚନା କରୁଥିଲେ। ଏହି ସମୟରେ ଦାମୋଦର ବେହେରା ଓ ତାଙ୍କ ପୁଅ ଗଣେଶ ହଠାତ୍ ସେଠାରେ ପହଞ୍ଚିଥିଲେ। ପୂର୍ବ ଶତ୍ରୁତାକୁ ନେଇ ସରପଞ୍ଚ ଓ ଦାମୋଦରଙ୍କ ମଧ୍ୟରେ ବଚସା ହୋଇଥିଲା। ଫଳରେ ଦାମୋଦର ସସ୍ମିତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସନ୍ତୋଷଙ୍କୁ ମାଡ଼ ମାରିଥିଲେ। ଏପରିକି ଜାତିକୁ ଆକ୍ଷେପ କରିଥିଲେ। ଏ ନେଇ ସସ୍ମିତା ଥାନାରେ ଅଭିଯୋଗ କରିଥିଲେ। ଦାମୋଦର ଗୁରୁବାର ସରପଞ୍ଚଙ୍କ ନାମରେ ପାଲଟା ଅଭିଯୋଗ କରିଛି।

ମଦ ଜବତ, ୧ କୋର୍ଟ ଚାଲାଣ

କଳିଙ୍ଗନଗର, ୧୩।୧୨(ଡି.ଏନ୍.ଏ.) କଳିଙ୍ଗନଗର ପୋଲିସ ବେଆଇନ ମଦ କାରବାର ଅଭିଯୋଗରେ ଗୁରୁବାର ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ରଙ୍ଗାହୁଡି ଗ୍ରାମର ବୁଦୁନୀ ବାଙ୍କିରା। ବୁଦୁନୀ ଗ୍ରାମରେ ବେଆଇନ ମଦ ବିକ୍ରି କରୁଥିବା କଳିଙ୍ଗନଗର ପୋଲିସ କୌଣସି ସୂତ୍ରରୁ ଖବର ପାଇ ତାଙ୍କୁ ଗିରଫ କରିବା ସହ ୧୫ଲିଟର ଦେଶୀ ମଦ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (୧୭୩/୨୦୧୮) ଏକ ମାମଲା ରୁଜୁ କରିଛି।

୧୬ରେ ଯୁବ ସମାବେଶ

ଭାଗ ନେବେ ୧୫ ହଜାରରୁ ଉର୍ଦ୍ଧ୍ୱ ଯୁବ ପ୍ରତିଭା

ବିରଜାକ୍ଷେତ୍ର, ୧୩।୧୨(ଡି.ଏନ୍.ଏ) ଆସନ୍ତା ୧୬ତାରିଖ ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଜିଲାସ୍ତରୀୟ ଯୁବ ସମାବେଶ ଅନୁଷ୍ଠିତ ହେବ। ବିଜୁ ଯୁବ ବାହିନୀରେ ପଞ୍ଜୀକୃତ ହୋଇଥିବା ଯୁବବର୍ଗ ଏହି ସମାବେଶରେ ଭାଗନେବେ। ଜିଲାରେ ପ୍ରାୟ ୧୬ହଜାରରୁ ଉର୍ଦ୍ଧ୍ୱ ଯୁବବର୍ଗ ବିଜୁ ଯୁବବାହିନୀରେ ନାମ ପଞ୍ଜୀକରଣ କରିଛନ୍ତି। ଜିଲାର ୧୦ଟି ବ୍ଲକ ୨ ଗୋଟି ପୌରାଞ୍ଚଳରୁ ବିଜୁ ଯୁବବାହିନୀର ଯୁବବର୍ଗମାନେ ଏହି ଯୁବ ସମାବେଶରେ ଭାଗନେବେ। ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଯୁବବର୍ଗ ଏହି ଯୁବ ସମାବେଶରେ ସାମିଲ ହୋଇ ସେମାନଙ୍କ ଦକ୍ଷତାର ବିକାଶ ପ୍ରଦର୍ଶିତ କରିବେ ବୋଲି ସୂଚନା ମିଳିଛି। ଜିଲା ପ୍ରଶାସନ, କ୍ରୀଡ଼ା ବିଭାଗ ଓ ବିଜୁ ଯୁବ ବାହିନୀର ମିଳିତ ସହଯୋଗରେ ଏହି ଯୁବ ସମାବେଶ ଅନୁଷ୍ଠିତ ହେଉଛି। ଗୋଟିଏ ଦିନ ପାଇଁ ବାଳାଶ୍ରମ ପଡ଼ିଆରେ ଯୁବ ସମାବେଶ ହେବ। ଏହି ଅବସରରେ ଜିଲାରେ ସୁନାମ ଆଣିଥିବା ଯୁବବର୍ଗଙ୍କୁ ସମ୍ମାନିତ କରାଯିବ। ସମାଜସେବୀ ଭାବେ ସଂଘମିତ୍ରା ଦଳାଇ, ସ୍ୱର୍ଣ୍ଣଲତା ଦଳାଇ, ସ୍ୱେଚ୍ଛାସେବୀଭାବେ ରଞ୍ଜିତା ନାୟକ, ଝୁନୁବାଳା ଦାସ, ଶ୍ରେଷ୍ଠ ରକ୍ତଦାତାଭାବେ ସତ୍ୟରଞ୍ଜନ କର, କ୍ରୀଡ଼ାବିତ୍ ଦୁତୀ ଚାନ୍ଦ ଓ ବିପ୍ଳବ ବିଶ୍ୱାଳଙ୍କୁ ଯୁବ ସମାବେଶରେ ସମ୍ମାନିତ କରାଯିବ। ଏହି ଯୁବ ସମାବେଶରେ ରାଜ୍ୟର ଖ୍ୟାତନାମା ସିନେ ତାରକା ଓ କଣ୍ଠଶିଳ୍ପୀ ଯୋଗଦାନ କରିବେ ବୋଲି ସୂଚନା ମିଳିଛି।

ଟ୍ରାନ୍ସଫର୍ମର ଫାଟି ୩ ଗୁରୁତର

ଯାଜପୁରରୋଡ, ୧୩।୧୨ (ନି.ପ୍ର) ଯାଜପୁରରୋଡ ଥାନା ଅଧୀନ ଦଳା ଛକରେ ଗୁରୁବାର ଟ୍ରାନ୍ସଫର୍ମର ଫାଟି ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ନହା ଅଞ୍ଚଳର ମନୋଜ ଭୋଇ, ବିଞ୍ଝାରପୁର ଅଞ୍ଚଳର ପ୍ରକାଶ ଦାସ ଓ ଶଙ୍ଖଚିଲା ଭିଙ୍କିପୁର ଅଞ୍ଚଳର ଭାଗୀରଥୀ ପଣ୍ଡା। ପ୍ରକାଶ ଯେ, ଦଳା ଛକରେ ଥିବା ଏକ ମୋଟରସାଇକେଲ ଗ୍ୟାରେଜରେ ଏମାନେ ବସିଥିଲେ। ଏହି ସମୟରେ ନିକଟରେ ଥିବା ଟ୍ରାନ୍ସଫରମର କୌଣସି କାରଣବଶତଃ ଫାଟିଯାଇଥିଲା। ଫଳରେ ଟ୍ରାନ୍ସଫର୍ମର ମଧ୍ୟରେ ଥିବା ଗରମ ତେଲ ସେମାନଙ୍କ ଉପରେ ଛିଟିକିପଡିଥିଲା। ଗୁରୁତର ଅବସ୍ଥାରେ ତିନି ଜଣଙ୍କୁ ସ୍ଥାନୀୟ ଲୋକେ ଯାଜପୁର ରୋଡ ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତିକରିଥିଲେ।

ନବଜାତ ଶିଶୁପୁତ୍ର ମୃତ

ବିରଜାକ୍ଷେତ୍ର, ୧୩।୧୨(ଡି.ଏନ୍.ଏ.)

ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁପୁତ୍ରର ମୃତ୍ୟୁକୁ ନେଇ ଗୁରୁବାର ସନ୍ଧ୍ୟାରେ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖାଦେଇଛି। ଯାଜପୁର ବ୍ଲକ ବିଚିତ୍ରପୁର ପଞ୍ଚାୟତ ବିଚିତ୍ରପୁର ଗ୍ରାମର ରଞ୍ଜନ ନାୟକ ଙ୍କ ସ୍ତ୍ରୀ ସସ୍ମିତା ପ୍ରସବ ପାଇଁ ବୁଧବାର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ବୁଧବାର ରାତି ୨ଟାରେ ସସ୍ମିତା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଗୁରୁବାର ସକାଳେ ଶିଶୁ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋବରୁ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ଓ ନର୍ସମାନେ ଗୁରୁବାର ଅପରାହ୍ଣରେ ସାଲାଇନ୍ ସହ ଇଞ୍ଜେକ୍‌ସନ୍ ଦେଇଥିଲେ। ସାଲାଇନ୍ ଓ ଇଞ୍ଜେକ୍‌ସନ୍ ଦେଇ ନର୍ସ ଓ ଡାକ୍ତର ପଳାଇ ଯାଇଥିଲେ। ମାତ୍ର ଶିଶୁର ଅବସ୍ଥା ଗୁରୁତର ହେବାରୁ ରଞ୍ଜନ ଡାକ୍ତର ଓ ନର୍ସଙ୍କୁ ଡାକିଲାବେଳେ ସେମାନେ ଶିଶୁ ନିକଟକୁ ଆସି ନ ଥିଲେ। ଏ ନେଇ ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଥିଲା। ଯାଜପୁର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାକୁ ଆୟତ୍ତ କରିଥିଲା। ସାଲାଇନ୍ ଓ ଇଞ୍ଜେକ୍‌ସନ ମିଶି ବିଷ ପ୍ରକ୍ରିୟା ସୃଷ୍ଟି ହେବାରୁ ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବା ରଞ୍ଜନ ଅଭିଯୋଗ କରିଛନ୍ତି। ଶିଶୁ ଜନ୍ମବେଳେ ତା' ବେକରେ ମା'ର ନାଡ଼ି ଗୁଡ଼ାଇ ହୋଇଥିବାରୁ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହୋଇ ମୃତ୍ୟୁ ହୋଇଛି ବୋଲି ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅନୁପ କୁମାର ଶର୍ମା ସୂଚନା ଦେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ମୃତ ଶିଶୁର ପରିବାର ଓ ପୋଲିସ ଉପସ୍ଥିତ ଥିଲେ।

ହିଙ୍ଗୁଳା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

କୋରେଇ, ୧୩।୧୨(ସ୍ୱ.ପ୍ର.)

କୋରେଇସ୍ଥିତ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲରେ ଗୁରୁବାର ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷକ ରାଜକିଶୋର ବେହେରା ଉତ୍ସବ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଶିକ୍ଷକ ଉଦୟ ନାଥ ସାହୁ, ସଂଯୁକ୍ତା ମହାପାତ୍ର, ଘନଶ୍ୟାମ ନାଏକ, ମଧୁସ୍ମିତା ମହାନ୍ତି, ରନୀତା ବେହେରା, ହରପ୍ରୀୟା ସାହୁ, ସୁନିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ: ରସୁଲପୁର ଚାମ୍ପିୟନ

ବିରଜାକ୍ଷେତ୍ର, ୧୩।୧୨(ଡି.ଏନ୍.ଏ)

ଯାଜପୁର ସହରସ୍ଥିତ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲାର ୧୦ ବ୍ଲକ ଓ ୨ ପୌରାଞ୍ଚଳ ଏଥିରେ ଭାଗ ନେଇଥିଲେ। ଗୁରୁବାର କୋରେଇ ବ୍ଲକ ଓ ରସୁଲପୁର ବ୍ଲକ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରସୁଲପୁର ବ୍ଲକ ଚାମ୍ପିୟନ ହୋଇଥିଲା। ଆସନ୍ତା ୧୬ ତାରିଖରେ ବାଳାଶ୍ରମ ପଡ଼ିଆଠାରେ ଆୟୋଜିତ ଯୁବ ସମାବେଶରେ ଖେଳାଳିଙ୍କୁ ପୁରସ୍କୃତ କରାଯିବ। ଚାମ୍ପିୟନ୍ ଦଳ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଭାଗନେବେ। ଜିଲା କ୍ରୀଡ଼ା ବିଭାଗ ଓ ବିଜୁ ଯୁବବାହିନୀର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁଙ୍କ ନିର୍ଦ୍ଦେଶରେ ରେଫରୀଭାବେ ହରିହର ଜେନା, ଅଜିତ ପାଲ, ନିଗମାନନ୍ଦ ସ୍ୱାଇଁ, କୈଳାସ ମହାପାତ୍ର, ଅମର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ଆସିଲାନି ବିହନ, ସଙ୍କଟରେ ଓଲି ପିଆଜ ଚାଷ

ବିରଜାକ୍ଷେତ୍ର, ୧୩।୧୨(ଡି.ଏନ୍.ଏ.)

ଯାଜପୁର ଜିଲା
- ଅକ୍ଟୋବର ଶେଷରୁ ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ହୋଇଥାଏ ଚାଷ
- ଜିଲାରେ ୨୦୦ କେଜି ବିହନର ରହିଛି ଆବଶ୍ୟକତା
- ବିହନ ନ ଆସିବାରୁ ଚିନ୍ତାରେ ଚାଷୀ

ରାଜ୍ୟ ସରକାର ଚାଷୀ ଓ ଚାଷର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିଲେ ମଧ ଏହା ବିଭାଗୀୟ ଅଧିକାରୀଙ୍କ ଫାଇଲ୍ ତଳେ ରହିଯାଉଥିବା ଜଣାପଡ଼ିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲାରେ। ରାଜ୍ୟରେ ମାର୍ଚ୍ଚରୁ ଜୁନ୍ ପର୍ଯ୍ୟନ୍ତ ପିଆଜର ଅଭାବ ଦେଖାଯାଏ। ଏହି ସମୟରେ ପିଆଜ ଦର ଆକାଶଛୁଆଁ ହେବାରୁ ଗରିବ ଶ୍ରେଣୀର ଲୋକେ ହଇରାଣ ହୋଇଥାନ୍ତି। ପିଆଜ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କିଛିବର୍ଷ ପୂର୍ବେ ପିଆଜ ଚାଷକୁ ଅଗ୍ରାଧିକାର ଦେଇ ପିଆଜ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇଦେଲେ ରାଜ୍ୟରେ ପିଆଜ ଅଭାବ ରହିବ ନାହିଁ ବୋଲି ଘୋଷଣା କରିଥିଲେ। ମାତ୍ର ଏହା ଘୋଷଣାରେ ସୀମିତ ରହିଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଅକ୍ଟୋବର ଶେଷ କିମ୍ବା ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଓଲି ପିଆଜ ଚାଷ କରାଯାଇଥାଏ। ହେଲେ ଏପର୍ଯ୍ୟନ୍ତ ଯାଜପୁର ଜିଲାକୁ ବିହନ ଆସିନାହିଁ। ଏହି ସମୟ ମଧ୍ୟରେ ଚାଷୀ ବିହନ ତଳି ପକାଇଥାଏ। ତଳି ପକାଇବାର ୪୫ ଦିନ ପରେ ଗଛ ଉଠିଥାଏ। ଗଛ ଉଠିବା ପରେ ଗଛ ରୋପଣ କରିଥାଏ। ଯାଜପୁର ଜିଲା ଉଦ୍ୟାନ ବିଭାଗ ସବ୍‌ସିଡିରେ ପିଆଜ ଚାଷୀଙ୍କୁ ଏହି ବିହନ ଯୋଗାଇଥାନ୍ତି। ସରକାର ଉନ୍ନତମାନର ପିଆଜ ବିହନ ଯୋଗାଇ ଦେଇଥାନ୍ତି। ବିହନ କିଲୋ ପ୍ରତି ୧୦୦୦ ଟଙ୍କା ହୋଇଥିବା ବେଳେ ସବ୍‌ସିଡିରେ ଉଦ୍ୟାନ ବିଭାଗ ମାତ୍ର ୧୦୦ ଟଙ୍କାରେ ବିହନ ଯୋଗାଇ ଦେଇଥାନ୍ତି। ଯାଜପୁର ଜିଲାରେ ୨୦୦ କେଜି ବିହନର ଆବଶ୍ୟକତା ଅଛି। ଜିଲାର ଦାନଗଦୀ, ସୁକିନ୍ଦା, ରସୁଲପୁର, ଧର୍ମଶାଳା, ବଡ଼ଚଣା ପ୍ରଭୃତି ବ୍ଲକଗୁଡ଼ିକରେ ବିଶେଷଭାବେ ଓଲି ପିଆଜ ଚାଷ କରାଯାଏ। ଏଥିସହ ଅନ୍ୟ ବ୍ଲକରେ ଅଳ୍ପ ପରିମାଣର ଚାଷ କରାଯାଏ। ଗତବର୍ଷ ଯାଜପୁର ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ଉନ୍ନତମାନର ପିଆଜ ବିହନ ଯୋଗାଇ ଦିଆଯାଇଥିବାରୁ ଭଲ ପିଆଜ ଉତ୍ପାଦିତ ହୋଇଥିଲା। କିନ୍ତୁ ଚଳିତବର୍ଷ ବିହନ ଦିଆ ନ ଯିବାରୁ ଚାଷୀ ବାହାରୁ ବିହନ କିଣି ଚାଷ କରୁଛନ୍ତି। ତାହା କେତେ ଫଳପ୍ରଦ ହେବ ସନ୍ଦେହଜନକ। ଏପରିକି ଉଦ୍ୟାନ ବିଭାଗ ପକ୍ଷରୁ ବିହନ ମିଳି ନ ଥିବାରୁ ଜିଲାର ବହୁ ପିଆଜ ଚାଷୀ ଚାଷ କରି ନ ଥିବା ଜଣାପଡ଼ିଛି। ଅଧିକ ଦରରେ ବାହାର ମାର୍କେଟ୍‌ରୁ ବିହନ କିଣି ଚାଷ କରିବାକୁ ସୁରକ୍ଷିତ ମଣୁନାହାନ୍ତି। ଏ ବିଷୟରେ ଉଦ୍ୟାନ ବିଭାଗର ସମ୍ପ୍ରସାରଣ ଅଧିକାରୀ ହରମୋହନ ମହାପାତ୍ରଙ୍କୁ ପଚାରିବାରେ, ଯଦି ସରକାର ବର୍ତ୍ତମାନ ପିଆଜ ବିହନ ଯୋଗାଇ ଦିଅନ୍ତି, ତେବେ ଆଉ ଚାଷୀ ଆଉ ପିଆଜ ଚାଷ କରିପାରିବ ନାହିଁ ବୋଲି କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଡିସେମ୍ବର, ୨୦୧୮

ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ, ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।
- କନଫୁସିୟସ

ସଂକ୍ଷେପରେ

୧୫ରେ ବିଧାନସଭା ଆଗରେ ଧାରଣା ଦେବ ପାଚିକା ସଂଘ

ପୁରୀ ଅଫିସ,୧୩।୧୨: ଓଡ଼ିଶା ମଧାହ୍ନ ଭୋଜନ ପାଚିକା ସଂଘର ନିଷ୍ପତ୍ତି କ୍ରମେ ୭ଦଫା ଦାବି ନେଇ ଆସନ୍ତା ୧୫ ତାରିଖରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଏଥିସହିତ ବିଧାନସଭା ଆଗରେ ଧାରଣ ଦେବ ବୋଲି ପୁରୀ ଜିଲା ମଧାହ୍ନଭୋଜନ ପାଚିକା ସଂଘ ପକ୍ଷରୁ ଶୁକ୍ରବାର ବସଷ୍ଟାଣ୍ଡ ନିକଟ ମଙ୍ଗଳା ମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ସର୍ବନିମ୍ନ ମଜୁରି ୧୮ହଜାର ଟଙ୍କା, ଜାନୁୟାରୀରୁ ବର୍ଦ୍ଧିତ ଭତ୍ତା ୨ହଜାର ଟଙ୍କା ପ୍ରଦାନ, ବର୍ଷକୁ ଦୁଇ ହଳ ଶାଢ଼ି, ୨୮ମାସର ବକେୟା ଭତ୍ତା, ବୀମା, ପେନସନ୍ ଓ ପ୍ରୋଭିଡେଣ୍ଟ ଫଣ୍ଡ ଲାଗୁ ଆଦି କରାଯିବାକୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ପୁରୀ ଜିଲା ସଭାପତି ପୀତବାସ ବେହେରା, ସିଟୁ ରାଜ୍ୟ ସମ୍ପାଦକ ବନବାସିନୀ ମହାପାତ୍ର, ଜଗନ୍ନାଥ ଦେଓ, ତରୁଲତା ମିଶ୍ର, ଗୀତା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ମନ୍ଦିରରୁ ଠାକୁରଙ୍କ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍

ବାଲୁଗାଁ,୧୩।୧୨(ଡି.ଏନ.ଏ.): ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟ ଗ୍ରାମରେ ଥିବା ଶ୍ରୀଶ୍ରୀ ବାଳମୁକୁନ୍ଦ ଦେବଙ୍କ ମନ୍ଦିରର ତାଲା ଭାଙ୍ଗି ବୁଧବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତମାନେ ଠାକୁରଙ୍କର ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ସହ ଦାନବାକ୍ସ ଲୁଟି ନେଇଛନ୍ତି। ବୁଧବାର ମନ୍ଦିରର ପୂଜାକାର୍ଯ୍ୟ ସାରି ପୂଜକ ଅକ୍ଷୟ ପଣ୍ଡା ଦୈନନ୍ଦିନ ପରି ତାଲା ପକାଇ ଘରକୁ ଯାଇଥିଲେ । ଗୁରୁବାର ପୂର୍ବାହ୍ନରେ ଆସି ପୂଜକ ମନ୍ଦିରର ମୁଖ୍ୟ ୩ଗୋଟି ଦ୍ୱାର ଖୋଲାଥିବା ଦେଖିବାକୁ ପାଇଥିଲେ। ଭିତରେ ପଶି ଠାକୁରଙ୍କ ସମସ୍ତ ସୁନା ଓ ରୁପା ଅଳଙ୍କାର ସହ ଦାନବାକ୍ସକୁ କେହି ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ମନ୍ଦିର ପରିଚାଳନା କମିଟିର ସଭାପତି ମୋଚିରାମ ଜାଲି ବାଲୁଗାଁ ଥାନାରେ ଲିଖିତ ଏତଲା ଦେଇଥିଲେ । ପୋଲିସ ମାମଲା ରୁଜୁ କରି ଏହାର ତଦନ୍ତ କରିବାରେ ମନ୍ଦିରର ଅନତି ଦୂରରୁ ଦାନବାକ୍ସଟି ଭଙ୍ଗାରୁଜା ଅବସ୍ଥାରେ ଉଦ୍ଧାର କରିଥିଲା ।

ପୁରୀରେ ଏନସିପିସିଆର କେନ୍ଦ୍ରୀୟ ପ୍ରତିନିଧି

ନୀଳାଚଳ ଶିଶୁ ସଦନର ରେକର୍ଡ ଯାଞ୍ଚ କଲେ

ପୁରୀ ଅଫିସ/କଣାସ,୧୩।୧୨ (ଡି.ଏନ.ଏ.): ଢେଙ୍କାନାଳ ଜିଲା ବେଲଟିକିରିସ୍ଥିତ ଗୁଡ ନ୍ୟୁଜ୍ ଇଣ୍ଡିଆ ଡ୍ରିମ ଶେଲଟର ଶିଶୁଗୃହରେ ଯୌନ ଶୋଷଣ ଅଭିଯୋଗ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ଏହାର କିଛିଦିନ ପରେ ପୁରୀ ଜିଲା ସତ୍ୟବାଦୀସ୍ଥିତ ଆଚାର୍ଯ୍ୟ ହରିହର ଶିଶୁ ସଦନରେ ଅନ୍ତେବାସୀଙ୍କୁ ମାଡ଼ ଘଟଣା ପଦାକୁ ଆସିଥିଲା। ଏହି ଘଟଣାରେ ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଗୁରୁବାର ନ୍ୟାଶନାଲ କାଉନସିଲ୍ ଫର ପ୍ରୋଟେକ୍ସନ ଅଫ ଚାଇଲ୍ଡ ରାଇଟ୍ସ (ଏନସିପିସିଆର)ର କନସଲଟାଣ୍ଟ ପାୟଲ ଶର୍ମା ଏବଂ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟ ବିଦ୍ୟା ଶାଶ୍ୱତୀ ଦୁଇ ଦିନିଆ ପୁରୀ ଗସ୍ତରେ ଆସିଛନ୍ତି। ଏହି ପ୍ରତିନିଧି ପୂର୍ବାହ୍ନ ୧୧ଟାରେ ପୁରୀ ସର୍କିଟ ହାଉସରେ ପହଞ୍ଚିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ କଣାସ ଯାଇ ନୀଳାଚଳ ଶିଶୁ ସଦନର ସମସ୍ତ ରେକର୍ଡ ଯାଞ୍ଚ କରିଥିଲେ। ସେଠାରୁ ଡେଲାଙ୍ଗ ସ୍ଥିତ ଆଭା ଶିଶୁ ଯତ୍ନ ୟୁନିଟକୁ ଯାଇଥିଲେ। ଅନୁଷ୍ଠାନର ସମସ୍ତ କାଗଜପତ୍ର, ଅନଲାଇନ ରେଜିଷ୍ଟ୍ରେଶନ, ଦୈନିକ ବିବରଣୀ ଆଦି ନିରୀକ୍ଷଣ କରିଥିଲେ। ଶୁକ୍ରବାର ବାଳାଶ୍ରମ, ଓପନ୍ ସେଲ୍ଟର, ସତ୍ୟବାଦୀସ୍ଥିତ ଆଚାର୍ଯ୍ୟ ହରିହର ସେବା ସଦନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ସାଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଶାଖାର ଶୁଭ ନାରାୟଣ ଶତପଥୀ ଏବଂ ସିଡବ୍ଲ୍ୟୁସି ସଦସ୍ୟ ସୁଚେତା ଦାଶ ପ୍ରମୁଖ ଥିଲେ।

■ ମାଛଧରା କଟକଣାକୁ ପୂରୁଛି ଦେଢ଼ମାସ

ମଲେଣି ୧୨୫ ଅଲିଭ ରିଡ୍‌ଲେ

ପୁରୀ ଅଫିସ,୧୩।୧୨

■ନିଷିଦ୍ଧାଞ୍ଚଳରେ ଫିସିଂ ବେଳେ ଟ୍ରଲର ଜବତ

■୯ ଜଣଙ୍କୁ ଧରି ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କଲା ବନ ବିଭାଗ

ନଭେମ୍ବର ମାସରୁ ଲକ୍ଷାଧିକ ସଂଖ୍ୟାରେ ଅଲିଭ ରିଡ୍‌ଲେ କଇଁଛ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରନ୍ତି। କୂଳଠାରୁ ୫ରୁ ୧୦ କିମି ମଧ୍ୟରେ ସେମାନଙ୍କର ମିଳନ ହୁଏ। ବିଶେଷକରି ଓଡ଼ିଶାର ଗହୀରମଥା, ଋଷିକୁଲ୍ୟା ମୁହାଣ ବେଳାଭୂମି ଏବଂ ପୁରୀ ଜିଲା ଅସ୍ତରଙ୍ଗ ଦେବୀନଦୀ ମୁହାଣ ଉପକୂଳ ଅଞ୍ଚଳରେ ଅଲିଭ ରିଡ୍‌ଲେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି। ତେଣୁ ଓଡ଼ିଶା ମୁହାଁ ହେଉଥିବା ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଇତିମଧ୍ୟରେ ଏହି କଟକଣା ଦେଢ଼ ମାସ ପୂରିବାକୁ ଯାଉଛି। ହେଲେ ଟ୍ରଲର ମାଡ଼ରେ ଏବଂ ଜାଲରେ ପଡି ଏହି ସମୟ ମଧ୍ୟରେ ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଞ୍ଚଳରେ ୧୨୫ କଇଁଛଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି।

ଅନ୍ୟପକ୍ଷରେ ବୁଧବାର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ବେଳେ ଗୋଟିଏ ଟ୍ରଲରକୁ ଜବତ କରିଛି ବନ ବିଭାଗ।

ସୂଚନା ଅନୁଯାୟୀ, ଅରଖକୁଦାଠାରୁ ଦେବୀ ମୁହାଣ ପ୍ରାୟ ୮୦ କିମି ବ୍ୟାପ୍ତ ବେଳାଭୂମି ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ରହିଛି। ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ଦେବୀ ମୁହାଣଠାରୁ କେଲୁଣୀ ମୁହାଣ ୨୧ କିମି ଅଞ୍ଚଳରେ ଉପକୂଳଠାରୁ ସମୁଦ୍ର ମଧ୍ୟକୁ ୨୦କିମି ପର୍ଯ୍ୟନ୍ତ ଅଞ୍ଚଳରେ ଟ୍ରଲର ଚଳଚାଳକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହାବାଦ ଅନ୍ୟାନ୍ୟ ଅଞ୍ଚଳରେ ଉପକୂଳଠାରୁ ୫ କିମି ମଧ୍ୟରେ ଟ୍ରଲର ଚଳାଚଳ ନିଷେଧ ରହିଛି। କିନ୍ତୁ ଏହି ନୋ ଫିସିଙ୍ଗ ଜୋନରେ ଅଧିକାଂଶ ସମୟ ଚକ୍କର କାଟୁଥିବା ଟ୍ରଲରଗୁଡ଼ିକ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁର କାରଣ ସାଜୁଛନ୍ତି। ପୁରୀ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ ରବୀନ୍ଦ୍ର କୁମାର ମହାପାତ୍ରଙ୍କ ସୂଚନା ମୁତାବକ, ପୁରୀ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ସମୁଦ୍ର ବେଳାଭୂମିରେ ୧୩ଟି କଇଁଛ ସୁରକ୍ଷା କ୍ୟାମ୍ପ କରାଯାଇଛି। ୧୨ଟି ବେଳାଭୂମିରେ (ଅନ୍ ସୋର କ୍ୟାମ୍ପ) ହୋଇଥିବା ବେଳେ ଗୋଟିଏ ସମୁଦ୍ର ମଧ୍ୟରେ ପାଟ୍ରୋଲିଂ (ଅଫ୍ ସୋର କ୍ୟାମ୍ପ) କରାଯାଇଛି। ଅସ୍ତରଙ୍ଗ ଅଞ୍ଚଳରେ ଅର୍ଥାତ୍ ଦେବୀ ମୁହାଣଠାରୁ କେଲୁଣୀ ମୁହାଣ ମଧ୍ୟରେ ନିୟମିତ ପାଟ୍ରୋଲିଂ କରାଯାଉଛି। ଯେହେତୁ ଏଠାକୁ ଅଧିକ ସଂଖ୍ୟକ ଅଲିଭ ରିଡ୍‌ଲେ ଆସିଥାନ୍ତି ସେଥିପାଇଁ ଏହି ଅଞ୍ଚଳ ଉପରେ ଅଧିକ ଫୋକସ ରହିଛି। ବୁଧବାର ଅସ୍ତରଙ୍ଗ ସମୁଦ୍ର ନୋ ଫିସିଙ୍ଗ ଅଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ପାରାଦୀପର ଏକ ଟ୍ରଲରକୁ ପାଟ୍ରୋଲିଂ ଟିମ୍ ଜବତ କରିଛି। ଗୁରୁବାର ଏଥିରେ ଥିବା ୯ ମତ୍ସ୍ୟଜୀବୀ, ଜାଲ, ମାଛ ଏବଂ ଟ୍ରଲରକୁ ବନ ବିଭାଗ ନୂଆଗଡ଼ ଜେଟିଠାରେ ଓମ୍ପା ଆକ୍ଟ ଅନୁଯାୟୀ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ପୁରୀ ବନ୍ୟପ୍ରାଣୀ ବିଭାଗର ତଥ୍ୟ ଅନୁଯାୟୀ, ଚଳିତବର୍ଷ ନଭେମ୍ବର ୧ରୁ ଡିସେମ୍ବର ୧୩ ମଧ୍ୟରେ ୧୨୫ କଇଁଛଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁରୀ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ କୁହନ୍ତି, କଇଁଛ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଭାବେ ଦୃଷ୍ଟି ରଖାଯାଇଛି। ବିଶେଷକରି ଦେବୀନାସୀଠାରୁ କେଲୁଣୀ ମୁହାଣ ପର୍ଯ୍ୟନ୍ତ ଅଞ୍ଚଳରେ ସାମୁଦ୍ରିକ ପାଟ୍ରୋଲିଂକୁ ଜୋର୍‌ଦାର କରାଯାଉଛି। ବେଳେ ବେଳେ ଚନ୍ଦ୍ରଭାଗା ଏବଂ ପୁରୀ ସମୁଦ୍ରରେ ମଧ୍ୟ ପାଟ୍ରୋଲିଂ ହେଉଛି। ଆଗକୁ ଏହି ପାଟ୍ରୋଲିଂକୁ ଆହୁରି କଡ଼ାକଡି କରାଯିବ।

■ ଯାଦବ ମହାସଭାର ଖବରଦାତା ସମ୍ମିଳନୀ

ଯାଦବ ପରିବାର ଉପରୁ ବାସନ୍ଦ ହଟାଯାଉ

ଖବରଦାତା ସମ୍ମିଳନୀରେ ଯାଦବ ମହାସଭାର କର୍ମକର୍ତ୍ତା।

ପୁରୀ ଅଫିସ,୧୩।୧୨

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ କୁଶୁବେଣ୍ଟି ପଞ୍ଚାୟତର ବୁଢାକେରା ଗ୍ରାମର ୧୫ ଯାଦବ ପରିବାର ଗତ କିଛି ମାସ ହେଲା ବାସନ୍ଦ ଜୀବନ ବିତାଉଛନ୍ତି। ସେମାନଙ୍କ ମହିଳା ଓ ଶିଶୁମାନଙ୍କୁ ଗ୍ରାମବାସୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଭୟରେ ମହିଳାମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏନେଇ ବ୍ରହ୍ମଗିରି ଥାନାରେ ବିଭିନ୍ନ ସମୟରେ ୨୫ରୁ ଊର୍ଦ୍ଧ୍ୱ ଅଭିଯୋଗ କରାଯାଇଛି। ଅଭିଯୋଗ ରଖି ପୋଲିସ ଚୁପ୍ ବସିଛି। ପୋଲିସର ନିଷ୍କ୍ରିୟତାରୁ କେତେଜଣ ଗ୍ରାମବାସୀ ବାସନ୍ଦ ପରିବାରକୁ ହଇରାଣ କରୁଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଗୁରୁବାର ଚନ୍ଦ୍ରଶେଖର ପାଠାଗାର ପରିସରରେ ପୁରୀ ଜିଲା ଯାଦବ ମହାସଭା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଗୋପାଳ ଚନ୍ଦ୍ର ବେହେରା ଓ ସମ୍ପାଦକ ଦିଗମ୍ବର ବେହେରା ଏହା କହିଛନ୍ତି।

ବାସନ୍ଦ ପରିବାରଙ୍କୁ ନ୍ୟାୟ, ଗୋଚର ଜମିର ସଂରକ୍ଷଣ, ଭୂମିହୀନଙ୍କୁ ସରକାରୀ ଜମି ପ୍ରଦାନ, ଓଡ଼ିଶା ମାନବାଧିକାର କମିଶନ ଦେଇଥିବା ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଭାପତି ବେହେରା ଦାବି କରିଛନ୍ତି। ଉପରୋକ୍ତ ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଯାଦବ ମହାସଭା ଆଗାମୀ ଦିନରେ ରାସ୍ତାରୋକୋ କରିବାକୁ ବାଧ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି।

■ ଦ୍ୱିତୀୟ ନାନୋ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ

ଉତ୍ତମ ଚରିତ୍ର, ଶୃଙ୍ଖଳିତ ଜୀବନଶୈଳୀ ସଫଳତାର ମାପକାଠି

ସ୍କୁଲ ପିଲାମାନେ ପ୍ଲାଷ୍ଟିକ୍ ଓ ପଲିଥିନ ବର୍ଜନ ପାଇଁ ସଚେତନତା ସୃଷ୍ଟି କରୁଛନ୍ତି।

ପୁରୀ ଅଫିସ,୧୩।୧୨

ଦ୍ୱିତୀୟ ନାନୋ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ ଗୁରୁବାର ଠାରୁ ପୌର ସଦନରେ ଆରମ୍ଭ ହୋଇଛି। ଆସନ୍ତା ୧୫ତାରିଖରେ ଏହା ସମାପ୍ତ ହେବ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, ପ୍ରତ୍ୟେକ ବ୍ୟକ୍ତିର ଶୈଶବ ଅବସ୍ଥା ରହିଛି। ଏହି ସମୟରେ ଯେପରି ଗଢା ହେବେ,ଭବିଷ୍ୟତ ଜୀବନ ସେପରି ହେବ। ଶିଶୁ ଦେଶର ଆଗାମୀ ଭବିଷ୍ୟତ। ଶିଶୁର ଶୈକ୍ଷିକ ବିକାଶ ଦିଗରେ ଉଭୟ ପରିବାର ଏବଂ ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି। ପ୍ରତ୍ୟେକ ମହାପୁରୁଷଙ୍କ ଜୀବନ ପଛରେ ସେମାନଙ୍କ ମାତାପିତା ଏବଂ ଶିକ୍ଷକଙ୍କ ପ୍ରେରଣା ନିହିତ ରହିଛି। ଉତ୍ତମ ଚରିତ୍ର ଏବଂ ଶୃଙ୍ଖଳିତ ଜୀବନଶୈଳୀ ସଫଳତାର ମାପକାଠି ବୋଲି ସେ କହିଥିଲେ।

ଆବାହକ ସଞ୍ଜୀବ ରଥଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଚାଇଲ୍ଡଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଡା. ରାଧେଶ୍ୟାମ ରଥ, ରୋଟାରିୟାନ ଅଜିତ କୁମାର ସାହା ଓ କମଳେନ୍ଦୁ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଅପରାହ୍ନରେ ସ୍କୁଲପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ଚଳଚ୍ଚିତ୍ର ଉତ୍ସବର ପ୍ରଥମ ଦିବସରେ ଓଡ଼ିଆ, ହିନ୍ଦୀ ଓ ଇଂଲିଶ ଭାଷାରେ ୨୨ଟି ଶିଶୁ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ପ୍ରଥମ ଦିବସରେ ରୋଟାରି କ୍ଲବ ପକ୍ଷରୁ ପଲିଥିନ ମୁକ୍ତ ଶ୍ରୀକ୍ଷେତ୍ରର ବାର୍ତ୍ତା ଦିଆଯାଇଥିଲା।

୫ ପଞ୍ଚାୟତରେ କଂଗ୍ରେସର ସାଙ୍ଗଠନିକ ବୈଠକ

ଖଣ୍ଡପଡା,୧୩।୧୨(ସ୍ୱ.ପ୍ର.)

ସମ୍ପ୍ରତି ଶେଷ ହୋଇଥିବା ୩ଟି ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସ ଦଳ ସ୍ପଷ୍ଟ ବହୁମତ ହାସଲକରି ସରକାର ଗଠନ କରିବାକୁ ଯାଉଥିବାବେଳେ ଏହି ପ୍ରତିପ୍ରେକ୍ଷୀରେ ଖଣ୍ଡପଡା ନିର୍ବାଚନମଣ୍ଡଳୀର କଂଗ୍ରେସ ଦଳରେ ଉତ୍ସାହ ପରିଲକ୍ଷିତ ହୋଇଛି। ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ଯୁବନେତା ସୌମ୍ୟଜିତ ମିଶ୍ର ପ୍ରୟାସ ଆରମ୍ଭ କରିଛନ୍ତି। ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି, ମର୍ଦ୍ଧରାଜପୁର, ସିଂଘାପଡା ସମେତ ୫ ପଞ୍ଚାୟତରେ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସେହିପରି ''ମୋ ବୁଥ୍ ମୋ ଗୌରବ''କାର୍ଯ୍ୟକ୍ରମ ଜରିଆରେ ଦଳର ପୁରୁଖା ନେତା, ସଙ୍ଗଠକ, ପଞ୍ଚାୟତସ୍ତରୀୟ ନେତା ଓ କର୍ମକର୍ତ୍ତାମାନଙ୍କୁ ଭେଟି ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିବା ଜଣାଯାଇଛି। ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ କରିବା ନିମନ୍ତେ ପ୍ରତ୍ୟେକ ସାଂଗଠନିକ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

୨ ଶିଶୁ ଶ୍ରମିକ ଉଦ୍ଧାର

ପୁରୀ ଅଫିସ,୧୩।୧୨: ପୁରୀ ସଦର ଥାନା ଅନ୍ତର୍ଗତ ବାଲିଗୁଆଳି ଠାରେ ନିର୍ମାଣାଧୀନ ଶ୍ରୀଜଗନ୍ନାଥ ମେଡିକାଲ କଲେଜ କୋଠାରେ ନିୟୋଜିତ ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଗୁରୁବାର କୌଣସି ସୂତ୍ରରୁ ଖବର ପାଇ ଚାଇଲ୍ଡ ଲାଇନ ଏବଂ ଜିଲା ଶ୍ରମ ବିଭାଗ ମିଳିତ ଭାବେ ଚଢ଼ାଉ କରିଥିଲେ। ଉଦ୍ଧାର ଶିଶୁ ଶ୍ରମିକଙ୍କୁ କାଉନସେଲିଂ ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ଘର ପଶ୍ଚିମବଙ୍ଗ ମେଦିନାପୁରରେ ବୋଲି ଜଣାପଡ଼ିଛି।

ଆମ୍ବତୋଟାରେ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠାକୁ କଇଥପଲ୍ଲୀ ଗ୍ରାମବାସୀଙ୍କ ବିରୋଧ

ଖଣ୍ଡପଡା,୧୩।୧୨(ସ୍ୱ.ପ୍ର.)

ଖଣ୍ଡପଡା ସହର ଉପକଣ୍ଠରେ ଏକ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ଅର୍ଥ ମଞ୍ଜୁର ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଖଣ୍ଡପଡା ତହସିଲ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ୧୫ ଏକରରୁ ଉର୍ଦ୍ଧ ସରକାରୀ ଜାଗା ଚିହ୍ନଟ କରାଯାଇଛି। ତେବେ ପ୍ରସ୍ତାବିତ ସ୍ଥାନରେ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠାକୁ ଖଣ୍ଡପଡା ବ୍ଲକର ଶାଳଝରିଆ ପଞ୍ଚାୟତ ଅଧୀନ କଇଥପଲ୍ଲୀ ଗ୍ରାମବାସୀ ତୀବ୍ର ବିରୋଧ କରିଆସୁଛନ୍ତି । ଏପରିକି ପ୍ରସ୍ତାବିତ ସ୍ଥାନରେ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ହେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଏକ ବୈଠକରେ ଚେତାବନୀ ଦେଇଛନ୍ତି ।

ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ କଇଥପଲ୍ଲୀ ମୌଜାର ଖାତା ନଂ- ୩୪୭ ଓ ପ୍ଲଟ ନଂ- ୩୯ ରେ ୧୫ ଏକରରୁ ଉର୍ଦ୍ଧ୍ୱ ଜାଗାରେ ଏକ ଆମ୍ବତୋଟା ରହିଛି । ରାଜରାଜୁଡା ଅମଳରୁ ଏହି ଆମ୍ବ ତୋଟାକୁ କଇଥପଲ୍ଲୀ ଗ୍ରାମବାସୀ ସୁରକ୍ଷା ଯୋଗାଇ ଆସୁଥିବାରୁ ଉକ୍ତ ତୋଟା ମଧ୍ୟରେ ଆମ୍ବ ଗଛ ସମେତ ଶାଳ,ପିଆଶାଳ ଓ ଶାଗୁଆନ ପ୍ରଭୃତି ବହୁ ମୂଲ୍ୟବାନ ବୃକ୍ଷ ରହିଛି। ଫଳରେ ଗ୍ରାମବାସୀଙ୍କ ଭୟରେ କାଠ କଟାଳିଙ୍କ ଠାରୁ ଆରମ୍ଭ କରି କାଠ ମାଫିଆମାନେ ମଧ ଉକ୍ତ ସ୍ଥାନରୁ ଗଛ କାଟିବାକୁ ସାହସ ଜୁଟାଇ ପାରୁ ନାହାନ୍ତି। ତେଣୁ ଉକ୍ତ ସ୍ଥାନରେ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ହେଲେ ଶହଶହ ଫଳନ୍ତି ଆମ୍ବଗଛ ସମେତ ଅନ୍ୟ ଗଛ ଗୁଡ଼ିକ ମଧ ପ୍ରଶାସନ କାଟିବାକୁ ବାଧ ହେବେ ବୋଲି ଜଣାପଡିଛି । ଉକ୍ତ ସ୍ଥାନରେ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠାକୁ ଗ୍ରାମବାସୀ ବିରୋଧ କରି ଆସୁଥିବା ବେଳେ ଗଛକଟାକୁ ମଧ ବିରୋଧ କରିଛନ୍ତି । ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା କଇଥପଲ୍ଲୀ ମୌଜା ନିକଟସ୍ଥ ସ୍ଥାନରେ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ନକରି ଅନ୍ୟତ୍ର ପ୍ରତିଷ୍ଠା କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ନୟାଗଡ ଜିଲାପାଳ, ରାଜସ୍ୱ କମିଶନର ଓ ଖଣ୍ଡପଡା ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ହେଁ ଅଦ୍ୟାବଧି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଭିଯୋଗ ହେଉଛି। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟିଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଇଥପଲ୍ଲୀ ଗ୍ରାମବାସୀ ଦାବି କରିଛନ୍ତି।

ବୈଠକରେ ଯୋଗଦେଇଥିବା ଗ୍ରାମବାସୀ।

ନିମାବାବାଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ବୋଲଗଡ଼,୧୩।୧୨(ଡି.ଏନ.ଏ.): ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ ପାନନଗରସ୍ଥିତ ଶୂନ୍ୟ ଆଶ୍ରମର ଭକ୍ତମାନେ ଗୁରୁବାର ରାଜସୁନାଖଳା ବଜାର ଅଞ୍ଚଳରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛନ୍ତି। ଦୀକ୍ଷାଗୁରୁ ଆଜନ୍ମ ବ୍ରହ୍ମଚାରୀ ଶ୍ରୀ ଶ୍ରୀ ନିମାବାବାଙ୍କର ୧୦୨ ବର୍ଷ ବୟସରେ ବଡ଼ମ୍ବା ବ୍ଲକସ୍ଥିତ ଏକ ଆଶ୍ରମରେ ସ୍ୱର୍ଗବାସ ଯୋଗୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଶିଷ୍ୟମାନେ ଏହା କରିଛନ୍ତି। ନାମ ସଂକୀର୍ତ୍ତନ କରି ଭକ୍ତମାନେ ପାନନଗର ଆଶ୍ରମଠାରୁ ବାହାରି ରାଜସୁନାଖଳାର ଗଡ୍ରୋନାଥ ବଜାର ଓ ସାହି ସମେତ କୁମାରୀ ଆଦି ଗ୍ରାମ ପରିକ୍ରମା କରିଥିଲେ। ବେଗୁନିଆ, ଭାପୁର, ବାଙ୍କୀ, ବୋଲଗଡ଼ ଏବଂ ରଣପୁର ବ୍ଲକରୁ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଭକ୍ତ ଶୋଭାଯାତ୍ରାରେ ଚାଲିଥିଲେ ।

ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ଓଡ଼ଗାଁ, ୧୩।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲାସ୍ତରୀୟ ଦୁଇଦିନିଆ ବିଜ୍ଞାନ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି, ବିଇଓ ବସନ୍ତ କୁମାର ନାୟକ, ବିଇଓ ପ୍ରସନ୍ନ କୁମାର ଦାଶ, ନୂଆଗାଁ ବିଇଓ ସୁକାନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିରେ ସମୁଦାୟ ୯୧ ଇନସ୍ପାୟର ପ୍ରକଳ୍ପ ଓ ବିଭିନ୍ନ ବ୍ଲକରୁ ୫୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ପ୍ରଭାକିରଣ ମହାପାତ୍ର, ସଙ୍କଳ୍ପ କୁମାର ଦାଶ, ସାଇପ୍ରିୟା ସାହୁ, ପ୍ରଭୁପ୍ରିତମ, ସ୍ନେହାରାଣି ସାହୁ, ଶୁଭାଶିଷ ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ଶ୍ରୁତିସୌରଭ ମିଶ୍ର ଓ ଦିବ୍ୟଜ୍ୟୋତିଙ୍କ ୯ଟି ଇନସ୍ପାୟର ପ୍ରକଳ୍ପ ଓ ସ୍ନେହାଞ୍ଜଳି ଦଳବେହେରା, ଭାରତୀ ମହାରଣା, ଅନ୍ତରୀକ୍ଷ ରଥ, ସନ୍ଧ୍ୟାରାଣୀ ପ୍ରଧାନ, ଗାୟତ୍ରୀ ବେହେରା ଓ ନାଜିନ୍ ଖାତୁନ ୬ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲା। ସେହିପରି ଅନୁଷ୍ଠିତ ବିଜ୍ଞାନ ସେମିନାରକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ପରିଚାଳନା କରିଥିବା ବେଳେ ଖଣ୍ଡପଡା ବିଇଓ ଚନ୍ଦନ କୁମାର ରଥ ସହଯୋଗ କରିଥିଲେ। ଅନ୍ୟପକ୍ଷେ ଡିଇଓ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଏକ ପ୍ରକଳ୍ପ।

ବିଡିଓ-ଭାଜପା ନେତା ବିବାଦର ନୂଆ ମୋଡ଼

କଳାବ୍ୟାଜ୍ ପିନ୍ଧି ବ୍ଲକ ପ୍ରଶାସନର ପ୍ରତୀକ ଧାରଣା

ଦଶପଲ୍ଲା,୧୩।୧୨ (ଡି.ଏନ.ଏ.)

ବ୍ଲକ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ।

ବୁଧବାର ଦଶପଲ୍ଲା ବ୍ଲକ ପରିସରରେ ଭାଜପା ନେତା ରାଘବ ମଲ୍ଲିକ ଓ ବିଡିଓ ଦେବୀ ପ୍ରସାଦ ମହାନ୍ତିଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଗୁରୁବାର ଭିନ୍ନମୋଡ ନେଇଛି। ଭାଜପା ନେତା ମଲ୍ଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବ୍ଲକ ଅମଳା ସଂଘ କଳାବ୍ୟାଜ୍ ପରିଧାନ କରି ପ୍ରତୀକ ଆନ୍ଦୋଳନ ଆରମ୍ଭ କରିଛି। ଅନ୍ୟପକ୍ଷରେ ବିଡିଓଙ୍କୁ ଗିରଫ ଦାବି ନେଇ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଏସ୍‌ପିଙ୍କୁ ଭେଟିବ ବୋଲି ସୂଚନା ମିଳିଛି।

ବିଡିଓ ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଅପରାହ୍ନ ପ୍ରାୟ ୨ଟା ୫୦ ମିନିଟ ସମୟରେ କିଛି ସରକାରୀ ତଥ୍ୟ ପ୍ରସ୍ତୁତ କରୁଥିଲେ। ଏହି ସମୟରେ ରାଘବ ମଲ୍ଲିକ କିଛି ବ୍ୟକ୍ତିଙ୍କ ସହିତ ଆସି ପାଟି କରିବା ସହ କାର୍ଯ୍ୟାଳୟ ମଧ୍ୟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସେ ବାହାରକୁ ଆସିଥିବାବେଳେ ମଲ୍ଲିକ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷେ ଭାଜପା ନେତା ମଲ୍ଲିକଙ୍କ ଅଭିଯୋଗ ଅନୁଯାୟୀ ସେ ଲୋକଙ୍କ ସମସ୍ୟା ନେଇ ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ଦୀର୍ଘସମୟ ଅପେକ୍ଷା ପରେ ଅପରାହ୍ନ ପ୍ରାୟ ୨ଟା ୫୦ ମିନିଟ୍ ସମୟରେ ବିଡିଓ ମହାନ୍ତି କାର୍ଯ୍ୟାଳୟକୁ ଆସି କବାଟ ବନ୍ଦ କରିଦେଇଥିଲେ। ପିଅନ ଦ୍ୱାରା ଡକାଇବାରୁ ହଠାତ୍ ବିଡିଓ ଚାଲିଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଜାତିଆଣ ଆକ୍ଷେପ କରି କାର୍ଯ୍ୟାଳୟରୁ ବାହାରିଯିବା ପାଇଁ କହିଥିବା ମଲ୍ଲିକ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏପରିସ୍ଥଳେ ଗୁରୁବାର ପଞ୍ଚାୟତ ସମିତି ସଭାଗୃହରେ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏହି ଘଟଣାର ଦୃଢ ପ୍ରତିବାଦ କରିଥିଲେ ବ୍ଲକ ଅମଳା ସଂଘ କର୍ମଚାରୀ। ଭାଜପା ନେତା ମଲ୍ଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କର୍ମଚାରୀମାନେ ଦାବି କରି କଳାବ୍ୟାଜ୍ ପରିଧାନ କରିଛନ୍ତି। ପିଠା କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଏହି ପ୍ରତୀକ ଆନ୍ଦୋଳନ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପରେ ୨୧ ତାରିଖଠାରୁ ସମୂହ କଲମ ଛାଡ କରି ଆନ୍ଦୋଳନ କରିବେ ବୋଲି ଅମଳା ପକ୍ଷରୁ ନିଷ୍ପତ୍ତି ନିଆଯାଇ ଜିଲାପାଳଙ୍କ ଦାବିପତ୍ର ଦିଆଯାଇଛି। ଅନ୍ୟପଟେ ଜିଲା ଭାଜପା ପକ୍ଷରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଜିଲା ସଭାପତି ସନ୍ୟାସୀ ନାୟକ ସୂଚନା ଦେଇଛନ୍ତି। ଶୁକ୍ରବାର ଏକ ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟି ବିଡିଓ ମହାନ୍ତିଙ୍କୁ ୨୪ଘଣ୍ଟା ମଧ୍ୟରେ ଗିରଫ ପାଇଁ ଦାବି କରିବ। ଉଭୟ ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଥିବା ବେଳେ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ଓ ଏସ୍‌ଡିପିଓ ସୁଧାକର ସାହୁ ବ୍ଲକରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଥିବା କହିଛନ୍ତି।

ଦୁନିଆରେ ଯେତେ ପ୍ରକାର ଭୟ ରହିଛି,
ବଦନାମ ହେଉଛି ସବୁଠାରୁ ବଡ଼ ଭୟ।
- ଚାଣକ୍ୟ

ବିନା ଏନ୍‌ଓସିରେ ଚାଲିଛି ୧୦୪ ଘରୋଇ ବିଦ୍ୟାଳୟ

■ ୧୩୨ରୁ ପାଇଛନ୍ତି ମାତ୍ର ୨୮ ବିଦ୍ୟାଳୟ

■ ନୂଆଗାଁ ଓ ଗଣିଆ ବ୍ଲକରେ କାହାକୁ ମିଳିନି ଏନ୍‌ଓସି

ନୟାଗଡ଼ ଅଫିସ,୧୩।୧୨

ନୟାଗଡ଼ ଜିଲାରେ ମାତ୍ର ୨୮ ଘରୋଇ ବିଦ୍ୟାଳୟକୁ ମିଳିଛି ଏନ୍‌ଓସି (ନୋ ଅବଜେକ୍ସନ ସାର୍ଟିଫିକେଟ୍)। ଜିଲାରେ ମୋଟ ୧୩୨ ଘରୋଇ ବିଦ୍ୟାଳୟ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୦୪ଟି ବିନା ଏନ୍‌ଓସିରେ ଚାଲୁଛି। ଆଇନଗତ ଅଧିକାର ନ ଥିବା ଏଭଳି ବିଦ୍ୟାଳୟରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ନାମ ଲେଖାଉଛନ୍ତି। ହେଲେ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନ୍‌ଓସି ପାଇ ନ ଥିବା ବିଦ୍ୟାଳୟଗୁଡ଼ିକ ବନ୍ଦ କରିବା ପାଇଁ ସରକାର ମଧ୍ୟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେଣୁ ଏଭଳି ବିଦ୍ୟାଳୟରେ ବୁଝି ବିଚାରି ସେମାନଙ୍କ ପିଲାମାନଙ୍କ ନାମ ଲେଖାଇବା ପାଇଁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଚଳିତମାସ ୬ ତାରିଖରେ ଏକ ନୋଟିସ୍ ମାଧ୍ୟମରେ ଅଭିଭାବକମାନଙ୍କୁ ଜଣାଇଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ଏହିଭଳି କୌଣସି ସୂଚନା ଘରୋଇ ବିଦ୍ୟାଳୟଗୁଡ଼ିକୁ ଦିଆଯାଇ ନ ଥିବା ଜଣାପଡ଼ିଛି।

ସରକାରୀ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନ କମି ଯାଉଥିବାରୁ ଅଭିଭାବକମାନେ ଘରୋଇ ବିଦ୍ୟାଳୟ ମୁହାଁ ହେଲେ। ଏହାକୁ ସୁଯୋଗ ମନେକରି ଛତୁଫୁଟିଲା ଭଳି ଘରୋଇ ବିଦ୍ୟାଳୟ ଗଢ଼ିଉଠିଲା। ଫଳରେ ଏମାନଙ୍କ ଉପରେ କୌଣସି ଅଙ୍କୁଶ ରହିଲା ନାହିଁ। ମିଳିଥିବା ସୂଚନା ଅନୁଯାୟୀ ଭାପୁର ବ୍ଲକରେ ୬, ଦଶପଲ୍ଲାରେ ୮, ଗଣିଆରେ ୪, ଖଣ୍ଡପଡ଼ାରେ ୧୭, ନୟାଗଡ଼ରେ ୨୮, ନୂଆଗାଁରେ ୪, ଓଡ଼ଗାଁରେ ୨୬ ଓ ରଣପୁର ବ୍ଲକରେ ୩୯ ଏହିଭଳି ମୋଟ ୧୩୨ ଘରୋଇ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ଗଣିଆ ବ୍ଲକର ୧, ଦଶପଲ୍ଲାର ୪, ଖଣ୍ଡପଡ଼ାର ୧, ନୟାଗଡ଼ର ୯, ଓଡ଼ଗାଁରେ ୩ ଓ ରଣପୁର ବ୍ଲକରେ ୧୦ ମୋଟ ୨୮ଟି ବିଦ୍ୟାଳୟକୁ ମିଳିଛି ଏନ୍‌ଓସି। ବାକି ୧୦୪ଟି ବିଦ୍ୟାଳୟ ବିନା ଏନ୍‌ଓସିରେ ଚାଲୁଛି। ନୂଆଗାଁ ଓ ଗଣିଆ ବ୍ଲକର ଥିବା କୌଣସି ଘରୋଇ ବିଦ୍ୟାଳୟକୁ ଏନ୍‌ଓସି ମିଳିନାହିଁ। ନୟାଗଡ଼ ବ୍ଲକରେ ୨୮ ଘରୋଇ ବିଦ୍ୟାଳୟ ଥିବାବେଳେ ମାତ୍ର ୯ଟିକୁ ମିଳିଛି ଏନ୍‌ଓସି। ଫଳରେ ସହରରେ ପଢ଼ୁଥିବା କିଛି ଘରୋଇ ବିଦ୍ୟାଳୟର ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି। ପ୍ରକାଶ ଯେ, ୨୦୧୨ ଜୁଲାଇ ୧୯ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଘରୋଇ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଯାଞ୍ଚ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଜିଲା ଶିକ୍ଷା ବିଭାଗ ଏଥିପ୍ରତି ଆଖି ବୁଜିଦେଇଥିବା ଅଭିଯୋଗ ହେଉଛି। ଫଳରେ ଅଭିଭାବକମାନେ ଜାଣି ନ ପାରି ପିଲାମାନଙ୍କୁ ବିନା ଏନ୍‌ଓସରେ ଚାଲୁଥିବା ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି। ସ୍ୱୀକୃତି ପାଇଥିବା ବିଦ୍ୟାଳୟଗୁଡ଼ିକର ଆବଶ୍ୟକ ଜମି ଅଛି କି ନାହିଁ, ଉପଯୁକ୍ତ ଫୋରମ୍‌ରେ ପରିଚାଳନା କମିଟି ଗଠନ ହୋଇଛି କି ନାହିଁ, ଜମି ପଞ୍ଜୀକୃତ କି ନୁହେଁ ପ୍ରଭୃତି ଦିଗଗୁଡ଼ିକ ଉପରେ ମନୋନୀତ ଏକ ସ୍ୱତନ୍ତ୍ର ଟିମ ଯାଞ୍ଚ କରିବେ ବୋଲି ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହା କାର୍ଯ୍ୟକାରୀ ହୋଇନାହିଁ। ଘରୋଇ ବିଦ୍ୟାଳୟ ଖୋଲିବା ପାଇଁ ଥିବା ଗାଇଡ଼ଲାଇନ୍ ଅନୁସାରେ ଗ୍ରାମାଞ୍ଚଳରେ ଅନ୍ୟୁନ ୨ ଏକର ଓ ଏନ୍‌ଏସିରେ ୧.୫ ଏକର ଜମି ରହିଥିବା ଆବଶ୍ୟକ। ଯଦି ଜମିର କାଗଜପତ୍ର ନ ଥିବ ତେବେ ସରକାର ଉକ୍ତ ସ୍କୁଲକୁ ଅନୁମତି ଦେଇପାରିବେ ନାହିଁ। ଏପରି କି ଛାତ୍ରୀଛାତ୍ର ଖେଳକୁଦ କରିବା ପାଇଁ ବିଦ୍ୟାଳୟ ପରିସରରେ ଯଥେଷ୍ଟ ଜାଗା ରହିବା ମଧ୍ୟ ବିଧେୟ। ହେଲେ ଏହାକୁ କୌଣସି ବିଦ୍ୟାଳୟ ପାଳନ କରି ନ ଥିବା ଦେଖିବାକୁ ମିଳିଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ କହନ୍ତି, ଯେଉଁ ବିଦ୍ୟାଳୟର ଏନ୍‌ଓସି ନାହିଁ ବିଭାଗ ପକ୍ଷରୁ ସେ ନେଇ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

ସଂକ୍ଷେପରେ

ନୀଳମାଧବଜୀଉଙ୍କ ଓଢ଼ଣ ଲାଗି ବେଶ

ଖଣ୍ଡପଡା,୧୩।୧୨(ସ୍ୱ.ପ୍ର.): ଗୁରୁବାର ଓଢ଼ଣ ଷଷ୍ଠୀ ତିଥି ଅବସରରେ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଓଢ଼ଣ ଲାଗି ବେଶ ଆରମ୍ଭ ହୋଇଛି। ଏହି ପାରମ୍ପରିକ ବେଶ ଆସନ୍ତା ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରବଳ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଶ୍ରୀଜୀଉଙ୍କୁ ଏହି ବେଶରେ ସଜ୍ଜା ଯାଇଥାଏ। ଏହି ସମୟରେ ଠାକୁରଙ୍କ ମୁଖ ବ୍ୟତୀତ ସମସ୍ତ ଶରୀରକୁ ଆବୃତ କରି ରଖାଯାଇଥାଏ। ଶ୍ରଦ୍ଧାଳୁ ମାନେ କେବଳ ଠାକୁରଙ୍କ ମୁଖ ଦର୍ଶନ କରିବେ। ଏହି ଅବସରରେ ଭୋର ୫ଟାରେ ଶ୍ରୀଜୀଉଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳ ଆଳତି, ଅବକାଶ ନୀତି, ଦୈନିକ ବେଶ, ବଲ୍ଲଭ, ସକାଳ ଧୂପ ଉଠିବା ପରେ ଶ୍ରୀଜୀଉଙ୍କ ଶରୀରକୁ ଆବୃତ କରାଯିବା ସହ ମୁଣ୍ଡରେ ପଗଡି ବନ୍ଧାଯାଇଥିଲା। ଏହି ସମୟରେ ଶ୍ରୀଜୀଉଙ୍କ ନିକଟରେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥିଲା। ସମୁଦାୟ ୧୨ଟି ଘୋଡ ଚତୁର୍ଦ୍ଧା ବିଗ୍ରହଙ୍କର ସମେତ ବିମଳା, ଲକ୍ଷ୍ମୀ, ମଦନ ମୋହନ, ଶ୍ରୀଦେବୀ, ଭୂଦେବୀଙ୍କ ଘୋଡ଼ ଅଧିବାସ ସମ୍ପନ୍ନ ହୋଇଥିଲା।

ଦ୍ୱିତୀୟ ଦିନରେ ଜମାକାରୀଙ୍କ ଧାରଣା

ନୟାଗଡ଼ ଅଫିସ,୧୩।୧୨: ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରାଳ ସେବା ସମବାୟ ସମିତିରେ ୩୮୦୨ ଜମାକାରୀଙ୍କ ୫କୋଟି ୭୬ ଲକ୍ଷ ୪୨ ହଜାର ୮୨୯ ଟଙ୍କା ସମ୍ପାଦକ ଚଳୁ କରିଥିବା ଅଭିଯୋଗ ହୋଇଛି। ଜମାକାରୀମାନେ ଏହି ଅଭିଯୋଗ ଆଣିବା ସହ ତୁରନ୍ତ ସେମାନଙ୍କ ଟଙ୍କା ଫେରାଇବା ଦାବିରେ ବୁଧବାର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରେ ଧାରଣା ଦେଇଥିଲେ। ଜିଲାପାଳ ଜମାକାରୀଙ୍କ ପ୍ରତିନିଧିଙ୍କୁ ଡାକି ଦୁଇଦିନ ଭିତରେ ଏହାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମାଧାନ ନ ହେବା ପର୍ଯ୍ୟନ୍ତ ସେମାନେ ଧାରଣା ଦେବେ ବୋଲି କହିଥିଲେ। ଫଳରେ ଗୁରୁବାର ଧାରଣା ଚାଲୁରହିଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ମଧ୍ୟ ଏହି ଧାରଣା ଜାରି ରହିବ ବୋଲି ଜମାକାରୀ ପ୍ରକାଶ କରିଛନ୍ତି।

ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗ

ବୋଲଗଡ଼,୧୩।୧୨(ଡି.ଏନ.ଏ.)-ବୋଲଗଡ଼ ବ୍ଲକ ଅରଖପଲ୍ଲୀ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷକ ଗୁରୁବାର ମାଡ଼ ମାରିଥିବା ତାଙ୍କ ପିତା ବୋଲଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ସ୍କୁଲ ଶିକ୍ଷକ ଏକ ବାଡ଼ିରେ ମାଡ଼ ଦେବା ଫଳରେ ଛାତ୍ର ଜଣକ ଗୁରୁତର ହୋଇ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏସମ୍ପର୍କରେ ଥାନା ଆଇଆଇସି ସେଖ୍ ଆକବର ଅଲ୍ଲୀ କୁହନ୍ତି, ଏନେଇ ଅଭିଯୋଗ ଥାନାକୁ ଆସିଛି। ଘଟଣାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ବୋଲଗଡ଼ ମଣ୍ଡଳ ଶିକ୍ଷାଧିକାରୀ ବିଭୂତି ଭୂଷଣ ମହାପାତ୍ର ତାଙ୍କ ନିକଟରେ ଏନେଇ ସୂଚନା ନ ଥିବା କହିଥିଲେ। ସେ କହିଥିଲେ, ଯଦି ମାଡ଼ ଦିଆଯାଇଥିବ ତା ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସାମାଜିକ କର୍ମୀଙ୍କ ସ୍ମୃତିଚାରଣ ସଭା

ବୋଲଗଡ଼,୧୩।୧୨(ଡି.ଏନ.ଏ.): ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତସ୍ଥ ରାସୋଲ ଗ୍ରାମର ସାମାଜିକ କର୍ମୀ ଧ୍ରୁବରାଜ ଜୟସିଂଙ୍କ(୮୨) ପରଲୋକ ଘଟିଛି। ତାଙ୍କ ଏକାଦଶାହ ଦିବସ ଅବସରରେ ଗୁରୁବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସରପଞ୍ଚ ବିଜୟ କୁମାର ଗୁମାନସିଂହ, ସମିତି ସଭ୍ୟ ଅର୍ଜୁନ ପଟ୍ଟନାୟକ, ବରିଷ୍ଠ ନ୍ୟାୟାଧୀଶ ନାରାୟଣ ବଳିୟାରସିଂହ ଓ ସାମାଜିକ କର୍ମୀ ଅଜୟ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ।

ଶ୍ରୀରଘୁନାଥଜୀଉଙ୍କୁ ଶୀତବସ୍ତ୍ର ଲାଗି

ଶ୍ରୀରଘୁନାଥଜୀଉଙ୍କ ଶୀତବସ୍ତ୍ର ଲାଗି ଓଢଣ ବେଶ।

ଓଡ଼ଗାଁ,୧୩।୧୨(ସ୍ୱ.ପ୍ର.)

ପବିତ୍ର ସୁବର୍ଣ୍ଣ କଳସ କ୍ଷେତ୍ର ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ଗୁରୁବାର ମାର୍ଗଶିର ଶୁକ୍ଳ ଓଢଣୀ ତଥା ପ୍ରାବରଣ ଷଷ୍ଠୀ ତିଥିରେ ଶ୍ରୀଜୀଉମାନଙ୍କୁ ଶୀତବସ୍ତ୍ରରେ ଘୋଡାଇ ଦିଆଯାଇଛି। ଏଥି ନିମନ୍ତେ ଭୋର ସାଢେ ୪ଟାରେ ଦ୍ୱାରଫିଟା, ଶୋଧ, ଚନ୍ଦନ ଫୁଲ ସଂଗ୍ରହ ପରେ ୫ଟାରେ ମଙ୍ଗଳ ଆଳତି ହୋଇଥିଲା। ଶ୍ରୀଜୀଉଙ୍କ ରତ୍ନବେଦି ବିଜେ, ମଇଲମ, ଶାଳଗ୍ରାମ ସ୍ନାନପାତ୍ରକୁ ବିଜେ, ଅବକାଶ ପଞ୍ଚାମୃତ ସ୍ନାନ, ମହାସ୍ନାନ, ଦର୍ପଣ ସ୍ନାନ, ତଡ଼ପ ଲାଗି, ଖଟଣୀ, ତୁଳସୀ ଲାଗି ପରେ ସକାଳ ୬ଟାରେ ରୋଷ ହୋମ ସମ୍ପନ୍ନ ହୋଇଥିଲା। ସକାଳ ୭ଟାରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଶ୍ରୀଭାଗବତ ଜୀଉଙ୍କ ପୂଜା ପରେ ବଲ୍ଲଭ ନୀତି ହୋଇ ସକାଳ ସାଢେ ୯ଟାରେ ଖେଚୁଡି ଧୂପ ନୀତି କରାଯାଇଥିଲା। କର୍ପୂର ଆଳତି, ମହା ଆଳତି, ମା ଦୁର୍ଗାଙ୍କୁ ଭୋଗ ଆଳତି ସମର୍ପଣ ଓ ଚାମର ସେବା ପରେ ଶ୍ରୀଜୀଉଙ୍କ ରତ୍ନ ଭଣ୍ଡାରରୁ ତିନୋଟି ଶୀତବସ୍ତ୍ର ଅଣାଯାଇ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ସଂସ୍କାର ଅର୍ପଣ ପରେ ଶ୍ରୀଜୀଉମାନଙ୍କୁ ଶୀତବସ୍ତ୍ର ଦ୍ୱାରା ଘୋଡଲାଗି ବେଶ କରାଯାଇଥିଲା। ଏହି ଶୀତବସ୍ତ୍ର ନୀତି ଆଗାମୀ ମାଘ ଶୁକ୍ଳ ବରଦା ଚତୁର୍ଥୀ ଅର୍ଥାତ୍ ଦୁଇମାସ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ କେବଳ ଶ୍ରୀଜୀଉଙ୍କ ଶ୍ରୀମୁଖ ଦର୍ଶନ କରିବେ। ମାଘ ଶୁକ୍ଳ ଶ୍ରୀପଞ୍ଚମୀ ତିଥିଠାରୁ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ଓ ସର୍ବାଙ୍ଗ ଦର୍ଶନ ପରମ୍ପରା ରହିଛି। ପାଳିଆ ପଣ୍ଡା ଦିଲୀପ ବାହିନୀପତି, ପୂଜକ ପରିଷଦ ସଦସ୍ୟ ଓ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ପୂଜକ ପରିଷଦ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଦାଶ ସୂଚନା ଦେଇଛନ୍ତି।

ଅବ୍ୟବସ୍ଥାରେ କୁରାଳ ଡାକ୍ତରଖାନା

ଟିଟି ଇଞ୍ଜେକ୍ସନ ମିଳୁନି, ନିୟମିତ ଆସୁନାହାନ୍ତି ଡାକ୍ତର

ଓଡ଼ଗାଁ, ୧୩।୧୨(ସ୍ୱ.ପ୍ର.)

ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ୟୁନିସେଫ ପର୍ଯ୍ୟନ୍ତ ଲୋକଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ନାନା ଯୋଜନା ପ୍ରଣୟନ କରିଛନ୍ତି। ହେଲେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଏଠାରେ ଡାକ୍ତରୀ ସେବାରେ ଘୋର ଅନିୟମିତତା ଦେଖାଦେଉଥିବା ଅଭିଯୋଗ ହୋଇଛି। ଏପରି କି ଏହି ଅନିୟମିତତା ସମ୍ପର୍କରେ ଏକାଧିକ ଭିଡିଓ କ୍ଲିପିଂ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ନଜିର ରହିଛି। କୁରାଳ ଗ୍ରାମ ସହିତ ଆଖପାଖ ୧୫ରୁ ୨୦ ଖଣ୍ଡ ଗ୍ରାମବାସୀ ଏହି ସରକାରୀ ଡାକ୍ତରଖାନା ଉପରେ ନିର୍ଭରଶୀଳ। ଏକଦା ଜିଲାରେ ଏକ ନାମକରା ହସ୍ପିଟାଲ ଭାବେ ଜଣାଶୁଣା ଥିବା ଡାକ୍ତରଖାନାରେ ବିଭାଗୀୟ ଅବହେଳା ହେଉ କିମ୍ବା ନିଯୁକ୍ତିପ୍ରାପ୍ତ ଡାକ୍ତରଙ୍କ ଅଣଦେଖା କାରଣରୁ ରୋଗୀସେବା ଏକରକମ ବିପର୍ଯ୍ୟସ୍ତ ହୋଇପଡିଛି। ଏଠାକୁ ଜଣେ ଏଲୋପାଥିକ ଡାକ୍ତରଙ୍କୁ ସପ୍ତାହରେ ତିନିଦିନ ଡେପୁଟେଶନରେ ଦିଆଯାଇଥିବା ବେଳେ ଜଣେ ଆୟୁଷ ଡାକ୍ତରଙ୍କୁ ନିୟମିତ ଭାବେ ନିଯୁକ୍ତି ଦିଆଯାଇଛି। ହେଲେ ଉଭୟ ଡାକ୍ତର ନିୟମିତ ଭାବେ ଡାକ୍ତରଖାନା ଆସୁ ନ ଥିବାରୁ ରୋଗୀସେବା ବ୍ୟାହତ ହେଉଥିବା ନେଇ ଜନ ଅସନ୍ତୋଷ ଦେଖାଦେଇଛି। ଡାକ୍ତରଖାନାରେ ଫ୍ରିଜ ନ ରହିବା ଅନ୍ୟ ଏକ ପ୍ରମୁଖ ସମସ୍ୟା ହୋଇଛି। ଏଥିପାଇଁ ଲୋକଙ୍କୁ ସର୍ବନିମ୍ନ ଆବଶ୍ୟକତା ହେଉଥିବା ଟିଟାନସ ଇଞ୍ଜେକ୍ସନ ମିଳୁନାହିଁ। ଏହିସବୁ ସମସ୍ୟା ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିଶିତ୍ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ସାମୟିକ ଭାବେ ନିକଟସ୍ଥ ଏଏନ୍‌ଏମ ସେଣ୍ଟରରୁ ଟିଟି ଆଣି ଦେବାକୁ କୁହାଯାଇଛି। ଏହାସହ ଖୁବ୍‌ଶୀଘ୍ର ରୋଗୀ କଲ୍ୟାଣ ପାଣ୍ଠିରୁ ଫ୍ରିଜ ବ୍ୟବସ୍ଥା କରିବେ ବୋଲି ସେ ସୂଚନା ଦେଇଥିଲେ।

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର।

ଭଙ୍ଗା ପାଚେରି ଡେଇଁ ଯାତାୟାତ କରୁଛନ୍ତି ଛାତ୍ରୀଛାତ୍ର

ନିରାକାରପୁର,୧୩।୧୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ସ୍ଥିତ କ୍ଷେତ୍ରବାସୀ ଏକାଡେମୀ ସ୍କୁଲରେ ଛାତ୍ରୀଛାତ୍ର ବିପଜ୍ଜନକଭାବେ ଭଙ୍ଗା ପାଚେରି ଡେଇଁ ଯାତାୟାତ କରୁଥିବା ଅଭିଯୋଗ ହେଉଛି। ଖାଇବା ଛୁଟିରେ ମୁଖ୍ୟ ଫାଟକଟି ଖୋଲା ନ ଯିବାରୁ ପିଲାମାନେ ବାଧ ହୋଇ ଏହି ପାଚେରି ଡେଇଁ ଯିବାଆସିବା କରୁଛନ୍ତି। ଟାଙ୍ଗୀ ବ୍ଲକର ଡିଆ, ଭୋଇସାହି, ଭଟସାଇ, କୋଲସାହି, ପାଣ୍ଡବପାଟଣା, ବାଲିଗାଁ, କାଶୀପୁର ଓ କଣାସ ବ୍ଲକର ବିରତୋଇ, ଚନ୍ଦ୍ରମା ପାଟପୁର, ମୁଗୁପଦର ଆଦି ଅଞ୍ଚଳର ପିଲାମାନେ ଏଠାରେ ପଢ଼ୁଛନ୍ତି। ଏ ଘଟଣା ନେଇ ଛାତ୍ରୀଛାତ୍ର କହିଛନ୍ତି, ପଛପଟେ ଗୋଟେ ଖୋଲାରାସ୍ତା ଅଛି କିନ୍ତୁ ସେପଟେ ଗଲେ ପ୍ରାୟ ୨ କିମି ଅଧିକ ରାସ୍ତା ଚାଲିବାକୁ ପଡ଼ିବ। ତେଣୁ ବାଧ ହୋଇ ଶୀଘ୍ର ସ୍କୁଲରେ ପହଞ୍ଚିବା ପାଇଁ ଆମେ ଏପରି କରୁଛୁ। ପ୍ରଧାନ ଶିକ୍ଷକ ଉଦୟନାଥ ତ୍ରିପାଠୀ କହିଛନ୍ତି, ସରକାର ଏବେ ନିୟମ କରିଛନ୍ତି ଗେଟ୍ ୧୦ରୁ ୪ଟା ମଧ୍ୟରେ ବନ୍ଦ ରହିବ। ତେଣୁ ବେସରକାରୀ ବିଦ୍ୟାଳୟ ଭଳି ଆମ ଛାତ୍ରୀଛାତ୍ରମାନେ ଟିଫିନ୍ ଓ ପାଣିବୋତଲ ଆଣିବା ଉଚିତ। ଭଙ୍ଗା ପାଚେରି ରାସ୍ତାଟିକୁ ଶୀଘ୍ର ବନ୍ଦ କରାଯିବ।

ନବବଧୂ ହତ୍ୟା ଅଭିଯୋଗରେ ଜୁଭେନାଲ୍ ସେଲ୍‌ଟର ଗୃହକୁ ସ୍ଥାନାନ୍ତର ହେଲେ ସ୍ୱାମୀ

ରଣପୁର,୧୩।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ବଜ୍ରରାଜପୁର ପଞ୍ଚାୟତର ବାଙ୍କପୁର ଗ୍ରାମରେ ଗତ ସେପ୍ଟେମ୍ବର ୧୨ ତାରିଖରେ ଜଣେ ନବବଧୂଙ୍କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ରଣପୁର ଜେଲ ପଠାଯାଇଥିଲା। ସେ ସେଠାରେ ୩ ମାସ ରହିବା ପରେ ଏବେ ତାଙ୍କୁ ନାବାଳକ ଦର୍ଶାଇ ଗୁରୁବାର ରଣପୁର ପୋଲିସ ଅନୁଗୋଳ ଜୁଭେନାଇଲ ଶେଲ୍‌ଟର ଗୃହକୁ ସ୍ଥାନାନ୍ତର କରିଛି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ନବବଧୂ ହତ୍ୟା ଅଭିଯୋଗରେ ପୋଲିସ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉଭୟଙ୍କର ଜାମିନ ନାମଞ୍ଜୁର ହେବାରୁ ମା’ ଓ ପୁଅଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଥିଲା। ୩ମାସ ପରେ ପୋଲିସ ତଦନ୍ତ କରି ଜାଣିବାକୁ ପାଇଲା ଯେ ଅଭିଯୁକ୍ତ ସ୍ୱାମୀ ଯୁବକ ନୁହନ୍ତି ଜଣେ୧୭ ବର୍ଷୀୟ ନାବାଳକ। ଏ ନେଇ ତଦନ୍ତ କରୁଥିବା ପୋଲିସ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ବ୍ରଜରାଜପୁର ପଞ୍ଚାୟତର କୁଞ୍ଜବନ ଗ୍ରାମର ଜଣେ ନାବାଳିକା(୧୫) ରଣପୁର କଲେଜରେ ଅଧ୍ୟୟନ କରୁଥିଲା ବେଳେ ସେଠାରେ ପଢୁଥିବା ବାଙ୍କପୁର ଗ୍ରାମର ନାବାଳକ (୧୭)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରିବାର ଲୋକେ ବିବାହ ପାଇଁ ରାଜି ନ ଥିବାରୁ ଗତ ଛଅ ମାସ ତଳେ ପ୍ରେମୀଯୁଗଳ ମନ୍ଦିରରେ ବିବାହ କରି ଘରୁ ଫେରାର ହୋଇ ଭୁବନେଶ୍ୱରରେ ରହି ଆସୁଥିଲେ। ଏନେଇ ଝିଅଘର ତରଫରୁ ରଣପୁର ଥାନାରେ ଅପହରଣ ନେଇ ଅଭିଯୋଗ ହୋଇଥିଲା। ପରେ ପୁଅ ଘର ତରଫରୁ ପୁଅ ବୋହୂଙ୍କୁ ଭୁବନେଶ୍ୱରରୁ ବାଙ୍କପୁର ଗ୍ରାମକୁ ଫେରାଇ ଅଣାଯାଇଥିଲା। କିଛି ଦିନ ଭଲରେ ଚଳିବା ପରେ ବୋହୂଙ୍କୁ ବାପଘରୁ ଯାଇ ଯୌତୁକ ଆଣିବା ପାଇଁ ସ୍ୱାମୀ ଓ ଶାଶୁ ଶ୍ୱଶୁର ଚାପ ପକାଉଥିଲେ। ଏଥିରେ ବୋହୂ ଅରାଜି ହେବାରୁ ତାଙ୍କ ହାତଗୋଡ଼କୁ ବାନ୍ଧି ସେମାନେ ମାଡ଼ ମାରିଥିଲେ। ପରେ ତଣ୍ଟିଚିପି ହତ୍ୟା କରିଥିଲେ। ଏ ନେଇ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ରାତିରେ ନବବଧୂଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ଝିଅର ବାପା ଲିଖିତ ଅଭିଯୋଗ କରିଥିଲେ। ଥାନାରେ ୧୮୭/୧୮ରେ ଏକ ମାମଲା ରୁଜୁ କରାଯାଇ ଶାଶୁ ଓ ନାବାଳକ ସ୍ୱାମୀଙ୍କୁ ସେହିଦିନ ପୋଲିସ ଗିରଫ କରିଥିଲା। ଘଟଣାର ୩ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲିସ ବଧୂହତ୍ୟା ଘଟଣାରେ ସମ୍ପୃକ୍ତ ଶ୍ୱଶୁରଙ୍କୁ ଗିରଫ କରିପାରିନାହିଁ।

ଉଦ୍‌ଯାପିତ ହେଲା ବିଶ୍ୱଶାନ୍ତି ମହାଯଜ୍ଞ

ପୌରାଣିକ ଗାଥା ବହନକରେ ମଣିଭଦ୍ରା

ଗଣିଆ,୧୩।୧୨(ଡି.ଏନ.ଏ.)

ନୟାଗଡ଼ ଜିଲା ଗଣିଆ ବ୍ଲକର ପୁରାଣ ପ୍ରସିଦ୍ଧ ମଣିଭଦ୍ରା ପର୍ବତ ପାଦଦେଶରେ ବିଜେ ମା’ କଳାପାଟ ଠାକୁରାଣୀଙ୍କ ପୀଠରେ ଗତ ୩ ଦିନ ଧରି ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପଞ୍ଚକୁଣ୍ଡୀୟ ମହାଯଜ୍ଞରେ ବେଦଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱଶାନ୍ତି ମହାଯଜ୍ଞର ପ୍ରତିଷ୍ଠାତା ସ୍ୱର୍ଗତ ସିଦ୍ଧଯୋଗୀ ବାବା ରାମଦାସଙ୍କ ୬୮ତମ ଜନ୍ମୋତ୍ସବ ପାଳନ ନିମନ୍ତେ ଭୁବନେଶ୍ୱର ଧଉଳିସ୍ଥିତ ଓଁ ସତ୍ୟଶାନ୍ତି ସେବା ଟ୍ରଷ୍ଟ ଦ୍ୱାରା ବିଗତ ୨୮ ବର୍ଷ ଧରି ଏହି ମହାଯଜ୍ଞ ଆୟୋଜିତ ହୋଇଆସୁଛି।

ବାବା ରାମଦାସଙ୍କ ସ୍ୱଲିଖିତ ମୟୂରଝଲକ ପୁସ୍ତକରୁ ମିଳିଥିବା ସୂଚନା ଅନୁଯାୟୀ, ମଣିଭଦ୍ରା ପର୍ବତ ମହାଭାରତ ପୁରାଣପୃଷ୍ଠାରେ ସ୍ୱତନ୍ତ୍ର ସ୍ଥାନ ବହନ କରିଆସିଛି। ଆଗାମୀ ଦିନରେ ମଣିଭଦ୍ରା ପର୍ବତ ଶିଖରରେ ନୀଳକଇଁ ଫୁଟିବା ସହ ଏହି ସ୍ଥାନ ଶ୍ରୀକ୍ଷେତ୍ର ପାଲଟିବ ବୋଲି ଉଲ୍ଲେଖ ରହିଛି। ସେହିପରି ମଣିଭଦ୍ରାଠାରେ ପଞ୍ଚସଖାଙ୍କ ମିଳନ, ଲକ୍ଷ୍ମୀନୃସିଂହଙ୍କ ମିଳନ ହେବା ସହ ମହାଭାରତର ବାକିଥିବା ଏକ ଓଳି ଯୁଦ୍ଧ ଏହିଠାରେ ଶେଷ ହେବ ବୋଲି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଜାଇଫୁଲ ମାଳିକାରେ ଉଲ୍ଲେଖ ରହିଛି। ଦ୍ୱାପର ଯୁଗରେ ପାଣ୍ଡବ ବୀର ଅର୍ଜୁନ ମଣିଭଦ୍ରା ପର୍ବତରେ ଅଜ୍ଞାତବାସ କରିଥିଲେ। ଏହି ସମୟରେ ଗୋସିଂହ ନାମକ ଏକ ଦୈତ୍ୟ ସତ୍ୟଭାମାଙ୍କୁ ଅପହରଣ କରି ନେଉଥିବା ବେଳେ ଅର୍ଜୁନ ସେହି ଦୈତ୍ୟକୁ ବିନାଶ କରି ସତ୍ୟଭାମାଙ୍କୁ ଉଦ୍ଧାର କରିଥିଲେ। ସେହିପରି ଏହି ସ୍ଥାନରେ ଶ୍ରୀକୃଷ୍ଣ ସଖା ଅର୍ଜୁନଙ୍କୁ ନବଗୁଞ୍ଜର ବେଶରେ ଦର୍ଶନ ଦେଇଥିବା ମହାଭାରତର ମଧ୍ୟପର୍ବରୁ ଜଣାପଡିଥାଏ। ତେବେ ଏହାକୁ ଏକ ପବିତ୍ର ପୀଠ ବୋଲି ଜାଣିବା ପରେ ୧୯୯୧ ମସିହାରେ ପ୍ରଥମ ଥର ପାଇଁ ସିଦ୍ଧଯୋଗୀ ବାବା ରାମଦାସ ନିଜ ଜନ୍ମଦିବସ ମାର୍ଗଶିର ମାସ ଓଢ଼ଣଷଷ୍ଠୀ ତିଥିରେ ଏହି ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରିଥିଲେ। ସେହିଦିନଠାରୁ ପ୍ରତିବର୍ଷ ଓଢ଼ଣଷଷ୍ଠୀ ତିଥିରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ୪ଦିନ ବ୍ୟାପୀ ଏହି ମହାଯଜ୍ଞରେ ସାଧୁସନ୍ଥ ସମ୍ମିଳନୀ, ଅଖଣ୍ଡ ନାମଯଜ୍ଞ, ହନୁମାନ ଚାଳିଶା ପାଠ, ପ୍ରବଚନ, ଭଜନ, ନାମ ସଂକୀର୍ତ୍ତନ, ଅନ୍ନଯଜ୍ଞ, ବସ୍ତ୍ରଦାନ, ଦରିଦ୍ରନାରାୟଣ ସେବା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞ ସମୟରେ ଏହି ସ୍ଥାନରେ ମଶା, ମାଛି, କାଉ ଓ କୁକୁରଙ୍କ ଦେଖାମିଳୁନଥିବା ବିଶ୍ୱାସ ରହିଛି। ଯଜ୍ଞ ଉତ୍ସବର ପ୍ରତ୍ୟେକ ରାତ୍ରିରେ ମଣିଭଦ୍ରା ଶିଖରରୁ ଏକ ନୀଳ ଆଲୋକ ଯଜ୍ଞସ୍ଥଳୀକୁ ପଡୁଥିବାର ବାବାଙ୍କ ବହୁ ଅନୁଗାମୀ ନିଜ ଅନୁଭୂତିରୁ ବଖାଣିଥାନ୍ତି। ତେବେ ଚଳିତ ବର୍ଷ ବାବା ରାମଦାସଙ୍କ ପତ୍ନୀ ଭଜନମଣ୍ଡପରେ ଉପସ୍ଥିତ ରହି ସାଧୁସନ୍ଥଙ୍କୁ ଶୀତବସ୍ତ୍ର ଓ ଦକ୍ଷିଣା ପ୍ରଦାନ କରିବା ସହ ବୃଦ୍ଧାବୃଦ୍ଧମାନଙ୍କୁ ବସ୍ତ୍ରଦାନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ମା’ କଳାପାଟ ପୀଠ ପରିସରରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ସ୍ଥାନରୁ ଶହ ଶହ ସଂଖ୍ୟାରେ ସାଧୁ ସନ୍ନ୍ୟାସୀ ଯୋଗଦେଇ ଧର୍ମଚର୍ଚ୍ଚା, ସତସଙ୍ଗ କରିଥିଲେ। ଯଜ୍ଞପୀଠ ପରିସରରେ ବିଭିନ୍ନ ପ୍ରକାର ଅସ୍ଥାୟୀ ଦୋକାନରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷେ ପଲିଥିନ ଦ୍ରବ୍ୟ ବ୍ୟବହାର ନିଷେଧ, ଆମିଷ ଓ ମାଦକ ଦ୍ରବ୍ୟ ସେବନ ଉପରେ କଟକଣା କରାଯାଇଥିଲା। ମହାଯଜ୍ଞ ପରିସରରେ ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ତହସିଲଦାର ସ୍ୱାତିଲେଖା ଦାସ, ବିଡିଓ ସରୋଜ କୁମାର ନାୟକ, ଖଣ୍ଡପଡା ଏସଡିପିଓ ଶ୍ରୀନିବାସ ମହାନ୍ତି, ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଏଏସ୍‌ଆଇ ଅମୂଲ୍ୟ କୁମାର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ମଣିଭଦ୍ରା ପର୍ବତରେ ଅଜ୍ଞାତବାସ କରିଥିଲେ ପାଣ୍ଡବ ବୀର ଅର୍ଜୁନ

■ ନବଗୁଞ୍ଜର ବେଶରେ ଦର୍ଶନ ଦେଇଥିଲେ ସଖା ଶ୍ରୀକୃଷ୍ଣ

■ ମହାଭାରତର ବାକିଥିବା ଏକ ଓଳି ଯୁଦ୍ଧ ଏହି ଠାରେ ଶେଷ ହେବ ବୋଲି ମାଳିକାରେ ଉଲ୍ଲେଖ ରହିଛି

ଯଜ୍ଞମଣ୍ଡପରୁ ଭଜନମଣ୍ଡପକୁ ବାବା ରାମଦାସଙ୍କ ପାଦୁକା ଅଣାଯାଉଛି।

ସାଧୁସନ୍ଥମାନଙ୍କୁ ବସ୍ତ୍ରଦାନ କରାଯାଉଛି।

ସଂକ୍ଷେପରେ

ପ୍ରଧାନଶିକ୍ଷକଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା

ଛତ୍ରପୁର,୧୩।୧୨(ଡି.ଏନ.ଏ.): ଛତ୍ରପୁରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଗୁରୁବାର ଛତ୍ରପୁର ବ୍ଲକ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପରିଷଦ ଶିକ୍ଷକ ସଂଘର ସଭାପତି ଦିଲୀପ କୁମାର ପଲେଇ ଅଧ୍ୟକ୍ଷତା କରିଥିଲେ। ୧୧ ତାରିଖରେ କବିସୂର୍ଯ୍ୟନଗର ସ୍ଥିତ ଗଙ୍ଗାଧର ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ଆକ୍ରମଣ କରାଯାଇଥିବା ଘଟଣାକୁ ବୈଠକରେ ତୀବ୍ର ନିନ୍ଦା କରାଯାଇଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ବୈଠକରେ ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ କ୍ୟାଡର) ଗଞ୍ଜାମ ଜିଲା ସଭାପତି ବିଷ୍ଣୁ ନାରାୟଣ ପଣ୍ଡା, ଛତ୍ରପୁର ବ୍ଲକ ସଭାପତି ସୁରେଶ କୁମାର ମହାନ୍ତି, ରାମଚନ୍ଦ୍ର ପ୍ରଧାନ, ପି. ଭେଙ୍କଟେଶ୍ୱର, ଜିଲା ପରିଷଦ ଶିକ୍ଷକ ସଂଘର ବାଳକୃଷ୍ଣ ଗୌଡ, ସିଏଚ୍ କିରଣ କୁମାର, ପୀତାମ୍ବର ବେହେରା, ପ୍ରାଥମିକ ଶିକ୍ଷକ ସଂଘର ସୁବୋଧ ଚନ୍ଦ୍ର ରାଉତ, ରାଜେନ୍ଦ୍ର କୁମାର ବେହେରା, ଜୟକୃଷ୍ଣ ବେହେରାଙ୍କ ସମେତ ଛତ୍ରପୁର ବ୍ଲକର ଶିକ୍ଷକ ମାନେ ଉପସ୍ଥିତ ଥିଲେ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ପିଅନ କିମ୍ବା ସଫେଇ କର୍ମଚାରୀ ନିଯୁକ୍ତ କରିବାକୁ ଶିକ୍ଷକ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

ଆସିକା,୧୩।୧୨(ଡି.ଏନ୍.ଏ.): ଆସିକା ନିର୍ବାଚନ ମଣ୍ଡଳି ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବୁଧବାର ଆସିକା ଏନ୍ଏସି ଓ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସରକାରୀ ଅନୁଦାନରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟରୁ ପିସି ବନ୍ଦ କରିବା, ରାଜ୍ୟର ବେରୋଜଗାରି ଯୁବକଙ୍କୁ ରୋଜଗାର, ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି, ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଆଦି ଦାବି କରାଯାଇଥିଲା। ଘୁମୁସର ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଶ୍ରୀନିବାସ ଭଞ୍ଜଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ସନ୍ତୋଷ ସ୍ୱାଇଁ, ସୀମାଞ୍ଚଳ ଦାସ, ଶରତ ସ୍ୱାଇଁ, ସରୋଜ ଭଞ୍ଜ, ଗୋପାଳ ଦାସ, ବିଜୟ ମହାନ୍ତିଙ୍କ ସମେତ ବହୁ ମଣ୍ଡଳ ସଭାପତି ଓ କର୍ମୀ ସାମିଲ ଥିଲେ।

କରେଣ୍ଟ ନିଆଁରେ ଅଣ ଓଡ଼ିଆ ଶ୍ରମିକ ଅର୍ଦ୍ଧଦଗ୍ଧ

ଦିଗପହଣ୍ଡି,୧୩।୧୨(ଡି.ଏନ.ଏ.)- ଦିଗପହଣ୍ଡିସ୍ଥିତ ବିଦ୍ୟୁତ ଗ୍ରୀଡ କାର୍ଯ୍ୟାଳୟରେ କାମ କରୁଥିବା ଅଣଓଡ଼ିଆ ଠିକା ଶ୍ରମିକ ମହାରାଷ୍ଟ୍ର ଅଞ୍ଚଳର ରଣବୀର ଇନ୍ଦ୍ରସାହା ମଡ଼ାବେ କରେଣ୍ଟ ନିଆଁରେ ଗୁରୁବାର ଅର୍ଦ୍ଧଦଗ୍ଧ ହୋଇଛନ୍ତି। ସେ ୧୩୨ କେଭି ବିଦ୍ୟୁତ ଖୁଣ୍ଟରେ ଚଢ଼ି କାମ କରୁଥିଲେ। ୨ ବିଦ୍ୟୁତ ତାର କୌଣସି କାରଣରୁ ସଂଯୋଗ ହୋଇଯିବାରୁ ବହୁ ପରିମାଣର ନିଆଁ ଝୁଲ ତାଙ୍କ ଉପରେ ପଡ଼ିଥିଲା। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

■ ଭଞ୍ଜନଗର ନିର୍ବାଚନମଣ୍ଡଳୀ

ବିଧାୟକ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ଲମ୍ବୁଛି

ଭଞ୍ଜନଗର,୧୩।୧୨(ଡି.ଏନ.ଏ.)

ଆଉ କିଛିମାସ ପରେ ସାଧାରଣ ନିର୍ବାଚନ ହେବ। ଇତିମଧ୍ୟରେ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପରେ ରାଜନୈତିକ ବାତାବରଣ ମଧ୍ୟ ବଦଳିବା ସମ୍ଭାବନା ରହିଛି। ଗଞ୍ଜାମ ଜିଲାର ଏକ ପ୍ରମୁଖ ବିଧାନସଭା ନିର୍ବାଚନମଣ୍ଡଳୀ ହେଉଛି ଭଞ୍ଜନଗର। ଆଗାମୀ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହେବା ପାଇଁ ନେତାମାନେ ଏବେଠୁ ପ୍ରତିଯୋଗିତା ଆରମ୍ଭ କରିଦେଲେଣି। ବିଭିନ୍ନ ଦଳରେ ବିଧାୟକ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ବଢ଼ିବାରେ ଲାଗିଛି। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ଅଧିକାଂଶ ସମୟ ଦଳୀୟ କାର୍ଯ୍ୟକ୍ରମ ହେଉଛି।

ବିଜେଡ଼ି ପକ୍ଷରୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପୁଣି ବିଧାୟକ ପ୍ରାର୍ଥୀ ହେବାର ସମ୍ଭାବନା ଅଧିକ ଅଛି। ସେ ଲଗାତର ୫ଥର ବିଧାୟକ ହୋଇଛନ୍ତି। ତେଣୁ ସେ ଆଗାମୀ ନିର୍ବାଚନ ପାଇଁ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ଓ ସଭାସମିତି ମାଧ୍ୟମରେ ଲୋକଙ୍କ ନିକଟତର ହେଉଛନ୍ତି। ୨ ଦିନ ପୂର୍ବେ ଜଗନ୍ନାଥପ୍ରସାଦ ବ୍ଲକର ୪ ସରପଞ୍ଚଙ୍କୁ ଦଳରେ ମିଶାଇ ବିକ୍ରମ ନିଜର ଶକ୍ତି ପ୍ରଦର୍ଶନ ଆରମ୍ଭ କରିଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ପିସିସି କାର୍ଯ୍ୟକାରିଣୀ କମିଟି ସଭ୍ୟ ନୃସିଂହ କୁମାର ରଥ,



ଭଞ୍ଜନଗର ନିର୍ବାଚନମଣ୍ଡଳୀ ନକ୍ସା।

ପିସିସି ସଭ୍ୟ ଦେବୀ ବିଷୋୟୀ, ପୂର୍ବତନ ସମ୍ପାଦକ ସଞ୍ଜୟ ତ୍ରିପାଠୀ, ଆଇନଜୀବୀ ଖରାଂଶୁ ଶେଖର ଦାସ, କିଛିଦିନ ପୂର୍ବେ ଭାଜପା ଛାଡ଼ି ପୁଣି ଦଳକୁ ଫେରିଥିବା ପ୍ରଶାନ୍ତ ବିଷୋୟୀ ଦଳ ପକ୍ଷରୁ ପ୍ରାର୍ଥୀ ହେବାକୁ ଆଶାୟୀ ଅଛନ୍ତି। ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ପରେ ମଙ୍ଗଳବାର କଂଗ୍ରେସ କର୍ମୀ ଓ ନେତାମାନେ ସହରରେ ବିଜୟ ଶୋଭାଯାତ୍ରା କରିଥିଲେ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ପୂର୍ବତନ ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷ ବିନାୟକ ତ୍ରିପାଠୀ, ଭଞ୍ଜନଗର ବାର ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ ନାୟକ, ଆରଏସ୍ଏସ୍ ସଙ୍ଗଠକ ଲକ୍ଷ୍ମଣ ପଣ୍ଡା, ବରିଷ୍ଠ ଭାଜପା ନେତା ସୁନୀଲ ରଞ୍ଜନ ପଣ୍ଡା, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପ୍ରଦୀପ କୁମାର ସାହୁ, ଭାଜପା ଘୁମୁସର ଜିଲା ସାଙ୍ଗଠନିକ ସମ୍ପାଦକ ନୀଳମାଧବ ପାତ୍ର, ବିଶ୍ୱହିନ୍ଦୁ ପରିଷଦ ନେତା ମୁରଲୀଧର ପଣ୍ଡା ପ୍ରମୁଖ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ହେବାପାଇଁ ଆଶାୟୀ ଅଛନ୍ତି। କେତେଜଣ ନେତା ପ୍ରାର୍ଥୀ ଦୌଡ଼ରେ ଥିବା ନେଇ ଖୋଲାଖୋଲି ପ୍ରକାଶ କରୁ ନ ଥିଲେ ମଧ୍ୟ ପଦଯାତ୍ରା ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା ଚଳାଇଛନ୍ତି। ଆଗକୁ ବିଭିନ୍ନ ଦଳରେ ଦଳବଦଳ ଆହୁରି ଅଧିକ ହେବାର ସମ୍ଭାବନା ରହିଛି। ତେଣୁ ଆଶାୟୀଙ୍କ ସଂଖ୍ୟା ମଧ୍ୟ ବଢ଼ିବ।

ଭଞ୍ଜନଗର ନିର୍ବାଚନମଣ୍ଡଳୀ ଭଞ୍ଜନଗର ବ୍ଲକ, ଏନ୍ଏସି ଓ ଜଗନ୍ନାଥପ୍ରସାଦ ବ୍ଲକକୁ ନେଇ ଗଠିତ। ବର୍ତ୍ତମାନ ୨ଟି ଯାକ ବ୍ଲକରେ ବିଜେଡ଼ି ଅଧ୍ୟକ୍ଷା ଅଛନ୍ତି। ଏନଏସିରେ ଅଧ୍ୟକ୍ଷା ମଧ୍ୟ ଶାସକ ଦଳର ଥିଲେ। ନଭେମ୍ବର ମାସରେ ତାଙ୍କର କାର୍ଯ୍ୟକାଳ ସରିଛି। ୨୦୧୪ ନିର୍ବାଚନରେ ବିଜେଡ଼ିରୁ ବିକ୍ରମ କେଶରୀ ଆରୁଖ ପ୍ରାର୍ଥୀ ହୋଇ ସର୍ବାଧିକ ୮୨,୪୧୦ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ତଥା ବର୍ତ୍ତମାନର ଭାଜପା ନେତା ବିନାୟକ ତ୍ରିପାଠୀ ୫୦,୭୩୪, ଭାଜପାର ପ୍ରଦୀପ ସାହୁ ୭,୮୩୦ ଭୋଟ ପାଇଥିଲେ। ଅନ୍ୟାନ୍ୟ ଦଳରୁ ପୂର୍ଣ୍ଣ ଚନ୍ଦ୍ର ନାୟକ ୧,୨୯୮ ଏବଂ ମଧୁସୂଦନ ପାଢ଼ୀ ୧,୫୩୯ ଖଣ୍ଡ ଭୋଟ ପାଇଥିଲେ। ଗତ ନିର୍ବାଚନରେ ୨୪୮ ବୁଥ୍ ଥିବାବେଳେ ଚଳିତଥର ୨୫୯ଟି ବୁଥ୍ ହୋଇଛି। ବର୍ତ୍ତମାନ ୨ଲକ୍ଷ ୨୩ ହଜାର ୨୫ଜଣ ଭୋଟର ଅଛନ୍ତି। ଜାନୁୟାରୀରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଆଗାମୀ ନିର୍ବାଚନରେ ଭିଭିପାଟ (ଭୋଟର ଭେରିଫାଇଡ୍ ପେପର ଅଡ଼ିଟ୍ ଟ୍ରାଏଲ) ମାଧ୍ୟମରେ ମତଦାନ ହେବ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଭିଭିପାଟ୍ ମେଶିନ ଷ୍ଟ୍ରଙ୍ଗରୁମ୍ ହେବ ବୋଲି ଜଣାପଡିଛି।

ଜିଲାସ୍ତରୀୟ ଲୋକକଳା ମହୋତ୍ସବ ପ୍ରସ୍ତୁତି

ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ।

ଛତ୍ରପୁର,୧୩।୧୨(ଡି.ଏନ.ଏ)

ଗଞ୍ଜାମ ଜିଲାସ୍ତରୀୟ ଲୋକକଳା ମହୋତ୍ସବ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀରେ ଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଛତ୍ରପୁର ଷ୍ଟାଡିୟମ ଠାରେ ହେବାକୁ ଥିବା ମହୋତ୍ସବରେ ଜିଲା, ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନେ ଯୋଗଦେବେ। ଏଥିସହ ବିଭିନ୍ନ ଜିଲାର ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରସ୍ତୁତ କରୁଥିବା ସାମଗ୍ରୀ ଏଠାରେ ବିକ୍ରୟ ପାଇଁ ଆମନ୍ତ୍ରଣ କରାଯାଇଛି। ଯୁବ ଗୋଷ୍ଠୀଙ୍କୁ ପୁସ୍ତକପ୍ରତି ଆକୃଷ୍ଟ କରିବା ଲାଗି ପୁସ୍ତକ ମେଳାକୁ ସାମିଲ କରାଯାଇଛି। ମହୋତ୍ସବରେ ଉନ୍ମୋଚନ ହେବାକୁ ଥିବା ସ୍ମରଣିକାରେ ଗଞ୍ଜାମ ଜିଲାର ଇତିହାସ, ସାହିତ୍ୟ, ସଂସ୍କୃତି ଓ ଲୋକକଳା ସମ୍ବନ୍ଧୀୟ ଲେଖା ରହିବ। ପ୍ରଥମ ସନ୍ଧ୍ୟାରେ ହ୍ୟୁମାନ ସାଗର ଏବଂ ତାଙ୍କ ସାଥି ସଙ୍ଗୀତ ପରିବେଷଣ କରିବେ। ସେହିପରି ୨୫ ତାରିଖରେ ଐଶ୍ୱର୍ଯ୍ୟ ନିଗମ, ୨୬ରେ ସାସ୍ୱତ ଯୋଶୀ ଓ ହରିହର ଦାଶ, ୨୭ରେ କଲିକତାସ୍ଥିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପ୍ରଯୋଜିତ ଅଲତାଫ ରାଜାଙ୍କ କାର୍ଯ୍ୟକ୍ରମ ଓ ଶେଷ ଦିବସରେ ମୋନା ଭଞ୍ଜ ଓ ସ୍ୱୟଂ ପାଢୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ହେବ। କଳାକାର ଓ ଗୁରୁମାନଙ୍କୁ ସମ୍ମାନିତ କରାଯିବ। ବୈଠକରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ଡିଆରଡିଏ ପିଡିସିଦ୍ଧାର୍ଥଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଦାଶ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଛତ୍ରପୁର ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ, ଗ୍ରନ୍ଥାଗାରିକ ଅମୀୟ ଧଳ, ଛତ୍ରପୁର ସରକାରୀ ବିଜ୍ଞାନ କଲେଜ ଅଧ୍ୟକ୍ଷ ଡଃ.ସୌଭାଗ୍ୟ କୁମାର ସାହୁ, ବିଇଓ ଅବିନାଶ ଶତପଥି, ଜିଲା ପର୍ଯ୍ୟଟନ ଅଧିକାରୀ ସନାତନ ନାୟକ,ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଏନ୍.ନାରାୟଣ ରେଡ୍ଡୀ, ପ୍ରଫୁଲ ପଟ୍ଟନାୟକଙ୍କ ସମେତ ବିଦ୍ୟୁତ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

କ୍ରିକେଟ ଟୁର୍ନାମେଣ୍ଟ

ଖଣ୍ଡିଆନଈ ବିଜେତା, ଚିଙ୍ଗୁଡ଼ିଖୋଲ ଉପବିଜେତା

ବେଗୁନିଆପଡ଼ା,୧୩।୧୨(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶେଷ ହୋଇଛି। ବୁଧବାର ବାପୁଜୀ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ଖଣ୍ଡିଆନଈ ଓ ଚିଙ୍ଗୁଡ଼ିଖୋଲ ମଧ୍ୟରେ ହୋଇଥିଲା। ଏଥିରେ ଖଣ୍ଡିଆନଈ ବିଜୟୀ ହୋଇଛି। ମ୍ୟାଚକୁ ନାଗେଶ୍ୱର ସେଠୀ, ପ୍ରଶାନ୍ତ ସାହୁ ଓ ଜିତୁ ପ୍ରଧାନ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୨୪ଟି ଦଳ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ବ୍ଲକ ସଂଯୋଜକ ବିଭୂତି ଭୂଷଣ ପ୍ରଧାନ, ଖଣ୍ଡିଆନଈ ସରପଞ୍ଚ ପ୍ରତିନିଧି ଅକ୍ଷୟ କୁମାର ପ୍ରଧାନ, ଜଟେଶ୍ୱର ସାହୁ, ବିଜୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଖଣ୍ଡିଆନଈ ଦଳକୁ ଚାମ୍ପିୟନ ଓ

ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।

ଚିଙ୍ଗୁଡ଼ିଖୋଲ ଦଳକୁ ରନର୍ସ ଟ୍ରଫି ଏବଂ ବେଷ୍ଟ ବୋଲର ଭାବେ ପ୍ରଶାନ୍ତ କୁମାର ସାହୁ, ମ୍ୟାନ ଅଫ ଦି ସିରିଜ ଗୋପାଳ କୃଷ୍ଣ ଦୋରା, ମ୍ୟାନ ଅଫ ଦି ମ୍ୟାଚ ପ୍ରେମ ସେନାପତି, ବେଷ୍ଟ ଅମ୍ପାୟର ଜିତୁ ପ୍ରଧାନ ଓ ବେଷ୍ଟ ସଂଯୋଜକ ବିଭୂତି ଭୂଷଣ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ପାୟୋନିୟର କ୍ରିକେଟ କ୍ଲବର ସଂଯୋଜକ ସନ୍ତୋଷ କୁମାର ପଣ୍ଡା ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଆତ୍ମାର ସାଧାରଣ ପରିଷଦ ବୈଠକ

ଛତ୍ରପୁର,୧୩।୧୨(ଡି.ଏନ.ଏ)

ଗଞ୍ଜାମ ଜିଲା କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା)ର ୨୪ତମ ସାଧାରଣ ପରିଷଦ ବୈଠକ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ୩କୋଟି ୫୧ଲକ୍ଷ ୪୧ ହଜାର ୩୮୧ ଟଙ୍କା ଆସିଥିଲା। ଏହି ଅନୁଦାନର ବଳକା ଥିବା ଅର୍ଥକୁ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆତ୍ମା ପକ୍ଷରୁ ବିଭିନ୍ନ ବ୍ଲକର ଚାଷୀମାନଙ୍କୁ ବିଭିନ୍ନ ଅଞ୍ଚଳକୁ ନିଆଯାଇ ଚାଷ ଉପରେ ଅଧିକ ତଥ୍ୟ ପ୍ରଦାନ କରାଯାଉଥିବା ସୂଚନା ଦିଆଯାଇଥିଲା। ବୈଠକରେ କୃଷି ଉପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଜ୍ୟୋତି ପ୍ରକାଶ ମହାନ୍ତି, ପ୍ରମୋଦ କୁମାର ଦାଶ, ଉପ ପ୍ରକଳ୍ପ ନିର୍ଦ୍ଦେଶକ (ଆତ୍ମା) ଏ. ସୂର୍ଯ୍ୟ ନାରାୟଣ ରାଓ, ଏନ. ସି. ଦାଶ, ଆର. ସି. ମିଶ୍ରଙ୍କ ସମେତ କମିଟିର ସଦସ୍ୟ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଆସିକାରେ ହେବ ଋଷିକୁଲ୍ୟା ମହୋତ୍ସବ

ଆସିକା,୧୩।୧୨(ଡି.ଏନ୍.ଏ.)

ପୁଣ୍ୟତୋୟା ଋଷିକୁଲ୍ୟା ନଦୀ ତଟରେ ଅବସ୍ଥିତ ଗଞ୍ଜାମ ଜିଲ୍ଲାର ଅନ୍ୟତମ ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଆସିକା ସହରରେ ପ୍ରଥମଥର ଲାଗି ଋଷିକୁଲ୍ୟା ମହୋତ୍ସବ ପାଳନ ଲାଗି ନିଷ୍ପତ୍ତି ନିଆଯାଇଛି। ବୁଧବାର ମଧ୍ୟାହ୍ନରେ ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭା ଗୃହରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆସିକା ବିଧାୟକ ଦେବରାଜ ମହାନ୍ତି, ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଲ୍ଲିକ ଓ ତହସିଲଦାର୍ ସୁବାସ ଚନ୍ଦ୍ର ସେଠିଆ ଯୋଗଦେଇଥିଲେ। ଆସିକା ଅଞ୍ଚଳ ତଥା ଗଞ୍ଜାମ ଜିଲାର ଲୁପ୍ତ ପ୍ରାୟ କଳା, ସଂସ୍କୃତି ଓ ଐତିହ୍ୟର ପୁନରୁଦ୍ଧାର ସାଙ୍ଗକୁ ବିଭିନ୍ନ ଅଞ୍ଚଳରେ ରହିଥିବା ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ଦିଗରେ ଏହି ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୫ଦିନ ବ୍ୟାପି ହେବାକୁ ଥିବା ଏହି ଉତ୍ସବ ଜାନୁଆରୀ ୧୬ରୁ ଆରମ୍ଭ ହୋଇ ୨୦ ତାରିଖରେ ଉଦ୍‌ଯାପିତ ହେବ ବୋଲି ପ୍ରାଥମିକ ସ୍ତରରେ ନିଷ୍ପି ନିଆଯାଇଛି। ଦୈନିକ ୪୦ ରୁ ୫୦ ହଜାର ଜନସାଧାରଣଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ସମସ୍ୟା, ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ଦୃଷ୍ଟିରୁ ଏହି ଉତ୍ସବ ଆସିକା କଲେଜ ଛକସ୍ଥିତ ଟେକ୍ନିକାଲ୍ ହାଇସ୍କୁଲ ପଡିଆରେ କରାଯିବା ଲାଗି ସ୍ଥାନ ଚିହ୍ନଟ କରାଯାଇଥିବା ଜଣାଯାଇଛି। ଉତ୍ସବରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯିବା ଲାଗି ବୈଠକରେ ଆଲୋଚନା କରାଯାଇଥିଲା ବେଳେ ବିଭିନ୍ନ ଦିବସରେ ରାଜ୍ୟ ତଥା ଜିଲ୍ଲାର ମନ୍ତ୍ରୀ, ବିଧାୟକ, ଏମ୍‌ପି ଯୋଗଦେବେ। ଉତ୍ସବ ପରିଚାଳନା ଲାଗି ଏକ ୨୧ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଡ. ପ୍ରଶାନ୍ତ କୁମାର ପଣ୍ଡା ସଭାପତି, ଯୁଧିଷ୍ଠିର ଦୋରା ଉପସଭାପତି, ସୁରେନ୍ଦ୍ରନାଥ ପଣ୍ଡା ଓ ଅଜିତ୍ ପଟ୍ଟନାୟକ ସମ୍ପାଦକ ଏବଂ ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ କୋଷାଧ୍ୟକ୍ଷ ରୂପେ ରଖିବା ଲାଗି ନିଷ୍ପତ୍ତି ନିଆଯାଇଛି। ସେହିଭଳି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ୍ କୁମାର ରାଏ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସ୍ଥାନୀୟ ଏମ୍.ପି. ଲଡୁ କିଶୋର ସ୍ୱାଇଁ, ବିଧାୟକ ଦେବରାଜ ମହାନ୍ତିଙ୍କୁ ନେଇ ଏକ ଉପଦେଷ୍ଟା କମିଟି ଗଠନ କରାଯାଇଛି।

ହାତୀପଲଙ୍କ ଦୌରାତ୍ମ୍ୟ,ବ୍ୟାପକ ଫସଲ ନଷ୍ଟ

■ଘଉଡ଼ାଇବାକୁ ଯାଇ ୨ ଆହତ
■ଚାଷୀ ରାତି ଉଜାଗର, ବିଦ୍ୟୁତ କାଟ

ଦିଗପହଣ୍ଡି,୧୩।୧୨(ଡି.ଏନ.ଏ.)– ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ଓ କଇଁଠଖଣ୍ଡି ପଞ୍ଚାୟତ ଅଧୀନ ଗ୍ରାମାଞ୍ଚଳରେ ହାତୀପଲ ଦୌରାତ୍ମ୍ୟ ଚାଷୀଙ୍କୁ ଅତିଷ୍ଠ କରିଛି। ଦାମୋଦରପୁର, ନୂଆଗଡ଼, ବୋରିପଦର, ରାଇଗୁଡ଼ା, ପେଣ୍ଠୁରାବାଡ଼ି ପ୍ରଭୃତି ଗାଁରେ ବ୍ୟାପକ ଧାନ ଫସଲ, କଦଳି ବଗିଚା ଓ ପନିପରିବା ଫସଲ ନଷ୍ଟ କରଛନ୍ତି। ସପ୍ତାହେ ହେଲା ବନ କର୍ମଚାରୀମାନେ ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବୁଧବାର ରାତି ପ୍ରାୟ ୮ଟାରେ ହାତୀପଲ ତାଳପଡ଼ା ପୋଡ଼ାବାଡ଼ି ଜନବସତିକୁ ମାଡ଼ି ଆସିଥିଲେ। ବନ କର୍ମଚାରୀଙ୍କ ସହାୟତାରେ ଗ୍ରାମବାସୀ ହାତୀ ଘଉଡ଼ାଉଥିବା ବେଳେ ଲକ୍ଷ୍ମଣ ଦଳେଇ ଓ ସୀମାଞ୍ଚଳ ଗୌଡ଼ ହାତୀଙ୍କ ହାବୁଡ଼ରେ ପଡ଼ିଥିଲେ। କୌଶଳକ୍ରମେ ଦୌଡି ପଳାଇ ଆସିବା ବେଳେ ଉଭୟେ ଆହତ ହୋଇଛନ୍ତି। ହାତୀପଲ ଖାଦ୍ୟ ପାଇଁ ଜନବସତି ଆଡ଼କୁ ମାଡ଼ି ଆସୁଥିବା ରେଞ୍ଜର ପରମାନନ୍ଦ ପାଣିଗ୍ରାହୀ କହିଛନ୍ତି। ଫସଲ ସୁରକ୍ଷା ପାଇଁ ନିଆଁହୁଳା ଧରି ବିଭିନ୍ନ ଗ୍ରାମର ଚାଷୀମାନେ ରାତିରେ ଆତସବାଜି ଫୁଟାଇବା ସହ ଘଣ୍ଟ ବଜାଇ ହାତୀ ଘଉଡ଼ାଇବା ଜାରି ରଖିଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ହାତୀ ଚଳପ୍ରଚଳ କରୁଥିବା ଗ୍ରାମାଞ୍ଚଳ ମାନଙ୍କରେ ରାତିସାରା ବିଦ୍ୟୁତ ସରବରାହକୁ ବନ୍ଦ କରି ଦିଆଯାଉଥିବା ଜଣାପଡିଛି।

ଯୁବ ସମାଜ ସଚେତନ ହେଲେ କନ୍ୟାଭ୍ରୂଣ ହତ୍ୟା କମିବ

ଭଞ୍ଜନଗର,୧୩।୧୨(ଡି.ଏନ.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଙ୍ଗଳବାର ବିଜୁ କନ୍ୟା ରତ୍ନ ଯୋଜନା ଉପରେ ଏକ ସଚେତନତା ସଭା ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ସଭାରେ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ସମାଜ ସଚେତନ ହେଲେ କନ୍ୟାଭ୍ରୁଣ ହତ୍ୟା କମିବ ବୋଲି କହିଥିଲେ। ଗଞ୍ଜାମ ଜିଲାରେ ପୁଅ ତୁଳନାରେ ଝିଅ ହାର ବହୁତ କମ୍, ଯାହାକି ଚିନ୍ତାଜନକ ବିଷୟ ବୋଲି ଅଧ୍ୟକ୍ଷ କହିଥିଲେ। ଦାଶରଥି ତ୍ରିପାଠୀ, ସୁଶାନ୍ତ ସାହୁ ସାଧନବ୍ୟକ୍ତି ଭାବେ ଯୋଗ ଦେଇଥିଲେ। ସହ ପ୍ରଶାସନିକ ଅଧିକାରୀ ଡ.ଆର.ଏନ.ପାଳ, ଏନଏସ୍ଏସ୍ ଯୋଜନା ଅଧିକାରିଣୀ ଅଧ୍ୟାପିକା ସୁନିତାରାଣୀ ଖଣ୍ଡୁଆଳ, ପ୍ରାଧ୍ୟାପକ ନୃସିଂହ ଚରଣ ସ୍ୱାର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏନସିସି ନାଭାଲ ଅଫିସର ଡ. ରବୀନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏନସିସି ଆର୍ମି ଅଫିସର ରଜନୀ କାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ODISHA HYDRO POWER CORPORATION LTD.
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
Balimela Hydro Electric Project, At/Post: Balimela, Dist: Malkangiri, Pin: 764051 (Odisha), Phone Nos: 06861-232581/ 232695, Fax No.: 06861-232541, Email: unit.head_balimela@yahoo.com
No.CAD-1133:- CIN: U40101OR1995SGC003963

Lr. No.- 6266 Dt: 12.12.2018

1st CORRIGENDUM TO TCN No. 23/2018-19 Dated 22.11.2018

Sub: Supply, retrofitting, testing, installation and commissioning of five numbers of Numerical Relays for 220 KV Feeders under PSDF scheme on turn key basis at BHEP, Balimela.

The last dates of this Office Tender Call Notice No: 23/2018-19 dated 22.11.2018 for Supply, retrofitting, testing, installation and commissioning of five numbers of Numerical Relays for 220 V Feeders under PSDF scheme on turn key basis at BHEP, Balimela is extended as follows.

Last date of sell of Tender Paper : 13.00 hrs of 29.12.2018
Last date of Receipt of Tender : 16.00 hrs of 29.12.2018
Date of opening of tender paper : 16.30 hrs of 29.12.2018

All other terms and conditions of the above TCN remains unaltered.

Sd./- Sr. General Manager (Ele.), Balimela HEP, Balimela

04019/11/0084/1819

ଜିଲ୍ଲା କାର୍ଯ୍ୟାଳୟ, ଯାଜପୁର
(ଶିଶୁ ସୁରକ୍ଷା ୟୁନିଟ୍)

ପତ୍ର ସଂଖ୍ୟା : DCPU/JPR/1074/18 ତାରିଖ : ୧୩.୧୨.୨୦୧୮

ବିଜ୍ଞପ୍ତି

ଏତଦ୍ବାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା. ୨୪.୦୯.୨୦୧୮ ରିଖରେ ଯାଜପୁର ଜିଲ୍ଲାର ଯାଜପୁର- କେଉଁଝର ରୋଡ଼ ରେଳ ଷ୍ଟେସନର ପରିତ୍ୟକ୍ତ ସ୍ଥାନରୁ ଏକ ଶିଶୁ ପୁତ୍ରକୁ ଯାଜପୁର ରୋଡ ପୋଲିସ ଦ୍ୱାରା ଉଦ୍ଧାର କରାଯାଇ ଶିଶୁ ସୁରକ୍ଷା ୟୁନିଟ୍, ଯାଜପୁରକୁ ହସ୍ତାନ୍ତର କରାଯାଇଥିଲା ଓ ପରେ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଉତ୍କଳ ବାଳାଶ୍ରମସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଠାରେ ଅସ୍ଥାୟୀ ଭାବରେ ଥଇଥାନ କରାଯାଇଛି। ଯଦି ଉକ୍ତ ଶିଶୁଟିର ପିତା-ମାତା କିମ୍ବା କୌଣସି ଅଭିଭାବକ / ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଅଧ୍ୟକ୍ଷା, ଶିଶୁ ମଙ୍ଗଳ କମିଟି, ଯାଜପୁର (ମୋବାଇଲ-9337810497) କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ- ୦୬୭୨୮-୨୨୩୬୨୨, ୯୪୩୭୨୯୭୭୨୨ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦେଇ ଉକ୍ତ ଶିଶୁଟିକୁ ନେବାପାଇଁ ଦାବି ଉପସ୍ଥାପନ କରିପାରିବେ। ଯଦି ଉକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟ ମୁକ୍ତ ଘୋଷଣା କରାଯିବ।

ଶିଶୁର ନାମ	ଲିଙ୍ଗ	ବୟସ	ଉଦ୍ଧାର କରାଯାଇଥିବା ସ୍ଥାନ	CWC କେସ୍ ନମ୍ବର ଓ ତାରିଖ	ଫଟୋ
ଜିତ	ପୁଅ	୦୩ ବର୍ଷ	ଯାଜପୁର-କେଉଁଝର ରୋଡ୍ ରେଳ ଷ୍ଟେସନର ପରିତ୍ୟକ୍ତ ସ୍ଥାନରୁ	୧୪୪୫/୨୯.୦୯.୨୦୧୮	

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର

Odisha State Medical Corporation Limited (OSMC)

In front of Ram Mandir, Convent Square, Unit – III, Bhubaneswar -751 001, Tel.: (0674) 2380608,
Website: www.osmcl.nic.in, Email : proc.osmcl.od@nic.in
Date: 12.12.2018

NOTICE INVITING E-TENDER FOR SUPPLY & INSTALLATION OF LABORATORY EQUIPMENTS AT AHRCC, CUTTACK

No. CAD-1136:- Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

Sl.	Bid Reference No.	Item Name	Bid Document Cost inclusive of GST (Rs.)
1	OSMCL/2018-19/ AHRCC-LABEQUIPMENT/16	Supply & Installation of Laboratory Equipments At AHRCC, Cuttack	5,600/-

Sl. No.	Particulars	Date and time	
1.	Date & time of release of bid	**14.12.2018, 3 PM**	
2.	Date & time of Pre-bid meeting	**22.12.2018, 11 AM** Venue: Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar	
3.	Date & time of Online bid submission	Start Date & Time **26.12.2018, 3 PM**	End Date & Time **10.01.2019, 5 PM**
4.	Date & time of online Technical bid opening	14.01.2019, 11 AM	
5.	Date of demonstration of Equipment (if required by the Tender Inviting Authority for some equipments)	To be informed to those bidders whose bids are found to be technically responsive based on documents furnished in technical bid.	
6.	Date of opening of Price Bid	To be informed to the qualified bidders.	

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

Sd./-
Managing Director
OSMC Ltd., Odisha

10112/11/0047/1819